₹ : 25

# ଆମରି ସତ୍ୟ

## AMARI SATYA

RNI Regn. No. - 107608/2010
Postal Regd. No. : PURI-33/2016-18

ଅଷ୍ଟମ ବର୍ଷ, ତୃତୀୟ ସଂଖ୍ୟା,
ମାସିକ, ସେପ୍ଟେମ୍ବର - ୨୦୧୭
ପୃଷ୍ଠା ସଂଖ୍ୟା ୫୨



## 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ



ଅଧ୍ୟାପକ ସୁବୋଧ ଜଗଦେବ୍
ଖୋର୍ଦ୍ଧା



ଶ୍ରୀଯୁକ୍ତ ପ୍ରହଲ୍ଲାଦ ବାରିକ
ପଲ୍ଲା, ଖୋର୍ଦ୍ଧା



ଶ୍ରୀଯୁକ୍ତ ଲକ୍ଷ୍ମୀପ୍ରସାଦ ସାହୁ
ଗୁଡୁମ୍, ଖୋର୍ଦ୍ଧା



ଶ୍ରୀଯୁକ୍ତ ସତ୍ୟାନନ୍ଦ ବେହେରା
ଗୁରୁଜଙ୍ଗ, ଖୋର୍ଦ୍ଧା

## କବିତା ପାଠୋତ୍ସବ-୨୦୧୭




ବାମରୁ ଡାହଣ କ୍ରମେ : ସମରଜିତ୍ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମହାରଣା, ଡ. ଶରଚ୍ଚନ୍ଦ୍ର ମହାପାତ୍ର, ତ୍ରିଲୋଚନ ମହାପାତ୍ର ଓ ସତ୍ୟନାରାୟଣ ସାମନ୍ତରାୟ



# ଆମରି ସତ୍ୟ

## AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଅଷ୍ଟମ ବର୍ଷ - ତୃତୀୟ ସଂଖ୍ୟା - ସେପ୍ଟେମ୍ବର ,୨୦୧୭**



**ସମ୍ପାଦକ ଓ ପ୍ରକାଶକ**

ଡଃ ପ୍ରସନ୍ନ କୁମାର ଜେନା

୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**

**ଡଃ ପ୍ରମୋଦ ଚନ୍ଦ୍ର ଦାଶ**

୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**

ସତ୍ୟବାଦୀ ବଳିଆରସିଂହ

୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**

ତ୍ରିଲୋଚନ ମହାପାତ୍ର

ସତ୍ୟନାରାୟଣ ସାମନ୍ତରାୟ

ଡ. ଅଜୟ କୁମାର ସ୍ୱାଇଁ

ଭବାନୀ ଶଙ୍କର ଦାଶ

**ସଂଯୋଜକ**

ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**

**ଡ. ପ୍ରେମଚନ୍ଦ ମହାନ୍ତି, ସମ୍ବଲପୁର**

**ବିଦ୍ୟାଧର ଖଟୁଆ, ବାଙ୍କୀ, କଟକ**

**ବିଭୁପ୍ରସାଦ ହରିଚନ୍ଦନ, ଖୋରଧା**

**ପରିଚାଳନା ସଂଯୋଜକ**

ସର୍ବେଶ୍ୱର ମହାପାତ୍ର

ସମରଜିତ୍ ପଟ୍ଟନାୟକ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ



**ଯୋଗାଯୋଗ:**

**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**
ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦


**ଗ୍ରାହକମାନଙ୍କ ପାଇଁ ସୂଚନା**

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୫୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।
**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।
ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର।
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧକ୍ଷ, ଭୁବନେଶ୍ୱର୍।
**ଡ. ସନ୍ତୋଷ କୁମାର ରଥ**
ସାହିତ୍ୟିକ, ବଲାଙ୍ଗିର
**ଡ.ଶରଚ୍ଚନ୍ଦ୍ର** ମହାପାତ୍ର
ପୂର୍ବତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


**ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151**


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଦୁର୍ଗା ସ୍ତୁତି | | ୪ |
| ୨. | ସମ୍ପାଦକୀୟ | | ୫ |
| ୩. | ହିତ ବାଣୀ | | ୬ |
| ୪. | ଜଷ୍ଟିସ ଦୀପକ ମିଶ୍ର | | ୭ |
| ୪. | ବିଚିତ୍ରା | | ୮ |
| ୫. | କେତେକ ଔଷଧୀୟ ବୃକ୍ଷ... | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୧୦ |
| ୬. | ସାହିତ୍ୟ ଅଧ୍ୟୟନ ସପକ୍ଷରେ | ଡ.ସନ୍ତୋଷ କୁମାର ରଥ | ୧୩ |
| ୭. | ବହି ପଢ଼ନ୍ତୁ, ଦୀର୍ଘଜୀବୀ ହେବେ | ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୫ |
| ୮. | ପୁଣ୍ୟାତ୍ମା ଉତ୍କଳମଣି ..... | ଡ. ଶରଚ୍ଚନ୍ଦ୍ର ମହାପାତ୍ର | ୧୬ |
| ୯. | ଚଳନ୍ତି ଠାକୁର | ପ୍ରଫୁଲ୍ଲ କୁମାର ବେହେରା | ୧୯ |
| ୧୦. | ଗୁରୁ ସାକ୍ଷାତ ପରମବ୍ରହ୍ମ | ନିଶିକାନ୍ତ କହଲସିଂହ | ୨୦ |
| ୧୧. | ଆଖି ଭିଜା ଲୁହର ଉଲ୍ଲାସ | ଇଂ ସତ୍ୟବ୍ରତ ରଥ | ୨୩ |
| ୧୨. | ଠିକ୍ କହିବା-ଠିକ୍ ଲେଖିବା | ତ୍ରିଲୋଚନ ମହାପାତ୍ର | ୨୪ |
| ୧୩. | ଉଠିବ ହସି ଧରା | ଡକ୍ଟର ବସନ୍ତ କିଶୋର ସାହୁ | ୨୪ |
| ୧୪. | ମା ଓ ମମତା | ଅଜୟ କୁମାର ସାହୁ | ୨୫ |
| ୧୫. | ସକାଳ ବନ୍ଦନା ସଂଜ ପ୍ରାର୍ଥନା | **ରମେଶ ମଙ୍ଗରାଜ** | ୨୫ |
| ୧୬. | କ୍ଷୁଦ୍ରଗଳ୍ପ- ....... | ଶିବ ମିଶ୍ର | ୨୬ |
| ୧୭. | ବିକଳ୍ପର ସ୍ୱର | କବିତା ପଟ୍ଟନାୟକ | ୨୭ |
| ୧୮. | ଆମ ଆଖିରେ 'ଆମରିସତ୍ୟ' | ଯଶବିତି ମହାପାତ୍ର | ୨୮ |
| ୧୯. | ମହାନ୍ ସ୍ୱାଧୀନତା ସଂଗ୍ରାମୀ ... | ଶ୍ରୀ ଜବାହରଲାଲ ସୁବୁଦ୍ଧି | ୨୯ |
| ୨୦. | କେମିତି କହିବି | ଲୋକନାଥ ମହାପାତ୍ର | ୩୦ |
| ୨୧. | ମା' ଦୁର୍ଗା ଆସିବେ | ମଞ୍ଜୁ ଦାସ | ୩୧ |
| ୨୧. | ମଧୁସ୍ମରଣେ | ଡଃ. ପୂର୍ଣ୍ଣଚନ୍ଦ୍ର ଓଝା | ୩୧ |
| ୨୨. | ସଫଳ ସାଧନା କରେ କାମନା | ପ୍ରାଣବନ୍ଧୁ ନାୟକ | ୩୨ |
| ୨୩. | ଗୁରୁ | ଶ୍ରୀମତୀ ରେଣୁକା ରଥ | ୩୨ |
| ୨୪. | ମୃତ୍ୟୁ ସୌଦାଗରଙ୍କ ଦିବ୍ୟଦର୍ଶନ | ବିଜୟ ଚନ୍ଦ୍ର ମହାପାତ୍ର | ୩୩ |
| ୨୫. | ବୋକା ବିଲୁଆ | ଇଂ ଯଜ୍ଞ ପ୍ରକାଶ ଦାସ | ୩୪ |
| ୨୬. | ଗୁରୁ | ତ୍ରିଲୋଚନ ଦାସ | ୩୫ |
| ୨୭. | ତମ ଘର ମୋ' ଘର | ସଚ୍ଚି ମହାନ୍ତି | ୩୫ |
| ୨୮. | ସ୍ୱାଇନ ଫ୍ଲୁ | ଡା ଧନେଶ୍ୱର ସାହୁ | ୩୬ |
| ୨୯. | ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ | ଭବାନୀ ଶଙ୍କର ଦାଶ | ୩୭ |
| ୩୦. | ସିଂହ | ମନୋଜ କୁମାର ମହାପାତ୍ର | ୩୮ |
| ୩୧. | ଶାମୁକା' ମାନଙ୍କୁ | ସମରଜିତ୍ ପଟ୍ଟନାୟକ | ୩୮ |
| ୩୨. | ବିଶ୍ୱ ବ୍ୟାଡମିଣ୍ଟନ୍ ...... | ଆଶିଷ କୁମାର ରାୟ | ୩୯ |
| ୩୩. | ସାଧାରଣ ଜ୍ଞାନ | | ୪୨-୫୦ |


# ଦୁର୍ଗା ସ୍ତୁତି




**ଯା ଦେବୀ ସର୍ବଭୂତେଷୁ ଶକ୍ତି-ରୂପେଣ ସଂସ୍ଥିତା**
**ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।।**

# ଗୁରୁ ବନ୍ଦନା



**ଗୁରୁବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁର୍ଦେବମହେଶ୍ୱରଃ**
**ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।।**

# ସମ୍ପାଦକୀୟ....





ପ୍ରତିବର୍ଷ ଭଳି ଏ ବର୍ଷ ସେପ୍ଟେମ୍ବର ଆଠ ତାରିଖକୁ "ବିଶ୍ୱ ସାକ୍ଷରତା ଦିବସ" ଭାବେ ସାରା ବିଶ୍ୱ ପାଳନ କରିବାକୁ ଯାଉଛି। ଏଥର ନୂଆ ଢଙ୍ଗରେ ଏକ ନୂତନ ବାର୍ତ୍ତା ସାରା ବିଶ୍ୱକୁ ଦେବା ପାଇଁ ଏହାକୁ "Literacy in a digital world" ନାମରେ ନାମିତ କରାଯାଇଛି। ସ୍ୱତନ୍ତ୍ରଭାବେ ଏଥର ସେପ୍ଟେମ୍ବର ୭ ଓ ୮ ତାରିଖ ଦୁଇଦିନ ଧରି ୟୁନେସ୍କୋର ମୁଖ୍ୟ କାର୍ଯ୍ୟାଳୟ ପ୍ୟାରିସ୍‌ଠାରେ ଏହାକୁ ପାଳନ କରାଯାଉଛି। ଆଜିର ବିଶ୍ୱରେ ବଢ଼ିଚାଲିଥିବା ଓ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଥିବା ଡିଜିଟାଲ ବ୍ୟବସ୍ଥାକୁ କିଭଳିଭାବେ ଜନସାଧାରଣ ବୁଝିପାରିବେ ଓ ଏହାର ଆବଶ୍ୟକତାକୁ ଅନୁଭବ କରିପାରିବେ ଓ ତତ୍‌ସମ୍ବନ୍ଧୀୟ ଜ୍ଞାନଲାଭ କରିପାରିବେ, ସେଥିପାଇଁ ବିଶ୍ୱସଂସ୍ଥା ୟୁନେସ୍କୋଙ୍କର ଏହି ଅଭିନବ ପ୍ରୟାସ ପ୍ରକୃତରେ ଧନ୍ୟବାଦାର୍ହ୍ୟ।

ଡିଜିଟାଲ ଜ୍ଞାନକୌଶଳକ୍ଷେତ୍ରରେ ଆଜିର ବିଶ୍ୱ ଢେର ଅଗ୍ରଗତି କରିଛି। ବ୍ୟକ୍ତିର ରହିବା, କାର୍ଯ୍ୟକରିବା, ଶିକ୍ଷାଗ୍ରହଣକରିବା ସର୍ବୋପରି ସାମାଜିକ ତଥା ଆର୍ଥିକ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଇଛି। ଏହାସହିତ, ସୂଚନା, ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜ୍ଞାନର ପରିଚାଳନାଆଦି ପ୍ରତ୍ୟେକ ସ୍ତରରେ ଡିଜିଟାଲ ଜ୍ଞାନ ନୂତନ ସମ୍ଭାବନା ସୃଷ୍ଟି କରିଚାଲିଛି। ଏପରିକ୍ଷେତ୍ରରେ ପ୍ରତ୍ୟେକବ୍ୟକ୍ତି ଏହି ଜ୍ଞାନକୌଶଳର ଅଧିକାରୀ ହେବା କିମ୍ବା କିଛି ନହେଲେ ଏହାସହ ପରିଚିତ ହେବା ଓ ଏହାର ଉପଯୋଗିତା ଅନୁଭବ କରିବା, ଆଜିର ଆହ୍ୱାନରେ ପରିଣତ ହୋଇଛି।

ଏପରିପ୍ରେକ୍ଷୀରେ ଆମ ଭାରତ ସରକାର ଦେଶକୁ ଡିଜିଟାଲ କ୍ଷେତ୍ରରେ ସଶକ୍ତ କରିବା ପାଇଁ ୨୦୧୫ ମସିହା ଜୁଲାଇ ମାସ ୧ତାରିଖରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି ଓ ଏହା ୨୦୧୯ ମସିହା ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। କୌଣସି କାର୍ଯ୍ୟ କାଗଜପତ୍ର ମାଧ୍ୟମରେ ନକରି ଇଲେକ୍ଟ୍ରୋନିକ୍ସ ଜ୍ଞାନକୌଶଳ ଦ୍ୱାରା କରି କାର୍ଯ୍ୟଦକ୍ଷତାରେ ବୃଦ୍ଧି ଓ ସମୟର ଅପଚୟକୁ ରୋକିବା ପାଇଁ ଏ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହା ଏକ ମହାନ ପ୍ରୟାସ ଏବଂ ଏହାର ସୁବିଧା ସମସ୍ତେ ଉପଲବ୍ଧ କରିପାରିବେ ନିଶ୍ଚୟ। ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକେ କୌଣସି କାର୍ଯ୍ୟପାଇଁ ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଧାଇଁ ଧନ ଓ ସମୟ ଉଭୟର ଅପଚୟରୁ ରକ୍ଷା ପାଇପାରିବେ। ଏହା ଦ୍ୱାରା ବ୍ୟକ୍ତିର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ସ୍ୱଚ୍ଛତାରେ ବୃଦ୍ଧି ଘଟିବ ଏଥିରେ ସନ୍ଦେହ ନାହିଁ।

ଏହା ସାର୍ବଜନୀନ ସତ୍ୟ ଯେ, କୌଣସି ପ୍ରଚଳିତ ବ୍ୟବସ୍ଥାକୁ ପରିତ୍ୟାଗ କରି ନୂତନ ବ୍ୟବସ୍ଥାକୁ ଗ୍ରହଣ କରିବା ସମୟରେ ବ୍ୟକ୍ତି ଭିତରେ ଏକ ମାନସିକ ଦ୍ୱନ୍ଦ୍ୱ ଦେଖାଦେଇଥାଏ। କୋଉଟା ଠିକ୍ ଓ କୋଉଟା ଭୁଲ୍ ଏଭଳି ଦ୍ୱନ୍ଦ୍ୱର ଦୋଛକିରେ ବ୍ୟକ୍ତି ନୂତନ ବ୍ୟବସ୍ଥାକୁ ଗ୍ରହଣ କରେ। ତେବେ, ଏହି ମାନସିକ ଦ୍ୱନ୍ଦ୍ୱକୁ ଟାଳିବା ତଥା ଲୋକଙ୍କଠାରେ ଏଥିପାଇଁ ସକାରାତ୍ମକ ମନୋଭାବ ସୃଷ୍ଟି କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଜାରିରହିଛି। ଏ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୟୁନେସ୍କୋ ଏହାକୁ ଏକ ଆହ୍ୱାନଭାବେ ଗ୍ରହଣ କରିଛି। ଆଜି ବିଶ୍ୱ ବୁଝିପାରିଛି ଡିଜିଟାଲାଇଜେସନ୍ ହେଉଛି ଅଗ୍ରଗତିର ଏକମାତ୍ର ମାଧ୍ୟମ। ଏଣୁ ଜନ ସଚେତନତା ସୃଷ୍ଟି ପାଇଁ ସେପ୍ଟେମ୍ବର ୮ ତାରିଖରେ ପାଳିତ ହେଉଥିବା ବିଶ୍ୱ ସାକ୍ଷରତା ଦିବସକୁ ଏବର୍ଷ "Literacy in a digital world" ନାମରେ ପାଳନ କରିବାକୁ ଯାଉଛି। ଏଥିରେ ସରକାରୀ, ବେସରକାରୀ, ଘରୋଇ ଉଦ୍ୟୋଗ, ବିଭିନ୍ନ ସଂପ୍ରଦାୟ, ଶିକ୍ଷକ, ଛାତ୍ର ତଥା ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବିଶେଷଜ୍ଞମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ।

ଏହା ଶୁଭସୂଚନା ନିଶ୍ଚୟ। ବିଶ୍ୱ ଆଜି ଗୋଟିଏ ଗାଁ ଓ ଗୋଟିଏ ବଜାରରେ ପରିଣତ ହୋଇଥିବାବେଳେ, ୟୁନେସ୍କୋ ଭଳି ବିଶ୍ୱ ସଂଗଠନର ଏଭଳି ଉଦ୍ୟମ ବିଶ୍ୱକୁ ଅନ୍ୟ ଏକ ନୂତନ ଦିଗ ଦେଖାଇବ, ଏଥିରେ ସନ୍ଦେହ ନାହିଁ।

ଡ. ପ୍ରସନ୍ନ କୁମାର ଜେନା

# ହିତ ବାଣୀ

## ଚାଣକ୍ୟ ନୀତି

ରଣକର୍ତ୍ତା ପିତା ଶତ୍ରୁର୍ମାତା ଚ ବ୍ୟଭିଚାରିଣୀ
ଭାର୍ଯ୍ୟା ରୂପବତୀ ଶତ୍ରୁ ପୁତ୍ର ଶତ୍ରୁର୍ନ ପଣ୍ଡିତଃ।

ଯେପରି ରଣି ପିତା ପୁତ୍ରର ଶତ୍ରୁ ସେହିପରି ବ୍ୟଭିଚାରିଣ ମାତା, ରୂପବତୀ ପତ୍ନୀ ଓ ମୂର୍ଖ ପୁତ୍ର ମଣିଷର ଶତ୍ରୁ ଅଟନ୍ତି।

## ଗୀତା

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ।।**

ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ କର୍ମେନ୍ଦ୍ରିୟମାନଙ୍କୁ ବଳ ପୂର୍ବକ ଉପରୁ ଉପରୁ ରୁଦ୍ଧ କରିଦେଇ ମନଦ୍ୱାରା ସେହି ଇନ୍ଦ୍ରିୟମାନଙ୍କ ବିଷୟ ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ।।

## ରୁଢ଼ି ପ୍ରୟୋଗ

○ ଅଜାତିକି ବଣିଜ ଅଡୁଆ-

ଯାହାକୁ ଯାହା ଉପଯୁକ୍ତ ନୁହେଁ ତାକୁ କଲେ ନାନାପ୍ରକାର ହଇରାଣ ହେବାକୁ ପଡ଼ିବ।

○ ଆକାଶ କୁସୁମ- ଅସମ୍ଭବ ଆଶା।

## ଢଗଢମାଳି

ଦେଢ଼ଶୁରକୁ ଆଡ଼ ଆଡ଼,
ମଲାଶୁରକୁ ରାଇଜ ଛାଡ଼।

ଦୁଧ ଯଦି ଖାଇ ବସିବୁ ଘରେ ଥିବ ଗାଈ,
କଳି ଯଦି କରି ବସିବୁ ସଙ୍ଗେ ଥିବ ଭାଇ।

## ହିତୋପଦେଶ

**ଶୁକ୍ଳକୃଷ୍ଣେ ଗତୀହ୍ୟେତେ ଜଗତଃ ଶାଶ୍ୱତେ ମତେ ।**
**ଏକୟା ଯାତ୍ୟନାବୃତ୍ତିମନ୍ୟୟାବର୍ତ୍ତତେ ପୁନଃ ।।**

କାରଣ ଶୁକ୍ଲ ଓ କୃଷ୍ଣ ଦୁଇଟିଯାକ ଗତିର ଅନାଦିକାଳରୁ ଜଗତ(ପ୍ରତ୍ୟେକ ପ୍ରାଣୀଙ୍କ) ସହିତ ସମ୍ବନ୍ଧ ଥିବାର ଧରାଯାଇଛି । ଏଥି ମଧ୍ୟରୁ ଗୋଟିକରେ ଯାଉଥିବା ମନୁଷ୍ୟଙ୍କୁ ଫେରିବାକୁ ପଡେ ନାହିଁ ଏବଂ ଅନ୍ୟଟିରେ ଯାଉଥିବା ମନୁଷ୍ୟଙ୍କୁ ଫେରିବାକୁ ପଡେ ।

## ଭାଗବତ ବାଣୀ

ବାଳକ ବୃଦ୍ଧ ଯେ ତରୁଣ। ଅବଶ୍ୟ ହୋଇବ ମରଣ।।
ଦେହବହିଲେ ନିଶ୍ଚେ ମରି। ମରଣ ଛାରେ କିମ୍ପାଡ଼ରି।।

## ଖନା ବଚନ / ଦନେଇ ବଚନ

ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ।
ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ।

## ମୁଖ୍ୟ ପ୍ରବାଦ

ଅତି ସମ୍ପଦ ମହାବିଷମ

## କୁହତ ଦେଖି

ପର୍ବତ ଶିଖରୁ ଗଡ଼ିଲା ହାତୀ
ତା ଅଇଁଠା ସମସ୍ତେ ଖାଆନ୍ତି। - ଡିଙ୍କି

## ଉତ୍କଳମଣି ଗୋପବନ୍ଧୁଙ୍କ ବାଣୀ

ମାନବ ଜୀବନ ନୁହଁଇ କେବଳ ବର୍ଷ-ମାସ-ଦିନ-ଦଣ୍ଡ
କର୍ମେ ଜିଏଁ ନର କର୍ମଏକା ତାର, ଜୀବନର ମାନଦଣ୍ଡ।

○○○○○○○○○○○○



## ଓଡ଼ିଶାର ଗର୍ବ ଏବଂ ଗୌରବ ଜଷ୍ଟିସ ଦୀପକ ମିଶ୍ର

ନ୍ୟାୟମୂର୍ତ୍ତି ଦୀପକ ମିଶ୍ର ୧୯୫୩ ମସିହା ଅକ୍ଟୋବର ୩ ରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତର ବାଣପୁରରେ ଜନ୍ମଗ୍ରହଣ କରିଥିଲେ। ଗୋଦାବରୀଶ ବିଦ୍ୟାପୀଠରୁ ୧୯୬୯ ମସିହାରେ ମେଟ୍ରିକ ଏବଂ ରେଭେନ୍ସା ମହାବିଦ୍ୟାଳୟରୁ ସ୍ନାତକ ପାସ୍ କରି ମଧୁସୂଦନ ଆଇନ୍ କଲେଜ୍‌ରୁ ୧୯୭୬ରେ ଏଲ୍ ଏଲ୍ ବି ଡିଗ୍ରୀ ହାସଲ କରିଥିଲେ।

ଆଇନ୍‌ଜୀବୀ ଭାବେ ସାମ୍ବିଧାନିକ, ଦେୱାନୀ, ଫୌଜଦାରୀ ଆଦି ବିଭିନ୍ନ ମାମଲାରେ ଓଡିଶା ହାଇକୋର୍ଟ୍ ଓ ସିଭିଲ୍ ଟ୍ରିବ୍ୟୁନାଲ୍‌ରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ୧୯୯୬ ଜାନୁୟାରୀ ୧୭ରେ ଓଡ଼ିଶା ହାଇକୋର୍ଟର ଅତିରିକ୍ତ ବିଚାରପତିଭାବେ ନିଯୁକ୍ତି ପାଇଥିଲେ। ୧୯୯୭ ମାର୍ଚ୍ଚ ୩ ରେ ମଧ୍ୟପ୍ରଦେଶ ହାଇକୋର୍ଟକୁ ବଦଳି ହୋଇଥିଲା। ୧୯୯୭ ଡିସେମ୍ବର ୧୯ରେ ସ୍ଥାୟୀ ବିଚାରପତିରୂପେ ଶପଥ ନେଲେ। ୨୦୦୯ ଡିସେମ୍ବର ୨୩ରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଏବଂ ୨୦୧୦ ମଇ ୨୪ରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିରୂପେ କାର୍ଯ୍ୟ କରିଥିଲେ। ୨୦୧୧ ଅକ୍ଟୋବର ୧୦ରେ ସୁପ୍ରିମ୍‌କୋର୍ଟ ବିଚାରପତି ଭାବେ ଯୋଗ ଦେଇଥିଲେ।

ଏବେ ଦେଶର ୪୫ତମ ପ୍ରଧାନବିଚାରପତି ଭାବେ ଜଷ୍ଟିସ ଦୀପକ ମିଶ୍ର ଶପଥ ଗ୍ରହଣ କରିଛନ୍ତି । ଶ୍ରୀ ମିଶ୍ର ସର୍ବୋଚ୍ଚ ହୋଉଛନ୍ତି ସର୍ବୋଚ୍ଚ ନ୍ୟାୟାଳୟର ୩ୟ ଓଡିଆ ବିଚାରପତି । ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ତାଙ୍କର କକେଇ ଜଷ୍ଟିସ ରଙ୍ଗନାଥ ମିଶ୍ର ଦେଶର ୨୧ ତମ ଓ ପ୍ରଥମ ଓଡ଼ିଆ ପ୍ରଧାନ ବିଚାରପତି ଭାବେ ରାଜ୍ୟର ସୁନାମ ବଢାଇଛନ୍ତି । ଜଷ୍ଟିସ୍ ଗୋପାଳବଲ୍ଲଭ ପଟ୍ଟନାୟକ ଦ୍ୱିତୀୟ ଓଡ଼ିଆ ଭାବେ ଦେଶର ପ୍ରଧାନ ବିଚାରପତି ରୂପେ ୨୦୦୨ ନଭେମ୍ବର ୦୮ରେ ନିଯୁକ୍ତି ପାଇଥିଲେ। ସେ ଥିଲେ ୩୨ ତମ ପ୍ରଧାନ ବିଚାରପତି। ଏବେ ଜଷ୍ଟିସ ଦୀପକ ମିଶ୍ର ୪୫ତମ ପ୍ରଧାନ ବିଚାରପତିରୂପେ ଶପଥ ଗ୍ରହଣ କରିଛନ୍ତି। ଜଷ୍ଟିସ ମିଶ୍ର ୨୦୧୮ ଅକ୍ଟୋବର ୦୨ ତାରିଖ ପର୍ଯ୍ୟନ୍ତ ପ୍ରଧାନ ବିଚାରପତି ଭାବେ କାର୍ଯ୍ୟକରିବେ।

ଜଷ୍ଟିସ ମିଶ୍ରଙ୍କର ସାହିତ୍ୟ, ଦର୍ଶନ, ଇତିହାସ କ୍ଷେତ୍ରରେ ଅପରିସୀମ ଜ୍ଞାନ ତାଙ୍କର ବ୍ୟକ୍ତିତ୍ୱକୁ ଗରିୟାନ କରିଅଛି। କୋଟି କୋଟି ଓଡ଼ିଆଙ୍କର ଗର୍ବ ଓ ଗୌରବ ହେଉଛନ୍ତି ନ୍ୟାୟମୂର୍ତ୍ତି ଦୀପକ ମିଶ୍ର।

# ବିଚିତ୍ରା

## ନିର୍ମଳା ସୀତାରମଣ ପ୍ରଥମ ମହିଳା ପ୍ରତିରକ୍ଷା ମନ୍ତ୍ରୀ

ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୧୯୭୫ ଓ ୧୯୮୦ରୁ



୮୨ ସ୍ୱଳ୍ପକାଳ ପାଇଁ ଦୁଇଥର ଦେଶର ପ୍ରତିରକ୍ଷା ବିଭାଗ ଦାୟିତ୍ୱ ସମ୍ଭାଳି ଥିଲେ। ତେବେ ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ନିଜ ହାତରେ ରଖିଥିଲେ। କିନ୍ତୁ ନିର୍ମଳା ସୀତାରମଣ ପ୍ରଥମ ମହିଳା ଭାବେ ଏହି ପଦବୀରେ ନିଯୁକ୍ତି ପାଇଛନ୍ତି। ତାମିଲନାଡୁର ମନ୍ଦିର ସହର ମଦୁରାଇରେ ଜନ୍ମିତ ନିର୍ମଳା ଏବେ ବିଶ୍ୱର ତୃତୀୟ ବୃହତ୍ ସେନାର ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ନିର୍ମଳା ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରର ଝିଅ। ପିତା ଥିଲେ ଭାରତୀୟ ରେଳ ବିଭାଗର ଅଧିକାରୀ। କିନ୍ତୁ ନିର୍ମଳା ପିଲାଦିନୁ ନିଜ ଭବିଷ୍ୟତକୁ ନେଇ ଅତ୍ୟନ୍ତ ସ୍ୱଷ୍ଟ। ଜଣେ ଭଲ ବିଦ୍ୟାର୍ଥୀ ଭାବେ ଜେଏନୟୁରେ ପଢ଼ିବାର ଅଭିଳାଷ ତାଙ୍କୁ ଦିଲ୍ଲୀରେ ପହଞ୍ଚାଇଥିଲା। ଆଉ ଜେଏନ୍‌ୟୁର ପରିବେଶ ତାଙ୍କୁ କରିଥିଲା ଅଧିକ ମୁକ୍ତ, ଅଧିକ ଦକ୍ଷ। କ୍ୟାମ୍ପସ୍ ରାଜନୀତି ଏ ଦିଗରେ ବେଶ୍ ସହାୟତା କରିଥିଲା। ମେ ୨୬, ୨୦୧୪ରେ ସେ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ୱାଧୀନ ଦାୟିତ୍ୱ ନେଇ କାର୍ଯ୍ୟ କରୁଥିଲେ। ସେପ୍ଟେମ୍ବର ୩,୨୦୧୭ରେ ସେ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି।।

## ରଦ୍ଦ ହେଲା ୧୧.୪୪ ଲକ୍ଷ ପାନ ନମ୍ବର

କେନ୍ଦ୍ରସରକାର ୧୧.୪୪ ଲକ୍ଷ ପ୍ୟାନ କାର୍ଡକୁ ରଦ୍ଦ କରିଦେଇଛନ୍ତି । ସଂସଦରେ ଅର୍ଥ ରାଜ୍ୟମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଏହି ସୂଚନା ପ୍ରଦାନ କରିଛନ୍ତି। ଏହାର କାରଣ ଭାବେ ସେ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ମାନଙ୍କ ନାମରେ ଗୋଟିଏରୁ ଅଧିକ ପ୍ୟାନ କାର୍ଡ ଥିଲା ସେ କ୍ଷେତ୍ରରେ ଏହା କରାଯାଇଛି । ଶ୍ରୀ ଗଙ୍ଗୱାର ରାଜ୍ୟସଭାରେ ଲିଖିତ ଭାବେ ଜଣାଇଛନ୍ତି ଯେ, ୨୭ ଜୁଲାଇ ପର୍ଯ୍ୟନ୍ତ ଏହି ଭଳି ମାମଲା ଥିବା ୧୧,୪୪,୨୧୧ ପ୍ୟାନ କାର୍ଡ ଚିହ୍ନଟ କରାଯାଇଛି । ତେଣୁ ସେହି କାର୍ଡ ଗୁଡ଼ିକୁ ବର୍ତ୍ତମାନ ରଦ୍ଦ କରିଦିଆ ଯାଇଛି। କାରଣ ପ୍ୟାନ ଆବଣ୍ଟନର ନିୟମ ଅନୁସାରେ ପ୍ରତି ବ୍ୟକ୍ତି ଗୋଟିଏ ପ୍ୟାନ ପାଇବା ଉଚିତ।

## ବ୍ୟାଙ୍କକୁ ଫେରିଛି ୯୯% ଅଚଳ ନୋଟ

ବିମୁଦ୍ରୀକରଣ ନିଷ୍ପତ୍ତି ପରେ ଅଚଳ ହୋଇଥିବା ୫ ଶହ ଓ ୧ହଜାରଟଙ୍କିଆ ମଧ୍ୟରୁ ପ୍ରାୟ ୯୯% ନୋଟ୍ ବ୍ୟାଙ୍କକୁ ଫେରିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଆଜି ପ୍ରକାଶିତ ବାର୍ଷିକ ରିପୋର୍ଟରେ କୁହାଯାଇଛି। ଆର୍‌ବିଆଇର ଆକଳନ ଅନୁଯାୟୀ ୨୦୧୭ ଜୁନ୍ ୩୦ ସୁଦ୍ଧା ୧୫.୨୮ ଲକ୍ଷ କୋଟି ଟଙ୍କାର ଅଚଳ ୫ଶହ ଓ ୧ହଜାର ଟଙ୍କିଆ ପୁରୁଣା ନୋଟ୍ ଫେରିଛି। ଅଚଳ ଘୋଷଣା ହେବା ପୂର୍ବରୁ ବଜାରରେ ସମୁଦାୟ ୧୫.୪୪ ଲକ୍ଷ କୋଟି ଟଙ୍କାର ଏହି ନୋଟ୍ ଚାଲିଥିଲା। ମୋଟ ଉପରେ କହିବାକୁ ଗଲେ ମାତ୍ର ୧% ପୁରୁଣା ନୋଟ୍ ପ୍ରାୟ ୧୬ ହଜାର କୋଟି) ଟଙ୍କାର ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଦ୍ୟାବଧି ବ୍ୟାଙ୍କକୁ ଫେରି ନଥିବା ଆରବିଆଇ ପକ୍ଷରୁ କୁହାଯାଇଛି।

## ଡାଟା ଦରରେ ଶୀଘ୍ର ହ୍ରାସ ଘଟିବ: ଟ୍ରାଇ

ଖୁବ୍ ଶୀଘ୍ର ଇଣ୍ଟରନେଟ ଡାଟା ଦରରେ ହ୍ରାସ ଘଟିବ ବୋଲି ଟେଲିକମ ଅଥରିଟିଅଫ ଇଣ୍ଡିଆ ଟ୍ରାଇ କହିଛି । ଘରୋଇ ଟେଲିକମ ‌ବଜାରରେ କମ୍ପାନୀମାନଙ୍କ ମଧ୍ୟରେ ବର୍ତ୍ତମାନ କଡ଼ାପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି । କମ୍ପାନୀଗୁଡିକ ବିଭିନ୍ନ ଅଫରଦ୍ୱାରା ଗ୍ରାହକଙ୍କୁ ନିଜ ସହ ଯୋଡି ରଖିବାକୁ ଚେଷ୍ଟା ବଜାୟ ରଖିଛନ୍ତି । କେତେକ ନୂଆ କମ୍ପାନୀ ଇଣ୍ଟରନେଟ୍‌ଯୋଗେ ମୋବାଇଲ କଲିଂ ସୁବିଧା ପ୍ରଦାନ କରୁଥିବାରୁଏହା ଅନ୍ୟ କଲ ବିକଳ୍ପ ଅପେକ୍ଷା କଲ ଶସ୍ତା ହୋଇଛି ।ଏଥିପାଇଁ କଲିଂ ଦର ଶସ୍ତା ହେବା ସହ କମ୍ପାନୀଗୁଡିକବଜାର ଅଂଶ ବଜାୟ ରଖିବା ଲାଗି କଠିନ ପ୍ରତିଦ୍ୱନ୍ଦ୍ୱିତାରସାମ୍ନା କରୁଛନ୍ତି । ବଜାରରେ ଗତ ଏକବର୍ଷ ହେବ ଏଭଳିସ୍ଥିତି ଲାଗି ରହିଛି । ମୋବାଇଲ କଲ, ଡାଟା ଶସ୍ତାହେବାରେ ଲାଗିଛି ।

## ତିନି ତଲାକ୍ କୁ ମନା କରାଗଲା

ତିନି ତଲାକକୁ ନେଇ ଦୀର୍ଘ ବର୍ଷ ଧରି ଜାରି ରହିଥିବା ନ୍ୟାୟିକ ଲଢେଇର ଅନ୍ତ ଘଟାଇଛନ୍ତି ମାନ୍ୟବର ସୁପ୍ରିମକୋର୍ଟ । ଦେଶର ଶୀର୍ଷ କୋର୍ଟ ମୁସଲିମ ଧର୍ମରେ ପ୍ରଚଳିତ ଥିବା ତିନି ତଲାକକୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି । ମୁସଲିମ ଧର୍ମରେ ତିନିଥର ତଲାକକୁ ଅସାମ୍ବିଧାନିକ କହିବା ସହ ଏହା ଉପରେ ରୋକ ଲଗାଇଛନ୍ତି । ଏହା ସହିତ କେନ୍ଦ୍ର ସରକାରଙ୍କୁ ୬ମାସ ମଧ୍ୟରେ ଏକ ଶକ୍ତ ଆଇନ ଆଣିବା ପାଇଁ ମଧ୍ୟ କହିଛନ୍ତି। ମାନ୍ୟବରକୋର୍ଟ ଆଶା କରିଛନ୍ତି ଯେ କେନ୍ଦ୍ର ଯେଉଁ ଆଇନ ପ୍ରସ୍ତୁତ କରିବ ସେଥିରେ ମୁସଲିମ ସଂଗଠନ ଏବଂ ସରିଆ ଆଇନକୁ ଦୃଷ୍ଟିରେ ରଖି କରିବେ। ଏହି ମାମଲାରେ କେନ୍ଦ୍ରସରକାର ସମସ୍ତ ରାଜନୈତିକ ଦଳ ମାନଙ୍କୁ ମତଭେଦ ଭୁଲି ତିନି ତଲାକ ଉପରେ ଆଇନ ପ୍ରସ୍ତୁତ କରିବାରେ କେନ୍ଦ୍ର ସରକାରଙ୍କୁ ସାହାଯ୍ୟ କରନ୍ତୁ । ଏହା ସହ ମାନ୍ୟବରକୋର୍ଟ କହିଛନ୍ତି ଯେ ଯଦି ତିନି ତଲାକ ଉପରେ ୬ ମାସ ମଧ୍ୟରେ କୌଣସି ଆଇନ ପ୍ରସ୍ତୁତ ନ ହୋଇପାରେ ତା'ହେଲେ ଏହି ଆଦେଶ ଆଇନ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଜାରି ରହିବ ।

## ଘୋଷିତ ହେଲା ଜାତୀୟ କ୍ରୀଡା ପୁରସ୍କାର

୨୦୧୭ ବର୍ଷ ପାଇଁ ଜାତୀୟ କ୍ରୀଡା ପୁରସ୍କାର ଘୋଷଣା କରାଯାଇଛି। ଦେବେନ୍ଦ୍ର (ପାରାଆଥଲେଟ) ଓ ସର୍ଦ୍ଦାର ସିଂ(ହକି)ଙ୍କୁ ସମ୍ମାନଜନକ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତକରାଯାଇଥିବା ବେଳେ ଚେତେଶ୍ୱର ପୂଜାରା ଓ ହରମନପ୍ରୀତ କୌରଙ୍କୁ ଅର୍ଜୁନ ପୁରସ୍କାରପାଇଁ ମନୋନୀତ କରାଯାଇଛି। ଏଥିସହିତ ମୋଟ ୧୭ ଜଣ କ୍ରୀଡାବିତଙ୍କୁ ଅର୍ଜୁନ,୭ ଜଣଙ୍କୁ ଦ୍ରୋଣାଚାର୍ଯ୍ୟ ଓ ୩ ଜଣଙ୍କୁ ଧ୍ୟାନଚାନ୍ଦ ପୁରସ୍କାର ଲାଗି




ଚୟନ କରାଯାଇଛି।

## ବ୍ୟକ୍ତିଗତ ଗୋପନୀୟତା ମୌଳିକ ଅଧିକାର

ଦେଶର ଶୀର୍ଷ କୋର୍ଟ ଗୁରୁବାର 'ବ୍ୟକ୍ତିଗତ ଗୋପନୀୟତା' ଉପରେ ଏକ ଐତିହାସିକ ରାୟ ଶୁଣାଇଛନ୍ତି । ମାନ୍ୟବର ସୁପ୍ରିମକୋର୍ଟ 'ବ୍ୟକ୍ତିଗତ ଗୋପନୀୟତା'କୁ ମୌଳିକ ଅଧିକାରର ମାନ୍ୟତା ଦେଇଛନ୍ତି । ସମ୍ବିଧାନର ଅନୁଚ୍ଛେଦ ୨୧ ଅନ୍ତର୍ଗତ ଧାରା ୩ରେ ଏହାର ଗ୍ୟାରେଣ୍ଟି ଦିଆଯାଇଛି । ଏହି ରାୟ ଫଳରେ କୌଣସି ଲୋକର 'ବ୍ୟକ୍ତିଗତ ଗୋପନୀୟତା' ଉପରେ ସରକାରଙ୍କ ହକ ରହିବ ନାହିଁ। ସୁପ୍ରିମକୋର୍ଟର ୯ଜଣ ବିଚାରପତିଙ୍କୁ ନେଇ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ଏହି ମାମଲାରେ ଏକମତ ହୋଇ ରାୟ ଶୁଣାଇଛନ୍ତି ।

## ବାଇକ ପଛରେ ବସିଲେ ମଧ୍ୟ ହେଲମେଟ ପିନ୍ଧିବାକୁ ପଡିବ

ଦେଶରେ ପ୍ରତି ୧୫ମିନିଟରେ ରାସ୍ତା ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କର ଜୀବନ ଯାଉଛି। ହେଲମେଟ ପିନ୍ଧି ବାଇକ ଚଳାଇବା ପାଇଁ ଆଗରୁ ନିୟମ ରହିଥିବା ବେଳେ ବର୍ତ୍ତମାନ ରାଜ୍ୟସରକାର ପଛରେ ବସିଥିବା ଯାତ୍ରୀଙ୍କ ପାଇଁ ମଧ୍ୟ ହେଲମେଟକୁ ବାଧ୍ୟତାମୂଳକ କରିଛନ୍ତି ।



## ୫୦ ଏବଂ ୨୦୦ଟଙ୍କିଆ ନୋଟ ଜାରିକଲା ଆରବିଆଇ

ଦେଶରେ ପ୍ରଥମ ଥର ପାଇଁ ୨୦୦ ଟଙ୍କିଆ ନୋଟର ପ୍ରଚଳନ ହୋଇଛି। ଏହା ସହିତ ୫୦ ଟଙ୍କିଆନୋଟର ମଧ୍ୟ ପ୍ରଚଳନ କରିଛି ଆରବିଆଇ ।

## ବିଶ୍ୱର ପ୍ରଥମ ଜନଜାତି ବିଶ୍ୱବିଦ୍ୟାଳୟ

କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ (କିସ୍)କୁ ଡିମ୍ଡ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଛି। ପବିତ୍ର ଗଣେଶ ଚତୁର୍ଥୀ ଅବସରରେ କେନ୍ଦ୍ରମାନବ ସମ୍ବଳ ବିକାଶ ମନ୍ତ୍ରାଳୟର ଚିଠି ସଂଖ୍ୟା ଏଫ୍.୯-୧୪/୨୦୧୧-ୟୁ-୩(କ) ତା୨୫।୮।୨୦୧୭ରିଖଅନୁସାରେ କିସ୍‌କୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି। ଏହାହେଉଛି ଭାରତ ତଥା ବିଶ୍ୱର ପ୍ରଥମ ଜନଜାତିବିଶ୍ୱବିଦ୍ୟାଳୟ।

## ୨୦୨୪ରୁ ବିଧାନସଭା ଓ ଲୋକସଭା ନିର୍ବାଚନ ଏକସଙ୍ଗେ କରାଇବା ସପକ୍ଷରେ ନୀତି ଆୟୋଗ

ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ୨୦୨୪ ମସିହାରୁ ଏକକାଳୀନ ଦୁଇସ୍ତରୀୟ ଲୋକସଭା ଓ ବିଧାନସଭା ନିର୍ବାଚନ କରାଇବା ପ୍ରସ୍ତାବକୁ ନୀତି ଆୟୋଗ ସମର୍ଥନ କରିଛି । ଏହା ଉପରେ ବିଚାରବିମର୍ଶ କରିବା ପାଇଁ ବିଶେଷଜ୍ଞ, ସରକାରୀ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହିତ ବରିଷ୍ଠ ମନ୍ତ୍ରୀମାନଙ୍କୁ ନେଇ ଏକ କମିଟି ଗଠନ କରାଯିବା ମଧ୍ୟ ଜରୁରୀ ଆବଶ୍ୟକ ବୋଲି ନୀତି ଆୟୋଗ ଦର୍ଶାଇଛି ।




## ସିବିଏସଇ ସ୍କୁଲରେ ଖୋଲିବ 'ଟକଶପ୍'

ଏଣିକି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦବୋର୍ଡ (ସିବିଏସଆଇ) ଅନୁମୋଦିତ ବିଦ୍ୟାଳୟଗୁଡିକରେ ମିଳିବ ବହି,ପାଠ୍ୟୋପକରଣ ଓ ଅନ୍ୟାନ୍ୟ ସାମଗ୍ରୀ । ଏଥିପାଇଁ ସ୍କୁଲ ପରିସରରେ ଟକଶପ ନାମରେ ଦୋକାନ ଖୋଲିବ। ସେଥିରୁ ଛାତ୍ରୀଛାତ୍ରୀ ଏନସିଇଆରଟି ବହି, ପାଠ୍ୟୋପକରଣ ଓ ଅନ୍ୟାନ୍ୟ ସାମଗ୍ରୀ କିଣିପାରିବେ । ଆବଶ୍ୟକ ବହି ଏନସିଇଆରଟିରୁ ମଗାଇବେ ସ୍କୁଲ କର୍ତ୍ତୃପକ୍ଷ । ୨୦୧୮-୧୯ଶିକ୍ଷା ବର୍ଷରୁ ବହି ଯୋଗାଣ ପାଇଁ ସିବିଏସଇ ନୂଆ ନିୟମ କାର୍ଯ୍ୟକାରୀ ହେବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି ।

ବିଜ୍ଞାନ ବିଚିତ୍ରା

# କେତେକ ଔଷଧୀୟ ବୃକ୍ଷ ଏବଂ ତାର ବ୍ୟବହାର

ଡକ୍ଟର ପ୍ରେମଚାନ୍ଦ ମହାନ୍ତି



ସସଶୃତି (Emilia sonchifolia) ଏହାକୁ ସଂସ୍କୃତରେ ସସଶୃତି, ଅଙ୍କୁକର୍ଣ୍ଣ , ଚିତ୍ରାପଚିତ୍ରା, ସମ୍ଭାରି, ହିନ୍ଦୀରେ କିରାଙ୍ଗୁରି, ତାମିଲରେ ମୁୟାଲଚେଭି ଓ ମାଲାୟଲମରେ ଏଲିଚେଭିଆନ ବୋଲି କୁହାଯାଏ। ଏହା ଏକ ଗୁଳ୍ମ ଜାତୀୟ ଉଦ୍ଭିଦ ଯାହା ସିଧା ଓ ଲମ୍ବା ହୋଇ ବଢେ। ଏହାର କଅଁଳ ପତ୍ରଗୁଡିକ ଏକାନ୍ତର ଓ ବିଭିନ୍ନ ଆକାରର ହୋଇଥାଏ। ପୁଷ୍ପ ବିନ୍ୟାସ ସାଇମ୍ କିସମର ଓ ଏହାର ବୃନ୍ତ ନଳୀ ପରି ହୋଇ ଉପରେ ପାଂଚ ପାଖୁଡା ବିଶିଷ୍ଟ ହୋଇଥାଏ। ରଙ୍ଗ ଧଳା ବା ଇଷତ୍ ବାଇଗଣୀ ହୋଇ ଫଳଗୁଡିକ ଏକ ମଞ୍ଜି ବିଶିଷ୍ଟ ହୋଇଥାଏ। ଏହି ଉଦ୍ଭିଦରେ ଥିବା ସେର୍କ୍କିର୍କିନ୍ ଓ



ଡୋରୋନିନ୍ ଏହାର ଔଷଧୀୟ ଗୁଣ ପାଇଁ ଦାୟୀ। ଯଦି ବହୁ ଦିନରୁ ଟନସିଲ ରୋଗ ହୋଇ ଛାଡୁ ନ ଥାଏ ତେବେ ଏହାର ପତ୍ର, ସୈନ୍ଧବ ଲୁଣ ଓ ବଟା ରସୁଣକୁ ୪; ୨ ;୧ ଅନୁପାତରେ ମିଶାଇ ଗରମ କରନ୍ତୁ ଓ ଏହାକୁ ଏକ କାଠି ଆଗରେ ତୁଳାରେ ପ୍ରଲେପ ଆକାରରେ ଦିନକୁ ୩-୪ ଥର ଲଗାଇବା ସହ ବାହାରେ ତଂଟି ପାଖରେ ପଟି ଭଳିଆ ଦେଲେ ଏହି ରୋଗରୁ ଉପଶମ ମିଳେ ବୋଲି କୁହାଯାଏ। ଏହାର ବିକଳ୍ପ ଭାବେ ପତ୍ରର ରସକୁ ଲୁଣ ଓ ମୁଲତାନି ମାଟି ସହ ମିଶ୍ରିତ କରି ବେକରେ ପଟି ଆକାରରେ ଦେବାକୁ ପରାମର୍ଶ ଦିଆଯାଏ। ବିଭିନ୍ନ ଚକ୍ଷୁରୋଗର ଉପଶମ ପାଇଁ ଏହାର ସଫା ପତ୍ରର ରସକୁ ବୁନ୍ଦା ଆକାରରେ ପକାଇଲେ ତଥା ଚକ୍ଷୁ ପୀଡା ହେଉଥିଲେ ଏହି ଗଛର ପତ୍ରକୁ ଆଖି ବନ୍ଦ ରଖି ବାହାରେ ଚାପି ଧରିଲେ ଆରାମ ମିଳିଥାଏ। କୃମିଦୋଷ ଥିଲେ ତଥା ଜ୍ୱର ହେଉଥିଲେ ଦିନକୁ ୧୫ ମିଲି ହିସାବରେ ଏହାର ପତ୍ରର ରସକୁ ୩ ଦିନ ନେଲେ ସଂପୂର୍ଣ୍ଣ ଆରାମ ମିଳେ। ଏହାର ଶୁଖିଲା ପତ୍ରକୁ ମହୁ ସହ ମିଶାଇ ଖାଇଲେ ବି ସମାନ ଫଳ ମିଳିଥାଏ। ଯଦି ଦେହରେ ବଥ କିମ୍ବା ଘାଆ ହୋଇ ଶୁଖୁ ନ ଥାଏ ତେବେ ସସଶୃତ ପତ୍ରର ରସକୁ ନଡିଆ ତେଲ, ହଳଦି, କର୍ପୁର ସହ ମିଶାଇ ସେହି ଜାଗାରେ ନିୟମିତ ରୂପେ ଲଗାଇଲେ ଘାଆ ବା ବଥ ଶୀଘ୍ର ପାଚିଯାଇ ଫାଟିଯାଏ। ପାଦରେ କଂଟା ପଶି ପାଚିଯାଇ ଦରଜ ହେଉଥିଲେ ବି ଏହି ସମାନ ଚିକିତ୍ସାବିଧି ପାଳନ କରାଯାଇ ପାରେ। ଅର୍ଶ ଯୋଗୁଁ ରକ୍ତ କ୍ଷରଣ ହେଉଥିଲେ ଦୈନିକ ୩-୬ ଗ୍ରାମ ସସଶୃତି ଗଛର ପତ୍ରକୁ ଗୁଣ୍ଡ କରି ଦହି ସହ ଖାଇବାକୁ ଦିଆଯାଏ। ଇସନୋଫଲିଆ ରୋଗୀଙ୍କୁ ଏହି ପତ୍ରର ରସକୁ ଗୋଲ ମରିଚ ଗୁଣ୍ଡ ସହ ମିଶାଇ କ୍ୱାଥ ଆକାରରେ ଦିଆଯାଏ। ଯଦି ସଂକ୍ରମଣ ହୋଇ ଅହରହ ନାଳ ବୋହୁଥାଏ ତେବେ ନଡିଆ ତେଲ,ଏହି ପତ୍ରର ରସ ଓ ସହଦେବୀ ରସକୁ ମିଶାଇ ନାକରେ ପକାଇଲେ ସୁଫଳ ମିଳେ।



ବାଲା ( Sida rhombifolia ) ସଂସ୍କୃତରେ ଏହାକୁ ବାଲା ,ବାଥିକା ,ବାଟାଗ୍ନି, ମହାସଙ୍ଗମ ହିନ୍ଦୀରେ ବରିଆର, ଖଟ୍ରେନ୍ଦି,ତେଲୁଗୁରେ ଚୁଣ୍ଡିମୋଟି ଓ ମାଲୟାଲମ୍ ରେ କୁରୁନ୍ଥୋଟି କୁହାଯାଏ। ଏହା ଏକ ଚିରହରିତ ବୃକ୍ଷ ଯାହାର ଉଚ୍ଚତା ୨ ମି ଓ ପ୍ରସାରିତ ଅଂଶ ବି ୨ମି ମଧ୍ୟରେ ହୋଇଥାଏ। ଏହାର କାଣ୍ଡ ସିଧା ଓ ପତ୍ରଗୁଡିକ ଅଣ୍ଡାକୃତି କିମ୍ବା ରମ୍ବସ ଭଳି ହୋଇ

ଏକାନ୍ତର ଭାବେ ଡାଳରେ ଲାଗିଥାଏ ଯାହାର ଲମ୍ବ ସର୍ବାଧିକ ୭ ସେମି ହୁଏ। ପତ୍ର ଗୁଡିକର ତଳ ଅଂଶ ଧଳା ରଙ୍ଗର ହୋଇ ତାର ଅକ୍ଷାଂଶରେ ହଳଦିଆ ରଙ୍ଗର ଫୁଲ ଧାରଣ କରିଥାଏ। ଏହି ଉଦ୍ଭିଦର ପ୍ରତ୍ୟେକ ଅଂଶରେ କୋଲିନ୍, ସିଉଡୋଡେଫ୍ରିଡିନ୍,ଏଫିଡ୍ରିନ୍ ,ବିଟା ଫିନଇଥାଇଲ୍ ଆମିନ୍, ଭାସିନ୍, ଏଫଡ୍ରିନ, ହିଫାଫୋରିନ ଓ ଅନ୍ୟ ଇଣ୍ଡୋଲ୍ ଯୁକ୍ତ ଆଲକାଲଏଡସ୍ ସବୁ ରହିଥାନ୍ତି। ଏହି ଗଛର ଚେରକୁ ଯନ୍ତ୍ରଣା ନିବାରକ, କାମୋଦ୍ଦୀପକ ,ମୂତ୍ର ବର୍ଦ୍ଧକ ,ସ୍ନାୟୁ ଉତ୍ତେଜକ ଓ ଶକ୍ତିବର୍ଦ୍ଧକ ଟନିକ୍ ରୂପେ ବ୍ୟବହାର କରାଯାଏ। ଆୟୁର୍ବେଦରେ ବର୍ଣିତ ସପ୍ତବାତ ରୋଗର ଚିକିତ୍ସା ପାଇଁ ଏହି ଉଭିଦର ଚେରରୁ ଏକ କ୍ୱାଥ ତିଆରି କରାଯାଏ। ୧ ଲିଟର ପାଣିରେ ୨୦ ଗ୍ରାମ ର ବାଳା ଚେର, ସିଡା ଆକ୍ୟୁଟା ଓ ଶୁଖିଲା ଅଦାକୁ ଏହାର ଆୟତନ ୧୨୦ ମିଲି ହେବା ପର୍ଯ୍ୟନ୍ତ ସିଝାଇ ଦୈନିକ ୬୦ ମିଲି ଲେଖାଏଁ ଉଷୁମ କ୍ଷୀର ସହ ନେବାକୁ କୁହାଯାଏ। ଯଦି ଏଥିରେ ଶୀରବାଳା ଗୁଣ୍ଡକୁ ମିଶାଯାଏ ତେବେ ଅଧିକ ସୁଫଳ ମିଳେ ବୋଲି କୁହାଯାଏ। ବାତରୋଗୀ ଏହି ଗଛର ଯେ କୌଣସି ଅଂଶରୁ ତିଆରି କ୍ୱାଥ କୁ ଦିନକୁ ୩ ଥର ନେଲେ ଆରାମ ପାଇଥାନ୍ତି। ବହୁ ଦିନରୁ ପୀଡିତ ବାତରୋଗୀ ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ବାଳାଚେର, ଅମୃତାଭିଲି ଏବଂ ଶୀରବାଳା ତେଲରୁ ପ୍ରସ୍ତୁତ କ୍ୱାଥକୁ ଗ୍ରହଣ କଲେ କେବଳ ଦରଜ ନୁହଁ ବରଂ ବଧିରାପଣ, ଦେହ ଥରିବା ଅଦିରୁ ବି ମୁକ୍ତି ମିଳେ। ଏହି ଗଛର ଚେରରୁ ପ୍ରସ୍ତୁତ ବାଳାରିଷ୍ଟ, ବାଲତୈଳମ୍, ପ୍ରଭଞ୍ଜନବିମର୍ଦ୍ଧନମ ତୈଳ ଓ ମଲମ୍ ଏକ ଉନ୍ନତ ଯନ୍ତ୍ରଣା ନିବାରକ ରୂପେ ପ୍ରସିଦ୍ଧି ଲାଭ କରିଛି। ବାତଜ୍ୱରରୁ ମୁକ୍ତି ପାଇବାକୁ ବାଳାଚେର ,କୁଶଚେର ଓ ଗୋସୁରରୁ ପ୍ରସ୍ତୁତ କ୍ୱାଥକୁ ଦିନକୁ ୩ ଥର ୨୫ ମିଲି ଲେଖାଏଁ ସାମାନ୍ୟ ଚିନି ସହ ନେବାକୁ କୁହାଯାଏ। ହୃଦରୋଗୀମାନଙ୍କ ପାଇଁ ୨୫ ଗ୍ରାମ ବାଲାଚେର,୨୦ ଗ୍ରାମ ର ଦେବଦାରୁ ଚେର ଓ ୨ ଗ୍ରାମ ଗୋଲମରିଚକୁ ୧ ଲିଟର ପାଣିରେ ମିଶାଇ ତାହାର ପରିମାଣ ୧୨୦ ମିଲି ହେଲା ପର୍ଯ୍ୟନ୍ତ ଫୁଟାନ୍ତୁ ଓ ଏଥିରୁ ୩୦ ମିଲି ଲେଖାଏଁ ଦିନକୁ ୨ ଥର ନିଅନ୍ତୁ। ଯଦି ହୃତପିଣ୍ଡ କୁ ସୁସ୍ଥ ରଖିବାକୁ ଚାହାନ୍ତି ତେବେ ବାଲା ଚେରକୁ ସିଦ୍ଧ ମକରଧ୍ୱଜମ୍ ଓ କସ୍ତୁରୀରୁ ପ୍ରସ୍ତୁତ କ୍ୱାଥକୁ ପ୍ରତ୍ୟେହ ୨୦ ମିଲି ମାପରେ କ୍ଷୀର ସହ ନେବାକୁ ପରାମର୍ଶ ଦିଆଯାଏ। ଟାଇଫଏଡ୍ ରୋଗୀଙ୍କୁ ୬୨୫ ଗ୍ରାମ ବାଲା ଚେରକୁ ଯଥେଷ୍ଟ ପାଣି ସହ ମିଶାଇ ତାର ପରିମାଣ ଏକ ଚତୁର୍ଥାଂଶ ହେଲା ପର୍ଯ୍ୟନ୍ତ ତାକୁ ଫୁଟାଇ କ୍ଷୀର ସହ ପାନ କରିବାକୁ କୁହାଯାଏ। ଯକ୍ଷ୍ମା ରୋଗୀ ମାନଙ୍କୁ ଏହି କ୍ୱାଥ ସହ ଅଶ୍ୱଗନ୍ଧା ଗୁଣ୍ଡକୁ ମିଶାଇ ଖାଇବାକୁ ଦିଆଯାଏ। କଲେରା ଭଳି ମହାମାରୀରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ବାଲାଚେର ,ବେଲ ଗଛ ର ଚେର ଓ ଶୁଖିଲା ଅଦା ଗୁଣ୍ଡ ସହିତ ଚାଉଳ ଭଜାକୁ ମିଶାଇ ଖାଇବାକୁ କୁହାଯାଏ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ କଂଚା ମଟରକୁ ବାଲାଚେର ରସରେ ସିଝାଇ ୧ ମାସ ପାଇଁ ପଥି ଆକାରରେ ଦିଆଯାଇଥାଏ। କ୍ଷୀର ସହିତ ଏହି ଚେରକୁ ବାଟି ଖାଇଲେ ବି ସମାନ ଫଳ ମିଳିଥାଏ।



**ଆଲମଣ୍ଡ ବା ପେସ୍ତା ବାଦାମ :-** ଇଟାଲି ଦେଶରେ ବାହାଘରମାନଙ୍କରେ ଅତିଥିମାନଙ୍କୁ ଚିନିରେ ପାଗ କରାଯାଇଥିବା ପେସ୍ତା ବାଦାମକୁ ସୁସଜ୍ଜିତ କପଡାରେ ଗୁଡାଇ ଉପହାର ଭାବେ ଦିଆ ଯାଇଥାଏ। କଥିତ ଅଛି ଏହା ଦେବାଦ୍ୱାରା ଅତିଥିମାନଙ୍କ ବୈବାହିକ ଜୀବନ ସୁଖ ଶାନ୍ତିରେ କଟେ, ପ୍ରଜନନ କ୍ଷମତା ବୃଦ୍ଧି ପାଏ ଓ ସେମାନେ ନିରୋଗ ରହନ୍ତି। ଇତିହାସ କହେ ଯେ ଯୁଗେ ଯୁଗେ ଏହି ବୀଜଟି ଧାର୍ମିକ ,ସାମାଜିକ ସ୍ୱୀକୃତି ଲାଭ କରିଛି ଏଥିପାଇଁ ଯେ ଏହା ପ୍ରତ୍ୟେକ ମଣିଷର ଶରୀରରୁ ରୋଗ କାରକ ମାନଙ୍କୁ ବିତାଡିତ କରି ଏକ ନିରାମୟ ଜୀବନ ଯାପନ ପାଇଁ ଖୋରାକ ଯୋଗାଏ। ଏହା ପ୍ରକୃତରେ ଏକ ମଞ୍ଜି ଯାହା ଭିଟାମିନ-ଇ ଓ ପ୍ରୋଟିନ ରେ ଭରପୂର ହୋଇଥାଏ। ବିଗତ ଦଶନ୍ଧିରେ ହୋଇଥିବା ଗବେଷଣାରୁ ଜଣାଯାଏ ଯେ ,ଏହାକୁ ଖାଉଥିବା ବ୍ୟକ୍ତିଙ୍କ ରକ୍ତରୁ କୋଲେଷ୍ଟେରଲ ପରିମାଣ ହ୍ରାସ ହୁଏ ଓ ଜୀବନ ଶୈଳୀର ପରିବର୍ତ୍ତନ ଯୋଗୁଁ ହେଉଥିବା ରୋଗରୁ ମୁକ୍ତି ପ୍ରଦାନ କରି ଏହା ଶରୀରକୁ ସୁସ୍ଥ ,ସବଳ ରଖେ। ଏପରି ହୋଇଛି ଯେ ଆମେରିକାର ଏଫ୍ ଡି ଏ ବି ହୃଦ୍‌ରୋଗୀମାନଙ୍କୁ ଆଲମଣ୍ଡ ନିୟମିତଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଉଛନ୍ତି। ଏଥିରେ ତନ୍ତୁଜ ଖାଦ୍ୟ , କ୍ୟାଲସିଅମ୍ ଓ ମାଗ୍ନେସିଅମ୍ ପ୍ରଚୁର ପରିମାଣର ରହିଛି ଏବଂ ଖୁସିର ଖବର ଏହି କି ଯେ ଏହା ପୃଥୁଳତା ଓ ଶରୀରର ଓଜନ ବଢାଏ ନାହିଁ। ଏହା କ୍ଷୁଧା ବୃଦ୍ଧି କରେ କିନ୍ତୁ ଅଧିକ କ୍ୟାଲୋରି ଦିଏ ନାହିଁ। ଏଥିରେ ରହିଥିବା ଭିଟାମିନ-ଇ ମଧୁମେହ ଓ ହୃଦରୋଗୀଙ୍କ ପାଇଁ ମଙ୍ଗଳଦାୟକ ହୋଇଥାଏ। ଏଥିରେ ରହିଥିବା ଭିଟାମିନ-ଇ ର ଆଲଫା ଟୋକୋଫେରଲ୍ ମଣିଷ ଶରୀର ପାଇଁ ଉପାଦେୟ ହୋଇଥିବା ହେତୁ ଆମେରିକାର ଜାତୀୟ ଖାଦ୍ୟ ଏକାଡେମି ଦିନକୁ ୧୫ ମିଗ୍ରା ଆଲମଣ୍ଡ ଖାଦ୍ୟରେ ଗ୍ରହଣ କରିବାକୁ କହିଥାନ୍ତି। ଏଥିରେ ରହିଥିବା ୭୦% ସ୍ନେହସାର ମନୋସେଚୁରେଟେଡ ହୋଇଥିବାରୁ କୋଲେଷ୍ଟେରଲ୍ ଓ ହାନିକାରକ ଏଲ୍ ଡି ଏଲ୍‌ର ପରିମାଣକୁ ଯଥାକ୍ରମେ ୪ ଓ ୫ % ହ୍ରାସ କରେ। ଏହା ସ୍ୱାଦିଷ୍ଟ ଓ ସୁଗନ୍ଧିତ ହୋଇଥିବା ହେତୁ ବିଭିନ୍ନ ରୂପେ ଏହାକୁ ଖିଆଯାଇପାରେ।

କେତେକ କହନ୍ତି ଏହି ମଞ୍ଜିକୁ ପାଣିରେ ବତୁରାଇ ଚୋପା ଛଡାଇ ଖାଇବା କଥା କିନ୍ତୁ ପ୍ରକୃତରେ ଏହା ଭ୍ରମାତ୍ମକ ଅଟେ, କାରଣ ଏହାର ଚୋପାରେ ତନ୍ତୁଜ ଉପାଦାନ ଓ ଆଂଟିଅକ୍ସିଡେଂଟ ଭରପୂର ଥାଏ। ତେଣୁ ଏହା ଖାଦ୍ୟ ହଜମ କ୍ରିୟାରେ ସହାୟକ ହୋଇଥାଏ। ସାଧାରଣ ଖାଦ୍ୟ ତୁଳନାରେ ଏହା ସନ୍ତୁଳିତ ଓ କମ୍ ସ୍ନେହସାର ଯୁକ୍ତ ହୋଇଥିବାରୁ ଆବଶ୍ୟକ ଶକ୍ତି ଯୋଗାଏ କିନ୍ତୁ ଓଜନ ବଢାଏ ନାହିଁ। ଏହା ସଂପର୍କରେ ଏକ ଭୁଲ ଧାରଣା ହେଲା ଯେ ଏହା ଶରୀରର ତାପମାତ୍ରାକୁ ଅତ୍ୟଧିକ ବଢାଇଥାଏ। ତେଣୁ ଏହାକୁ କେବଳ ଶୀତ ଦିନରେ ଖାଇବା କଥା କିନ୍ତୁ ପ୍ରକୃତରେ ଏହା ଠିକ୍ ନୁହେଁ। ବରଂ ଏହାକୁ ବର୍ଷର ସବୁ ସମୟରେ ଖିଆଯାଇପାରେ। ଏପରିକି ଖରାଦିନରେ ଏହାକୁ ବାଦାମ ସରବତ ଆକାରରରେ ବି ପାନ କରାଯାଇ ପାରେ।

**ସ୍ପିରୁଲିନା** :- ଆମର ପ୍ରତ୍ୟେକ କାର୍ଯ୍ୟ ପାଇଁ ଶକ୍ତି ନିହାତି ଅପରିହାର୍ଯ୍ୟ ଅଟେ। କିନ୍ତୁ ଚିନ୍ତା କରନ୍ତୁ ଆମର ଯେତିକି ଶକ୍ତି ଆବଶ୍ୟକ ତାକୁ ଆମେ ପାଇପାରୁ କି ? ଆମର ପରିବର୍ତ୍ତିତ ଜୀବନଶୈଳୀ ,ଚାପଗ୍ରସ୍ତ ମନ ,ପରିଶ୍ରମକାତରତା ଆଦି ଆମକୁ ନିର୍ବଳ କରି ପକାଉଛି। ଶକ୍ତି ରହିତ ଜୀବନ ଡାକି ଆଣୁଛି ମଧୁମେହ, ରକ୍ତହୀନତା, ହାଇପୋଥାଇରଡିଜମ୍ ,କ୍ୟାନ୍ସର ,ଆଲର୍ଜି ,ରକ୍ତ ସଂଚାଳନରେ ଅନିୟମିତତା ଆଦି ରୋଗଙ୍କୁ। ଏମାନଙ୍କୁ ସହାୟତା କରୁଛନ୍ତି ଆମର ରାଜସିକ ଖାଦ୍ୟ, ମଦ୍ୟପାନ, କ୍ୟାଫିନ, ଟବାକୋ, ଡ୍ରଗ୍ସ ଓ ମାନସିକ ଅବସାଦ। ଆଜି ଆମେ ଖାଦ୍ୟ ପଦାର୍ଥରେ ଆବଶ୍ୟକ ପୌଷ୍ଟିକ ତତ୍ତ୍ୱ ,ଖାଦ୍ୟସାର ଆଦିକୁ ଛାଡି ଏହାର ସ୍ୱାଦ, ରଙ୍ଗ ଓ ବାସନା ଉପରେ ଗୁରୁତ୍ୱ ଦେଉଛୁ। ଏହା ମଧ୍ୟ ମନେ ରଖିବା ଉଚିତ ଯେ ଯଦି ଖାଦ୍ୟକୁ ଠିକ୍ ମାତ୍ରା ଓ ସମୟରେ ଖିଆ ନ ଯାଏ ତେବେ ଏହା କ୍ଷତିକାରକ ହୋଇପାରେ। ଯେପରିକି ଅତ୍ୟଧିକ ତେଲ ମସଲା ଯୁକ୍ତ ଖାଦ୍ୟ, ମାଛ ମାଂସ ଆଦି ଖାଇଲା ପରେ ଆମେ ଅସ୍ୱସ୍ତିକର ଅନୁଭବ କରିବା ସହ ମୁଣ୍ଡବିନ୍ଧା,ବାନ୍ତି, ପେଟବ୍ୟଥା ଆଦି ଭୋଗିଥାଉ। ଏହା ମଧ୍ୟ ଜରୁରୀ ଯେ ଖାଦ୍ୟ ସହ କେତେ ପରିମାଣର ବିଷାକ୍ତ ଜିନିଷ ଆମେ ପେଟକୁ ନେଉଛୁ। ଅନେକ ସମୟରେ ପ୍ରଶ୍ନ ଉଠେ ଛୋଟ ଛୁଆମାନେ ଏତେ ଚଳଚଂଚଳ, ଫୁର୍ତ୍ତି ଓ ଶକ୍ତିବାନ ହୁଅନ୍ତି କାହିଁକି ? ତାର କାରଣ ହେଲା ସେମାନେ ତାଙ୍କ ସ୍ୱଳ୍ପକାଳର ଜୀବନ ଭିତରେ ସେତେଟା ବିଷାକ୍ତ ପଦାର୍ଥ ଶରୀର ମଧ୍ୟକୁ ନେଇ ନ ଥାନ୍ତି ଏବଂ ସେମାନଙ୍କ ଖାଦ୍ୟ ପାନୀୟ ବାବଦରେ ମା ମାନେ ବିଶେଷ ସତର୍କତା ଅବଲମ୍ବନ କରିଥାନ୍ତି। ଏସବୁ କହିବାର ତାତ୍ପର୍ଯ୍ୟ ହେଲା ଯେ ଉତ୍ତମ ଶରୀର ପାଇଁ ଆଦର୍ଶ ଖାଦ୍ୟ, ଯଥେଷ୍ଟ ସ୍ୱଚ୍ଛ ଜଳ, ପ୍ରଦୂଷଣ ବିହୀନ ବାୟୁ ଓ ଶାରୀରିକ ବ୍ୟାୟାମ ଜରୁରୀ ଅଟେ। ସ୍ପିରୁଲିନା ଏପରି ଏକ ନୀଳ ସବୁଜ ଶୈବାଳ ଯାହା ଆମ ଶରୀରକୁ ସମସ୍ତ ଶକ୍ତି ଉତ୍ପନ୍ନକାରୀ ପୌଷ୍ଟିକ ଆହାର ଯୋଗାଇଥାଏ। ଜଣାଯାଏ ଯେ ଆଜକୁ ୩.୬ ମିଲିଅନ୍ ବର୍ଷ ପୂର୍ବେ ଏହାର ବ୍ୟବହାର ସମସ୍ତେ ଜାଣିଥିଲେ। ଏଥିରେ ପ୍ରାୟ ୬୦ ପ୍ରକାର ପୋଷକ ତତ୍ତ୍ୱ ରହିଛି ଯାହା ମଧ୍ୟରେ ଶକ୍ତି ନିର୍ଗତକାରୀ ଭିଟାମିନ୍ ,ସମସ୍ତ ଆମିନୋ ଅମ୍ଳ, ଖଣିଜ ଲବଣ, ଉଦ୍ଭିଦରେ ମହଜୁଦ ରଙ୍ଗ ଯଥା କ୍ଲୋରୋଫିଲ ଫାଇକୋସିଆନିନ୍,ଏଞ୍ଜାଇମ ଓ ଆଂଟି ଅକ୍ସିଡେଂଟ। ଏ ସମସ୍ତ ପଦାର୍ଥ ଏକ ସୁସ୍ଥ ଶରୀର ପାଇଁ ନିତାନ୍ତ ଆବଶ୍ୟକ। ସ୍ପିରୁଲିନା ଏକ ଶତ ପ୍ରତିଶତ ପ୍ରାକୃତିକ ଉତ୍ସରୁ ମିଳୁଥିବା ପଦାର୍ଥ। ଏଥିରେ ମହଜୁଦ ଥିବା କ୍ଲୋରୋଫିଲ ଫାଇକୋସିଆନିନ ଓ କେରୋଟିନଏଡ୍ସ ତିନୋଟି ମୁଖ୍ୟ କାର୍ଯ୍ୟ ସମ୍ପାଦନ କରିଥାଏ। ଏହା ପ୍ରାକୃତିକ ଉପାୟରେ ଦେହରୁ ଦୂଷିତ ପଦାର୍ଥ ଏପରିକି ରକ୍ତକୁ ବି ସଫା ରଖି ଆମକୁ ଅଧିକ ଶକ୍ତି ଯୋଗାଇବା ସହ ମନକୁ ପ୍ରଫୁଲ୍ଲ ରଖେ। ଏହା ଆମ ଖାଦ୍ୟରେ ରହିଥିବା ଦରକାରୀ ପଦାର୍ଥର ଶୂନ୍ୟସ୍ଥାନ ପୂରଣ କରେ ଯାହା ଆମକୁ କ୍ରିୟାଶୀଳତା ଯୋଗାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ ଏବଂ ସୌର ଶକ୍ତି କୁ ଶୋଷଣ କରି ଆମକୁ ଉପଲବ୍ଧ କରାଏ। ଏହା ସିଧାସଳଖ ଶର୍କରାକୁ ଗ୍ଲାଇକୋଜେନ୍ ଓ ପ୍ରୋଟିନକୁ ଆମିନୋ ଅମ୍ଳ ରୂପେ ଗଚ୍ଛିତ କରି ରଖିଥାଏ ଏବଂ ଏହାର କୋଷ ପ୍ରାଚୀର ପତଳା ଓ ଜଳରେ ସହଜରେ ଦ୍ରବଣୀୟ ହୋଇଥିବା ହେତୁ ଆମ ଶରୀର ତାକୁ ସିଧାସଳଖ ସହଜରେ ପାଇଥାଏ। ଏହି ଜଳଜ ଉଦ୍ଭିଦ ସୂର୍ଯ୍ୟ କିରଣକୁ ପୂରା ମାତ୍ରାରେ ଶୋଷଣ କରୁଥିବା ହେତୁ ସେହି ଶକ୍ତିକୁ ବାୟୋଫୋଟନ ଆକାରରେ ଆମ କୋଷ ସବୁକୁ ଯୋଗାଏ। ଏହାର ଉଭୟ ନିୟନ୍ତ୍ରକ ଓ ଉତ୍ତେଜକ ଗୁଣ ଥିବାହେତୁ ଏହା ଆମକୁ ଖୁସି ରଖିବା ସହ ଚଳଚଂଚଳ ରଖେ। ଏଥିରେ ରାମନୋଜ ଓ ଗ୍ଲାଇକୋଜେନ ପରି ପଲିସାକାରାଇଡ୍ସ ,ଜିଏଲଏ ପରି ସ୍ନେହସାର ,ସହଜରେ ଦ୍ରବଣୀୟ ଲୌହ ଭିଟାମିନ-୧୨,ଫାଇକୋସିଆନିନ ରହିଥିବା ହେତୁ ଶକ୍ତି କ୍ଷରଣ ଏବଂ ଅମ୍ଳଜାନ ପରିବହନରେ ପାରଙ୍ଗମତା ଦେଖାଏ ଓ ଆମ ମନରୁ ଅବସାଦ ମେଂଟାଏ , କ୍ଷୁଦ୍ରାନ୍ତ୍ରରେ ଲାକ୍ଟୋବେସିଲସ ଜୀବାଣୁର ବଂଶ ବୃଦ୍ଧିକରି ଭିଟାମିନ ବି୬ ପ୍ରସ୍ତୁତିରେ ସହାୟକ ହୁଏ। ପୃଥିବୀର ୪୦ ଟି ଦେଶରେ ଏହାକୁ ସବୁ ବୟସର ଲକ୍ଷ ଲକ୍ଷ ଲୋକ ବ୍ୟବହାର କରିବା ଆରମ୍ଭ କଲେଣି।ଏହାର କାରଣ ହେଲା ଏହା ଏକ ସଂପୂର୍ଣ୍ଣ ,ନିରାପଦ , ସନ୍ତୁଳିତ ପ୍ରାକୃତିକ ଖାଦ୍ୟ ବିକଳ୍ପ ଯାହାକୁ ପ୍ରତ୍ୟେକ ବୟସର ଲୋକ ବ୍ୟବହାର କରି ପାରିବ। ଆଜିକାଲି ଏହାକୁ ଟାବଲେଟ , କ୍ୟାପସୁଲ , ପାଉଡର ଆକାରରେ ବଜାରରେ ମିଳୁଥିବା ଦେଖାଯାଉଛି। କେତେକ ଦେଶରେ ଏହାକୁ ପାସ୍ତା , କୁକିଜ୍ , ସ୍ନେକ ବାର ଓ ଜୁସ୍ ବାରରେ ବି ମିଶ୍ରିତ କରି ବିକ୍ରି କରାଯାଉଛି। ପ୍ରତ୍ୟେକ ଦିନ ଏହାକୁ ନିଆ ଯାଇପାରେ, କାରଣ ଏହା ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଅଟେ। ସେଥିପାଇଁ ସ୍ପିରୁଲିନାକୁ ଯଥାର୍ଥରେ Powerhouse of Nutrients ବୋଲି ଆଖ୍ୟା ଦିଆଯାଇଛି।

**ବିଭାଗୀୟ ମୁଖ୍ୟ (ରସାୟନ ବିଭାଗ )**
**ଏନ.ଏ .ସି ମହାବିଦ୍ୟାଳୟ, ବୁର୍ଲା , ସମ୍ବଲପୁର**
**ଦୂରଭାଷ: ୯୪୩୭୧୨୭୮୨୦**

# ସାହିତ୍ୟ ଅଧ୍ୟୟନ ସପକ୍ଷରେ



**ଡ.ସନ୍ତୋଷ କୁମାର ରଥ**

ଅଧ୍ୟୟନ ମଣିଷର ସହଜାତ ପ୍ରବୃତ୍ତି। ଶିଶୁଟିଏ ଜନ୍ମପରେ ପରେ ହିଁ ଜଗତକୁ ନିରୀକ୍ଷା କରି, ଅନୁଭୂତି ସଂଚୟକରି ରଖୁଥାଏ। ଶିଶୁର ଏଇ ନିରୀକ୍ଷା ମଧ୍ୟ ଏକ ଅଧ୍ୟୟନ। ବୟସ ବଢ଼ିବା ସହ ଜଗତକୁ ଓ ଜୀବନକୁ ଗଭୀର ଅଧ୍ୟୟନ କରି ଅନୁଭୂତି ପୁଷ୍ଟ ହୁଏ ମଣିଷ ଶିଶୁ। ଏ ଅଧ୍ୟୟନ ଯଦିଓ ଅକ୍ଷର ଜ୍ଞାନର ନୁହେଁ, ଏହା ହେଉଛି ନିରୀକ୍ଷଣ ଓ ସ୍ମୃତି ସଂଚୟ। ଜୀବନକୁ ବୁଝିବା ପାଇଁ ଏ ଅଧ୍ୟୟନ ଅଜାଣତରେ ଶିଶୁଟିଏ କରିଚାଲେ। ଏ ଅଧ୍ୟୟନରୁ ତିଆରି ହୁଏ ଶବ୍ଦ ସହ ସ୍ମୃତିର ସଂପର୍କ। ଗୋଟିଏ ଜନଜାତି, ମାନବ ବାକ୍‌ଯନ୍ତ୍ରରୁ ସୃଷ୍ଟି ହେଉଥିବା କେଉଁ ଶବ୍ଦ ସହ କେଉଁ ଅନୁଭୂତିକୁ ଯୋଡୁଛି ଶିଶୁଟି ସମୟକ୍ରମେ ଜାଣେ। ଅନୁଭବକୁ ପ୍ରକଟିତ କରୁଥିବା ମନୁଷ୍ୟ ସୃଷ୍ଟି ଶବ୍ଦଟିକୁ ଆମେ କହୁ ତା'ର ଶବ୍ଦ,ତା'ର ଭାଷା। ପ୍ରତିଟି ଜନଜାତିରେ ଏଣୁ ଅନୁଭବ ଏକା ହୋଇପାରେ। କିନ୍ତୁ ତା'ର ପ୍ରକାଶ ପାଇଁ ମାଧ୍ୟମ ରୂପେ ସୃଷ୍ଟି କରୁଥିବା ଶବ୍ଦ ଭିନ୍ନ ଭିନ୍ନ। ଏଇ ଅନୁଭବର ଜଗତ ଓ ଶବ୍ଦର ଜଗତ ଭିତରେ ଅଧ୍ୟୟନ କରି ହିଁ ମନୁଷ୍ୟ ଶିଶୁଟିଏ ସୂକ୍ଷ୍ମ ଅନୁଭବକୁ ସ୍ଥୂଳଧ୍ୱନିରେ ପ୍ରକାଶ କରେ। ଏ ପ୍ରସଙ୍ଗରେ ଜନ୍ମାନ୍ଧ ଓ ବଧିର ହେଲେନ୍ କେଲରଙ୍କର ଆତ୍ମଜୀବନୀରେ ରହିଛି ଅନେକ ବିସ୍ମୟକର କାହାଣୀ। ଶବ୍ଦ ଓ ଅନୁଭବର ଜଗତକୁ କେମିତି ଧିରେଧିରେ ପ୍ରବେଶ କରେ ମଣିଷ ତା'ର ଅନେକ ସ୍ନିଗ୍ଧ ଅନୁଭବ କେଲର୍ ଉନ୍ମୋଚିତ କରିଛନ୍ତି। ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ହିନ୍ଦୀ ଚଳଚ୍ଚିତ୍ର 'ବ୍ଲେକ୍' ଦେଖିଥିବେ ଅନୁଭବ, ସ୍ମୃତି ଓ ଶବ୍ଦ କିପରି ପରସ୍ପର ଯୋଡ଼ିହୋଇ ମଣିଷ ଶିଶୁକୁ ଏଇ ଆମର ପ୍ରାଚୀନ ଜଗତ ଓ ଚିର ପରିବର୍ତ୍ତନଶୀଳ ଜୀବନ ସହ ଯୋଡ଼େ, ଜାଣିଥିବେ। ହେଲେନ୍ କେଲର୍ ୧୯୦୩ ମସିହାରେ ରଚିତ 'ଦି ଷ୍ଟୋରି ଅଫ୍ ମାଇଁ ଲାଇଫ୍' ଏବଂ ୧୯୦୮ରେ ରଚିତ 'ଦି ଓ୍ୱର୍ଲଡ଼ ଆଇ ଲିଭ୍ ଇନ୍' ବହି ଦୁଇଟିରେ ଏକଥା ଅତି ସୁନ୍ଦର ଭାବରେ କହିଛନ୍ତି। ଶବ୍ଦମାନଙ୍କର କିଛି ବି ଅର୍ଥ ନଥାଏ। ପ୍ରତିଟି ଶିଶୁ ଅନୁଭବମାନଙ୍କୁ ଯେଉଁ ଶବ୍ଦ ନାମରେ ଚିହ୍ନିତ କରେ ତାହାହିଁ ସେ ଶବ୍ଦର ଅର୍ଥ।

ଶିଶୁର ଏହି କାମଟି ତାର ଅଜାଣତରେ ଘଟେ। ଶିଶୁଟି ଜାଣିପାରେ ନାହିଁ ତାର ଭାଷାର ପରିସୀମା, ଶବ୍ଦର ଦିଗନ୍ତ, ତା'ର ସ୍ମୃତି କେମିତି ତାହା ସହ ଜଡ଼ିତ। ଏଣୁ ସମାନ ମନେହେଲେ ବି ଅପାତତଃ ପ୍ରତିଟି ଶବ୍ଦର ଅର୍ଥ ପ୍ରତିଟି ମଣିଷ ପାଇଁ ଭିନ୍ନ ଭିନ୍ନ। ଏକଥାକୁ ମନେରଖି ଆସନ୍ତୁ; ଆମେ ସାହିତ୍ୟ ଅଧ୍ୟୟନର କଥା ବିଚାର କରିବା।ଯେତେବେଳେ ଆମେ କବିତାଟିଏ କିମ୍ବା ଉପନ୍ୟାସଟିଏ ପଢୁ ତା'ର ଶବ୍ଦମାନଙ୍କ ଦେଇ ଅର୍ଥର ଜଗତକୁ ଯାଉ। ସମସ୍ତେ ସମାନ ଭାବରେ ପୁଲକିତ ବା ରୋମାଞ୍ଚିତ ହୋଇପାରୁନା। ଜଣେ ପାଠକ ପାଇଁ ଓ ଶବ୍ଦର ଅର୍ଥବୋଧ ପାଇଁ ସତରେ କଣ ଏ ଶବ୍ଦ ସବୁ ଏକ ଏକ ଜଗୁଆଳୀ? ଏମାନେ କଣ ସମସ୍ତଙ୍କୁ ସମାନ ଅନୁଭୂତିର ଜଗତକୁ ନେଇଯାଆନ୍ତି ନାହିଁ? ଲେଖକର ସମସ୍ତ ଚେଷ୍ଟା ସତ୍ତ୍ୱେ ପାଠକର ସସୀମ ଅନୁଭବ କିମ୍ବା ବେଳେବେଳେ ନିଜସ୍ୱ ଅନୁଭବ ସାହିତ୍ୟର ଅର୍ଥବୋଧରେ ବାଧକ ସାଜେ କି?

ଜାଗତିକ ଜୀବନରେ ଆମେ ଯେଉଁ ପ୍ରତିନିୟତ ଶବ୍ଦମାନଙ୍କୁ ଭେଟୁ ତାକୁ ହିଁ ଯୋଡ଼ିଯୋଡ଼ି ଜଣେ ସାହିତ୍ୟିକ ସୃଷ୍ଟିକରେ ତା'ର ସୃଜନ କର୍ମ। ଶବ୍ଦ ସହ ପରିଚିତ ହେଲେହିଁ ସାହିତ୍ୟକୁ ପାଠକ ବୁଝିପାରେ ନାହିଁ କାହିଁକି? ଜଗତର ଭାଷାଠାରୁ ସାହିତ୍ୟର ଭାଷା କ'ଣ ଅଲଗା? କ'ଣ କଲେ ଜଣେ ପାଠକ ସାହିତ୍ୟ ଜଗତରେ ସହଜରେ ବିଚରଣ କରିପାରିବ, କବିତାଟିରେ ଅର୍ଥଅର୍ଥାନ୍ତର ବୁଝିପାରିବ, କବିତାଟିରୁ ପ୍ରତିଟି ପଠନରେ ନୂଆ ନୂଆ ଅର୍ଥ ପାଇପାରିବ, ପୁଣି କବିତାଟିର ଭାଷା ଓ ସଂରଚନା ବୁଝି ଆପଣାର ପ୍ରାତ୍ୟହିକ ଜୀବନରୁ ଶବ୍ଦ ଗୋଟାଇ ନିଜେ କବିତା ରଚନା କରିପାରିବ? ଶିଶୁଟିଏ ଯେମିତି ଅନୁଭବକୁ ଶବ୍ଦରେ ଚିହ୍ନିତ କରେ। ସେତେବେଳେ ଜଣେ ପାଠକ ଶବ୍ଦମାନଙ୍କର ସଂରଚନାର କୌଶଳ ଜାଣିଯିବ। ଏଥିପାଇଁ ଲୋଡ଼ାପ୍ରଚୁର ଅଧ୍ୟୟନ। ଅଧ୍ୟୟନ ହିଁ ଏକମାତ୍ର ପନ୍ଥା, ପାଠକକୁ ସାହିତ୍ୟ ବୁଝିବା ପାଇଁ ଓ ଲେଖକକୁ ସାହିତ୍ୟ ସୃଜିବା ପାଇଁ।

ସହଜାତ କବି ପ୍ରତିଭା ବୋଲି କିଛି ନଥାଏ। ଜଣେ ଜଣେ ମଣିଷ ଭିତରେ ଶବ୍ଦର ଜଗତ ଓ ଅନୁଭବର ଜଗତକୁ ଯୋଡ଼ିବାର ଅପୂର୍ବ ସାମର୍ଥ୍ୟ ଥାଇପାରେ। ସେ ସାମର୍ଥ୍ୟ ଯୋଗୁଁ ଭାବର ଜଗତକୁ ଓ ଶବ୍ଦର ଜଗତକୁ, ଅଧ୍ୟୟନ କଲାପରେ ହିଁ କବିତା ଲେଖି ବା ଗାଇ ସେ ଆମକୁ ବିସ୍ମିତ କରନ୍ତି। ସେପରି କବି ପ୍ରତିଭାଙ୍କୁ ଆମେ କହୁଁ ସ୍ୱଭାବତଃ କବି ବା ସହଜାତ କବି ପ୍ରତିଭାର ଅଧିକାରୀ। ତେବେ ଏକଥା ସତ ଯେ ପର୍ଯ୍ୟବେକ୍ଷଣର ଅସାମାନ୍ୟ ସାମର୍ଥ୍ୟ ଓ ଶବ୍ଦରେ ତାକୁ ପ୍ରକାଶ କରିବାର କ୍ଷମତା ଜୀବନ ଅଧ୍ୟୟନର ହିଁ ଫଳ। ତାହାହିଁ ବଡ଼ ପ୍ରତିଭା।

ଏବେ ଆସନ୍ତୁ, ପୁସ୍ତକ ଅଧ୍ୟୟନ ବିଷୟରେ ବିଚାର କରିବା। ବହିଟିଏ ଜଣେ ଲେଖକର ସାମର୍ଥ୍ୟ ଓ ରୁଚିରେ ସଂକଳିତ ହୋଇଥିବା ଅନୁଭବ। ତାହା ଯେତେବେଳେ ଚିନ୍ତାମୂଳକ ହୁଏ, ସେଥିରେ ପ୍ରକାଶ ପାଏ ଲେଖକର ବୁଦ୍ଧି ବିଶ୍ଳେଷଣ ଶକ୍ତି ଏବଂ ତଥ୍ୟ। ବହିଟି ଯେତେବେଳେ କଳ୍ପନାମୂଳକ ହୁଏ, ସେଥିରେ ପ୍ରକାଶ ପାଏ ଲେଖକର ସୃଜନାତ୍ମକ କଳ୍ପନା ଏବଂ ଜାଗତିକ ଜୀବନକୁ ଭାଙ୍ଗିଯୋଡ଼ି ହୋଇଥିବା ନୂଆ ନୂଆ କଥା, ଚରିତ୍ର, ବସ୍ତୁ ଏମିତିକି ବେଳେବେଳେ ନୂଆ କଳ୍ପିତ ବିଶ୍ୱ। ଚିନ୍ତାମୂଳକ ହେଉ ବା କଳ୍ପନାମୂଳକ ହେଉ ବହିଟିଏ ଅଧ୍ୟୟନ କଲେ ପାଠକ ପାଏ ଜୀବନର ନୂଆ ଦୃଷ୍ଟି। ଜଣେ ଯେତେବେଳେ ଅନେକ ବହି ପଢ଼େ ଜୀବନର ନୂଆ ଅନୁଭବ ସବୁ ଲାଭକରେ। ପ୍ରତିଟି ବହିରେ ଲେଖକର ଦୃଷ୍ଟିରେ ତିଆରି ହୋଇଥିବା ନୂଆନୂଆ ଜଗତକୁ ଭେଟେ। ଜଣେ ପାଠକ ଆପଣାର ସୀମିତ ଜୀବନରେ

ନିଜେ ନିରୀକ୍ଷଣ କରି, ଅନୁଭବ କରି ଜଗତ ସଂପର୍କରେ ଯାହା ଜାଣିନଥାନ୍ତା ତାହା ସହଜରେ ଅଧ୍ୟୟନ ମାଧ୍ୟମରେ ଲାଭକରେ। ଏ ଅନୁଭୂତି ଜଗତକୁ ବୁଝିବା ପାଇଁ ଏମିତିକି ନିଜ ଅନୁଭବକୁ ବୁଝିବା ପାଇଁ ଏହା ହୁଏ ଅଧିକ ସହାୟକ।

ଅନେକେ ପଚାରନ୍ତି ସାହିତ୍ୟ ଅଧ୍ୟୟନର ଲାଭ କ'ଣ? ନାଟକ, ସିନେମା, ଦୂରଦର୍ଶନର ଅନେକ ଚେନାଲ ମାଧ୍ୟମରେ ଆମେ ଦୃଶ୍ୟାତ୍ମକ ଭାବରେ ଯେତେବେଳେ ସତ୍ୟକଳ୍ପ, ଅଧିକ ବାସ୍ତବ ଜୀବନ ଓ ଜଗତର ଦୃଶ୍ୟ ଦେଖିବାକୁ ପାଉଛୁ, ବହି ପଢ଼ିବାର କଷ୍ଟ ଜଣେ କାହିଁକି ନେବ ଯଦି ବହିରେ ବର୍ଣ୍ଣିତ ଦୃଶ୍ୟ ବା କାହାଣୀ ନାଟକ ମାଧ୍ୟମରେ ଦୃଶ୍ୟ ମାଧ୍ୟମରେ ତା' ଆଗରେ ଅଭୀନିତ ହେବ? ସାହିତ୍ୟ ଅଧ୍ୟୟନ ଓ ଦୃଶ୍ୟ ମାଧ୍ୟମରେ କାହାଣୀ ସଂଦର୍ଶନ ଆଦୌ ଏକାକଥା ନୁହେଁ। ସାହିତ୍ୟ ପଠନରେ ପାଠକ ଅନେକ କଥା କଳ୍ପନା କରେ। ସାହିତ୍ୟରେ ଲେଖା ହୋଇଥିବା ଗଛଟିଏ, ଗାଈଟିଏ, ଚଢ଼େଇଟିଏ ପଢ଼ିଲେ ପାଠକ ହୃଦୟରେ ନିଜେ ଦେଖିଥିବା ନିଜେ ଜାଣିଥିବା ଗଛ, ଗାଈ ଓ ଚଢ଼େଇ ମନେପଡ଼େ। ସେମିତି ଚରିତ୍ର, ଘଟଣା ଓ କାହାଣୀକୁ ଆପଣାର ସ୍ମୃତିର ଜଗତର ଘଟଣା, କାହାଣୀ ଓ ଚରିତ୍ର ସହ ତୁଳନା କରି ଜଣେ ପାଠକ ଲେଖକର କଳ୍ପନାର ଜଗତ ଠାରୁ ଭିନ୍ନ ଏକ ଜଗତ ତିଆରି କରେ। ଏହା ତାକୁ ଜଣେ ସୃଜନଶୀଳ ବ୍ୟକ୍ତିରେ ପରିଣତ କରେ। ଅଥଚ ଦୃଶ୍ୟ ଦେଖିଲେ ଦର୍ଶକର କଳ୍ପନା ହୋଇଯାଏ ସୀମିତ ଓ ନିର୍ଦ୍ଦିଷ୍ଟ। ଦୃଶ୍ୟର ମୋହରେ ଦର୍ଶକ ଆଉ କଳ୍ପନା କରିବା ପାଇଁ ଅବସର ପାଏନାହିଁ। ଦୃଶ୍ୟର ମୋହରେ ନିଷ୍କ୍ରିୟ ହୋଇ ଘଟଣା ସ୍ରୋତରେ ଭାସିଯାଏ ଦର୍ଶକ। କିନ୍ତୁ ପଠନରେ ଥାଏ ଅନେକ ସୁଯୋଗ। ଅଧ୍ୟୟନ ମଧ୍ୟରେ ଅଳ୍ପ ଅବସର ସୃଷ୍ଟିକରି ପାଠକ ଲେଖକର ସାମନ୍ତରାଳରେ ଆଉ ଏକ କାହାଣୀର ଜଗତ ସୃଜନ କରିବା ପାଇଁ ସକ୍ଷମ ହୋଇଥାଏ। କାହାଣୀର ସଂଭାବନା ସବୁକୁ ବିଚାର କରି ଜଣେ ସମର୍ଥ ପାଠକ ତାର ମନ ଭିତରେ ଅଜସ୍ର କାହାଣୀର ନୂଆନୂଆ ରୂପକୁ ଉପଭୋଗ କରିପାରେ। ସାହିତ୍ୟ ପଠନ ଏଣୁ ଏକ ସକ୍ରିୟ ସୃଜନାତ୍ମକ କର୍ମ ହେବାବେଳେ ନାଟକ ସିନେମା ଓ ଦୃଶ୍ୟ ସଂଦର୍ଶନ ଏକ ନିଷ୍କ୍ରିୟ ଉପଭୋଗ।

ପ୍ରାଚୀନ କାଳରେ ସାହିତ୍ୟ ଥିଲା ଅଧିକ ଶ୍ରୋତାଧର୍ମୀ। ଜଣେ ପଣ୍ଡିତ ଲୋକ ଅକ୍ଷରରେ ଲେଖା ହୋଇଥିବା ସାହିତ୍ୟ ଅଧ୍ୟୟନ କରି ନିରକ୍ଷର ଶ୍ରୋତାମାନଙ୍କୁ ଶୁଣାଉଥିଲେ। ଆମର ରୀତି ସାହିତ୍ୟ, ପୁରାଣ ସାହିତ୍ୟ ଏହାର ଚମତ୍କାର ଉଦାହରଣ। ଜଣେ ପୁରାଣ ପଣ୍ଡିତଙ୍କ ସାହାଯ୍ୟରେ ଶହ ଶହ ନିରକ୍ଷର ଜନତା ସାହିତ୍ୟ ଅଧ୍ୟୟନର ଆନନ୍ଦ ଲାଭ କରୁଥିଲେ। ଆପଣା ଆପଣାର ଜୀବନର ଅନୁଭବକୁ କବି ଓ ଲେଖକଙ୍କ ଜୀବନର ଅନୁଭବ ସହ ତୁଳନା କରି ପୁଲକିତ ହେଉଥିଲେ। ସେମିତି ରୀତି ସାହିତ୍ୟକୁ ମଧ୍ୟ ସାହିତ୍ୟ ଚର୍ଚ୍ଚା, ଛାନ୍ଦ ଗାୟନ ପୁଣି ପାଲା ଓ ଦାସକାଠିଆ ପରି ଅଭିନୟ ଓ ନୃତ୍ୟାତ୍ମକ ପ୍ରଦର୍ଶନ ମାଧ୍ୟମରେ ସାଧାରଣ ଜନତା ଉପଭୋଗ କରୁଥିଲେ। ଏ ଉପଭୋଗ ଥିଲା ଏକ ପରୋକ୍ଷ ଅଧ୍ୟୟନ। ଅକ୍ଷର ସହ ଅପରିଚିତ ଲୋକ ବି ଜଗନ୍ନାଥ ଦାସ, ବଳରାମ ଦାସ, ଉପେନ୍ଦ୍ର ଭଞ୍ଜ ଓ ଦୀନକୃଷ୍ଣ ଦାସଙ୍କ ରଚନା ସହିତ ବେଶ୍ ପରିଚିତ ଥିଲେ। ସାହିତ୍ୟ ଅଧ୍ୟୟନ ହେଉଥିଲା ଶ୍ରବଣ ମାଧ୍ୟମରେ। ଶ୍ରୋତା ଭାବରେ କବିର କଳ୍ପନା ଜଗତର ପ୍ରତିବିମ୍ବରେ ଶ୍ରୋତା ବି ସୃଜନ କରୁଥିଲା ଆପଣାର ଏକ କଳ୍ପିତ ଜଗତ।

ସମୟକ୍ରମେ ଅକ୍ଷର ଲେଖିପଢ଼ି ଜାଣିଥିବା ଲୋକଙ୍କ ସଂଖ୍ୟା ବଢ଼ିଲା। ସମୟକ୍ରମେ କାଗଜରେ ଛପା ହେଉଥିବା ବହିର ସଂଖ୍ୟା ବଢ଼ିଲା। ସମୟକ୍ରମେ ସହଜ ହେଲା ବହିଟିଏ ଲେଖିବା ଓ ଛାପିବା। କିନ୍ତୁ ସାହିତ୍ୟ ଅଧ୍ୟୟନ ପ୍ରତି ଆଗ୍ରହ ଆସ୍ତେ ଆସ୍ତେ କମିବାକୁ ଲାଗିଲା। ଜ୍ଞାନ ପାଇଁ ବିଦ୍ୟାପାଇଁ ତଥ୍ୟାତ୍ମକ ଓ ବିଶ୍ଳେଷଣାତ୍ମକ ଅଧ୍ୟୟନ ଠାରୁ ସାହିତ୍ୟ ଅଧ୍ୟୟନର ଭୂମିକା ଗୌଣ ମନେହେଲା। ସାହିତ୍ୟ ଅଧ୍ୟୟନ ଆମକୁ ଦେଉଥିବା ଆନନ୍ଦ ସୃଜନାତ୍ମକତା ଓ ଜୀବନ ସହ ଯୁଝିବାର ସାମର୍ଥ୍ୟ ଠାରୁ ପାଠକ ବଞ୍ଚିତ ହେଲା। ସାହିତ୍ୟର ରସ ଯେଉଁ ରୋମାଞ୍ଚ ସୃଷ୍ଟିକରେ ପାଠକ ହୃଦୟରେ ତାହା ଆଉ ପାଇଲା ନାହିଁ ପାଠକ। ଅନେକ କହନ୍ତି ସାହିତ୍ୟର ଅଧ୍ୟୟନ ଆମକୁ ଦିଏ କ'ଣ? ଏହା ବୁଦ୍ଧିକୁ ଦୀପ୍ତ କରେନାହିଁ। ଗଣିତ ପରି ତଥ୍ୟ ବିଶ୍ଳେଷଣର ସାମର୍ଥ୍ୟ ପ୍ରଦାନ କରେନାହିଁ କିମ୍ବା ବିଜ୍ଞାନପରି ବସ୍ତୁ ଜଗତକୁ ବିଶ୍ଳେଷଣ କରିବା ଶିଖାଏ ନାହିଁ। ହଁ ଏକଥା କେତେକାଂଶରେ ସତ କିନ୍ତୁ ଜୀବନକୁ ସୂକ୍ଷ୍ମରୂପରେ ବୁଝିବା ପାଇଁ ସାହିତ୍ୟ ଅଧ୍ୟୟନ ଯେଉଁ ସାମର୍ଥ୍ୟ ଦିଏ ତାହା ଅନେକ ଦୃଷ୍ଟିରୁ ଅସାଧାରଣ। ମଣିଷ ଜୀବନରେ ଆମେ ସମସ୍ତେ ଜୀବନର ସମସ୍ତ ସାମ୍ଭବ୍ୟ ପରିସ୍ଥିତିକୁ ଜ୍ଞାନ ଆହରଣ କରିବା ସମ୍ଭବ ନୁହେଁ। ଜୀବନକୁ ଓ ତାର ବିବିଧତାକୁ ବୁଝିବା ଜଣେ ବ୍ୟକ୍ତିର ଗୋଟିଏ ଜୀବନକାଳ ମଧ୍ୟରେ ଅସମ୍ଭବ। ଜୀବନ ଓ ଜଗତର ସମସ୍ତ ସଂଭାବନା ସହିତ ସମସ୍ତ ଅଶ୍ରୁ ଓ ଉଲ୍ଲାସ ସହିତ ସବୁ ତିକ୍ତ ଓ ମଧୁର ଅନୁଭୂତି ସହିତ ଆମକୁ ପରିଚିତ କରାଏ। ଆମ ଜୀବନରେ ଘଟିବା ଆଗରୁ ସାହିତ୍ୟ, ସାହିତ୍ୟ ଅଧ୍ୟୟନ ଏମିତି ଦେଖିଲେ ଜୀବନର ଅଧ୍ୟୟନ। ଜୀବନପରି ସାହିତ୍ୟ ମଧ୍ୟ ବହୁ ପରିତଳଯୁକ୍ତ ବିବିଧତାପୂର୍ଣ୍ଣ ଓ ବିଚିତ୍ର। ପାଠକ ଭାବରେ ତାକୁ ବୁଝିବା ସାହିତ୍ୟର ସୂକ୍ଷ୍ମ ରମଣୀୟ ଅନୁଭବକୁ ନିଜ ଜୀବନରେ ଅନୁଭବିବା ଯେକୌଣସି ପାଠକ ପାଇଁ ଏକ ମହତ୍ତର କର୍ମ। ଏବେ ବୃତ୍ତି ପାଇଁ ସାହିତ୍ୟ ପଠନର ସ୍ପୃହା ଛାତ୍ର ସମାଜରେ କମିକମି ଆସୁଛି। ଜୀବିକାରେ ବ୍ୟସ୍ତ ବିବ୍ରତ ମଣିଷ ସାହିତ୍ୟ ଅଧ୍ୟୟନ ପାଇଁ ସମୟ ପାଉନାହିଁ। ସହାନୁଭୂତି ଓ ସମାନୁଭୂତିର ଯେଉଁ ଦିବ୍ୟ ଆନନ୍ଦ ଦିଏ ସାହିତ୍ୟ, ଆଧୁନିକ କର୍ମବ୍ୟସ୍ତ ମନୁଷ୍ୟ ସେଥିରୁ ବଞ୍ଚିତ ହେଉଛି। କଳ୍ପନା ଓ ସୃଜନାତ୍ମକତା ଅଭାବରୁ ଆଧୁନିକ ମଣିଷ ସୌନ୍ଦର୍ଯ୍ୟବୋଧ ଶୂନ୍ୟ ହୋଇ ଆସ୍ତେ ଆସ୍ତେ ନିଷ୍ଠୁର ବାସ୍ତବବାଦୀ ହେଉଛି ଏଥିରେ ସାହିତ୍ୟର ଯେତିକି କ୍ଷତି ହେଉଛି ତାଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛି ବର୍ତ୍ତମାନର ମଣିଷ। ଶ୍ରଦ୍ଧାଶୀଳ, ବିଚାରବନ୍ତ ପାଠକଟିଏ ପାଇଁ ଅନନ୍ତକାଳ ଅପେକ୍ଷା କରିପାରେ ସାହିତ୍ୟ। ଆଉ କିଏ କେଉଁ ଦୂରସ୍ଥାନର କେଉଁ ଆଗାମୀ କାଳର ପାଠକଟିଏ ସାହିତ୍ୟରୁ ରସ ସଂଗ୍ରହ କରି ଆମୋଦିତ ହୋଇପାରେ। କିନ୍ତୁ ଆଜି ଆମେ ଏଇ କାଳରେ ଯଦି ସାହିତ୍ୟର ଦିବ୍ୟ ଆନନ୍ଦ ଠାରୁ ଦୂରେଇ ଯିବା ନିଜର ହିଁ କ୍ଷତିକରିବା, ନିଜେ ହିଁ ବଞ୍ଚିତ ହେବା ଜୀବନ ଓ ଜଗତର ବିବିଧତା ବୁଝିବାରୁ।

**ଦୂରଭାଷ : ୯୮୬୧୦୬୫୮୦୧**



# ବହି ପଢ଼ନ୍ତୁ, ଦୀର୍ଘଜୀବୀ ହେବେ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ଆପଣ ଜଣେ ବହି ପୋକ କି? ବହି ଭିତରେ ଗୁଂଜିହୋଇ ନରହିଲେ ଆପଣ କଅଣ ବଡ଼ ଅସ୍ୱସ୍ତି ଅନୁଭବ କରନ୍ତି? ତେବେ ଆପଣକୁ ଦେଉଛି ଏକ ସୁଖ ଖବର। ସୁଖ ଖବରଟା ପୁଣି କଅଣ? ଗବେଷକମାନେ ଦୀର୍ଘଦିନଧରି ଚଳେଇ ଆସିଥିଲେ ଗବେଷଣା। ଗବେଷଣା କରି କରି ସେମାନେ ଏଇ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ଯେଉଁମାନେ ନିୟମିତ ଭାବରେ ପ୍ରଚୁର ବହି ପଢ଼ନ୍ତି, ସେମାନଙ୍କର ପରମାୟୁ, ଯେଉଁମାନେ ଆଦୌ ବହି ପଢ଼ନ୍ତିନି କି ବହି ପଢ଼ିବା ପାଇଁ ଭଲ ପାଆନ୍ତିନି, ଏଇ ମାନଙ୍କ ତୁଳନାରେ ଯଥେଷ୍ଟ ବଢ଼ିଯାଏ।

ନାନା ଧରଣର ସାମାଜିକ ବିଷୟ ଉପରେ ନାନା ପ୍ରକାରର ତଥ୍ୟ ସଂଗ୍ରହ କରିବାରେ ଆମେରିକା ହେଉଛି ଅଦ୍ୱିତୀୟ। ଆମେରିକାର ଇୟେଲ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ବହିପଢ଼ାର ବିଷୟଟିକୁ ନେଇ ଦୀର୍ଘଦିନ ଧରି ପୁଙ୍ଖାନୁପୁଙ୍ଖ ଭାବରେ ଅନୁଧ୍ୟାନ କରିଚାଲିଛନ୍ତି। ସେମାନେ ନାନାପ୍ରକାରର ତଥ୍ୟ ସଂଗ୍ରହ କରିଛନ୍ତି ୩୬୩୫ ଜଣ ସ୍ୱେଚ୍ଛାରେ ଏହି ଅନୁଧ୍ୟାନରେ ସାମିଲ ହୋଇଥିବା ବ୍ୟକ୍ତିଙ୍କ ଠାରୁ। ଏମାନଙ୍କର ହାରାହାରି ବୟସ ୫୦ ବର୍ଷ। ଏମାନେ ଅବଶ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି। ଗବେଷକମାନେ ପ୍ରଥମେ ସେମାନଙ୍କ ଅନୁସନ୍ଧାନ କାର୍ଯ୍ୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ମୋଟ ତିନିଟି ଭାଗରେ ଭାଗ କରିଥିଲେ। ପ୍ରଥମ ଗ୍ରୁପ୍‌ଟିରେ ରହିଥିଲେ ସେଇମାନେ ଯେଉଁମାନେ ଆଦୌ ବହି ପଢ଼ନ୍ତି ନାହିଁ। ଦ୍ୱିତୀୟ ଗ୍ରୁପ୍‌ଟିରେ ରହିଥିଲେ ସେଇମାନେ ଯେଉଁମାନେ ପ୍ରତି ସପ୍ତାହରେ ବହି ପଢ଼ିବାରେ ବିତାଇଥାନ୍ତି ଅନ୍ତତଃ ସାଢ଼େ ତିନିଘଣ୍ଟା ସମୟ ଏବଂ ତୃତୀୟ ଗ୍ରୁପ୍‌ରେ ରଖାଯାଇଥିଲା ସେଇମାନଙ୍କୁ ଯେଉଁମାନେ ପ୍ରତିସପ୍ତାହରେ ସାଢ଼େ ତିନିଘଣ୍ଟାରୁ ବେଶୀ ସମୟ ବହି ପଢ଼ାରେ ବ୍ୟୟ କରିଥାନ୍ତି।

ତେବେ ଅନୁଧ୍ୟାନରେ ଯେଉଁ ୩୬୩୫ ଜଣ ଅଂଶ ଗ୍ରହଣ କରିଥିଲେ ସେମାନଙ୍କ ଭିତରେ ବେଶୀ ରହିଥିଲେ ମହିଳା, କଲେଜ ଶିକ୍ଷାପ୍ରାପ୍ତ ଏବଂ ଉଚ୍ଚତର ଆର୍ଥିକ ଅବସ୍ଥା ସଂପନ୍ନ। ସେମାନଙ୍କ ବୟସ, ଜାତି ନିଜେ ନିଜେ ପ୍ରଦାନ କରିଥିବା ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା, ଡ଼ିପ୍ରେସନ୍ ବା ମାନସିକ ଭାରସାମ୍ୟ ,ନିଯୁକ୍ତି ବିବାହିତ କି ଅବିବାହିତ ଇତ୍ୟାଦି ତଥ୍ୟ ମଧ୍ୟ ସଂଗ୍ରହ କରିଥିଲେ ଅନୁଧ୍ୟାନକାରୀମାନେ। ଏହି ଅନୁଧ୍ୟାନଟିରୁ ଯେଉଁ ଫଳାଫଳ ମିଳିଲା,ତାହା ବେଶ୍ ଉତ୍ସାହପ୍ରଦ। ପୁସ୍ତକ ପଠନପ୍ରେମୀମାନେ ଏଥିରୁ ଯଥେଷ୍ଟ ପ୍ରେରଣା ପାଇପାରିବେ। ପୁସ୍ତକ ପଠନ ଅଭ୍ୟାସକୁ ଅବ୍ୟାହତ ରଖିବା ନିମନ୍ତେ ସେମାନେ ନିଶ୍ଚିତ ଭାବରେ ଅଧିକ ଉତ୍ସାହିତ ହେବେ।

ତେବେ କଅଣ ଥିଲା ଅନୁଧ୍ୟାନରଟିର ନିଷ୍କର୍ଷ?

ଯେଉଁମାନେ ଆଦୌ ବହି ପଢ଼ନ୍ତିନି, ଏମାନଙ୍କ ତୁଳନାରେ ଯେଉଁମାନେ ସପ୍ତାହକୁ ସାଢ଼େ ତିନିଘଣ୍ଟାଧରି ବହି ପଢ଼ନ୍ତି। ଏହି ଶେଷୋକ୍ତ ଗୋଷ୍ଠୀଙ୍କ ଠାରେ ଅଳ୍ପ ବୟସରେ ମୃତ୍ୟୁବରଣ କରିବାର ଆଶଙ୍କା ୧୭ ପ୍ରତିଶତ କମ୍ (୧୨ ବର୍ଷ ଧରି ପର୍ଯ୍ୟାଲୋଚନାରୁ ପ୍ରାପ୍ତ ତଥ୍ୟକୁ ଭିତ୍ତିକରି) ଏବଂ ଯେଉଁମାନେ ସପ୍ତାହକୁ ସାଢ଼େ ତିନିଘଣ୍ଟାରୁ ବେଶୀ ସମୟ ବହିପଢ଼ିବାରେ ବିତାଇଥାନ୍ତି, ସେମାନେ ଅଳ୍ପ ସମୟରେ ମୃତ୍ୟୁବରଣ କରିବାର ସମ୍ଭାବନା କମ୍ ୨୩ ପ୍ରତିଶତ। ଏହାର ଅର୍ଥ ଯେଉଁମାନେ ବହିପଢ଼ାରେ ଯେତେ ବେଶୀ ସମୟ ଦେବେ ସେମାନେ ସେତେ ବେଶୀ ଦୀର୍ଘାୟୁ ହେବେ। ଗବେଷଣାଲବ୍ଧ ଏହି ତଥ୍ୟ ପ୍ରକାଶ ପାଇଛି 'ଜର୍ଣ୍ଣାଲ୍ ଅଫ୍ ସୋସିଆଲ୍ ସାଇନ୍ସ ଆଣ୍ଡ୍ ମେଡ଼ିସିନ୍' ନାମକ ପତ୍ରିକାରେ। 'ନିୟୁୟର୍କ ଟାଇମସ୍' ପତ୍ରିକାରେ କୁହାଯାଇଛି ଯେ ଯେଉଁମାନେ ଆଦୌ ବହି ପଢ଼ନ୍ତିନି ସେମାନଙ୍କ ତୁଳନାରେ ବହି ପଢୁଥିବା ବ୍ୟକ୍ତିମାନେ ହାରାହାରି ଭାବରେ ଦୁଇବର୍ଷ ବେଶୀ ବଞ୍ଚିଥାନ୍ତି।

ଯେଉଁମାନେ ବହିପଢ଼ାକୁ ବେଶୀ ଗୁରୁତ୍ୱ ନଦେଇ ଖବରକାଗଜ ଓ ପତ୍ରପତ୍ରିକା ପଢ଼ିବାରେ ମନୋନିବେଶ କରିଥାନ୍ତି, ସେମାନଙ୍କ କ୍ଷେତ୍ରରେ ମଧ୍ୟ ଅନୁଧ୍ୟାନ କରାଯାଇଛି। ଫଳାଫଳ ପ୍ରାୟତଃ ସମାନ ଧରଣର। ମାତ୍ର ଖବରକାଗଜ ଓ ପତ୍ରପତ୍ରିକା ପଢୁଥିବା ପାଠକମାନଙ୍କ ତୁଳନାରେ ପୁସ୍ତକ ପାଠକମାନେ ଅଧିକ କାଳ ବଞ୍ଚିଥାନ୍ତି। ଇୟେଲ୍ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ବେକା.ଆର.ଲେଭି ଥିଲେ ଉପରୋକ୍ତ ଅନୁଧ୍ୟାନଟିର ମୁଖ୍ୟ। ସେ ମତ ଦେଇଛନ୍ତି ଯେ ଯେଉଁମାନେ ଆଦୌ ବହି ପଢ଼ିନଥାନ୍ତି ସେମାନଙ୍କ ତୁଳନାରେ ଦିନମାନ ଭିତରେ ଅନ୍ତତଃ ଅଧଘଣ୍ଟାଏ ବହି ପଢୁଥିବା ବ୍ୟକ୍ତିମାନେ ଆୟୁକାଳ ପରିପ୍ରେକ୍ଷୀରେ ରହିଛନ୍ତି ଅଧିକ ସୁବିଧାଜନକ ସ୍ଥିତିରେ।

ଅବଶ୍ୟ ବହିପଢ଼ାର ଅଭ୍ୟାସକୁ ପ୍ରଭାବିତ କରିଥାଏ ଅନେକ କାରଣ। ଯେଉଁମାନଙ୍କ ପାଖରେ ଖାଇବା ପାଇଁ ପଇସା ନାହିଁ ସେମାନେ କଅଣ ବହି କିଣିବାରେ ପଇସା ବ୍ୟୟ କରିପାରିବେ? ଯେଉଁମାନଙ୍କର ଶିକ୍ଷାଦୀକ୍ଷା କମ୍ ସେମାନଙ୍କ କ୍ଷେତ୍ରରେ ବହିପଢ଼ାର ଅଭ୍ୟାସ କମ୍ ରହିବା ସ୍ୱାଭାବିକ କି ନାହିଁ? ତେବେ 'ବହି ପଢ଼ିବାର ଅଭ୍ୟାସ ଥିଲେ ଦୀର୍ଘାୟୁ ହେବାର ଆଶା ଅଧିକ' - ଏହି ପ୍ରକାରର ମନ୍ତବ୍ୟ ଯେ ଉପରଠାଉରିଆ ମନ୍ତବ୍ୟ ନୁହେଁ ବରଂ ଗବେଷଣା ଆଧାରିତ, ଏହା ପ୍ରଣିଧାନ ଯୋଗ୍ୟ।

**'ଅଭୀପ୍ସା' ସେକ୍ଟର-୬, ପ୍ଲଟ ନଂ- ୧୧୩୧,**
**ଅଭିନବ ବିଡ଼ାନାସୀ,କଟକ- ୭୫୩୦୧୪**
**ଦୂରଭାଷ : ୯୪୩୭୭୬୬୧୧୭**

# ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସ



**ଡ. ଶରଚ୍ଚନ୍ଦ୍ର ମହାପାତ୍ର**



ସାଂସାରିକ ଦୃଷ୍ଟିକୋଣରୁ ଗୋପବନ୍ଧୁଙ୍କ ଜୀବନକୁ ବିଚାରକୁ ନେଲେ ଆମେ ଦେଖିବା ଯେ ଜୀବନରେ ବହୁତ କିଛି ସେ ହରାଇ ଥିଲେ। ଜନ୍ମରୁ ଜନନୀଙ୍କୁ ହରାଇଥିଲେ, ଯୌବନରେ ପତ୍ନୀଙ୍କୁ ଏବଂ ଏକ ମାତ୍ର ପୁତ୍ରକୁ ହରାଇଥିଲେ। ବିଧାତା ଯେଉଁଭଳି ସବୁ ପ୍ରକାର ସାଂସାରିକ ବନ୍ଧନ ଛିନ୍ନ କରି ଦେଇଥିଲେ। ଯାହା ଫଳରେ ପରିବାର ବନ୍ଧନରୁ ମୁକ୍ତରହି ଦେଶବାସୀଙ୍କର ସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ବସ୍ତୁତଃ ସମଗ୍ର ଜୀବନ ତାଙ୍କର ସମର୍ପିତ ଥିଲା ଓଡିଶାବାସୀଙ୍କ ସେବାରେ। ସେ ଥିଲେ ଏକ ବହୁମୁଖୀ ବ୍ୟକ୍ତିତ୍ୱ। ଉତ୍ସର୍ଗୀକୃତ ସ୍ୱାଧୀନତା ସଂଗ୍ରାମୀ,ନିଃସ୍ୱାର୍ଥ ଜନସେବୀ, ନିର୍ଭୀକ ସାମ୍ବାଦିକ, ସମାଜ ସଂସ୍କାରକ,କବି ଓ ଦକ୍ଷ ବ୍ୟବସ୍ଥାପକ। ସେ ଥିଲେ କୋମଳପ୍ରାଣ, ଦରଦୀ ମଣିଷ। ଯାହାର ଆଖିରୁ ପରର ଦୁଃଖ ଦେଖିଲେ ଧାରଧାର ଅଶ୍ରୁ ଝରିପଡେ। ପୁନଶ୍ଚ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଜଣେ ଅଗ୍ରଣୀ ପୁରୋଧା।ଓଡିଶାରେ ସେ ଥିଲେ କଂଗ୍ରେସର ସ୍ଥାପୟିତା।

ଓଡିଶାର ଏହି ବରପୁତ୍ରଙ୍କର ଜନ୍ମ ଭାର୍ଗବୀନଦୀ କୂଳର ଏକ ପଲ୍ଲୀ ସୁଆଣ୍ଡୋରେ ୯.୧୦.୧୮୭୭ ମସିହାରେ ହୋଇଥିଲା। ପିତାଙ୍କର ନାମ ଦୈତ୍ୟାରି ଦାସ ଓ ମାଆଙ୍କ ନାମ ସ୍ୱର୍ଣ୍ଣମୟୀ ଦେବୀ। ଜନ୍ମର ଅଳ୍ପଦିନ ପରେ ସ୍ନେହମୟୀ ଜନନୀଙ୍କୁ ହରାଇଥିଲେ। ପରବର୍ତ୍ତୀ ଜୀବନରେ ଏ କଥା ଭାବି ତାଙ୍କର ଦରଦୀ ହୃଦୟ କାନ୍ଦି ଉଠିଛି। କାରଣ ସେ ଲେଖିଛନ୍ତି, 'ଦେଖିନାହିଁ ମୁହିଁ ମାତୃ ବଦନ,ପିଇନାହିଁ ଦିନେ ମାତୃ ସ୍ତନ'।
ନଦୀ ଭାର୍ଗବୀ କୂଳରେ ବସିଲେ ଯେଉଁଭଳି ମାଆର ସାନ୍ନିଧ୍ୟ ଲାଭ କରନ୍ତି।

ଜନନୀଙ୍କୁ ହରାଇଥିଲେ, ମାତ୍ର ମାଆର ସ୍ନେହ ପାଇଥିଲେ ପିଉସୀ ନାନୀ ବାଲ୍ୟବିଧବା କମଳାଦେବୀଙ୍କ ଠାରୁ । ଏହି ମହୀୟସୀ କମଳାଦେବୀଙ୍କର ସ୍ନେହ ମମତାର କୋମଳ ସ୍ପର୍ଶ ତାଙ୍କ ପ୍ରାଣରେ ପିଲାଦିନରୁ ସଞ୍ଚରିତ କରିଥିଲା ମମତାର ପୀୟୂଷଧାରା। ପୁନଶ୍ଚ ସେ ତାଙ୍କ ମନ ଓ ପ୍ରାଣରେ ସୃଷ୍ଟି କରିପାରିଥିଲେ ଭଗବତ୍ ପ୍ରୀତି ଓ ଆଧ୍ୟାତ୍ମିକତାର ଚେତନା। ଏହାରି ଫଳରେ ସେ ଜଣେ ଉଦାର, ସମ୍ବେଦନଶୀଳ ଓ ପରପ୍ରାଣ ମଣିଷ ହୋଇ ସଂସାରରେ ପ୍ରବେଶ କରିଥିଲେ।

ପ୍ରଥମେ ସୁଆଣ୍ଡୋ ପ୍ରାଥମିକ ସ୍କୁଲରେ ସେ ପଢିଥିଲେ। ଏହା ପରେ ରୂପଦେଇପୁର ମାଇନର ସ୍କୁଲରେ ପଢ଼ିଲେ। ତତ୍‌ପରେ ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କଲେ। ପିଲାଦିନରୁ ଗୋପବନ୍ଧୁଙ୍କର କବି ପ୍ରତିଭାର ଉନ୍ମେଷ ଘଟିଥିଲା। ଏଠାରେ ସେ ପଢ଼ିଲା ସମୟରେ ଓଡିଶାର ଦୁଇଟି ପତ୍ରିକା 'ଇନ୍ଦ୍ରଧନୁ' ଓ 'ବିଜୁଳି' ଯଥାକ୍ରମେ ଉପେନ୍ଦ୍ରଭଞ୍ଜ ଓ ରାଧାନାଥ ରାୟଙ୍କର ଗୁଣଗାନ କରି ପ୍ରକାଶିତ ହେଉଥିଲା। ଗୋପବନ୍ଧୁ ଉପେନ୍ଦ୍ରଭଞ୍ଜଙ୍କର ପ୍ରଶଂସକ ଥିଲେ। ଏଣୁ ରାଧାନାଥ ରାୟଙ୍କୁ ଲକ୍ଷ୍ୟ କରି ଏକ ବ୍ୟଙ୍ଗାତ୍ମକ କବିତା ଲେଖିଥିଲେ, ଯାହା ଇନ୍ଦ୍ରଧନୁରେ ପ୍ରକାଶ ପାଇଥିଲା ଯଥା-

'ଧଢ଼ିଆ ପଣ୍ଡିତଂ ମନ୍ୟ,
ବାଉରି ସାହିରେ ଶୃଗାଳ କେଶରୀ
ପରି ହେଉଥାନ୍ତି ଗଣ୍ୟ।'

ଏ କବିତାଟି ରାଧାନାଥଙ୍କ ଦୃଷ୍ଟିକୁ ଆସିଲା। ରାଧାନାଥ ଜାଣିପାରିଲେ ଯେ ପୁରୀଜିଲ୍ଲା ସ୍କୁଲର ଜଣେ ଛାତ୍ର ଏ କବିତା ଲେଖିଛି। ଯଦି ପିଲାଦିନରୁ ଏ ପିଲା ଏତେ ଦୁଷ୍ଟ ହେଲାଣି ତେବେ ଭବିଷ୍ୟତରେ କଅଣ ନ ହେବ। ରାଧାନାଥ ଥିଲେ ଶିକ୍ଷା ବିଭାଗର ପରିଦର୍ଶକ। ଏଣୁ ସ୍କୁଲରୁ ବାହାର କରିଦେବାର ଦଣ୍ଡ ତାଙ୍କୁ ମିଳିବା ଦରକାର। ତେବେ ପୁରୀ ସହରର କେତେକ ବିଶିଷ୍ଟ ବ୍ୟକ୍ତିଙ୍କର ହସ୍ତକ୍ଷେପ ଫଳରେ ଏଭଳି ଦଣ୍ଡ ଦିଆଗଲା ନାହିଁ। ମାତ୍ର ତାଙ୍କର ଛାତ୍ରବୃତ୍ତି କଟିଗଲା।

ଗୋପବନ୍ଧୁ ଛାତ୍ର ଜୀବନରୁ ଜନସେବାରେ ନିଜକୁ ଢାଳି ଦେଇଥିଲେ। ରଥଯାତ୍ରା ସମୟରେ ପୁରୀ ଓ ଏହାର ଆଖପାଖ ଅଞ୍ଚଳରେ ମହାମାରୀ ବ୍ୟାପି ଯାଉଥିଲା। ଏଣୁ ସ୍ୱେଚ୍ଛାସେବକ ବାହିନୀ ଗଠନ କରି ସେ ସେବା କାର୍ଯ୍ୟରେ ଲାଗି ପଡୁଥିଲେ।

୧୮୯୮ ମସିହାରେ କୃତିତ୍ୱର ସହିତ ମାଟ୍ରିକ ପାଶ୍ ପରେ ରେଭେନ୍‌ସା କଲେଜରେ ନାମ ଲେଖାଇଥିଲେ। ଏହି ରେଭେନ୍‌ସା କଲେଜରେ ପଢ଼ିବା ବେଳେ ସେ ଆଚାର୍ଯ୍ୟ ହରିହର ଓ ନୀଳକଣ୍ଠ ଦାସ ପ୍ରଭୃତିଙ୍କୁ ଗଭୀର ଭାବରେ ପ୍ରଭାବିତ କରିପାରିଥିଲେ। ନିଜର ଅନୁଭୂତି ବର୍ଣ୍ଣନା କରିବାକୁ ଯାଇ ନୀଳକଣ୍ଠ ତାଙ୍କ ଆତ୍ମଜୀବନୀରେ ଯାହା ଲେଖିଛନ୍ତି ତାହା ହେଉଛି ଯେ ଗୋପବନ୍ଧୁଙ୍କୁ ଦେଖା କରିବାକୁ ସେମାନେ ତାଙ୍କ ଗ୍ରାମ ସୁଆଣ୍ଡୋକୁ ଯାଇଥିଲେ। ଗୋପବନ୍ଧୁ ଘରେ ନଥିଲେ। ଗ୍ରାମ ପାଖ ଜାଗେଶ୍ୱରୀ ମନ୍ଦିର ଠାରେ ସପ୍ତାଙ୍ଗ କରୁଥାଆନ୍ତି। ଏହାର ଅର୍ଥ ସାତଦିନ ହବିଷ କରି ଜଗନ୍ନାଥ ଦାସଙ୍କ ଭାଗବତ ଆବୃତ୍ତି କରିବା। ଏମାନେ ଯାଇ ପହଞ୍ଚିଲେ।

ଭାଗବତ ପଢ଼ା ସରିଲା। ତାହାପରେ ଭୋଗ ସେବା କରାଗଲା। ଏହାପରେ ଭାର୍ଗବୀ ନଦୀ କୂଳରେ ଗୋପବନ୍ଧୁଙ୍କ ସହିତ ବରଗଛମୂଳରେ ଗୋଟିଏ ଚାଞ୍ଚ ଉପରେ ବସି ଗୋପବନ୍ଧୁଙ୍କର ଗଳ୍ପ ଶୁଣିବାରେ ଲାଗିଲେ। ପାଖ ଗ୍ରାମରେ ହଇଜା ଲାଗିଥାଏ। ଲୋକଙ୍କର ଶବପୋଡାର ଦୃଶ୍ୟ ଅଳ୍ପ ଦୂରରେ ଦିଶୁଥାଏ।ଏହି ଗଳ୍ପ ଭିତରେ ରାତି ପାହିଗଲା। ଗୋପବନ୍ଧୁ ଗଳ୍ପ ମାଧ୍ୟମରେ ଯୁବପ୍ରାଣଙ୍କୁ ତନ୍ମୟ କରି ଦିଅନ୍ତି। ତାଙ୍କର ଏ ଶକ୍ତି ଥିଲା। ଏମାନେ ଶପଥ ନେଲେ 'ଆମେ ପାଠ ପଢ଼ି ସରକାରୀ ଚାକିରି କରିବା ନାହିଁ। ଦେଶ ପାଇଁ କିଛି କରିବା। ଜନ୍ମ ବେଳେ ଦେଶକୁ ଯାହା ଦେଖିଥାଉ ତା ଠାରୁ ଉନ୍ନତ ଦେଖି ମରିବା।'

ଆଚାର୍ଯ୍ୟ ହରିହର ଦାସ, ଅନନ୍ତ ମିଶ୍ର, ନୀଳକଣ୍ଠ ଦାସ ପ୍ରଭୃତିଙ୍କ ସଙ୍ଗେ ଗୋପବନ୍ଧୁଙ୍କର ଆତ୍ମୀୟତା ବଢ଼ିଥିଲା ଓ ପରବର୍ତ୍ତୀ କାଳରେ ବିଭିନ୍ନ କ୍ଷେତ୍ରରେ ସେମାନେ ଏକାଠି ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ୧୯୦୪ ମସିହାରେ ସେ ରେଭେନ୍‌ସା କଲେଜରୁ ବି.ଏ. ପାଶ୍ କଲେ। ଗୋପବନ୍ଧୁ ଛାତ୍ର ଜୀବନରେ ଜନସେବା କାର୍ଯ୍ୟରେ ମଧ୍ୟ ଯୋଗ ଦେଇଥିଲେ। ୧୯୦୬ ମସିହାରେ ବ୍ରାହ୍ମଣୀ ଓ ଖରସୁଆଁ ନଈବଢ଼ି ସମୟରେ ବୁଲିବୁଲି ବିପନ୍ନ ଅଞ୍ଚଳରେ ସାହାଯ୍ୟ କାର୍ଯ୍ୟ କରୁଥିଲେ।

୧୯୦୬ ମସିହାରେ ଗୋପବନ୍ଧୁ ନୀଳଗିରି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ହେଲେ। ଆଚାର୍ଯ୍ୟ ହରିହର ତାଙ୍କର ସହକର୍ମୀ ଥାଆନ୍ତି। ଏହି ସମୟରେ ଦିନେ ରାତିରେ ଗୋଟିଏ ସ୍ୱପ୍ନ ଦେଖିଲେ ଯେ ତାଙ୍କର ସ୍ତ୍ରୀ ତାଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ସକାଳୁ ଉଠି ହରିହରଙ୍କୁ ଏକଥା କହିଲେ। ହରିହର ତାଙ୍କୁ ବୁଝାଇଦେଲେ ଯେ ସେ ଘରକଥା ଭାବୁ ଥିବାରୁ ଏଭଳି ଏକ ସ୍ୱପ୍ନ ଦେଖିଲେ। ତେବେ ସେଦିନ ଗୋପବନ୍ଧୁ ଦୁଇଟି ଟେଲିଗ୍ରାମ ପାଇଲେ। ଗୋଟିଏ ଥିଲା କଲିକତାରୁ ଓକିଲାତି ପାସ୍ ଖବର ଏ ଅନ୍ୟଟି ଥିଲା ତାଙ୍କର ପତ୍ନୀ ମୋତିଦେବୀଙ୍କର ପରଲୋକ।

୧୯୦୯ ମସିହାରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପରାମର୍ଶ କ୍ରମେ ମୟୂରଭଞ୍ଜ ରାଜ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ରଭଞ୍ଜଙ୍କର ଆଇନ ପରାମର୍ଶ ଦାତା ହେଲେ। ୧୯୧୨ ମସିହା ପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ। ସେ ସେଠାରେ ଗୋଟିଏ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ। ତେବେ ଏହି ସମୟରେ ଗୋଟିଏ ଦୁର୍ଘଟଣା ଘଟିଥିଲା। ମହାରାଜା ନିଜର ଶାଳକ ସହିତ ଜଙ୍ଗଲକୁ ଶୀକାର କରିବାକୁ ଯାଇଥିଲେ। ଭୁଲବଶତଃ ତାଙ୍କର ଶଳା ମହାରାଜାଙ୍କୁ ଦୂରରୁ ଦେଖି ଭାଲୁ ଭାବି ଗୁଳିବିଦ୍ଧ କରିଥିଲେ। ୧୯୧୨ ମସିହାରେ ଏହା ଘଟିଥିଲା। ମହଜାରାଜାଙ୍କ ମୃତ୍ୟୁ ହେଲା। ମହାରାଜାଙ୍କର ମୃତ୍ୟୁ ଓ ଅନ୍ୟାନ୍ୟ କାରଣରୁ ଗୋପବନ୍ଧୁ ସେ ସ୍ଥାନ ତ୍ୟାଗ କଲେ।

ଗୋପବନ୍ଧୁଙ୍କର ଜୀବନର ଲକ୍ଷ୍ୟ ଥିଲା ଏକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା। ସେହି ଉଦ୍ଦେଶ୍ୟ ରଖି ସେ ସାକ୍ଷିଗୋପାଳର ବନ ବିଦ୍ୟାଳୟ ନୀଳକଣ୍ଠ ଦାସଙ୍କ ସହିତ ମିଶି ସ୍ଥାପନ କରିଥିଲେ। ୧୯୦୯ ମସିହାରେ ଏମ.ଇ. ସ୍କୁଲ ପ୍ରତିଷ୍ଠା କଲେ। ପରେ ୧୯୧୨ ମସିହା ବେଳକୁ ଏହା ହାଇସ୍କୁଲରେ ପରିଣତ ହେଲା। ଗୋପବନ୍ଧୁଙ୍କର ଉଦ୍ଦେଶ୍ୟ ଥିଲା ଏହି ଅନୁଷ୍ଠାନ ଚରିତ୍ରବାନ୍ ଓ ଦେଶଭକ୍ତ ଛାତ୍ରଙ୍କୁ ସୃଷ୍ଟି କରିବ। ଏହି ଅନୁଷ୍ଠାନରେ ଯୋଗ୍ୟ ଓ ତ୍ୟାଗୀ ଶିକ୍ଷକମାନେ ଶିକ୍ଷାଦାନ କରୁଥିଲେ। ସେମାନେ ହେଲେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର, କୃପାସିନ୍ଧୁ ମିଶ୍ର ଓ ଲିଙ୍ଗରାଜ ମିଶ୍ର ପ୍ରଭୃତି। ଏମାନେ ଥିଲେ ଉଚ୍ଚଶିକ୍ଷିତ କିନ୍ତୁ ସରକାରୀ ଚାକିରିର ମୋହତ୍ୟାଗ କରି କମ ଦରମାରେ ଏଠାରେ କାର୍ଯ୍ୟ କରୁଥିଲେ। ବିଦ୍ୟାଳୟଟି ପ୍ରଥମେ ୧୯ ଜଣ ଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିଲା। କିନ୍ତୁ ଏହାର ଖ୍ୟାତି ଦିନକୁ ଦିନ ବଢିବାକୁ ଲାଗିଲା ଓ ପ୍ରାୟ ସାତଶହ ଛାତ୍ର ଏଥିରେ ଯୋଗଦେଲେ। ଏହି ଅନୁଷ୍ଠାନରେ ଜାତିଭେଦ ନଥିଲା। ସମସ୍ତେ ଏକା ପଂକ୍ତିରେ ବସି ଭୋଜନ କରୁଥିଲେ। ତେବେ କେହି ଜଣେ ରକ୍ଷଣଶୀଳ ଦୁର୍ବୃତ୍ତ ଏ ଅନୁଷ୍ଠାନର ଚାଳଘରେ ନିଆଁ ଲଗାଇଦେଲା। ଅନୁଷ୍ଠାନର ବୃହତ ଅଂଶ ପୋଡିଗଲା। ଲାଇବ୍ରେରୀର ବହୁତ ବହି ପୋଡିଗଲା। ଗୋପବନ୍ଧୁ ଏ ସମ୍ବାଦ ପାଇ ବାରିପଦାରୁ ଆସିଲେ। ସେ ଏଥିରେ ଭାଙ୍ଗିପଡି ନଥିଲେ। ସେ ସାହସ ଦେଇ କହିଲେ ଯେ ଚାଳଘର ପୋଡିଗଲା ସିନା ଏଠାରେ କୋଠାଘରଟିଏ ଗଢା ହେବ। ଏଥିପାଇଁ ସେ ଲାଗିପଡି ଥିଲେ। ଏ କ୍ଷେତ୍ରରେ ବହୁ ବଦାନ୍ୟବ୍ୟକ୍ତି ସାହାଯ୍ୟ କରିଥିଲେ। ପରିଶେଷରେ ଏକ ବିରାଟ କୋଠାଘର ଗଢ଼ି ଉଠିଲା। ଗୋପବନ୍ଧୁଙ୍କର ଧୈର୍ଯ୍ୟ ଓ ସାହସର ତୁଳନା ନାହିଁ।

ଏହି ଅନୁଷ୍ଠାନରେ ଶିକ୍ଷକମାନେ ଜଣେ ଜଣେ ସାରସ୍ୱତ ସାଧକ ଥିଲେ। ଗୋଦାବରୀଶ ଓ ନୀଳକଣ୍ଠଙ୍କ ରଚନା ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। କୃପାସିନ୍ଧୁ ଜଣେ ଐତିହାସିକ ଥିଲେ। ସତ୍ୟବାଦୀ ଅନୁଷ୍ଠାନରୁ ସାହିତ୍ୟଭିତ୍ତିକ ପତ୍ରିକା 'ସତ୍ୟବାଦୀ' ପ୍ରକାଶିତ ହେଉଥିଲା। ଏହି ସାରସ୍ୱତ ସାଧକଙ୍କର ସାହିତ୍ୟ ସମ୍ଭାର ସତ୍ୟବାଦୀ ଯୁଗର ଗୌରବ।

ଗୋପବନ୍ଧୁ ଦାସଙ୍କ ପ୍ରଚେଷ୍ଟାରେ 'ସମାଜ' ପତ୍ରିକା ପ୍ରକାଶିତ ହେଲା ୧୯୧୯ ମସିହାରେ। ପ୍ରଥମେ ଏହା ସାପ୍ତାହିକ ଥିଲା। ପରେ ଏହା ଦୈନିକ ହେଲା। ଏହାର ପରିଚାଳନା ଦାୟିତ୍ୱ ନେବା ପାଇଁ ସେ ରାଧାନାଥ ରଥଙ୍କୁ ଚାଇଁବସାରୁ ଆଣିଥିଲେ। ସେ ଜଙ୍ଗଲ ବିଭାଗରେ କାର୍ଯ୍ୟ କରୁଥିଲେ। ଗୋପବନ୍ଧୁ ତାଙ୍କ ଯୋଗ୍ୟତାରେ ମୁଗ୍ଧ ହୋଇ ତାଙ୍କୁ ସାକ୍ଷିଗୋପାଳ ଆଣିଲେ। ସମାଜର ଦିୟିତ୍ୱ ତାଙ୍କୁ ଅର୍ପଣ କଲେ। ରାଧାନାଥ ରଥଙ୍କ ପ୍ରଚେଷ୍ଟାରେ ଏହାର ଉତ୍ତରୋତ୍ତର ଉନ୍ନତି ଘଟିଲା। ୧୯୨୭ରେ ଏ ପ୍ରେସ୍ କଟକ ଉଠି ଆସିଲା।

ଗୋପବନ୍ଧୁ ଦାସ ସତ୍ୟବାଦୀରେ ଯେଉଁ ବନବିଦ୍ୟାଳୟ ଗଢିଥିଲେ ତାହାର ଖ୍ୟାତି ଦିନକୁ ଦିନ ବଢିବାକୁ ଲାଗିଲା। ଭାରତର ବହୁ ବିଶିଷ୍ଟ ବ୍ୟକ୍ତି ଏ ଅନୁଷ୍ଠାନ ଦେଖି ମୁଗ୍ଧ ହୋଇ ଏହାର ଉଚ୍ଚ ପ୍ରଶଂସା କରୁଥିଲେ। ଏଠାକୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ମହାତ୍ମାଗାନ୍ଧୀ, ସାର ଆଶୁତୋଷ ମୁଖାର୍ଜୀ, ବିହାର ଓଡିଶାର ଗଭର୍ଣ୍ଣର ଜେନେରାଲ ଏଡୁଆଟ୍ ଗେଟ୍, ମଧୁସୂଦନ ଦାସ, ଫକୀର ମୋହନ ସେନାପତି ପ୍ରଭୃତି। ଏ

ଅନୁଷ୍ଠାନକୁ ଦେଖି ମଧୁବାବୁ ଏତେ ଖୁସି ହୋଇ ଗଲେ ଯେ ସେ ଗୋପବନ୍ଧୁଙ୍କୁ କୁଣ୍ଢାଇ ପକାଇ କହିଲେ ଯେ, ଗୋପବନ୍ଧୁ ତୁମେ ନାଳନ୍ଦାଟାଏ ଗଢ଼ିଦେଲ ! ଗୋପବନ୍ଧୁ କହିଲେ, 'ମୁଁ ନୁହେଁ, ନୀଳକଣ୍ଠ' । କିନ୍ତୁ ଏ ଅନୁଷ୍ଠାନ ଦୀର୍ଘସ୍ଥାୟୀ ହୋଇ ପାରିନଥିଲା । ଗୋପବନ୍ଧୁ ଯେତେବେଳେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ ତାଙ୍କର ପ୍ରେରଣାରେ ତାଙ୍କର ସହକର୍ମୀମାନେ ମଧ ଯୋଗଦେଲେ । ଫଳରେ ଏ ଅନୁଷ୍ଠାନ ନିଜର ପ୍ରତିଷ୍ଠା ହରାଇଲା । ୧୯୨୬ ମସିହା ବେଳକୁ ଏହା ବନ୍ଦ ହୋଇଯାଇଥିଲା ।

୧୯୧୭ ରୁ ୧୯୨୦ ମସିହା ପର୍ଯ୍ୟନ୍ତ ଗୋପବନ୍ଧୁ ବିହାର-ଓଡ଼ିଶା କାଉନ୍‌ସିଲ୍‌ର ସଭ୍ୟ ଥିଲେ । ଏହି ସମୟରେ ଓଡ଼ିଶାର ଆର୍ଥିକ ଦୁର୍ଗତି, ଜନସାଧାରଣଙ୍କର ଶୋଚନୀୟ ଅବସ୍ଥା ବିଷୟ ନିଜର ବଳିଷ୍ଠ ଯୁକ୍ତି ମାଧ୍ୟମରେ ଉପସ୍ଥାପନ କରି ସରକାରଙ୍କର ଦୃଷ୍ଟି ଏଥିପ୍ରତି ଆକର୍ଷଣ କରିବାରେ ସେ ସମର୍ଥ ହୋଇଥିଲେ ।

ସେ ସମୟରେ ପୁରୀ ଅଞ୍ଚଳରେ ଭୀଷଣ ଦୁର୍ଭିକ୍ଷ ପଡ଼ିଥାଏ । ଏହାକୁ 'ଡାଭାର ଦୁର୍ଭିକ୍ଷ' ବୋଲି କୁହାଯାଏ । ଏହା ନଅଙ୍କ ଦୁର୍ଭିକ୍ଷ ଭଳି ଆତଙ୍କ ଖେଳାଇ ଦେଇଥିଲା । ବହୁଲୋକ ଏଥିରେ ମରି ଯାଇଥିଲେ । ଗୋପବନ୍ଧୁଙ୍କ ଅନୁରୋଧରେ ନିଜେ ଲାଟ୍ ସାହେବ ଏ ଅଞ୍ଚଳ ବୁଲି ଲୋକଙ୍କ ଦୁଃଖଦେଖି ମ୍ରିୟମାଣ ହୋଇପଡି କହିଥିଲେ, 'What ought to have been done has not been done' (ଯାହା କରିବାର ଥିଲା କରାଯାଇନାହିଁ) । ଗୋପବନ୍ଧୁ କାଉନସିଲ୍‌ରେ ଏ ପ୍ରସଙ୍ଗ ଉଠାଇଲା ବେଳେ କାନ୍ଦି ପକାଇଥିଲେ । ଲୋକମାନେ ଖାଉଥିବା ମୁଠି ଶାଗ ସେ ସେଠାରେ ଦେଖାଇ ସମସ୍ତଙ୍କ ଦୃଷ୍ଟି ଏଥିପ୍ରତି ଆକର୍ଷଣ କରିଥିଲେ ।

୧୯୨୦ ମସିହାରେ କଲିକତାରେ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ଅଧିବେଶନରେ ଗୋପବନ୍ଧୁ ଯୋଗଦେଲେ । ସେଠାରୁ ଫେରି ଓଡ଼ିଶାରେ କଂଗ୍ରେସ କମିଟି ଗଢ଼ି ନିଜେ ତାର ସଭାପତି ରହିଲେ ଓ ଶ୍ରୀ ଭାଗୀରଥି ମହାପାତ୍ରଙ୍କୁ ତାର ସାଧାରଣ ସମ୍ପାଦକ ରଖିଲେ । ୧୯୨୧ ମସିହାରେ ମହାତ୍ମାଗାନ୍ଧି ଗୋପବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଓଡ଼ିଶା ଆସିଥିଲେ । ମାର୍ଚ୍ଚ ୨୩ ତାରିଖ ଦୋଳପୂର୍ଣ୍ଣିମା ଦିନ କଟକର କାଠଯୋଡ଼ି ନଈ ବାଲିରେ ସଭା ହେଲା । ଏହି ସଭାରେ ଗୋପବନ୍ଧୁ ମହାତ୍ମାଗାନ୍ଧିଙ୍କ ହିନ୍ଦୀ ଭାଷଣକୁ ଓଡ଼ିଆରେ ଅନୁବାଦ କରି ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଦେଉଥିଲେ । ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ରାଧାନାଥ ରଥ, ହରେକୃଷ୍ଣ ମହତାବ ପ୍ରଭୃତି ଏ ସଭାରେ ଯୋଗଦେଇଥିଲେ । ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ । ସେ ୧୯୨୨ ରୁ ୧୯୨୪ ପର୍ଯ୍ୟନ୍ତ ହାଜାରିବାଗ ଜେଲରେ ବନ୍ଦୀ ଜୀବନ କାଟିଥିଲେ । ଗୋପବନ୍ଧୁ ଥିଲେ ଜଣେ ନିର୍ଭୀକ ସାମ୍ବାଦିକ । 'ସମାଜ' ଜନସାଧାରଣଙ୍କର ବିଭିନ୍ନ ସମସ୍ୟାକୁ ପ୍ରକାଶ କରି ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । ଅସହଯୋଗ ଆନ୍ଦୋଳନର ବାର୍ତ୍ତା ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇ ପାରୁଥିଲା । ଏଣୁ ବହୁ ସମୟରେ ଏହା ସରକାରଙ୍କର କୋପଦୃଷ୍ଟିର ଶରବ୍ୟ ହେଉଥିଲା । ଏଥିପାଇଁ ଗୋପବନ୍ଧୁ ଦାସ ଜେଲ ମଧ ଯାଇଥିଲେ । ୧୯୨୧ ମସିହାରେ 'ସତ୍ୟ ହୋଇଥିଲେ ସାଂଘାତିକ'ଶୀର୍ଷକ ସଂପାଦକୀୟରେ ବେଗୁନିଆ ଥାନା ପୁଲିସଙ୍କ ଆଚରଣର ସମାଲୋଚନ କରାଯାଇଥିବାରୁ ଗୋପବନ୍ଧୁଙ୍କ ନାମରେ ମୋକଦ୍ଦମା ହେଲା । ଜଣେ ନିଷ୍ଠାପର ଅସହଯୋଗୀ ଭାବରେ ସେ ମୋକଦ୍ଦମା ଲଢ଼ିଲେ ନାହିଁ । ହାଜତରେ ବିଚାରାଧୀନ କଏଦୀ ଭାବେ ତାଙ୍କୁ ମାସେ କାଳ ରହିବାକୁ ପଡ଼ିଲା । ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କର ବଡଭାଇ ଶ୍ରୀ ସୁରେଶ ଚନ୍ଦ୍ର ବୋଷ ଖୋର୍ଦ୍ଧାରେ ମାଜିଷ୍ଟ୍ରେଟ ଥିଲେ । ତାଙ୍କରି କୋର୍ଟରେ ବିଚାର ହେଲା । ଗୋପବନ୍ଧୁ ନିର୍ଦ୍ଦୋଷରେ ଖଲାସ ହେଲେ ।

୧୯୨୨ ମସିହାରେ କନିକାର ପ୍ରଜାମାନେ ଜମିଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ଆନ୍ଦୋଳନ କଲେ । କିନ୍ତୁ ସେମାନେ ପୁଲିସ୍ ଗୁଳିର ଶୀକାର ହେଲେ । ସେତେବେଳେ ସମାଜ ପୃଷ୍ଠାରେ 'ଦୁଃଖିନୀ କନିକା' ନାମରେ ଏହାର ବିବରଣୀ ପ୍ରକାଶ ପାଇଲା । ସମାଜ ବିରୁଦ୍ଧରେ ମୋକଦ୍ଦମା ହେଲା । ଗୋପବନ୍ଧୁ ଗିରଫ ହେଲେ । ତେବେ ମୋକଦ୍ଦମା ଯୋଗୁଁ ସତ୍ୟ ଘଟଣା ପ୍ରକାଶ ପାଇଯିବ ଏହା ବିଚାର କରି ସରକାର ମୋକଦ୍ଦମା ଉଠାଇ ଦେଲେ । ତେବେ ଅନ୍ୟ ଏକ ଅଭିଯୋଗରେ ଗୋପବନ୍ଧୁଙ୍କୁ ୧୯୨୨ ରେ ଗିରଫ କରାଯାଇ ବନ୍ଦୀ ଭାବେ ହାଜାରିବାଗ ଜେଲରେ ରଖାଗଲା । ଓଡ଼ିଶାର ଉନ୍ନତି ତାଙ୍କ ଜୀବନର ସ୍ୱପ୍ନ ଥିଲା । ସେ ଉତ୍କଳ ସମ୍ମିଳନୀ ସହିତ ମୂଳରୁ ଜଡ଼ିତ ଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ତାଙ୍କର ସ୍ୱପ୍ନ ଥିଲା । ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ପାଇଁ ସେ ଉଦ୍ୟମ କରୁଥିଲେ । ଚାଇଁବସା ଓ ଚକ୍ରଧରପୁରକୁ ବାରମ୍ବାର ଯାଉଥିଲେ । ଚକ୍ରଧରପୁରରେ ଗୋଟିଏ ହାଇସ୍କୁଲ ବସାଇ ଗୋଦାବରୀଶ ମିଶ୍ରଙ୍କୁ ପ୍ରଧାନ ଶିକ୍ଷକ କରିଥିଲେ । ଦୁର୍ଭାଗ୍ୟର ବିଷୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସେ ଦେଖିପାରି ନଥିଲେ । ୧୯୨୮ ମସିହାରେ ସେ ଏ ସଂସାରରୁ ବିଦାୟ ନେଇଥିଲେ ।

ଗୋପବନ୍ଧୁ ଦାସଙ୍କର ଜନସେବା ତାଙ୍କୁ ଚିର ଅମର କରିପାରିଛି । ବନ୍ୟା, ବାତ୍ୟା, ମହାମାରୀ, ଘରପୋଡ଼ି ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦେବଦୂତ ଭଳି ସେ ଲୋକମାନଙ୍କ ପାଖରେ ପହଞ୍ଚି ଯାଉଥିଲେ । ବନ୍ୟା ସମୟରେ ନୌକା ଉପରେ ବସି ଯାଇ ଥାଆନ୍ତି । ମୁଣ୍ଡରେ ଗାମୁଛାଟିଏ ଥାଏ । ବେଳେବେଳେ ପ୍ରବଳ ବର୍ଷା ହେଉଥାଏ । ସେଥିକି ଖାତିରି ନାହିଁ । ମାଇଲ ମାଇଲ ବାଟ ପାଦରେ ଚାଲୁ ଥାଆନ୍ତି । ରାତି ହେଲେ କାହା ଦୁଆରେ ଚାଞ୍ଚଟିଏ ପକାଇ ଶୋଇ ପଡୁଥାଆନ୍ତି । ଖାଦ୍ୟ କହିଲେ ଚୁଡ଼ା ଓ ଗୁଡ଼ରେ ତାଙ୍କର ଚଳିଯାଏ । ମଶା ଡାଉଁଶଙ୍କ ଉପଦ୍ରବ ସମ୍ଭାଳୁ ଥାଆନ୍ତି । ପର ଦୁଃଖ ଦେଖିଲେ ଆଖିରୁ ଧାର ଧାର ଲୁହ ବହିଯାଏ ।

ସେ ଥିଲେ କବିପ୍ରାଣ । ଜାତୀୟ ଆନ୍ଦୋଳନରେ ଯୋଗଦେଇ ଓ ସମାଜ ସେବାରେ ବ୍ୟସ୍ତ ରହି ସାରସ୍ୱତ ସାଧନା କ୍ଷେତ୍ରରେ ଅଧିକ ସମୟ ଦେଇ ପାରିନଥିଲେ । ତେବେ ସେ ଅନନ୍ୟ କବି ପ୍ରତିଭାର ଅଧିକାରୀ ଥିଲେ । ତାଙ୍କର ସାରସ୍ୱତ ସମ୍ଭାର ଗୁଡ଼ିକ-

୧) ଅବକାଶ ଚିନ୍ତା ୨) କାରା କବିତା

୩) ବନ୍ଦୀର ଆତ୍ମକଥା　　୪) ଧର୍ମପଦ
୫) ନଚିକେତା ଉପାଖ୍ୟାନ　　୬) ଗୋମାହାତ୍ମ୍ୟ

ଉତ୍କଳ ଭାରତୀଙ୍କ ସାରସ୍ୱତ ଭଣ୍ଡାରର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ରତ୍ନ। ଗୋପବନ୍ଧୁଙ୍କ କବିତାର ବହୁ ପଂକ୍ତି ସ୍ୱତଃସ୍ଫୁର୍ତ୍ତ ଭାବେ ମୁଖରୁ ବାହାରି ଥାଏ।

ଓଡିଶାର ଜନସାଧାରଣଙ୍କ ସେବା ଓ ଜାତୀୟ ଆନ୍ଦୋଳନର ସଂଘର୍ଷମୟ ଜୀବନର ଭାର ସେ ସମ୍ଭାଳି ପାରିଲେ ନାହିଁ। ଅତ୍ୟଧିକ ପରିଶ୍ରମ ଫଳରେ ଶରୀର ଦୁର୍ବଳ ହୋଇ ପଡିଲା। ଲାହୋର ଅଧିବେଶନରୁ ଫେରିଲା ପରେ ଜ୍ୱର ଆରମ୍ଭ ହେଲା। ସେ ଟାଇଫଏଡ୍‌ରେ ମାସାଧିକ କାଳ ପଡିଲେ। ତେବେ ଚିକିତ୍ସା ଫଳରେ ଦେହ ଭଲ ହେଲା। କିନ୍ତୁ ସେ ଯଦି ପୂର୍ଣ୍ଣ ବିଶ୍ରାମ ନେଇଥାଆନ୍ତେ ତେବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥାଆନ୍ତେ। ମାତ୍ର ଏହି ସମୟରେ କଲିକତାରେ ଶ୍ରମିକ ସଂଗଠନ କାମରେ ତାଙ୍କୁ ଯିବାକୁ ପଡିଲା। ଏଠାରେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ସଂଗଠନ କାର୍ଯ୍ୟରେ ବ୍ୟସ୍ତ ରହିଲେ। ଜ୍ୱର ଲେଉଟିଲା। ସାକ୍ଷିଗୋପାଳ ଫେରି ଆସିଲେ। ମାତ୍ର ଦେହ ଆଉ ଭଲ ହେଲା ନାହିଁ।

୧୯୨୮ ମସିହା ଜୁନ ମାସ ୧୭ ତାରିଖ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନେତ୍ର ଉତ୍ସବ ଦିନ ସେ ଧରାଧାମରୁ ବିଦାୟ ନେଲେ। ତେବେ ମୃତ୍ୟୁର ଅଳ୍ପ ସମୟ ପୂର୍ବରୁ ତାଙ୍କ ଶେଷ ଇଚ୍ଛାପତ୍ରରେ ସମାଜ ଓ ସତ୍ୟବାଦୀ ପ୍ରେସକୁ ଲୋକ ସେବକ ମଣ୍ଡଳ ନାମରେ ଉଇଲ୍ କରିଦେଲେ।

ପୁଣ୍ୟଶ୍ଳୋକ ଗୋପବନ୍ଧୁ ପ୍ରାତଃ ସ୍ମରଣୀୟ ମହାପୁରୁଷ। ତାଙ୍କର ସମଗ୍ର ଜୀବନ ଦେଶ ଓ ଜାତିପ୍ରତି ସମର୍ପିତ ଥିଲା। ସେ ଚିର ନମସ୍ୟ। ତାଙ୍କରି ଉକ୍ତି ତାଙ୍କରି କ୍ଷେତ୍ରରେ ପ୍ରଯୁଜ୍ୟ। ଯଥା-

'ମାନବ ଜୀବନ ନୁହଇ କେବଳ ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ।'

**ମଙ୍ଗଳାନଗର, ଖୋର୍ଦ୍ଧା**
**ଦୂରଭାଷ :୮୮୯୫୫୯୬୬୭୫**

## ମୃତ୍ୟୁର ଖେଳ ବ୍ଲୁ ହ୍ୱେଲ

ଏହା ଏକ ସୋସିଆଲ ମେଡିଆରେ ଖେଳାଯାଉଥିବା ଗେମ୍। ସଦସ୍ୟ ଭାବରେ ଏହି ଗେମରେ ଯୋଗଦେଲେ,କିଛି ଟାସ୍କ କରବାକୁ ପଡିବ।ପରବର୍ତ୍ତି ୫୦ ଦିନ ପାଇଁ ଏହା କରିବାକୁ ହେବ।ପିଲାମାନେ ନିଜର ହାତକୁ କାଟି ଏକ ହ୍ୱେଲ୍‌ର ଚିତ୍ର ଆଙ୍କିବେ।ରାତିର ଶୋଇଗଲାପରେ ଘରୁ ବାହାରି ଏକା ଚାଲିବେ।ଶେଷରେ ନିଜକୁ ଆଘାତ କରି ଆତ୍ମହତ୍ୟା କରିବାକୁ ଉତ୍ସୁକାଯିବ। ୪୯ ଦିନ ଖେଳି ସାରିବା ପରେ ୫୦ ଦିନ ତାକୁ ଅଘଟଣର ସମ୍ମୁଖୀନ ହେବାକୁ ପଡ଼ିବ। ପିଲାକୁ ଜେରା ନକରି ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା କରନ୍ତୁ। ପିଲା ବ୍ୟବହାର କରୁଥିବା ଅନଲାଇନ ସାଇଟସ ଉପରେ ନଜର ରଖିବା ସହ ସୁରକ୍ଷିତ ଅନଲାଇନର ବ୍ୟବହାର ଉପରେ ପିଲାଙ୍କୁ ବୁଝାନ୍ତୁ।

# ଚଳନ୍ତି ଠାକୁର

**ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା**

ଚଳନ୍ତି ଠାକୁର ତୁମେ ପିତାମାତା
　　ଜୀବନ ନାଟକ କରିଛ ସାର୍ଥକ...
ନଇଁଯାଏ ମୋର ମଥା
　　ଚଳନ୍ତି ଠାକୁର.... ||୦||

ହାତଧରି ତୁମେ ବାଟ ଦେଖାଇଲ
　　ଅସରନ୍ତି ଗେହ୍ଲାକରି,
ସୁଖଶାନ୍ତି ଆଉ ସେନେହ ମମତା
　　ଦେଲ ଏ ଜୀବନେଭରି;
ଶିଖାଇଲ କଥା ଉଚ୍ଚ କଲ ମଥା....
　　ତୁମେ ମୋ ଭାଗ୍ୟବିଧାତା
ଚଳନ୍ତି ଠାକୁର...... ||୧||

ଦୁଃଖ କଷ୍ଟ ସହି ମୋର ଖୁସି ପାଇଁ
　　କଲ କେତେ ଓଷାବ୍ରତ,
ସଂଜ ସକାଳରେ ମୁଣ୍ଡିଆଟେ ମାରି
　　ଡ଼ାକିଲ ହେ ଜଗନ୍ନାଥ;
ମାଗିଲ କରୁଣା ନକରିଲ ଊଣା.....
　　ଏହା ତୁମ ମହାନତା
ଚଳନ୍ତି ଠାକୁର..... ||୨||

ତୁମେ ପିତାମାତା ଚଳନ୍ତି ଠାକୁର
　　ନାହିଁ କେ ତୁମ ତୁଳନା,
ତୁଚ୍ଛ ବୋଲି ଥରେ ଭାବିନାହଁ କେବେ
　　ଗଢ଼ିଛ ସହି ଯାତନା;
ଆଜି ତୁମପାଇଁ ଦୁନିଆରେ ମୁହିଁ....
　　ହୋଇଛି ଜଗତଜିତା
ଚଳନ୍ତି ଠାକୁର..... ||୩||

**ପ୍ରଧାନଶିକ୍ଷକ**
**ଦଣ୍ଡେଇ ଶବର ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ**
**ହଳଦିଆ, ଖୋର୍ଦ୍ଧା**
**ଦୂରଭାଷ : ୯୬୬୮୮୪୨୩୯୬**



# ଗୁରୁ ସାକ୍ଷାତ ପରମବ୍ରହ୍ମ

**ନିଶିକାନ୍ତ କହଲସିଂହ**

ମୁଁ ନିଷାଦଗଣ ମୁଖ୍ୟ ହିରଣ୍ୟଧନୁ ତନୟ; ଭରଦ୍ୱାଜ ସୁତ-ଦ୍ରୋଣାଚାର୍ଯ୍ୟ ଶିଷ୍ୟ ଏକଲବ୍ୟ। ମୋ' ଗୁରୁ ମୋ' ପାଇଁ ସର୍ବାତୀତ ପୁରୁଷ। ତାଙ୍କ ସହିତ ମୋର ସଂପର୍କ ଯୁଗଯୁଗ ଧରି ଯୋଡ଼ି ହୋଇରହିଛି ଏବଂ ଯାବଚ୍ଚନ୍ଦ୍ରାର୍କ ଯୋଡ଼ିହୋଇ ରହିଥିବ ମଧ୍ୟ। ଯେବେଯେବେ ଗୁରୁଶିଷ୍ୟ ସଂପର୍କରେ କଥାଉଠେ, ଛାଏଁ ଛାଏଁ ମୋ ନାଁ ଆସିଯାଏ ମୋ' ଗୁରୁଙ୍କ ସହିତ। ହେଲେ ମୋତେ ନେଇ ମୋ' ଗୁରୁଙ୍କ ପ୍ରତି ଏ ସମାଜର ନକାରାତ୍ମକ ଭାବନା ମୋ' ଶରୀରରେ ଗଭୀର କ୍ଷତ ସୃଷ୍ଟିକରେ ଏବେ ବି। ଏ ଦୁନିଆ ଜାଣୁ କି ନଜାଣୁ ମୁଁ କିନ୍ତୁ ଜାଣିଛି ମୋ ଗୁରୁଦେବ ଦ୍ରୋଣାଚାର୍ଯ୍ୟଙ୍କୁ ଭାଲଭାବରେ। ତାଙ୍କ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା ସହିତ ଅବଗତ ମୁଁ।

ଦୁଇଟି ନିଆଁର ଦୁନିଆ ଭିତରେ ଗୋଟିଏ ନିଆଁ ଆସିନାହିଁ ମୋ' ଗୁରୁଦେବଙ୍କ ଜୀବନରେ। ତାହା ହେଲା ଜନ୍ମକାଳର ଏନ୍ତୁଡ଼ି ନିଆଁ। କିନ୍ତୁ ଜୀବନ ତମାମ ସେ ଜଳିଛନ୍ତି ଡ଼ହଡ଼ହ ନିଆଁରେ ଯେଉଁ ନିଆଁକୁ ନା' ସେ ନିଜେ ଦେଖିପାରିଛନ୍ତି ନା' କାହାକୁ ଦେଖାଇପାରିଛନ୍ତି। ଜନ୍ମ ହେବା ଦିନୁ ମା' କ୍ଷୀର ତାଙ୍କ ତୁଣ୍ଡ ଛୁଇଁନାହିଁ। ମାଆର ପରିଚୟ କାହା ଆଗରେ ଦେବା ତାଙ୍କ ଭାଗ୍ୟରେ ଜୁଟିନାହିଁ। ଗୁରୁଙ୍କ ପିତା ମହର୍ଷି ଭରଦ୍ୱାଜ ଏକଦା ଗଙ୍ଗାସ୍ନାନ କରୁଥିବା ସମୟରେ ତାଙ୍କର ଦୃଷ୍ଟି ଆକର୍ଷଣ କଲେ ପରମା ସୁନ୍ଦରୀ ସ୍ୱର୍ଗର ଅପ୍ସରା ଘୃଣାଚୀ। ସହଚରୀମାନଙ୍କ ସହ ତାଙ୍କର ଜଳକ୍ରୀଡ଼ା ମହର୍ଷିଙ୍କୁ ଦୁର୍ବଳାମନା କରିଦେଇଥିଲା। ସେ ଆକର୍ଷିତ ହେଲେ ଘୃଣାଚୀଙ୍କ ପ୍ରତି ବାନ୍ଧି ହୋଇଗଲେ ପ୍ରେମର ବନ୍ଧନରେ। ଅନେକ ଦିନ ଅନେକ ରାତି ବିତାଇଛନ୍ତି ଦୁହେଁ ପରସ୍ପର ନିକଟରେ ସମର୍ପିତ ହୋଇ। ଦୁହିଁଙ୍କ ପ୍ରେମର ସନ୍ତକ ହୋଇ ସଂସାରକୁ ଆସିଥିଲେ ଗୁରୁଦ୍ରୋଣ। ବିଡ଼ମ୍ବନାର କଥାହେଲା ସ୍ୱର୍ଗର ଅପ୍ସରାମାନେ କେବେ କାହାର ମା' ହୋଇପାରନ୍ତିନି କି ହେବାକୁ ଚାହାଁନ୍ତିନି। କେବଳ ଅନ୍ୟଙ୍କୁ କାମନାର ନିଆଁରେ ଜଳାଇବା ଜାଣନ୍ତି ସେମାନେ ଏହି ନ୍ୟାୟରେ ଜନ୍ମକରି ନବଜାତ ସନ୍ତାନକୁ ଭରଦ୍ୱାଜଙ୍କ ଯଜ୍ଞକଳସ ମଧ୍ୟରେ ରଖି ସ୍ୱର୍ଗକନ୍ୟା ଘୃଣାଚୀ ଚାଲିଗଲେ ସ୍ୱର୍ଗପୁର। ଏଇଠୁ ଆରମ୍ଭ ହୁଏ ଗୁରୁଦେବଙ୍କ ଜଳିବାର ଦିନ।

ଜୀବନର ଆରମ୍ଭରୁ ମୋ' ଗୁରୁଙ୍କ ଜଳିବାକୁ ହୋଇଛି ଦାରିଦ୍ର୍ୟର ନିଆଁରେ। ସମୟର ଆହ୍ୱାନରେ ବଡ଼ହୋଇ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି କୁରୁ କୁଳଗୁରୁ କୃପାଚାର୍ଯ୍ୟଙ୍କ ଭଗ୍ନୀ କୃପିଙ୍କ ସହିତ। ଜନକ ହୋଇଛନ୍ତି ଏକ ପୁତ୍ର ସନ୍ତାନର, ଯାହାର ନାମ ଅଶ୍ୱତ୍ଥାମା। ଏହାପରେ ତାଙ୍କ ଜ୍ୱଳନର ମାତ୍ରା ତୀବ୍ରରୁ ତୀବ୍ରତର ହୋଇଛି ଜନ୍ମରୁ ଏକ ଶିଶୁର ସର୍ବନିମ୍ନ ଆବଶ୍ୟକତା ପାଇପାରିନଥିବା ମୋ' ଗୁରୁ ନିଜ ପୁତ୍ରର ସର୍ବନିମ୍ନ ଆବଶ୍ୟକତାକୁ ନିଜେ ପିତା ହେବାପରେ ପୂରଣ କରିବାକୁ ଅସମର୍ଥ ହୋଇଛନ୍ତି। କୃପୀଙ୍କ ସ୍ତନ୍ୟଗ୍ରନ୍ଥୀ ଥିଲା ଶୁଷ୍କ। ଗୋ ଦୁଗ୍ଧ କିଣିବାକୁ ଧନ ନାହିଁ ପାଖରେ। କ୍ଷୀର ଟିକେ ପାଇଁ ଆଉଟୁ ପାଉଟୁ ହେଉଛି ଶିଶୁପୁତ୍ର। କ'ଣ ବା କରିପାରିଥାନ୍ତେ ମୋ' ଗୁରୁ? ଜଳ ଓ ତଣ୍ଡୁଳଚୂର୍ଣ୍ଣର ମିଶ୍ରଣକୁ ଗୋଦୁଗ୍ଧ ମଣି ଭଣ୍ଡାଇଛନ୍ତି ନିଜକୁ ଓ ନିଜପୁତ୍ରକୁ। ଏଥିପାଇଁ ବାରମ୍ବାର ଧିକ୍କାର କରିଛନ୍ତି ନିଜ ଦାରିଦ୍ର୍ୟକୁ ..... ନିଜ ପିତୃତ୍ୱକୁ .....।

ମୋ' ଗୁରୁ ସମାଜ ଆଖିରେ ନିନ୍ଦିତ ହୋଇଛନ୍ତି ମୋତେ ନେଇ। ମୁଁ ଜାଣେ ସଂସାରରେ ଶିଷ୍ୟ ଅଧମ ହୋଇପାରେ କିନ୍ତୁ ଗୁରୁ ଅଧମ ନୁହଁନ୍ତି। ଏକ ଶବର ସନ୍ତାନ ହୋଇଥିବା କାରଣରୁ ମୁଁ ଗୁରୁକୁଳରେ ବିଦ୍ୟାଧ୍ୟୟନର ସୁଯୋଗ ପାଇନଥିଲି। ଏଥିରେ ମୋ' ଗୁରୁଙ୍କର ଦୋଷ ରହିଲା କେଉଁଠି? ଏ ନିୟମ ତ ସେ ପ୍ରଣୟନ କରିନଥିଲେ। ସେ ଥିଲେ ରାଜାଙ୍କ ବେତନ ଭୋଗୀ କର୍ମଚାରୀ। ରାଜା ପ୍ରଣୟନ କରିଥିବା ନିୟମକୁ ପାଳନ କରିବା ଥିଲା ତାଙ୍କର ଧର୍ମ। ରାଜପୁତ୍ରମାନଙ୍କ ପାଠଶାଳାରେ ରାଜପୁତ୍ରମାନେହିଁ ଅଧ୍ୟୟନ କରିପାରିବେ। ଏହା ତ ଥିଲା ସେହି ଗୁରୁକୁଳର ବ୍ୟବସ୍ଥା। ମୋ' ଗୁରୁ କିପରି ବା ମୋତେ ସେଠାରେ ଶସ୍ତ୍ର ବିଦ୍ୟା ଶିକ୍ଷା ଦେଇପାରିଥାଆନ୍ତେ? ଏହା ତାଙ୍କର ନିଜସ୍ୱ ପାଠଶାଳା ନଥିଲା। ଏଣୁ ଏକଥା କିଏ ବୁଝୁ ବା ନବୁଝୁ ମୁଁ ଏକଥା ବୁଝିସାରିଛି ଯେ ସେ ଜଣେ ସଚ୍ଚା ରାଜକର୍ମଚାରୀ ଥିଲେ ଏବଂ ସଠିକ୍ ଭାବେ ନିଜର ଦାୟିତ୍ୱକୁ ସେ ନିର୍ବାହ କରିଛନ୍ତି। ଦ୍ୱିତୀୟ କଥାଟି ହେଲା ମୋ' ଗୁରୁ ଦକ୍ଷିଣା ସ୍ୱରୂପ ମୋର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି ମାଗି ନେଇଛନ୍ତି। ଏଥିପାଇଁ ସମାଜ ତାଙ୍କ ଆଡ଼କୁ ଆଙ୍ଗୁଳି ଦେଖାଇ କହିଛି ଯେ, ଅର୍ଜୁନକୁ ଦୁନିଆରେ ଶ୍ରେଷ୍ଠ କରିବା ପାଇଁ ଏହା ତାଙ୍କର ଏକ କପଟ ଆଚରଣ ଥିଲା। କିନ୍ତୁ ଏହାକୁ ମୁଁ କିପରି ମାନିବି? ମୁଁ ତ ଏତିକି ଅନୁଭବ କରିଛି ଯେ ମୋ' ଶ୍ରେଷ୍ଠତ୍ୱକୁ ସଂସାରରେ ପ୍ରଚାର କରିବା ପାଇଁ ସେ ଏପରି କରିଥିଲେ। ଯେଉଁ ମୁହୂର୍ତ୍ତରେ ମୁଁ କାଟି ଦେଇଥିଲି ମୋର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି, ସେଇ ମୁହୂର୍ତ୍ତରୁ ମୋ' ଗୁରୁ ପିନ୍ଧିଲେ ନିନ୍ଦାର କଳଙ୍କ ଟୀକା ଆଉ ମୁଁ ପିନ୍ଧିଲି ଶ୍ରେଷ୍ଠ ଗୁରୁଭକ୍ତ ଶିଷ୍ୟର ମୁକୁଟ। ଏକଥା କିଏ ମାନୁ କି ନମାନୁ ମୁଁ ଯେ ଅର୍ଜୁନ ଠାରୁ ଧନୁର୍ବିଦ୍ୟାରେ ଶ୍ରେଷ୍ଠ ହୋଇପାରିଥାନ୍ତି, ତା'ର କୌଣସି ନିଶ୍ଚିତତା ନଥିଲା। କାରଣ ମୁଁ ଧନୁ ଚାଳନାରେ ଦକ୍ଷ ଥିଲେ ବି ସେ ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଯାହା ମୁଁ ତାଙ୍କ ପ୍ରଥମ ଦର୍ଶନରେ ଅନୁଭବ କରିଛି। ବାଲ୍ୟକାଳରେ ବାଉଁଶ ନିର୍ମିତ ଏକ ଧନୁରେ ତୀର ସଂଯୋଗ କରି ମୁଁ ଅନୁଧାବନ କରୁଥିଲି ଏକ ସଂତ୍ରସ୍ତ ଶଶକର। ମୋ' ଅଜାଣତରେ ମୁଁ ଓ ଶଶକ ପହଞ୍ଚିଗଲୁ ବାରଣାବତରେ ଯେଉଁଠି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଠାରୁ ଶସ୍ତ୍ର ଶିକ୍ଷା କରୁଥା'ନ୍ତି ଏକଶତ ପାଞ୍ଚ ରାଜପୁତ୍ର ଓ ଜଣେ ବ୍ରାହ୍ମଣ ପୁତ୍ର। ସେମାନଙ୍କୁ ଦେଖି ମୁଁ ନିଜକୁ ଲୁଚାଇବାକୁ ସମର୍ଥ ହେଲି ଗହଳିଆ ଲତାକୁଂଜ ଭିତରେ। ବିଚରା ଶଶକ ଶହେ ଛ' ତେଜୋଦୀପ୍ତ ବୀର ବାଳକଙ୍କ ହାତରେ ଧନୁ-ତୀର ଦେଖି ଭୟରେ ସେଇ ଲତାକୁଂଜ ଭିତରକୁ ପଶିଆସିଲା ଆଉ ମୋତେ ହିଁ ତା'ର ରକ୍ଷାକର୍ତ୍ତା ଆଉ ମୋ'ରି କୋଳକୁହିଁ ତା'ର ନିରାପଦ

ଆଶ୍ରୟସ୍ଥଳ ମନେ କରିଥିଲା। ମୁଁ ବି ବାଳ ଚପଳତା ଭୁଲି ତାକୁ କୋଳକୁ ଉଠେଇ ନେଲି। ଗହଳିଆ ଲତାକୁଂଜ ଭିତରକୁ ସୂର୍ଯ୍ୟକିରଣ ପ୍ରବେଶ କରିପାରୁନଥିଲା କିନ୍ତୁ ଦିବ୍ୟଦ୍ରଷ୍ଟା ଆଚାର୍ଯ୍ୟ ଦ୍ରୋଣ ଆଦେଶ ଦେଲେ ରାଜକୁମାର ଅର୍ଜୁନଙ୍କୁ- "ଗହଳିଆ ଲତାକୁଂଜ ମଧ୍ୟରେ କେଉଁ ଏକ ସ୍ଥାନରେ ଲୁଚିଛି ଏକ ବାଳକ। କୋଳରେ ତା'ର ଶଶକ। ତୁମେ ଶର ସନ୍ଧାନ କର ଯେପରିକି ଶର ମୁନ ଶଶକର ଦକ୍ଷିଣ ଚକ୍ଷୁକୁ ସ୍ପର୍ଶ କରି ତୁମ ନିକଟକୁ ଫେରି ଆସିବ। ଏଥିରେ ଶଶକର କୌଣସି କ୍ଷତି ନହେବା ଦରକାର।" ସଦର୍ପରେ ବୀର ଅର୍ଜୁନ ଶର ସନ୍ଧାନ କଲେ, ଶର ଶଶକର ଦକ୍ଷିଣ ଚକ୍ଷୁକୁ ସ୍ପର୍ଶକରି ଫେରିଗଲା। ଲକ୍ଷ୍ୟର ଅବସ୍ଥିତି ନଜାଣି ଲକ୍ଷ୍ୟଭେଦ କରିବାର କଳା ସଂପର୍କରେ ଏଯାବତ ମୁଁ ଅଜ୍ଞ, କିନ୍ତୁ ଅର୍ଜୁନ ପ୍ରାପ୍ତ ହୋଇଥିଲେ ବାଲ୍ୟ କାଳରୁ। ଏହାଛଡ଼ା ଜୀବନକାଳ ଭିତରେ ସେ ହୋଇପାରିଥିଲେ ଅନେକ ଦିବ୍ୟାସ୍ତ୍ରର ଅଧିକାରୀ ଯାହାକି ଦେବତାମାନଙ୍କୁ ଦୁର୍ଲଭ। ଏଣୁ ମୁଁ ଆଚାର୍ଯ୍ୟ ଦ୍ରୋଣଙ୍କର ଶ୍ରେଷ୍ଠ ଧନୁର୍ଦ୍ଧର ଶିଷ୍ୟ ହୋଇପାରିଥାନ୍ତି କି ନା' ସନ୍ଦେହ, କିନ୍ତୁ ମୋତେ ଗୁରୁ ଦକ୍ଷିଣା ମାଗି ଆଚାର୍ଯ୍ୟ ଦ୍ରୋଣ ଏଭଳି ଶ୍ରେଷ୍ଠତ୍ୱ ଦେଲେ ଯେ ଗୁରୁ- ଶିଷ୍ୟ ସଂପର୍କର କଥା ଉଠିଲେ ଦ୍ରୋଣ ନାମ ସହିତ ଅର୍ଜୁନ ପୂର୍ବରୁ ମୋ ନାମ ଆସିଯାଏ।

ମୋ' ଗୁରୁଙ୍କ ନାଁରେ ଅନ୍ୟ ଏକ ଅଭିଯୋଗ ଆସେ ଯେ ଅଧିରଥ ପୁତ୍ର କର୍ଣ୍ଣଙ୍କୁ ଅର୍ଜୁନ ଠାରୁ ଶ୍ରେଷ୍ଠ ନକରାଇ ଦେବାପାଇଁ ତାଙ୍କୁ ଶିଷ୍ୟ ଭାବେ ଗ୍ରହଣ କରିନଥିଲେ। ହେଲେ ..... ଏ କେମିତିକା କଥା? କର୍ଣ୍ଣ ତ ମୋ' ଗୁରୁଙ୍କ ଠାରୁ ଅଧିକ ଦକ୍ଷ ଗୁରୁ ପାଇଥିଲେ। ସଂସାରର ସର୍ବଶ୍ରେଷ୍ଠ ଶସ୍ତ୍ରଗୁରୁ ପର୍ଶୁରାମଙ୍କ ଠାରୁ ଶିକ୍ଷା କରିଥିଲେ ଶସ୍ତ୍ର ବିଦ୍ୟା। ଏଭଳି ଗୁରୁଙ୍କ ଠାରୁ ଶିକ୍ଷାଲାଭ କରି ଜୀବନକାଳ ଭିତରେ ଅର୍ଜୁନଙ୍କୁ କେତେଥର ବା ପରାସ୍ତ କରିବାର ସୁଯୋଗ ପାଇଛନ୍ତି। ଚିତ୍ରସେନ ଗନ୍ଧର୍ବ ଦୁର୍ଯ୍ୟୋଧନକୁ ବନ୍ଦିକରିବା ସମୟରେ ତାଙ୍କର ପ୍ରତିରୋଧ କରିବାକୁ ଅସମର୍ଥ ହୋଇଛନ୍ତି କର୍ଣ୍ଣ, କିନ୍ତୁ ଅର୍ଜୁନ ହିଁ ଉଦ୍ଧାର କରିଥିଲେ ଦୁର୍ଯ୍ୟୋଧନଙ୍କୁ। ଏକଥା କିଏ ବା ନଜାଣେ? ପାଣ୍ଡବଙ୍କ ଅଜ୍ଞାତବାସ ଭାଙ୍ଗିବାକୁ ମତ୍ସ୍ୟଦେଶ ଆକ୍ରମଣ ବେଳେ କର୍ଣ୍ଣ ଥିବା ସମସ୍ତ କୌରବ ସୈନ୍ୟଙ୍କୁ ଏକା ଅର୍ଜୁନ ଧୂଳି ଚଟାଇଥିଲେ ଆଉ କର୍ଣ୍ଣଙ୍କ ଗୋଲାପୀ ରଂଗର ଉତ୍ତରୀୟ ନେଇଯାଇଥିଲେ ବିରାଟ ପୁତ୍ରୀ ଉତ୍ତରାଙ୍କ ଖେଳଣା କଣ୍ଢେଇକୁ ପିନ୍ଧାଇବା ପାଇଁ। ଦ୍ରୌପଦୀ ସ୍ୱୟଂବର ସମୟରେ ଅର୍ଜୁନଙ୍କ ଗୋଟାଏ ବଣରେ କର୍ଣ୍ଣ କିପରି ନିରସ୍ତ୍ର ହୋଇ ଫେରିଯାଇଥିଲେ, ଏକଥା ଦୁନିଆ ଦେଖିଛି। ତେଣୁ ଗୁରୁ ଦ୍ରୋଣଙ୍କ ନିକଟରେ ଶସ୍ତ୍ରବିଦ୍ୟା ଶିକ୍ଷା କରିଥିଲେ ଆଉ ଅଧିକ କ'ଣ ବା କରିପାରିଥାନ୍ତେ ସେ? ସତକଥା ହେଲା ଯେଉଁ କାରଣରୁ ମୁଁ ଗୁରୁକୁଳରେ ସ୍ଥାନିତ ହୋଇପାରିନଥିଲି, ସେହି କାରଣରୁ କର୍ଣ୍ଣ ମଧ୍ୟ ବଞ୍ଚିତ ହୋଇଥିଲେ। ଏଥିରେ ମୋ ଗୁରୁଙ୍କର ଦୋଷ କ'ଣ ବା ରହିଲା .......??

ଏଭଳି ବି କଥା ଉଠେ ପାଣ୍ଡବମାନଙ୍କୁ ଉପଯୋଗ କରି ମହାରାଜ ଦୃଷଦଙ୍କୁ ବନ୍ଦୀକରି ତାଙ୍କ ଅଧାରାଜ୍ୟ ହରଣ କରିବା ମୋ' ଗୁରୁଙ୍କର ବୀରୋଚିତ ନିଷ୍ପତ୍ତି ନଥିଲା ବରଂ ଏହାକୁ ଭୀରୁତା କୁହାଯାଇପାରେ। କିନ୍ତୁ କାହିଁକି.......? ଆଚାର୍ଯ୍ୟ ଦ୍ରୋଣ କ'ଣ ରାଜ୍ୟଲୋଭୀ ଥିଲେ କି? ରାଜା ହେବାର ଆକାଂକ୍ଷା ତାଙ୍କ ମନରେ ଥିଲା କି? ମୁଁ ଯେତିକି ଜାଣିଛି.........., ଋଷି ଅଗ୍ନିବେଶଙ୍କ ଆଶ୍ରମରେ ମୋ' ଗୁରୁଦେବ ଶସ୍ତ୍ରବିଦ୍ୟା ଶିକ୍ଷା କରୁଥାନ୍ତି। ତାଙ୍କର ଅନେକ ସହପାଠୀମାନଙ୍କ ମଧ୍ୟରେ ଥିଲେ ପାଞ୍ଚାଳ ରାଜା ପୃଷତଙ୍କ ପୁତ୍ର ଦ୍ରୁପଦ। ଦ୍ରୁପଦଙ୍କ ପିତା ଓ ଗୁରୁଦେବଙ୍କ ପିତା ଦୁଇବନ୍ଧୁ ହୋଇଥିବାରୁ ଏବଂ ଦୁହେଁ ଶସ୍ତ୍ରବିଦ୍ୟାରେ ନିପୁଣ ଥିବାରୁ ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟିହୁଏ। ଗୁରୁକୁଳର ନିୟମ ଥିଲା ଶିଷ୍ୟମାନେ ଯେଉଁ ଶସ୍ତ୍ରବିଦ୍ୟାର ପ୍ରୟୋଗ କରିବେ ତାହାକୁ ଲିପିବଦ୍ଧ କରି ଗୁରୁଙ୍କୁ ଦେଖାଇବେ। ଦ୍ରୁପଦ ଶସ୍ତ୍ରବିଦ୍ୟାରେ ଧୁରୀଣ ଥିଲେ ମଧ୍ୟ ଶାସ୍ତ୍ରବିଦ୍ୟା ପ୍ରତି ତାଙ୍କର ସାମାନ୍ୟତମ ଆଗ୍ରହ ନଥିଲା। ଏକଦା ସେ ପ୍ରୟୋଗ ବିଦ୍ୟାକୁ ଲେଖିପାରିନଥିଲେ। ଏକଥା ଜାଣିପାରି ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ଗୁରୁ ଦ୍ରୋଣ, କାରଣ ଉଭୟଙ୍କୁ ଜଣାଥିଲା ଅଗ୍ନିବେଶଙ୍କ ଦଣ୍ଡ କେତେ କଠୋର। ଦ୍ରୁପଦ ନିଜ ବନ୍ଧୁଙ୍କ ଯୋଗୁଁ ଦଣ୍ଡିତ ହୋଇନଥିଲେ ସେଥିପାଇଁ ବନ୍ଧୁଙ୍କୁ ଧନ୍ୟବାଦ ଦେଇ କହିଥିଲେ- "ବନ୍ଧୁ! ତୁମପାଇଁ ମୁଁ ଗର୍ବିତ। ତୁମକୁ ମୁଁ ବନ୍ଧୁ ପଣରେ କିଛି ଦେବାକୁ ଚାହୁଁଛି। ଏବେ ତ ମୁଁ ତୁମପରି। କିଛି ଦେବାକୁ ଚାହିଁଲେ ବି ବର୍ତ୍ତମାନ ପାଇଁ ତାହା ସମ୍ଭବ ହୋଇପାରୁନାହିଁ। ହେଲେ ତୁମକୁ କିଛି ଦେବାର ଇଚ୍ଛା ମୋର ରହିଲା। ପାଞ୍ଚାଳ ଦ୍ୱାର ତୁମପାଇଁ ଖୋଲା। ଯେତେବେଳେ ଚାହିଁବ ଆସିବ। ଆମ ବନ୍ଧୁତ୍ୱକୁ ଆମେ ଚିରସ୍ଥାୟୀ କରିବା। ମୋତେ ପର ବୋଲି କେବେ ଭାବିବନି।" ଏଭଳି ସଂଭାଷଣରେ ଗୁରୁ ମୋର ଖୁସି ହେଲେ। ମନେ ମନେ ସାଧୁବାଦ ଦେଲେ ଦ୍ରୁପଦଙ୍କୁ।

ସମୟର ଚକ ଗଡ଼ିଚାଲିଲା ଆଗକୁ। ଦ୍ରୁପଦ ହେଲେ ପାଞ୍ଚାଳର ରାଜା। ଦ୍ରୋଣ ଦରିଦ୍ର ବ୍ରାହ୍ମଣ। ନିଜ ପୁତ୍ରକୁ କ୍ଷୀର ଟିକେ ଦେବାରେ ଅସମର୍ଥ। ଏଇ ଅସମୟରେ ବନ୍ଧୁ ଦ୍ରୁପଦଙ୍କ କଥା ମନେପଡ଼ିଲା। ବହୁ ଆଶାନେଇ ପହଞ୍ଚିଲେ ପାଞ୍ଚାଳ ରାଜଦରବାରରେ। ବନ୍ଧୁ ବୋଲି ପରିଚୟ ଦେଲେ। ନିଜର ଦୁଃଖ ଜଣାଇ ଦୁହାଁଳିଆ ଗାଈଟିଏ ମାଗିଲେ। ରାଜଦଣ୍ଡ, ରାଜ ସିଂହାସନ ମୋହରେ ଅନ୍ଧ ଦ୍ରୁପଦ ଦ୍ରୋଣଙ୍କ ବନ୍ଧୁତ୍ୱକୁ ଅସ୍ୱୀକାର କରି କହିଥିଲେ- "ଯଦି ମାଗିବାକୁ ଆସିଛ ଭିକ୍ଷୁକ କିମ୍ବା ବ୍ରାହ୍ମଣ ପଣରେ ମାଗ, ଏକ ସହସ୍ର ଗାଈ ମୁଁ ଦାନ କରିଦେବି। କିନ୍ତୁ ଜଣେ ଦରିଦ୍ର ବ୍ରାହ୍ମଣ ମୋର ବନ୍ଧୁ ହୋଇପାରେନା।" ଏ ଅପମାନ ସହ୍ୟ କରିପାରିନଥିଲେ ଗୁରୁ ଦ୍ରୋଣ। ସେହିଠାରେ ସଂକଳ୍ପ ନେଇଥିଲେ ଜଣେ ଅହଂକାରୀ ରାଜାକୁ ଶାସ୍ତି ଦେବେ, ନିଜେ ଦ୍ରୁପଦଙ୍କ ସମକକ୍ଷ ହେବେ ଆଉ ବନ୍ଧୁପଣରେ ଗୋଟିଏ ଗାଈ ନେଇଯିବେ ନିଜ ପୁଅ ପାଇଁ। ଯଦି ଗୁରୁଦେବ ଚାହିଁଥାନ୍ତେ ନିଜେ ସେଦିନ ପାଞ୍ଚାଳକୁ କରାୟତ କରିପାରିଥାନ୍ତେ କିନ୍ତୁ ସେ ତାହା କରିନଥିଲେ। କାରଣ- ସେ ଜଣେ ଗୁରୁ, ଯାହା ବି କରିବେ ନିଜ ଶିଷ୍ୟ ମାଧ୍ୟମରେ । ସେଥିପାଇଁ ପାଣ୍ଡବ ଓ କୌରବମାନଙ୍କୁ ମାଗିଥିଲେ ରାଜା ଦ୍ରୁପଦଙ୍କୁ ଜୀବିତାବସ୍ଥାରେ। ପାଞ୍ଚାଳ ରାଜ୍ୟକୁ ଦୁଇଭାଗ କରି ନିଜକୁ ଅର୍ଦ୍ଧେକର ଅଧିକାରୀ ବୋଲି ଘୋଷଣା କରି ଦ୍ରୁପଦଙ୍କ ସମକକ୍ଷ ବନ୍ଧୁ ହେବା ଦାବି କରିଥିଲେ। ଅବଶ୍ୟ ପରେ ତାହା ସେ ଫେରାଇଦେଇଥିଲେ, ଆଉ ଗୋଟିଏ ମାତ୍ର ଗାଈ ନିଜର ଯୁବକ ପୁତ୍ର ଅଶ୍ୱତ୍ଥାମା ପାଇଁ ସଙ୍କେତ ସ୍ୱରୂପ ନେଇଯାଇଥିଲେ।

ଗୁରୁ ଦ୍ରୋଣାଚାର୍ଯ୍ୟ ଧର୍ମ ସଂକଟର ଅନଳରେ ଜଳିଛନ୍ତି ଜୀବନ ସାରା। ନିଜର ସ୍ନେହ, ଆଶୀର୍ବାଦ ପାଣ୍ଡବମାନଙ୍କ ଉପରେ ଅଜାଡ଼ି ଦେଇଥିଲେ

ବି ଶସ୍ତ୍ର ଧାରଣ କରିଥିଲେ କୌରବମାନଙ୍କ ସପକ୍ଷରେ। ନିଜେ ଧର୍ମର ବିଜୟ ଚାହୁଁଥିଲେ ବି ଅଧର୍ମର ପକ୍ଷ ନେବାକୁ ବାଧ ହୋଇଥିଲେ। ଏହାର କାରଣ ସଂପର୍କରେ ନଜାଣି ନଶୁଣି ଅନେକ କହନ୍ତି ଯେ କୁରୁ ଅନ୍ନରେ ପ୍ରତିପାଳିତ ହୋଇଥିବା କାରଣରୁ ସେ ଦୁର୍ଯୋଧନର ପକ୍ଷ ନେବାକୁ ବାଧ ଥିଲେ। କିନ୍ତୁ ...... ନା....., ସେପରି ହୋଇନପାରେ। ମୋ ଗୁରୁ କେବେ ବି କାହା ଅନ୍ନରେ ପ୍ରତିପାଳିତ ହେଉନଥିଲେ। ଧୃତରାଷ୍ଟ୍ର ବା ଦୁର୍ଯୋଧନ କେହି ତାଙ୍କୁ ଦୟା ଦେଖାଇ ଦାନ ଦେଉନଥିଲେ। ବରଂ ସେ ନିଜର ପାରିଶ୍ରମିକ, ନିଜର ହକ୍ ନେଇ ଝାଳବୁହା ଅନ୍ନରେ ନିଜ ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ପୁତ୍ର ସ୍ନେହରେ ଅନ୍ଧ ଗୁରୁଦେବ ଦୁର୍ଯୋଧନ ପ୍ରତି ଅଶ୍ୱତ୍ଥାମାର ପ୍ରତିବଦ୍ଧତା ପାଖରେ ନିଜ ଇଚ୍ଛାକୁ ବଳି ଦେଇଥିଲେ। କାରଣ- ତାଙ୍କ ଜୀବନର ଚରମ ଦୁର୍ବଳତା ଥିଲେ ଅଶ୍ୱତ୍ଥାମା।

ସଂସାରରେ ସମସ୍ତ ଶିଷ୍ୟ ନିଜର ଗୁରୁଙ୍କ ଦ୍ୱାରା ନିଜର ପରିଚୟ ସୃଷ୍ଟି କରୁଥିବା ବେଳେ ମୋ' ଗୁରୁ ନିଜର ଶିଷ୍ୟମାନଙ୍କ ନାମରେ ନିଜକୁ ପରିଚିତ କରାନ୍ତି ସଂସାରରେ। ମହାଭାରତ ଯୁଦ୍ଧ ଆରମ୍ଭ ପୂର୍ବରୁ ଯେତେବେଳେ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ଅର୍ଜୁନ ତାଙ୍କ ଆଶୀର୍ବାଦ ଭିକ୍ଷାକଲେ ସେ ଏତିକି କହିଥିଲେ- "ଯୁଦ୍ଧରେ ଯେତେବେଳେ ତୁମେ ମୋତେ ସାମ୍ନା କରିବ, ମୋତେ ଗୁରୁ ବୋଲି ମନେ କରିବ ନାହିଁ, କାରଣ- ତୁମେ ମୋତେ ଗୁରୁ ମଣିଲେ ତୁମର ବାଣର ସ୍ୱାଦ ମୋ' ଛାତି ଚାଖିପାରିବ ନାହିଁ। ତେଣୁ ତୁମେ ଏମିତି ଯୁଦ୍ଧ କରିବ ଯେମିତି ଯୁଦ୍ଧ ପରେ ତୁମର ଗୁରୁର ମଥା ତଳକୁ ହୋଇନଯିବ।" ମହାଭାରତ ଯୁଦ୍ଧରେ ଜୟଦ୍ରଥ ବଧର ଅବ୍ୟବହିତ ପୂର୍ବରୁ ଧର୍ମରାଜ ଯୁଧିଷ୍ଠିରଙ୍କୁ ଏକାକୀ ଦେଖି ଗୁରୁ ଦ୍ରୋଣ ତାଙ୍କୁ ବନ୍ଦୀ କରିବା ଉଦ୍ଦେଶ୍ୟରେ ଆଗକୁ ବଢୁଥିବା ସମୟରେ ସାମ୍ନାସାମ୍ନି ହୁଏ ପ୍ରଚଣ୍ଡ ପରାକ୍ରମୀ ବୃକୋଦର ଭୀମଙ୍କ ସହିତ। ଦ୍ରୋଣଙ୍କ ହାତରେ ଅସ୍ତ୍ର ଥିଲେ ତାଙ୍କର ପରାଜୟ ଅସମ୍ଭବ ତେଣୁ ଭୀମସେନ ଦ୍ରୋଣାଚାର୍ଯ୍ୟଙ୍କ ହାତରେ ଅସ୍ତ୍ର ଧରାଇନଦେବା ପାଇଁ ଚିନ୍ତାକଲେ। ତେଣୁ ଧନୁରେ ତୀର ଯୋଖିବା ପୂର୍ବରୁ ଗଦାଘାତରେ ଚୂର୍ଣ୍ଣକଲେ ଆଚାର୍ଯ୍ୟଙ୍କ ରଥକୁ। ଭୂପତିତ ହେଲେ ଆଚାର୍ଯ୍ୟ। ଉଠିପଡ଼ି ନୂତନ ରଥରେ ଚଢ଼ିଲେ। ଧନୁରେ ତୀର ଯୋଖିବା ଆଗରୁ ପୁଣି ସେଇ ଏକା କଥା। ଭୀମଙ୍କର ଗଦାଘାତରେ ରଥ ଖଣ୍ଡ ଖଣ୍ଡ ହୋଇଗଲା। ଏହିପରି ଭୀମ ଗୁରୁଦେବଙ୍କର ଆଠଗୋଟି ରଥକୁ ଭାଙ୍ଗି ତାଙ୍କୁ ଶସ୍ତ୍ର ପ୍ରୟୋଗ କରିବାର ସୁଯୋଗ ଦେଇନଥିଲେ। ଭୀମ ଚାଲିଗଲେ ଅର୍ଜୁନଙ୍କୁ ସହାୟତା ଦେବାପାଇଁ। ଆଚାର୍ଯ୍ୟ ଦ୍ରୋଣ ତଳୁ ଉଠି ଝାଡ଼ିଝୁଡ଼ି ହୋଇ ଭୂମି ଉପରେ ଠିଆ ହେଲେ। ଦେହ କ୍ଷତାକ୍ତ କିନ୍ତୁ ମୁହଁରେ ପ୍ରସନ୍ନତାର ଚିହ୍ନ, ଓଠରେ ଖେଳିଯାଉଥିଲା ସ୍ମିତହାସ୍ୟ ରେଖା। ଭାବବିହୋଳ ହୋଇ ଉଚ୍ଚକଣ୍ଠରେ କହି ପକାଇଥିଲେ- "ଧନ୍ୟ ଶିଷ୍ୟ ବୃକୋଦର। ତୁମପାଇଁ ତୁମ ଗୁରୁର ଛାତି ଗର୍ବରେ ଫୁଲିଉଠୁଛି।" ବାସ୍ତବିକ୍, ଶିଷ୍ୟଠାରୁ ପରାଜିତ ହେବାର ଆନନ୍ଦଟିକୁ ପ୍ରତି ମୁହୂର୍ତ୍ତରେ ଖୋଜୁଥିଲେ ସେ।

ନିଜ ଶିଷ୍ୟମାନଙ୍କ ପ୍ରତି ତାଙ୍କର ଥିଲା ଅଖଣ୍ଡ ବିଶ୍ୱାସ। ସେ ଜାଣନ୍ତି ଦୁନିଆ ବି ଜାଣେ ଦ୍ରୋଣ ପୁତ୍ର ଅଶ୍ୱତ୍ଥାମା ଅମର। ଭୀମ ଠାରୁ ଅଶ୍ୱତ୍ଥାମାର ମୃତ୍ୟୁ ଖବର ପାଇ ସେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ। ପୁନର୍ବାର ନିଜକୁ ସଂଯତ କଲେ। ନିଜକୁ ନିଜେ ବୁଝାଇଲେ- ଭୀମ ଅଶ୍ୱତ୍ଥାମାକୁ ପରାସ୍ତ କରିପାରେ କିନ୍ତୁ ବଧକରିବା ଅସମ୍ଭବ। ତଥାପି ଯୁଧିଷ୍ଠିରଙ୍କ ଅର୍ଦ୍ଧସତ୍ୟ ଅଶ୍ୱତ୍ଥାମା ହତ ବାଣୀ ଶୁଣି ସେ ନିଜ ଜୀବନକୁ ବାଜି ଲଗାଇଦେଲେ ଧର୍ମଯୁଦ୍ଧରେ। ତାଙ୍କର ଅଖଣ୍ଡ ବିଶ୍ୱାସ ଥିଲା ଯୁଧିଷ୍ଠିର ମିଥ୍ୟା କହିନପାରନ୍ତି। ଏହାପରେ ଧୃଷ୍ଟଦ୍ୟୁମ୍ନ ହାତରେ ସେ ନିହତ ହୋଇଛନ୍ତି। ଯଦି ବା ଧୃଷ୍ଟଦ୍ୟୁମ୍ନ ତାଙ୍କୁ ହତ୍ୟା କରିଥାନ୍ତେ, ପରବର୍ତ୍ତୀ ସମୟରେ ପୁତ୍ର ଅଶ୍ୱତ୍ଥାମାକୁ ଜୀବିତାବସ୍ଥାରେ ପାଇଥାନ୍ତେ। ଆଉ ତତ୍କ୍ଷଣାତ୍ ନିଜେ ନିଜକୁ ହତ୍ୟା କରିଥାନ୍ତେ, କାରଣ- ଅଶ୍ୱତ୍ଥାମା ବଞ୍ଚି ରହିବା ସୁଖ ଆଗରେ ଯୁଧିଷ୍ଠିରଙ୍କ ମିଥ୍ୟା ଭାରୀ ପଡ଼ିଥାନ୍ତା। ନିଜର ପ୍ରିୟ ଶିଷ୍ୟ ଧର୍ମାବତାର ଯୁଧିଷ୍ଠିର ଯେ ମିଛ କହିଛନ୍ତି, ଏକଥା କ'ଣ ସେ ସହିପାରିଥାନ୍ତେ ?

ଗୁରୁ ଦେବଙ୍କ ସଂପର୍କରେ ଯେତିକି ବା ମୁଁ ବର୍ଣ୍ଣନା କଲି, ତାହା ତାଙ୍କ ଜୀବନଯାକର ଜ୍ୱଳନ ଏକ ଶତାଂଶ ହେବ କି ନା। କାରଣ ହସ୍ତିନାପୁରରେ ଯେତେ ଦିନ ବି ସିଏ ରହିଛନ୍ତି ବାରମ୍ବାର ଲାଞ୍ଛିତ ହୋଇଛନ୍ତି ନିଜ ଶିଷ୍ୟ ଦୁର୍ଯୋଧନ ଠାରୁ, ତାଙ୍କ ପ୍ରତି ପକ୍ଷପାତିତାର ଆରୋପ ବାରମ୍ବାର ଆଣିଛନ୍ତି ଅଙ୍ଗରାଜ କର୍ଣ୍ଣ, ଶକୁନିର ବ୍ୟଙ୍ଗ ତାଙ୍କ ହୃଦୟକୁ ଛୁରିପରି କାଟି ଚାଲିଛି ଅହରହ। ତାଙ୍କ କଥା ଶୁଣିବାକୁ, ତାଙ୍କ ମନର ଭାଷା ବୁଝିବାକୁ ପିତାମହ ଭୀଷ୍ମ ଓ କୁଳଗୁରୁ କୃପାଚାର୍ଯ୍ୟଙ୍କ ବ୍ୟତୀତ ଆଉ କେହିନଥିଲେ। ତାଙ୍କ ହୃଦୟର ନିଆଁ ଲିଭାଇବା ପାଇଁ କେବେ ବି ଏହି ଗୁରୁ କୁଳବୃଦ୍ଧ ଚେଷ୍ଟା କରିନାହାନ୍ତି, କାରଣ- ସେ ଦୁହେଁ ମଧ ସେଇ ଏକା ନିଆଁରେ ହୁତୁହୁତୁ ହୋଇ ଜୀଅନ୍ତା ଜଳୁଥିଲେ।

ଗୁରୁ ଦ୍ରୋଣ ଏସବୁ ନିଆଁ ବ୍ୟତୀତ ଅନୁତାପ ନିଆଁରେ ଜଳିଛନ୍ତି ଜୀବନସାରା। ମୋ' ଆଙ୍ଗୁଠି କାଟିବା ଘଟଣା, ଦ୍ରୁପଦଙ୍କୁ ବନ୍ଦୀ କରିବା ଘଟଣା, ଦ୍ରୌପଦୀ ବସ୍ତ୍ରହରଣ- ଅଭିମନ୍ୟୁ ବଧ ଆଦି ଘଟଣା ପାଇଁ ସେ ନିଜକୁ ଧିକ୍କାର କରିଛନ୍ତି ବାରମ୍ବାର। ତମାମ ଜୀବନ ଏତେସବୁ ଅଦେଖା ନିଆଁରେ ସବୁକିଛି ଜାଳିଦେବା ପରେ ଅକ୍ଷୁର୍ଣ୍ଣ ରହିଛି ତାଙ୍କର ପରିଚୟ "ଗୁରୁ"। ଜୀବନରେ ଗୋଟିଏ ସତ୍ୟକୁ ସେ ବିଶ୍ୱାସ କରୁଥିଲେ ଯେ ବିଦ୍ୟା ବିତରଣର ବସ୍ତୁ ଯାହା ସ୍ୱଇଚ୍ଛାରେ ବିତରଣ କରାଯାଏ। ତାଙ୍କୁ ହତ୍ୟା କରିବାକୁ ଜନ୍ମ ନେଇଥିବା ଧୃଷ୍ଟଦ୍ୟୁମ୍ନଙ୍କୁ ଯୁଦ୍ଧର ପରାମର୍ଶ ଦେବାରେ କିମ୍ବା ଶ୍ରୀଖଣ୍ଡିକୁ ବିଦ୍ୟାଶିକ୍ଷା ଦେବାରେ ସେ ଅନାଗ୍ରହୀ ହୋଇନାହାନ୍ତି। ସାରା ଜୀବନ ଗୁରୁଟିଏ ସାଜି ପ୍ରାପ୍ତିର ଆଶା ନରଖି ବିଦ୍ୟାଦାନ କରିଆସିଛନ୍ତି। ସବୁ ଭିତରେ ମୋ' କଟା ଆଙ୍ଗୁଳିକୁ ସାରା ଜୀବନ ଯତ୍ନର ସହ ସାଇତି ରଖି ଦୁନିଆରେ ମୋତେ ସେ କେବଳ ଧନ୍ୟ କରିନାହାଁନ୍ତି ବରଂ ମହାନ୍ କରିଦେଇଛନ୍ତି।

ଏଣୁ ମୁଁ ଏତିକି କହିବି ମୋ ଗୁରୁ .......... ପରିପୂର୍ଣ୍ଣ ଗୁରୁ ...........। ମୋ ପାଇଁ ସେ ବ୍ରହ୍ମା ........... ସେ ବିଷ୍ଣୁ .......... ସେ ମହେଶ୍ୱର .......... ସେ ସାକ୍ଷାତ୍ ପରମବ୍ରହ୍ମ।

**ସଂପାଦକ: "ନିର୍ମାଲ୍ୟ ସ୍ୱାଗତିକା"**
**ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା**
**ଦୂରଭାଷ: ୯୯୩୭୯୫୩୫୨୬**

# ଆଖି ଭିଜା ଲୁହର ଉଲ୍ଲାସ

ଇଂ ସତ୍ୟବ୍ରତ ରଥ

ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତ ଘଟିବା ପୂର୍ବରୁ ନିଷ୍ଠୁର ନାଜିନେତା ହିଟ୍‌ଲର୍ ବଙ୍କର ଭିତରେ ଲୁଚି ଆତ୍ମହତ୍ୟା କରିଥିଲେ। ଜର୍ମାନୀ ସୈନ୍ୟମାନେ ପରାଜିତ ହୋଇ ଆତ୍ମ ସମର୍ପଣ କଲେ। ପୂର୍ବରୁ ଯୁଦ୍ଧଖୋର, ନିର୍ମମ ଓ ପ୍ରତାପଶାଳୀ ହିଟ୍‌ଲର୍ ପଡ଼ୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ କରି ସାମ୍ରାଜ୍ୟ ବିସ୍ତାର କରିଥିଲେ। ଜର୍ମାନୀ ସୈନ୍ୟମାନେ ପରାଜୟ ବରଣ କରିବାପରେ ଋଷିଆ, ଫ୍ରାନ୍ସ, ଇଂଲଣ୍ଡ ଓ ଆମେରିକା ହିଟଲରୀ ଅଧିକୃତ ଅଞ୍ଚଳକୁ ବାଣ୍ଟିନେଲେ, ବହୁ ରାଷ୍ଟ୍ରୀୟ ଆଲୋଚନା ଅନୁସାରେ ଅବଶିଷ୍ଟ ଜର୍ମାନ୍ ଦୁଇ ଭାଗରେ ବିଭକ୍ତ ହୋଇ ରହିଲା, ପୂର୍ବ ଜର୍ମାନ୍ ଓ ପଶ୍ଚିମ ଜର୍ମାନ୍।

ପୂର୍ବଜର୍ମାନ୍ ଅନୁନ୍ନତ ଏବଂ ଅସ୍ୱଚ୍ଛଳ ଅବସ୍ଥାରେ ଥିଲା। ପଶ୍ଚିମ ଜର୍ମାନ ଉନ୍ନତ, ସ୍ୱଚ୍ଛଳ ଓ ସମୃଦ୍ଧିଶାଳୀ ଅଞ୍ଚଳ ଥିଲା। ବିଶ୍ୱଯୁଦ୍ଧର କ୍ଷୟକ୍ଷତିକୁ ପଶ୍ଚିମ ଜର୍ମାନ୍ ସଜାଡ଼ି ନେଲା, କିନ୍ତୁ ପୂର୍ବଜର୍ମାନ୍ ସଜାଡ଼ି ପାରିଲା ନାହିଁ। ଖାଦ୍ୟ, ସ୍ୱାସ୍ଥ୍ୟସେବା, ଗମନାଗମନ, ଅର୍ଥୋପାର୍ଜନ ପାଇଁ ପଶ୍ଚିମ ଜର୍ମାନ୍‌ରେ ଅନୁକୂଳ ପରିବେଶ ଥିଲା। ପୂର୍ବଜର୍ମାନ୍‌ର ଲୋକମାନେ କୌଣସି ସୁବିଧା ପାଉନଥିଲେ। ତେଣୁ ପୂର୍ବ ଜର୍ମାନର ଶହ ଶହ ଲୋକ ଘରଦ୍ୱାର, ଧନସଂପତ୍ତି ଛାଡ଼ି ପଶ୍ଚିମ ଜର୍ମାନ୍‌କୁ ଯିବାକୁ ଲାଗିଲେ। ପୂର୍ବଜର୍ମାନ୍‌ର ଶାସକ ବିବ୍ରତ ହୋଇପଡ଼ିଲେ। ଦେଶରେ ବିଶୃଙ୍ଖଳା ବ୍ୟାପିଗଲା। ନାଗରିକମାନଙ୍କର ସମସ୍ୟା ଦୂର କରିବା ପରିବର୍ତ୍ତେ ଶାସକ ପଳାୟନ ପନ୍ଥୀମାନଙ୍କ ପାଇଁ କଡ଼ା ନିୟମ ପ୍ରଣୟନ କଲେ। ଏହି ନିୟମକୁ ନାଗରିକମାନେ ଲଂଘନ କଲେ, ତେଣୁ ୧୯୬୧ ମସିହାରେ ଶାସକ ପୂର୍ବଜର୍ମାନ୍ ସୀମାରେ ଏକ ସୁଦୃଢ଼ ଉଚ୍ଚ ପାଚେରୀ ନିର୍ମାଣ କରାଇଲେ, ଯାହାର ନାମ ଥିଲା ବର୍ଲିନ ପାଚେରୀ, ପାଚେରୀର ଦୈର୍ଘ୍ୟ ଥିଲା ୧୬୦ କିଲୋମିଟର। ଏହି ପାଚେରି ବର୍ଲିନ ସହରକୁ ଦୁଇଭାଗ କରିଦେଲା। କଡ଼ାନିୟମ ପ୍ରଣୟନ ଏବଂ ପାଚେରି ନିର୍ମାଣ ପରେ ପୂର୍ବଜର୍ମାନ୍‌ର ଲୋକମାନେ ପଶ୍ଚିମ ଜର୍ମାନ୍‌କୁ ଯାଇପାରିଲେ ନାହିଁ। ବନ୍ଧୁ-ବାନ୍ଧବ, ପ୍ରିୟ-ପରିଜନ ପରସ୍ପରଠୁ ଅଲଗା ହୋଇରହିଲେ, ଏପରିକି ସ୍ୱାମୀ-ସ୍ତ୍ରୀ, ଭାଇ- ଭଉଣୀ, ବାପ- ପୁଅ ଅଲଗା ଅଲଗା ହୋଇରହିଲେ। ବର୍ଲିନ ପାଚେରୀ ଏକ ବିଚ୍ଛେଦ ପାଚେରୀ ଭାବେ ପରିଗଣିତ ହେଲା। ଦୁଇ ଦେଶର ଲକ୍ଷ ଲକ୍ଷ ଲୋକ ବିଚ୍ଛେଦର ଯନ୍ତ୍ରଣା ଅନୁଭବ କଲେ। କେତେକ ଭାବିଲେ କୌଣସି ମନ୍ଦଶକ୍ତି ଏଭଳି ଅଘଟଣ ଘଟାଇଛି।

ମଣିଷ ମଣିଷ ଭିତରେ ଥିବା ସୁସମ୍ପର୍କକୁ କେହି କେବେ ପାଚେରୀ ପକାଇ ବିଚ୍ଛିନ୍ନ କରିପାରେ ନାହିଁ। ସମାଜ ଆପଣାର ଲାଗେ ଯେଉଁଠି ସମ୍ପର୍କ ଭିତରେ ସ୍ନେହ, ଶ୍ରଦ୍ଧା, ଆଦର ଥାଏ। ମଣିଷ ଠାରୁ ମଣିଷକୁ ଅଲଗାକରି ରଖୁଥିବା ବର୍ଲିନ ପାଚେରୀ ଦୋହଲିଗଲା। ନାଗରିକମାନଙ୍କର ଆବେଗ, ଆଗ୍ରହ ଓ ମାନସିକତା ପୂର୍ବଜର୍ମାନ୍ ପ୍ରଶାସନକୁ ପ୍ରଭାବିତ କଲା। ଦୀର୍ଘ ଆଲୋଚନା ଏବଂ ନିଷ୍ପତ୍ତି ପରେ ନିଷ୍ଠୁର ବର୍ଲିନ ପାଚେରୀକୁ ୧୯୮୯ ମସିହାରେ ଭାଙ୍ଗିଦିଆଗଲା। ଯେଉଁ ବର୍ଲିନ ସହର ଦିନେ ଅବିଭକ୍ତ ଜର୍ମାନ୍‌ର ରାଜଧାନୀ ଥିଲା, ପୁଣିଥରେ ରାଜଧାନୀର ମାନ୍ୟତା ଲାଭକଲା। ୧୯୯୦ ମସିହା ଅକ୍ଟୋବର ମାସରେ ଜର୍ମାନ ଦେଶ ନିଜର ପରିଚୟ ପ୍ରଦାନ କଲା। ଏହି ଐତିହାସିକ ଘଟଣାରେ ସମଗ୍ର ଦେଶରେ ଅପୂର୍ବ ଆନନ୍ଦ ଲହଡ଼ି ଖେଳିଗଲା। ଦେଶବାସୀଙ୍କ ଆନନ୍ଦ, ହସଖୁସି, ଉଲ୍ଲାସ, ଉନ୍ମାଦନା- ସବୁକିଛି ପ୍ରତିଫଳିତ ହେଉଥିଲା ଆତ୍ମୀୟ ସମ୍ଭାଷଣ ଏବଂ କରମର୍ଦ୍ଦନରେ।


ଦୀର୍ଘ ଏକମାସ ପର୍ଯ୍ୟନ୍ତ ପୁନର୍ମିଳନ ଉତ୍ସବ ପାଳିତ ହୋଇଥିଲା। ଲୋକମାନେ ଦଳଦଳ ହୋଇ ସମ୍ପର୍କ ଯାତ୍ରା କରିଚାଲିଥିଲେ। ଆନନ୍ଦ ଉଲ୍ଲାସ ଭିତରେ ବାଦ୍ୟଯନ୍ତ୍ର ସହିତ ଗୀତ ବୋଲୁଥିଲେ, ସେଥିମଧ୍ୟରୁ ଗୋଟିଏ ଗୀତର କେତେ ପଦ ଏହିରି ଥିଲା।

ଏଇ ମାଟି, ଏଇ ପବନ, ଏଇ ମିଳନ
କେଉଁ ସ୍ୱର୍ଗପୁରରେ ନଥାଇପାରେ..........।
ଏଇ ସ୍ନେହ, ଏଇ ଶ୍ରଦ୍ଧା, ଏଇ ପ୍ରୀତି
ଆଉ କେଉଁ ଦେଶରେ ନଥାଇପାରେ।
ଏତେ ଆନନ୍ଦ, ଏତେ ଉଲ୍ଲାସ, ଏତେ ଉନ୍ମାଦ
ଆଜି ପାଇଛୁ, ଯାହା ହଜିଯାଇଥିଲା ଅନ୍ଧାରପୁରେ।

ମଣିଷ- ମଣିଷ ଭିତରେ ଥିବା ନିବିଡ଼ ସମ୍ପର୍କକୁ ପାଚେରୀ ପକାଇ ଛିନ୍ନ କରିବା ସମ୍ଭବ ନୁହେଁ। ସମୟ ପ୍ରବାହରେ କେବେ ଦୁର୍ଦ୍ଦିନ ଆସେ, କେବେ ସୁଦିନ ଆସେ। ସମୟ ପ୍ରଭାବରୁ ଜର୍ମାନ୍‌ର ନୂଆ ଇତିହାସ ଲେଖାହେଲା। ଦିନେ ଅପରାହ୍ନରେ ଗଛମୂଳେ ବସି ଜଣେ ବରିଷ୍ଠ ନାଗରିକ ବଡ଼ପାଟିରେ ହସୁଥିଲେ। ଅଳ୍ପ ଦୂରରେ ଭଗ୍ନ ବର୍ଲିନ୍ ପାଚେରୀ କିଛି ଅଂଶ। ବରିଷ୍ଠ ନାଗରିକଙ୍କର ଦୁଇ ଆଖିରେ ବି ଲୁହ ଭରିରହିଥିଲା। ଜଣେ ପରିଚିତ ଲୋକ ତାଙ୍କ ପାଖକୁ ଆସି ଭଲମନ୍ଦ ପଚାରିଲେ। ବରିଷ୍ଠ ଲୋକ ଜଣକ ଆଖିରୁ ଲୁହପୋଛି କହିଲେ-ପ୍ରିୟ ବନ୍ଧୁ! ଏଇ ବର୍ଲିନ୍ ମାଟି ମୋତେ ସ୍ମୃତିସ୍ନାନ କରାଉଛି। ଅତୀତର ନିଷ୍ଠୁର ଅଧ୍ୟାୟ ମୋର ମନେପଡୁଛି। ବିଗତ ଯୁଦ୍ଧରେ କୋଡ଼ିଏ ହଜାର ଜର୍ମାନୀ ସୈନ୍ୟଙ୍କୁ କିଭଳି ନିଷ୍ଠୁର ଦଣ୍ଡ ଦିଆଯାଇଥିଲା ତାହା ମନେପଡୁଛି। ମନେପଡୁଛି- ଏଇ ବର୍ଲିନ୍ ସହର ମୋର ଶୈଶବର ପ୍ରତିଟି ମୁହୂର୍ତ୍ତରେ କେତେ ଆନନ୍ଦ ଭରିଦେଇଥିଲା। ଭଗ୍ନ ବର୍ଲିନ୍ ପାଚେରୀକୁ ଦେଖି ମୁଁ ମନଭରି ହସୁଛି, ଅତୀତକୁ ମନେପକାଇ ଲୁହଝରାଇ କାନ୍ଦୁଛି। ଆଜିଠାରୁ ମୁଁ ଆଉ କାନ୍ଦିବି ନାହିଁ। ଅବଶିଷ୍ଟ ଦିନଗୁଡ଼ିକରେ ମୁଁ ଜୀବନର ବାସ୍ତବତାକୁ ଉପଭୋଗ କରିବି। ଏବେ ମୋ ଆଖିରେ ଲୁହ କାଳିମାଭରା ଲେଞ୍ଜରାକୁ ବାହାର କରିଦେଇ ମୋ ଓଠରେ ହସ ଭରିଦେଉଛି। ବର୍ଲିନ୍ ସହର ଓ ଜର୍ମାନ୍ ଦେଶ ଏକ ହୋଇପାରିଥିବାରୁ ମୁଁ ବହୁତ ଖୁସି।

କଲେଜ ରୋଡ୍, ବାଙ୍କୀ, କଟକ
ଦୂରଭାଷ- ୯୯୩୭୩୨୭୬୪୭

# ଠିକ୍ କହିବା-ଠିକ୍ ଲେଖିବା



ତ୍ରିଲୋଚନ ମହାପାତ୍ର

୧ ସ୍ତ୍ରୀଲିଙ୍ଗ ଶବ୍ଦ ଶେଷରେ ଆ (।), ଈ (ୀ), ଊ (ୂ) ରହିଥାଏ ।
ଯଥା - ବାଳିକା, ମହିଳା, ବରଦା, ବସୁନ୍ଧରା, ନାରୀ, ସ୍ତ୍ରୀ, ଯାଜ୍ଞସେନୀ, ସତୀ, ସାଧ୍ୱୀ, କବୟତ୍ରୀ, ଧରିତ୍ରୀ, ଧରଣୀ, ଜନନୀ, ଭଗିନୀ, ବଧୂ, ଶାଶୂ, ବୋହୂ ।

୨ ସ' ପୂର୍ବରୁ ଅ' ଆ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ସ' ସ୍ଥାନରେ ଷ' ହେବ ।
ଯଥା ପୁରସ୍କାର - ସ' ପୂର୍ବରୁ ଅ' ଅଛି । ଅଧ୍ୟାସିତ - ସ' ପୂର୍ବରୁ ଆ' ଅଛି । ପରିଷ୍କାର, ଅଧ୍ୟୁଷିତ, ଆନୁଷଙ୍ଗିକ, ଇଷିକା (ତୃଣ ବିଶେଷ) ଆଦିରେ ସ' ପୂର୍ବରୁ ଅ' ଆ' ଭିନ୍ନ ଅନ୍ୟସ୍ୱରବର୍ଣ୍ଣ ରହିଛି ।

୩ ଇ (ି) ଓ ଈ (ୀ) ବ୍ୟବହୃତ କେତୋଟି ଶବ୍ଦ ।
ସାଥି / ସାଥ୍ - ସହିତ
ସାଥୀ - ସାଥିରେ ଯାଉଥିବା ବ୍ୟକ୍ତି, ସଂଗୀ
ସାକ୍ଷି - ସାକ୍ଷିଦେବା
ସାକ୍ଷୀ - ସାକ୍ଷି ଦେଉଥିବା ବ୍ୟକ୍ତି
କୃତି - କାର୍ଯ୍ୟ
କୃତୀ - ସଫଳ କାର୍ଯ୍ୟକରିଥିବା ବ୍ୟକ୍ତି
କେତେକ ସାଂଗିଆର ସଠିକ୍ ଲେଖା ।
ଚମ୍ପତି - ଚମୂପତି (ଚମୂ- ସୈନ୍ୟଦଳ)
ମାର୍ଥୀ - ମହାରଥୀ
ମାର୍ଥା- ମହାରଥା
ଜଗଦେବ - ଜଗଦ୍ଦେବ

| ଅଶୁଦ୍ଧ - ଶୁଦ୍ଧ | ଅଶୁଦ୍ଧ - ଶୁଦ୍ଧ |
|---|---|
| ଅନୁସୂୟା - ଅନସୂୟା | ଗାନ୍ଧୀଜୀ - ଗାନ୍ଧିଜୀ (ଗାନ୍ଧୀ) |
| ଅନ୍ତର୍ଜାତିକ - ଆନ୍ତର୍ଜାତିକ | ଶାସ୍ତ୍ରୀଜୀ - ଶାସ୍ତ୍ରିଜୀ (ଶାସ୍ତ୍ରୀ) |
| ଆଶୀଷ - ଆଶିଷ | |
| ଆଶିର୍ବାଦ - ଆଶୀର୍ବାଦ | |
| ମୁହୁର୍ତ୍ତ - ମୁହୂର୍ତ୍ତ | |

ଭାରତୀ ବିହାର, ଜଟଣୀ
ମୋ : ୯୯୩୮୯୯୪୮୨୨

# ଉଠିବ ହସି ଧରା



ଡକ୍ଟର ବସନ୍ତ କିଶୋର ସାହୁ

ମାଙ୍କଡମାନେ ଭାବିଲେ ଥରେ ସହର ଯିବେ ବୁଲି,
ମଣିଷ ଦେଖି ପଚାରି ଦେବେ ମନକୁ ତାଙ୍କ ଖୋଲି ।
କହିବେ ତାଙ୍କୁ ତୁମରି ପାଇଁ ଦୁଃଖ ଯାତନା ଭୋଗୀ,
ଉପାସ ଭୋକେ ଜଙ୍ଗଲେ ପଡି ହେଲୁଣୁ ଆମେ ରୋଗୀ ॥

ଖାଇବା ପାଇଁ ଗୋଟିଏ ଫଳ ଗଛରେ ଆଜି ନାହିଁ,
ଟୋପାଏ ପାଣି ମିଳୁନି କାହିଁ ଶୋଷ ମାରିବା ପାଇଁ ।
ତୁମରି ପାଇଁ ଜଙ୍ଗଲ ଗଲା ଶୁଖିବି ଗଲା ଝର,
ଆସୁଛି ମାଡି ମହା ବିପତ୍ତି ଆମକୁ ରକ୍ଷା କର ॥

ଲଗାଅ ଗଛ ଆଣିବ ସିଏ ଆକାଶେ ଡାକି ମେଘ,
ଝରିଲେ ମେଘ ଝରଣା ପୁଣି ଦେଖାଇବ ତା ବେଗ ।
ଫଳିବ ଫଳ ସବୁ ଗଛରେ ଜଙ୍ଗଲ ହେବ ଭରା,
ଖୁସିରେ ସବୁ ବଞ୍ଚିବା ଆମେ ଉଠିବ ହସି ଧରା ॥

କୁସୁପୁର, ଭାୟା-ବାଲିଚନ୍ଦ୍ରପୁର, ଜି-କଟକ
ଦୂରଭାଷ : ୯୪୩୭୫୨୬୨୦୧

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

ସୁ-ଡୋକୁ ଉତ୍ତର ୩୧ ପୃଷ୍ଠାରେ

| | | | | | | | | |
|---|---|---|---|---|---|---|---|---|
| 6 | | | | | 9 | 4 | 3 | 5 |
| | 9 | 7 | | 5 | 1 | | | |
| | 8 | 5 | | | 6 | 7 | 9 | 1 |
| 1 | 4 | | 9 | 8 | | 5 | | 3 |
| | 5 | 8 | 6 | | 2 | | 4 | |
| 7 | | | | 1 | | | 8 | 6 |
| 5 | | 1 | 2 | | | 3 | 7 | |
| | | | 1 | 4 | | | 5 | |
| 2 | 3 | 4 | | | 5 | 8 | | 9 |



# ମା ଓ ମମତା

**ଅଜୟ କୁମାର ସାହୁ**

ପ୍ରତ୍ୟହ ବେକାରୀ ଯୁବକଟି ମଦ ପାନ କରେ । ଦିନ ମଜୁରି ଲାଗି ଗରିବ ବିଧବା ବୁଢ଼ୀ ମା'ଟି ଆଣୁଥିବା ମଜୁରି ଉପରେ ତାର ନଜର। ପ୍ରତିଦିନ ମା'କୁ ମାରପିଟ କରି ମଦ ପିଇବା ପାଇଁ ପଇସା ନିଏ । ସେଦିନ କୌଣସି କାମ ନପାଇ ବୁଢ଼ୀଟି ଘରକୁ ଫେରି ଆସିଥିଲା । ସନ୍ଧ୍ୟାବେଳେ ମଦୁଆ ପୁଅଟି ପ୍ରତିଦିନ ପରି ମା' କୁ ମଦ ପିଇବାପାଇଁ ପଇସା ମାଗିଥିଲା । ଆଜି କାମ ନ ମିଳିବାରୁ ମଜୁରି ଆଣିନାହିଁ ବୋଲି କହିବାରୁ ପୁଅଟି ମା ମିଛ କହୁଛି ବୋଲି ଭାବି ମା'ର ମୁଣ୍ଡକୁ ଘର ଦୁଆର କବାଟ ବନ୍ଧରେ ଜୋର କରି ବାଡେଇ ଦେଲା । ଫଳରେ ବୁଢ଼ୀ ମା' ଟିର ମୁଣ୍ଡ ଫାଟି ଯାଇ ପ୍ରଚୁର ରକ୍ତ ସ୍ରାବ ହେବାରୁ ବୁଢ଼ୀଟି ଚେତାଶୂନ୍ୟ ହୋଇ ତଳେ ପଡିଗଲା । 'ମା' ର ଏପରି ଅବସ୍ଥା ଦେଖି ପୁଅଟି ଘରୁ କେଉଁ ଆଡେ ଚାଲିଯାଇଥିଲା । ପାଖ ସାହି ପଡିଶା ବୁଢ଼ୀଟିକୁ ଡାକ୍ତରଖାନା ନେଇ ଚିକିତ୍ସା କରିଥିଲେ । ଡାକ୍ତର ବାବୁଙ୍କ ବୟାନ ଅନୁସାରେ ଥାନାବାବୁ ପୁଅଟିକୁ ଗିରଫ କରି କୋର୍ଟକୁ ଚାଲାଣ କରିଥିଲେ ।


କୋର୍ଟରେ ବିଚାର ଚାଲିଥାଏ। ହାକିମ ବୁଢ଼ୀ ମା' ଠାରୁ କେଉଁ ପରିସ୍ଥିତି ଏବଂ କିପରି ପୁଅଟି ମା'ର ମୁଣ୍ଡକୁ ଫଟାଇ ରକ୍ତାକ୍ତ କରିଥିଲା ଜାଣିବାକୁ ଚାହିଁଥିଲେ । ଆରପଟ କାଠ ଗଡାରେ ମା'ର ସାମନାରେ ବିରସ ମନରେ ଠିଆ ହୋଇ ପୁଅଟି ମାର ବୟାନକୁ ଅପେକ୍ଷା କରିଥାଏ । ସେ ନିଶ୍ଚିତ ଥିଲା କି ମା ହାକିମଙ୍କ ଆଗରେ ସବୁ ସତକଥା କହିବ ଏବଂ ହାକିବ ତାକୁ ନିଶ୍ଚୟ କଠିନ ଦଣ୍ଡ ଦେବେ । ବୁଢ଼ୀଟି ହାକିମଙ୍କ ଆଗରେ ଗୀତା ଛୁଇଁ ଶପଥ କଲା ଯେ ସବୁ ସତ କହିବ । ସତ୍ୟ ବିନା ଆଉ କିଛି କହିବ ନାହିଁ । ଜୀବନ ସାରା ମିଛ କହି ନଥିବା ମା'ର ଶପଥ ଦେଖି ପୁଅଟିର ଛାତି ଧଡ ଧଡ ହେବାକୁ ଲାଗିଲା । ହାକିମକୁ ଚାହିଁ ବୁଢ଼ୀଟି କହିଲା "ହଜୁର, ଘରେ କିଛି ନଥିବାରୁ ସକାଳୁ ପୁଅ କିଛି ଖାଇ ନ ଥିଲା । ପ୍ରବଳ ଭୋକ ହେଉଛି କହି ମୋ ପୁଅ ମୋତେ ସନ୍ଧ୍ୟାବେଳେ ଖାଇବାକୁ ମାଗିଥିଲା, ମୁଁ ତର ତର ହୋଇ ହାଣ୍ଡିଶାଳକୁ ଖାଇବା ଆଣିବାକୁ ଯିବାବେଳେ ଝୁଣ୍ଟିକରି ପଡିଯିବାରୁ ମୋ ମୁଣ୍ଡ କବାଟ ବନ୍ଧରେ ଖୁବ୍ ଜୋରରେ ମାଡ ହୋଇ ମୁଣ୍ଡ ଫାଟି ଯାଇଥିଲା ଏବଂ ପ୍ରବଳ ରକ୍ତ ସ୍ରାବ ହୋଇଥିଲା ତାପରେ ମୁଁ କିଛି ଜାଣିନାହିଁ । ମୋ ପୁଅର କୌଣସି ଦୋଷ ନାହିଁ । କୋର୍ଟରେ ଉପସ୍ଥିତ ସାହି ପଡିଶା, ପୁଲିସବାବୁ ଏବଂ ନିଜେ ପୁଅଟି ମଧ୍ୟ ସ୍ତବ୍ଧ ହୋଇଯାଇଥିଲା । ହାକିମ ବୁଢ଼ୀଟିର ବୟାନ ଉପରେ ନିର୍ଭର କରି ପୁଅଟିକୁ ନିର୍ଦ୍ଦୋଷ ବୋଲି ନିଷ୍ପତ୍ତି ନେଇ ଦଣ୍ଡ ମୁକ୍ତ କରିଥିଲେ ।

ମା' ଟିର ବୟାନ ହାକିମକୁ ଯେତିକି ଆଶ୍ଚର୍ଯ୍ୟ କରି ନଥିଲା ତାହାଠାରୁ ପୁଅଟି ଅଧିକ ଆଶ୍ଚର୍ଯ୍ୟ ହୋଇଯାଇଥିଲା । ଦୈନନ୍ଦିନ ଦୁଃଖ ନିର୍ଯାତନାର ଆଘାତ ପାଇଥିଲେ ମଧ୍ୟ ଯେଉଁ ମା ଦିନେ ହେଲେ ମିଛ କହିନାହିଁ ଆଜି ସେହି "ମା' ପୁଅକୁ କାଠ ଗଡାରୁ ମୁକୁଳାଇବାକୁ ଶପଥ କରି ମଧ୍ୟ ମିଛ କହିବାକୁ ପଛେଇଲା ନାହିଁ । ଏଥିରୁ ପ୍ରତ୍ୟୟ ହୁଏ ଯେ ମା' ର ମମତା ଅବାଟରେ ଯାଇଥିବା ପୁଅକୁ ବାଟକୁ ଆଣିବାକୁ ସମ୍ପୂର୍ଣ୍ଣ ରୂପେ ସକ୍ଷମ ହୋଇଥାଏ । ଏ ସବୁ ଘଟଣା ଦେଖିବାପରେ ପୁଅର ହୃଦୟରେ ହଠାତ୍ ଏକ ନୂତନ ଭାବ ଉଦ୍ରେକ ହେଲା । ସେହି କୋର୍ଟରେ ସେ ମା'ର ଗୋଡ ଧରି ଶପଥ କଲା ଯେ ଜୀବନରେ ଆଉ ସେ ମଦ ଛୁଇଁବ ନାହିଁ । ମା' ର ମମତା ହିଁ ପୁଅଟିକୁ ସତ୍ ବାଟରେ ନେବାକୁ ସକ୍ଷମ ହୋଇଥିଲା ।

**ଏନ୍-୫,୨୨୩, ଆଇ.ଆର.ସି. ଭିଲେଜ,**
**ଭୁବନେଶ୍ୱର-୧୫**

# ସକାଳ ବନ୍ଦନା ସଂଗ୍ଧ

## ପ୍ରାର୍ଥନା-୧୭



**ରମେଶ ମଙ୍ଗରାଜ**

ଅଜ୍ଞାନ ଅନ୍ଧାର ଦୂରକର ପ୍ରଭୁ
ଜ୍ଞାନର ଆଲୋକ ଦେଇ,
କର୍ମ କରିବାକୁ ଶକ୍ତିଦିଅ ପ୍ରଭୁ
ସଦା ଆନ ହିତ ପାଇଁ ।।୦।।

ଦୁଃଖୀଜନ ପାଇଁ ସୁଖ ବାଣ୍ଟିବାକୁ
ଏତିକି ଆଶିଷ ଦିଅ,
ସାରା ଜଗତରେ ସବୁରି ଭିତରେ
ଦେଖୁଥାଏ ତୁମ ମୁହଁ,
ଧନଜନ ଯଶ ସୁଖ ପଉରୁଷ
ମୋ ପାଇଁ କି ଲୋଡ଼ାନାହିଁ।।୧।।

ଅଜ୍ଞାନ ଅନ୍ଧାର ......
ହୃଦୟରୁ ମୋର ଅପସାରିଦିଅ
ଗର୍ବ ଅହଂକାର ଭାବ,
ଭବ ସାଗରରୁ ଉଦ୍ଧାର ପାଇଁକି
ଦିଅ ଭକତିର ନାବ,
ସଂସାରୀଟିଏ ମୁଁ ବାଟ ଚାଲୁଥାଏ
ପ୍ରଭୁ ତୁମନାମ ଗାଇ।।୨।।
ଅଜ୍ଞାନ ଅନ୍ଧାର ......

**କବି ଓ କବିତା ଭବନ**
**ମହୁଲ. ଅଙ୍ଗାରପଡ଼ା ଖୋର୍ଦ୍ଧା**
**ଦୂରଭାଷ : ୯୧୭୮୬୨୬୨୮୦**



# "ଉଭା ଯେତେ ପୋତା ସେତେ"

**ଶିବ ମିଶ୍ର**

ଏଇ ଅଫିସରେ ଗୋଲିଆ ବାବୁ ମଝି ମଝିକିଆ ଚାକିରିଆଟିଏ। ତା'ମାନେ ସିଏ ହାକିମ ନୁହନ୍ତି କି ପିଅନ ନୁହଁନ୍ତି। ହେଲେ ଏ ଅଂଚଳରେ ତାଙ୍କର ଖୁବ୍ ନାଆଁ, ଖୁବ୍ ଖାତିର୍। ଗୋଲିଆ ବାବୁ ଏଇଠି ଦଶ ବର୍ଷ ହେଲା ରହିଲେଣି। ଏଇଟା ତାଙ୍କର ଦ୍ୱିତୀୟ ଜନ୍ମଭୂମି ହୋଇଗଲାଣି। ସିଏ ଏଠି ରହିଛନ୍ତି କ'ଣ ଲୋକେ ତାଙ୍କୁ ରଖିଛନ୍ତି। ଏ ଭିତରେ ଯେତେଥର ତାଙ୍କର ବଦଳି ହେବ ବୋଲି ଶୁଣାଯାଇଛି, ସେତେଥର ଏଇ ଅଞ୍ଚଳରେ ଲୋକମାନେ ଆନ୍ଦୋଳନ କରି, ଦାବୀଦୁବା କରି, ସେ ଆଦେଶ ବାତିଲ୍ କରିଦେଇଛନ୍ତି। ଲୋକମାନେ ତାଙ୍କୁ ଏତେ ଭଲ ପାଇବାର କାରଣ ହେଲା- ଗୋଲିଆ ବାବୁଙ୍କର ଏଠାରେ ଦୀର୍ଘ ଦିନର ରହଣିରେ ସିଏ ଅଞ୍ଚଳର ପ୍ରାୟ ସବୁ ସଂଘ, ସମିତି, ମଞ୍ଚ, ସଂସ୍ଥା ଅନୁଷ୍ଠାନ ଇତ୍ୟାଦିରେ ସଭ୍ୟ କିମ୍ବା ପଦାଧିକାରୀ କର୍ମକର୍ତ୍ତା ହୋଇ କାର୍ଯ୍ୟ କରିଛନ୍ତି। ଏବେବି କରୁଛନ୍ତି। ସେଥିପାଇଁ ନିଜ ଅର୍ଣ୍ଣିଧନ ବ୍ୟୟ କରୁଛନ୍ତି। ଯାହା କୁହନ୍ତି- ହାତରୁ ଖାଇ ଘୋଡ଼ା ଆଗରେ ଡ଼େଉଁଛନ୍ତି। ତାଙ୍କର ଏପ୍ରକାର କାମ ଦେଖି ଲୋକେ କହୁଛନ୍ତି- ଗୋଲିଆ ବାବୁଙ୍କର ଆଗ ନାହିଁ କି ପଛନାହିଁ। ଆଦି ନାହିଁ କି ଅନ୍ତ ନାହିଁ।

ଗୋଲିଆ ବାବୁ ଦଶବର୍ଷ ହେଲା ଏଇ ଗୋଟିଏ ଅଫିସରେ କାମ କରୁଛନ୍ତି। ତେବେ ବି ସିଏ କାହାଠାରୁ ଟଙ୍କାଟିଏ ଲାଞ୍ଚ ନେବାକଥା କେହି କହିପାରିବେନି। ହଁ ଏମିତି କିଏ କେଉଁଠି ବାଧ କଲେ ଚା' ଜଳଖିଆ ଖାଇଥିବେ। ପାନ ସିଗାରେଟ୍ ଛୁଅନ୍ତି ନାହିଁ। ତା'ଛଡ଼ା ସେ ବାହାସାହା ହୋଇନାହାନ୍ତି। ତାଙ୍କର ପିଲା ଛୁଆର ଜଞ୍ଜାଳ ନାହିଁ। ପୁଣି ତାଙ୍କ ବାପା ମା' କେବେଠୁ ସେ ପୁରକୁ ଗଲେଣି। ଗୋଲିଆ ବାବୁ ଯାହା ଦରମା ପାଉଛନ୍ତି ସେତକ ତାଙ୍କୁ ବଳାବଳ। ଆଉ ସେ ଲାଞ୍ଚ ଆଡ଼କୁ ମନ ଦେବେ କାହିଁକି ? ଲାଞ୍ଚଧନ ଆଉ ଲାଞ୍ଚୁଆ ଜନଙ୍କୁ ଦେଖିଲେ, ସିଏ ଚିଡ଼ି ଯାଆନ୍ତି। ଛି, ଛି, ଥୁଃ, ଥୁଃ କହିକହି ପାଖ ଛାଡ଼ି ଚାଲିଯାଆନ୍ତି। ଅନ୍ୟକଥା ଯାହା ତାହା ହେଲେ ଏଇ ଲାଞ୍ଚ ନାଆ ଶୁଣିଲେ ତାଙ୍କର ବ୍ରହ୍ମ ଜଳିଯାଏ। ତାଙ୍କ ଭାଷାରେ ଲାଞ୍ଚ ହେଲା ଅମେଧ। ତାକୁ କୁକୁର ଖାଏ, ଘୁଷୁରି ଖାଏ। ମଣିଷ ନୁହେଁ।

ଏବେ ଦିନେ ତାଙ୍କ ଅଫିସରେ ଗୋଟାଏ ଘଟଣା ଘଟିଗଲା। ତାକୁ ଅଘଟଣ କୁହାଯାଇପାରେ, ଦୁର୍ଘଟଣା ବି କୁହାଯାଇପାରେ। ଘଟଣାଟି ତାଙ୍କ ଅଫିସର ବଡ଼ ହାକିମଂକ ଠାରୁ ଆରମ୍ଭ ହୋଇ ଗୋଲିଆ ବାବୁଙ୍କ ପାଖରେ ଶେଷହେଲା। ସେ ଘଟଣାଟି ହେଲା ଆଗରୁ ଏଇ ଅଫିସରେ ଯେତେଜଣ ବଡ଼ ହାକିମ ଥିଲେ- ସମସ୍ତେ ଗୋଟାଏ ବାଟରେ ଥିଲେ। ହେଲେ ଏବେ ଯିଏ ବଡ଼ ହାକିମ ଅଛନ୍ତି ସିଏ ବାଟ ଅବାଟ ନମାନି ଲାଞ୍ଚ ଗୋଟାଇବା ପାଇଁ ଅମଡ଼ା ମାଡ଼ି ଚାଲିଛନ୍ତି। ସିଏ ଆଗକୁ ଝିଅ ବାହାଘର କରିବେ, ସେଥିପାଇଁ ଅଫିସର ସବୁ କିରାଣୀଙ୍କୁ ତାଗିଦ୍ କରିଦେଇଛନ୍ତି ଯେ- ବିନା ପାଉଣାରେ କୌଣସି ଫାଇଲ ତାଙ୍କ ଟେବୁଲ ଉପରକୁ ଯିବନାହିଁ। ହେଲେ ଏକଥା ସିଏ ଗୋଲିଆ ବାବୁଙ୍କୁ କହିପାରିନାହାନ୍ତି। ଗୋଲିଆ ବାବୁ ସାନ ଅଫିସରଟିଏ ହେଲେ କ'ଣ ହେଲା ସଙ୍କୋଚ ପଣିଆ ଆଗରେ ମିଛୁଆ, ଲାଞ୍ଚୁଆ ବଡ଼ ହାକିମ ମାନଂକର ରଂଗ ପୂରା ଫିକା ପଡ଼ିଯାଏ।

ହଁ ସେଦିନ ଘଟଣାଟି ହେଲା- ଜଣେ ବଡ଼ କଂଟ୍ରାକ୍ଟରଂକର କାମ ବାବଦରେ ବକେୟା ପ୍ରାପ୍ୟ ଟଂକା ମଂଜୁର କରିବା ପାଇଁ ବଡ଼ହାକିମ ଲାଂଚ ଆକାରରେ କିଛି ଟଙ୍କା ନେଇସାରିଥିଲେ। ଆଉ କିଛି ଟଙ୍କା ନେବାକୁ ଥିଲା। ସେଦିନ ସେ କଂଟ୍ରାକ୍ଟର, ବାକିଆ ଟଙ୍କା ଦେବାପାଇଁ ଅଫିସକୁ ଆସି, ବିଡ଼ାଟିଏ ଟଙ୍କା ବାହାର କରି ବଡ଼ ହାକିମଙ୍କୁ ଦେଲାବେଳକୁ ଗୋଲିଆ ବାବୁ କୋଉଠି ଥିଲେ ଧାଇଁଆସି ସେ ନୋଟ୍ ବିଡ଼ାଟି ଧରିପକାଇଲେ। ଏତିକି ବେଳକୁ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚି ଗୋଲିଆ ବାବୁଙ୍କର ନୋଟ୍ ଥିବା ହାତଟିକୁ ଖୁବ୍ ଜୋର୍‌ରେ ଧରିନେଲେ। ତାଙ୍କୁ କହିଲେ- ଆଉ ଅଧିକ ପ୍ରମାଣ ଦରକାର ନାହିଁ , ଏବେ ଚାଲନ୍ତୁ, ଗାଡ଼ିରେ ବସନ୍ତୁ। ସେତିକିବେଳେ ବଡ଼ ହାକିମ କହିଲେ- "ଗୋଲିଆ ବାବୁ ଆପଣ ଏକାମ କଲେ କାହିଁକି ?" ଗୋଲିଆ ବାବୁ କହିଲେ- ଏ କଂଟ୍ରାକ୍ଟର ଜଣକ ଭିଜିଲାନ୍ସ ବିଭାଗ ସହିତ ଜଡିତ, ତା' ଛଡ଼ା ସମସ୍ତେ ଜାଣନ୍ତି ମୋର ଆଗନାହିଁ କି ପଛନାହିଁ।" ମୋ ବିଷୟରେ କାହିଁକି ଚିନ୍ତା କରୁଛନ୍ତି। ମୋ କଥା ଛାଡ଼ନ୍ତୁ ନିଜ ଝିଅର ବାହାଘର କାମଟା ଭଲରେ ଭଲରେ କରିଦିଅନ୍ତୁ। ମୁଁ ଜାଣେ ବାପର ବଦ୍‌ନାମ ଥିଲେ ଝିଅର ବାହାଘର ମୁସ୍କିଲ୍ ହୋଇଯାଏ। ଏହା ଆପଣ ନିଶ୍ଚୟ ଜାଣିଥିବେ।" ବାସ୍ ସେତିକି ଆଉ ଅଧିକ କିଛି କହିବାକୁ ସୁଯୋଗ ନଦେଇ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଗୋଲିଆ ବାବୁଙ୍କୁ ଜିପ୍‌ରେ ବସାଇ ନେଇଗଲେ।

ଏବେ ବଡ଼ ହାକିମ ନିରବ। ସବୁ କର୍ମଚାରୀ ଚୁପ୍। ପୂରା ଅଫିସ୍ ନିଃଶବ୍ଦ। ନା- ନା- ଅଫିସ୍ କାନ୍ଥରେ ଓହଳିଥିବା ସେହି ପୁରୁଣା କାଳିଆ ସେହି ମୋଟା କାଚର ବଡ଼ ମୁହଁ ଘଣ୍ଟାଟା ସବୁବେଳ ପରି ଟିକ୍ ଟିକ୍ ଶବ୍ଦ କରୁଥିଲା। ହେଲେ ସିଏ ଏବେ ସମୟ କହୁନଥିଲା- କହୁନଥିଲା- ଲୋକେ କହୁଛନ୍ତି ଗୋଲିଆ ବାବୁ ଠକର ଆଗ ନାହିଁ କି ପଛ ନାହିଁ। ହେଲେ ମୁଁ ଜାଣେ ଗୋଲିଆ ବାବୁଙ୍କର ମଣିଷପଣିଆ ଅଛି। ତାହା ପୁଣି ଉଭାଯେତେ ପୋତା ସେତେ।।

**ବାଣପୁର, ଖୋର୍ଦ୍ଧା**
**ଦୂରଭାଷ : ୯୮୫୩୦୭୦୦୧୮**

# ବିକଳ୍ପର ସ୍ୱର

**କବିତା ପଟ୍ଟନାୟକ**

"ଦାମ୍ପତ୍ୟ" ଚମତ୍କାର ଶବ୍ଦଟି ଗୁନ୍ଥା ତିନୋଟି ଅକ୍ଷରରେ; ଯାହାର ଯାଦୁକରୀ ସ୍ପର୍ଶ ଜୀବନକୁ କୋଟି ଲାବଣ୍ୟର ମହକରେ ମହକିତ କରେ ତ ପୁଣି କେବେ ଘନ ଅନ୍ଧକାରରେ ଆଚ୍ଛନ୍ନ କରିଦିଏ। ସେହି ଛୋଟ କିଂତୁ ବିରାଟ ତତ୍ତ୍ୱର ମହିମାରେ ମହିମଣ୍ଡିତ ମୋ କାହାଣୀଟି ଆରମ୍ଭ ହୋଇଥିଲା ଏକ ଛୋଟ ଘଟଣାରୁ। ଆପଣମାନେ ନାୟକ ଭାବନ୍ତୁ ବା ଖଳନାୟକ ଯାହାଙ୍କ ଉପରେ ମୋ କାହାଣୀ ପର୍ଯ୍ୟବଶିତ ସେହି ଅଶିତିପର ବୃଦ୍ଧଙ୍କୁ ମୁଁ ଭେଟିଥିଲି ସାବିତ୍ରୀ ପୂଜାର ରାତିର ପୂର୍ବ ସନ୍ଧ୍ୟାରେ।

ସେଦିନ ଫଳ ଦୋକାନରେ ଅସମ୍ଭବ ଭିଡ଼ ଥିଲା। ଭିଡ଼ ଭିତରେ ଦୁର୍ବଳ ଚେହେରାର ବୁଢ଼ାଟିଏ ହାତଯୋଡ଼ି ଖୁବ୍ ନେହୁରା ହେଉଥାଏ ଦୋକାନୀ ବାବୁଙ୍କ ଆଗରେ ..... ବାବୁ ..... ପାଞ୍ଚଟଙ୍କ ନିଅବାବୁ ...... ଯୋଡ଼େ ତିନିଟା ଫଳ ଦେଇଦିଅ ବାବୁ। ଆଉ ଦୋକାନୀ ବାବୁ ଜଣଙ୍କ ଗଳା ଫଟାଇ ଘଉଡ଼ାଉ ଥା'ନ୍ତି ..... ଏ ..... ବୁଢ଼ା ..... ଏ .... ଛାଡ଼ିକି ..... ଫଳ ପାଖରୁ ଛାଡ଼ିକି ଠିଆହଅ। ଯା ..... ଭାଗ ..... ପାଞ୍ଚଟଙ୍କା ଆଣିଚି ..... ନାଇ ..... ନାଇ ..... ଶଃ .... ଯିଏ ଦେବ ତା ଦୋକାନକୁ ଯା ...... ବୁଢ଼ା କିନ୍ତୁ ନଛୋଡ଼ ବନ୍ଧା .... ବାବୁ .....।

ଆଉ କେଉଁ ଦୋକାନ ବାବୁ; ତୁମ ଦୋକାନରୁ କ'ଣ ଦିଟା ଦେଇଦିଅ। ବୁଢ଼ାଟା ବୋଲି ଦୟା ଲାଗୁଥିଲା। ଶଃ ..... ଗଳାଧକ୍କା ଦେଇ ବାହାର କରିବି। କହୁ କହୁ ବିରକ୍ତ ଦୋକାନୀର ହାତ ଲମ୍ବି ଆସିଲା ବୁଢ଼ାର ଗଳା ପାଖକୁ, ଆଉ ଦୋକାନୀର ଗଳାଧକ୍କାରେ ବୁଢ଼ାଟି ମୋ ବ୍ୟାଗ୍ ଉପରେ ପଡ଼ିଯାଉ ଯାଉ ମୁଁ ତାକୁ ସମ୍ଭାଳି ନେଲାବେଳେ ଲକ୍ଷ୍ୟ କଲି ବୁଢ଼ା ମୋ ବ୍ୟାଗ୍ ଯୋଡ଼େ ତିନିଟା ଫଳ ବାହାର କରି ହାତରେ ଧରିଲା ଆଉ ତଳକୁ ମୁହଁପୋତି ଭିଡ଼ ଭିତରୁ ବାହାରିଗଲା। ମୋ ଆଖି ସାମ୍ନାରେ ଏଭଳି ଅବିଶ୍ୱସନୀୟ ଦୃଶ୍ୟ ମୋତେ ଯେତିକି ଆଶ୍ଚର୍ଯ୍ୟ କରିଥିଲା ତା'ଠୁ ଅଧିକ ବ୍ୟଥିତ ବି କରୁଥିଲା; ଖୁବ୍ ଅନ୍ୟମନସ୍କ ଭାବେ ଦୋକାନୀକୁ ପଇସା ବଢ଼େଇଲି। ହାଡ଼ୁଡ଼ିର ଗଳାଫଟା ଶବ୍ଦ ମୋର ପିଣ୍ଡରୁ ପ୍ରାଣକୁ ପ୍ରସାରିତ ହେଉଥିଲା। ମୁଁ ମନ ଭିତରେ ବୁଢ଼ାମନସ୍କ ହୋଇପଡୁଥିଲି। ଯାହାଫଳରେ ଦୋକାନୀ ଠାରୁ ବାକି ପଇସା ନନେଇ ଖୁବ୍ ଅନ୍ୟମନସ୍କ ହୋଇ ଘରକୁ ଫେରିଲି। ମନ ଭିତରେ ଗୁଡ଼ାଏ ପ୍ରଶ୍ନବାଚୀ ଗୁଡ଼େଇ ତୁଡ଼େଇ ହେବାସହ ଖୁବ୍ ତାଣ୍ଡବ ଆରମ୍ଭ କରିଥିଲେ।

ଘରଣୀ ଚା' କପ୍ ସହ ଏକ ପାଞ୍ଚଟଙ୍କା କଏନ୍ ବଢ଼େଇ ଦେଉ ଦେଉ କହିଲେ ଫଳ ବ୍ୟାଗରେ ପଡ଼ିଥିଲା; ଆଜିକାଲି କ'ଣ ଫଳ ସହିତ ପାଞ୍ଚଟଙ୍କା ଫ୍ରି!!! ଘରଣୀଙ୍କର ଏ ଲଘୁ ପରିହାସ କିନ୍ତୁ ମୋ ମନକୁ ଛୁଇଁପାରୁନଥିଲା। ପ୍ରଶ୍ନର ଚକାଭଉଁରୀ ଭିତରେ ଗୁଡ଼େଇ ହେଉଥିବା ମନରେ ଚମକ ଖେଳିଗଲା ଆଉ ମୁଁ ଖସିପଡୁଥିଲି ତଳକୁ ତଳକୁ। ଅପେକ୍ଷା ଥିଲା ସକାଳର।

ସାବିତ୍ରୀ ଥିବାରୁ ଘରେ ଖୁବ୍ ଖୁସି ଆଉ ଆନନ୍ଦର ମହୋଲ ଥିଲା। ମାତ୍ର କୌଣସି ଖୁସି ସହ ନିଜକୁ ସାମିଲ କରିପାରୁନଥିଲି। ମୋ ଭିତର ଘୂର୍ଣ୍ଣିଝଡ଼ ମୋତେ ଅଣନିଃଶ୍ୱାସୀ କରିପକାଉଥିଲା। ମୋ ନିଜ ଅଜାଣତରେ ମୁଁ ପୂର୍ବସଂଧ୍ୟାର ଫଳ ଦୋକାନୀ ପାଖକୁ ଚାଲିଆସିଲି। ତା'ଠୁ ବୁଢ଼ାର ଘର ଠିକଣା ବୁଝିବାବେଳେ ଦୋକାନୀର ବିସ୍ମୟଭରା ଆଖି ଦିଇଟା ମୋ' ଉପରେ ଘୂରିଆସିଲା। ମାତ୍ର ମୋର ଅନ୍ୟମନସ୍କତା ଲକ୍ଷ୍ୟକରି ହୁଏତ କିଛି ନକହି ମୋର ପୂର୍ବ ବାକି ଫେରେଇବା ପଇସା ସହ ବୁଢ଼ାର ଘର ଠିକଣା କହିଥିଲା।

ବହୁକଷ୍ଟରେ ଏକ ଛୋଟ କୁଡ଼ିଆ ପାଖରେ ପହଞ୍ଚିଲି। ତାଟିକବାଟ ଠେଲି ଭିତରକୁ ମୁଣ୍ଡ ଟେକି ଚାହୁଁ ଚାହୁଁ ବୁଢ଼ାର ଆଖି ମୋ ଆଖି ସହ ମିଶିଗଲା। ସଜଳ ଓ ବିସ୍ଫାରିତ ନେତ୍ରରେ ବୁଢ଼ା ମୋ ପାଖକୁ ଧାଇଁଆସିଲା; ଖୁବ୍ ସଂଭ୍ରମତାର ସହ ମୋତେ ଭିତରକୁ ଯିବାକୁ ଅନୁରୋଧ କଲା। ଯେଉଁ ପ୍ରଶ୍ନ ମୋତେ ଏତେ ଦୂର ଭିଡ଼ିଆଣିଲା ସେହି ଉତ୍ତର ପାଇଁ ମୋତେ ଭିତରକୁ ଯିବାକୁ ହେବ। ବାହାର ଅପେକ୍ଷା ଭିତର ଦୃଶ୍ୟ ଥିଲା ଖୁବ୍ ମର୍ମସ୍ପର୍ଶୀ। ତଳେ ଶଯ୍ୟା ଉପରେ ଏକ ଜୀର୍ଣ୍ଣଶୀର୍ଣ୍ଣ ବୁଢ଼ୀ ଶୋଇଥିଲା। ତା' ମୁଣ୍ଡ ପାଖରେ ଏକ ଷ୍ଟିଲ୍ ଥାଳିରେ ଏକ ନାଲି ସୂତା ଶାଢ଼ୀ, ଶଙ୍ଖା, ସିନ୍ଦୂର ଓ କିଛି ଫଳ ସଜା ହୋଇଥିଲା। ମନ ବୁଝିଲା ଭଳି ବୁଢ଼ା ମୋ ପାଖକୁ ଲାଗିଆସିଲା– କହିଲା ବାବୁ ବିଚାରି ବୁଢ଼ୀଟା ତିନିଦିନ ହେଲା କିଛି ଖାଇନି। ପୂଜାକରି କ'ଣ ଦି'ଟା ପାଟିରେ ଦେବ ବୋଲି ଡ଼ାକିଲେ ବି ଶୁଣୁନି। ମନକୁ ମନ କହିଲା ଭଳି ବୁଢ଼ା ଗୁଣୁଗୁଣୁ ହୋଇ କହିଲା– ବୁଢ଼ୀଟାର ନାଲି ଶାଢ଼ୀରେ ଭାରି ସଉକ। ପିନ୍ଧିବାକୁ ଭାରି ରଙ୍ଗ– ଦେଖିଲି କାନ୍ଥରେ ଟଙ୍ଗା ହୋଇଛି ଡ଼ାକ୍ତରୀ ସାର୍ଟିଫିକେଟସ ସହ ଏକ ବଡ଼ ଫଟୋ। ଖୁବ୍ ଉତ୍ସାହରେ ବୁଢ଼ା କହିଲା ବାବୁ ଏ ମୋ ପୁଅ ଡ଼ାକ୍ତର ହୋଇଛି। ଫରେନ୍‌ରେ ଅଛି। ମୋ ବୋହୂ ବି ଡ଼ାକ୍ତର। କହୁକହୁ ବୁଢ଼ା ନଥିକିନା ବୁଢ଼ୀ ପାଖରେ ବସିପଡ଼ିଲା। ପୁଅକୁ ପାଠ ପଢ଼େଇବାକୁ ଖୁବ୍ କଷ୍ଟ ହୋଇଚି ବାବୁ। ବୁଢ଼ାବୁଢ଼ୀ ଦି'ଟା ଯେତେ କାମ କଲେ ବି ପଇସା ନିଅଣ୍ଟ ହୁଏ। ପୁଅ ପାଇଁ ପଇସା ପଠେଇ ସାରିବା ପରେ ଅଳ୍ପ କିଛି ବଳେ। ବୁଢ଼ୀଟା ବିଚାରୀ ଖୁବ୍ ଭୋକ ଉପାସ ସହିଚି। ବୁଢ଼ାର ପିଞ୍ଜରା ଥରାଇ ବାହାରି ଆସିଲା ଏକ କ୍ଷୀଣ ଦୀର୍ଘଶ୍ୱାସ। ବୁଢ଼ୀ ପାଖରେ ପଡ଼ିଥିବା ଏକ File ର ପ୍ରଥମ Page ଟା ବୁଢ଼ୀର death certificate ଥିଲା। ମୃତ୍ୟୁର କାରଣ ପାଖରେ ଲେଖା ହୋଇଥିଲା "ରକ୍ତହୀନତା"। ପୃଷ୍ଠା ପରେ ପୃଷ୍ଠା ଲେଉଟାଇ ଚାଲିଲି। ଦେଖିଲି ବୁଢ଼ା ମଧ୍ୟ ବ୍ଲଡ୍‌କ୍ୟାନ୍‌ସର୍‌ରେ ଆକ୍ରାନ୍ତ। ଅତିକ୍ରାନ୍ତ ବୟସରେ ବି ବୁଢ଼ୀ ୪ଥର

ବୁଢ଼ାକୁ ରକ୍ତଦେଇଛି। ବୁଢ଼ା ତା'ର ଥରଥର ହାତରେ ମୋ ହାତ ଦୁଇଟିକୁ ଧରିପକାଇଲା। ବାବୁ ..... ମୁଁ ଗରିବ ସିନା ଚୋର କି ଖଣ୍ଟ ନୁହେଁ। କେବଳ ଏ ବୁଢ଼ୀଟା ପାଇଁ ..... ଥରି ଉଠିଲା ବୁଢ଼ାର ସ୍ୱର; ତମାମ ଜୀବନର ଦୁଃଖ ସବୁ ଶବ୍ଦ ହୋଇ ବୁଢ଼ାର ଦାନ୍ତ ନଥିବା ପାଟି ଭିତରେ ଚକାଭଉଁରୀ ଖେଳୁଥିଲେ। ଛଅଦଶନ୍ଧିର ହିସାବ କିଛି କମ୍ ନୁହେଁ। ଆତ୍ମୀୟତାର ଝଲକରେ ବୁଢ଼ାର ଆଖି ଦି'ଟା ଚମକି ଉଠୁଥିଲା। କାହିଁକି କେଜାଣି ବୁଢ଼ାର ଦୁଃଖ ସବୁ ମୋତେ ସୁଖ ଭଳି ପ୍ରତ୍ୟୟମାନ ହେଉଥିଲା। ଜଣେ ମୃତା ଆଉ ଜଣେ ମୃତ୍ୟୁର ଦ୍ୱାରଦେଶରେ। ଆଉ ଏ ଅନାବିଳ ଦାଂପତ୍ୟ ପ୍ରେମର ମଧୁରିମାରେ ରୋମାଚିଂତ ହେଉଥିଲି ମୁଁ। ଘର .... ଘର ବୋଇଲେ ଦୁଇଟି ଟିଣବାକ୍ସ, କିଛି ବାସନ, କାନ୍ଥରେ ଟଙ୍ଗା ହୋଇଥିବା ଦୁଇ ଚାରିଟା ଫୋଟୋ ଆଉ ଦି'ଟା ଛିଣ୍ଡା କନ୍ଥାକୁ ନେଇ ବୁଢ଼ାର ତେଲ ଲୁଣର ସଂସାର ଏବଂ ଏହି ମୂଳଦୁଆ ଉପରେ ନିର୍ମିତ ଏ ଜୀବନର ବିଶାଳ ସୌଧ ଆଉ ତା' ଭିତରେ ଲୁଚିଥିବା ସଫଳ ଜୀବନର ଚାବି ଯାହା ମୋତେ ମୁଗ୍ଧ, ବିସ୍ମିତ ଓ ରୋମାଂଚିତ କରୁଥିଲା। ବୁଢ଼ାର ଶ୍ଳଥ ଚର୍ମର ଧାରଦେଇ ଝରିପଡୁଥିଲା ଧାରଧାର ଲୁହ। ବୁଢ଼ା କିନ୍ତୁ କହିଚାଲିଥିଲା। ଡ଼ାକ୍ତର ବାବୁ କହୁଛନ୍ତି ବୁଢ଼ୀ ଆଉ ଏ ଦୁନିଆରେ ନାହିଁ। ବାବୁ ଡ଼ାକ୍ତରମାନେ କ'ଣ ସବୁବେଳେ ସତ କହନ୍ତ??? ମୋ ଡ଼ାକ୍ତର ପୁଅ ତ କେବେ ସତ କହିନି ବାବୁ! ଚମକ ଖେଳିଗଲା ମୋ ଭିତରେ। ଗୋଟିଏ ପୁଅ ପାଇଁ ଏ ପ୍ରଶ୍ନ ନଥିଲା ସବୁପୁଅମାନଙ୍କୁ ଏହାର ଜବାବ ଦେବାକୁ ହେବ। ବୁଢ଼ା ମୋତେ ସିଧା ମୁଣ୍ଡ ଉଠାଇ ଚାହିଁଥିଲା। ହୁଏତ ଜବାବ ଖୋଜୁଥିଲା ମୋ ଭିତରୁ। ବୁଢ଼ାର ପେଜୁଆ ଆଖି ଭିତରେ ମୁଁ ଭେଟୁଥିଲି ମୋ ବାପାଙ୍କୁ। ଷ୍ଟିଲ୍ ଥାଳିଟା ମୋ ଆଡ଼କୁ ଘୁଞ୍ଚାଇଦେଇ ବୁଢ଼ା କହୁଥିଲା ବାବୁ ବୁଢ଼ୀଟା ଆଖି ଖୋଲିଲେ ଏଇଟା ତାକୁ ଦେଇଦବ। ଭା.ରି.ଖୁ.ସି.ହେ.ବ. ଅସ୍ପଷ୍ଟ ଶୁଭୁଥିଲା ବୁ ଢ଼ାର ସ୍ୱର ..... ମୁଦି ହୋଇଆସୁଥିଲା ତା'ର ଆଖି। ହୁଏତ ଆଜିବି ଫକୀର ମୋହନ ସେନାପତିଙ୍କ ଡ଼ାକମୁନ୍‌ସି ଆମ ଭିତରେ ବଞ୍ଚିଛି , ଆଉ ଉତ୍ତର ପିଢ଼ିର ଉତ୍ତର ଦାୟିତ୍ୱକୁ ନେଇ ପୃଷ୍ଠା ଓଲଟାଇ ଚାଲିଛି।

ତତ୍‌କ୍ଷଣାତ୍ ମୁଁ ମୋ କର୍ତ୍ତବ୍ୟ ବିଷୟରେ ନିଷ୍ପତ୍ତି ନେଉ ନେଉ "ଶହେ ଆଠ ଆମ୍ବୁଲାନ୍ସ ସେବା" କୁ ଫୋନ୍ କଲି। ପରବାସୀ ବାପା-ବୋଉଙ୍କର ନିଚୋଳ ଛବି ମୋ ଆଗରେ ହଠାତ୍ ଉଦ୍‌ଭାସିତ ହୋଇଉଠିଲା ଆଉ ଓଦା ହୋଇଯାଇଥିବା ଆଖିପତାକୁ ବାରମ୍ବାର ରୁମାଲରେ ପୋଛିଥିଲି ମୁଁ।

**ପଲଟନ ପଡିଆ, ଖୋର୍ଦ୍ଧା**
**ଦୂରଭାଷ- ୮୦୯୩୬୦୯୨୭୨**

# ଆମ ଆଖିରେ 'ଆମରିସତ୍ୟ'

**ଯଶବିତି ମହାପାତ୍ର**

ହୀରା, ମୋତି, ମାଣିକ ନୁହଁଇ,
ପତ୍ରିକା ଖଣ୍ଡିଏ ଏହି,
ନୀତିବାଣୀଠାରୁ ଲୋକବାଣୀ ଯାଏଁ
ସବୁ କଥା ଦିଏ କହି। ୧।
'ଆମରିସତ୍ୟ'ରେ ସତ୍ୟଚେତନାର କଥା,
ନିତିପଢ଼ା ହୋଇଥାଏ ,
ଦେଶବିଦେଶର ପ୍ରତିଟି ବାରତା,
ମନ କିଣି ନେଇଥାଏ। ୨।
ପିଲାମାନଙ୍କ ପାଇଁ କବିତାଠାରୁ
ଗପ, ନାଟକ ପରିଯନ୍ତେ,
ପଢ଼ିବାପାଇଁ ବିବିଧ କଥା
ପାଆନ୍ତି ଏଥିରେ ସମସ୍ତେ। ୩।
ଶିକ୍ଷା, ସଂସ୍କୃତି, ପରମ୍ପରା ଭଳି,
ସ୍ୱଚ୍ଛ ଆଦର୍ଶର କଥା,
ସମାଜକୁ ନୂତନ ଆଲୋକ ଦେଖାଇ
ଦେଇଥାଏ ସଦା ଏହି ବାର୍ତ୍ତା। ୪।
ଗଣିତ, ବିଜ୍ଞାନ ବିଷୟ ବାରତା
ସଭିଙ୍କୁ ବାଣ୍ଟି ଚାଲିଛି,
'ଆମରିସତ୍ୟ'ରେ ମହତ୍ ଜ୍ଞାନର
ବହୁତ କଥା ରହିଛି। ୫।
ଆମରିସତ୍ୟରେ ବହୁକଥା ଆମେ
ପ୍ରତିମାସେ ପଢ଼ିଥାଉ,
ଜୀବନର ଲକ୍ଷ୍ୟ ପୂର୍ଣ୍ଣ ହେବା ପାଇଁ
ସଦା ଆଶା ବାନ୍ଧିଥାଉ। ୬।
ଜ୍ଞାନର ଅମୂଲ୍ୟ ଭଣ୍ଡାର
ଏହି ପତ୍ରିକାଟି ସତେ,
ତାକୁ ନ ପଢ଼ିଲେ କାହିଁକି କେଜାଣି
ଭଲ ଲାଗେ ନାହିଁ ମତେ। ୭।
ଆମ ଆଖିରେ ସବୁବେଳେ ଏହା
ରହିଥିଲା, ରହିଥିବ
ସମାଜକୁ ସଦା ଜ୍ଞାନର ଆଲୋକ
ଅବିରତ ବାଣ୍ଟୁଥିବ। ୮।

**ବିଡିଏ, କଲୋନୀ, ଖୋର୍ଦ୍ଧା**

# ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ



ଶ୍ରୀ ଜବାହରଲାଲ ସୁବୁଦ୍ଧି



ଆମର ପ୍ରିୟ ଦେଶ ଭାରତ ବର୍ଷକୁ ମୋଗଲ, ମରହଟ୍ଟା ଓ ଇଂରେଜମାନେ ଶହ ଶହ ବର୍ଷଧରି ଶାସନ କରି ଆସୁଥିଲେ। ସେମାନଙ୍କ ଅତ୍ୟାଚାରରେ ଭାରତବାସୀ ପେଷି ହୋଇଯାଉଥିଲେ। ଭାରତକୁ ସ୍ୱାଧୀନ କରିବା ପାଇଁ ବହୁ ସ୍ୱାଧୀନତା ସଂଗ୍ରାମୀ ସେମାନଙ୍କ ଜୀବନକୁ ବାଜି ଲଗାଇ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ଜୀବନ, ସେମାନଙ୍କର ବୀରତ୍ୱର କାହାଣୀ ତଥା ଦେଶ ମାତୃକାକୁ ସ୍ୱାଧୀନ କରିବା ପାଇଁ ଇଂରେଜ ସରକାରଙ୍କ ଅତ୍ୟାଚାର, ନିଷ୍ପେଷଣ ଓ ବିଭିନ୍ନ କ୍ଷେତ୍ରରେ ଅବହେଳାକୁ ଲୋକେ ଆଉ ବରଦାସ୍ତ କରିପାରିଲେ ନାହିଁ । ଏ ମହାନ ଦେଶରୁ ଇଂରେଜମାନଙ୍କୁ ସବୁଦିନ ପାଇଁ ତଡ଼ିଦେଇ ସ୍ୱାଧୀନ ଭାବରେ ଜୀବନ ଯାପନ କରିବା ନିମନ୍ତେ ପଶ୍ଚିମ ଓଡ଼ିଶାର ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବୀର ସୁରେନ୍ଦ୍ର ସାଏ, ଦକ୍ଷିଣ ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲ୍ଲାର ବୀର ସହିଦ୍ ଲକ୍ଷ୍ମଣ ନାୟକ, ବୀର ରାଧାକୃଷ୍ଣ ବିଶ୍ୱାସ ରାଏ, ଖୋରଧା ଅଞ୍ଚଳର ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁ, ଢେଙ୍କାନାଳର ବାଜିରାଉତଙ୍କ ପର୍ଯ୍ୟନ୍ତ ବହୁ ସଂଗ୍ରାମୀ ଦେଶର ସ୍ୱାଧୀନତା ପାଇଁ ଜୀବନ ହାରିଥିଲେ। ଏ ସୃଷ୍ଟିରେ ଶ୍ରେଷ୍ଠ ଜୀବ ମଣିଷ ସର୍ବଦା ଚାହେଁ ସ୍ୱାଧୀନ ଭାବେ ବଞ୍ଚି ରହିବା ପାଇଁ, କାରଣ ପରାଧୀନ ମଣିଷ ହେଉଛି ପଶୁ ସହିତ ସମାନ। ସ୍ୱାଧୀନତା ହେଉଛି ମଣିଷର ଜନ୍ମଗତ ଅଧିକାର। ପ୍ରତ୍ୟେକ ଦେଶର ସ୍ୱାଧୀନତା ହେଉଛି ଗର୍ବ ଓ ଗୌରବର ପ୍ରତୀକ। ନିଜ ଦେଶର ଜାତୀୟ ପତାକା ଓ ଜାତୀୟ ସଂଗୀତ ହେଉଛି ତା ପାଇଁ ସବୁଠାରୁ ମୂଲ୍ୟବାନ। ଭାରତୀୟ ଜାତୀୟ କଂଗ୍ରେସ ଓ ମହାତ୍ମା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱରେ ଆମ ଦେଶର ସ୍ୱାଧୀନତା ସଂଗ୍ରାମ ଦ୍ରୁତ ଗତିରେ ଆଗେଇ ଯାଇ ୧୯୪୭ମସିହା ଅଗଷ୍ଟ ୧୫ରେ ସ୍ୱାଧୀନ ରାଷ୍ଟ୍ର ରୂପେ ଘୋଷଣା କରାଗଲା । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ଓଡ଼ିଶା ଏକ ଉଲ୍ଲେଖନୀୟ ଭୂମିକା ନିର୍ବାହ କରି ଦେଶରେ ତାର ସ୍ୱତନ୍ତ୍ରତା ବଜାୟ ରଖି ପାରିଲା। ୧୮୫୭ ମସିହାରେ ଇଂରେଜମାନଙ୍କ ବିରୁଦ୍ଧରେ ଉତ୍ତର ଭାରତରେ ହୋଇଥିବା ସିପାହୀ ବିଦ୍ରୋହକୁ ଯଦିଓ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଐତିହାସିକମାନେ ସ୍ଥାନ ଦେଇଛନ୍ତି କିନ୍ତୁ ପ୍ରକୃତରେ ତା'ର ୪୦ବର୍ଷ ପୂର୍ବରୁ ଅର୍ଥାତ୍ ୧୮୧୭ ମସିହାରେ ଖୋର୍ଦ୍ଧା ଅଞ୍ଚଳରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜମାନଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିବା ଗଣ ସଂଗ୍ରାମ ବାଣପୁର ଠାରୁ ଆରମ୍ଭ ହୋଇ ବୋଲଗଡ଼, ବେଗୁନିଆ, ଖୋରଧା, ପୁରୀ, ଗଙ୍ଗପଡ଼ା ଆଦି ଅଞ୍ଚଳରେ ପ୍ରଜାମେଳି ମାଧ୍ୟମରେ ହୋଇଥିବା ପାଇକ ବିଦ୍ରୋହ ହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଇତିହାସରେ ସ୍ଥାନିତ ହେବା ବିଧେୟ । ପରାଧୀନ ଭାରତରେ ଓଡ଼ିଶାର ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଦେଶର ସ୍ୱାଧୀନତା ପାଇଁ ଆନ୍ଦୋଳନ ଚାଲିଥିଲା । ସେହି ସମୟରୁହିଁ ଭାରତୀୟମାନଙ୍କ ମନରେ ଦେଶ ସ୍ୱାଧୀନ ହେବାର ବୀଜ ବପନ କରାଯାଇଥିଲା । ସେତେବେଳେ ସ୍ୱାଧୀନତା ସଂଗ୍ରାମୀ ଭାବେ ବୀର ସୁରେନ୍ଦ୍ର ସାଏ ସବୁଠାରୁ ଅଧିକ କାଳ ଅର୍ଥାତ ଦୀର୍ଘ ୩୭ବର୍ଷ କାଳ କାରାବରଣ କରିଥିଲେ। ସେ ଇଂରେଜମାନଙ୍କ ମନ୍ଦଜାଲରେ ଛନ୍ଦି ହୋଇ୧୮୬୨ ମସିହାରେ ବାଧ୍ୟ ହୋଇ ଆତ୍ମ ସମର୍ପଣ କରିଥିଲେ । ନିଷ୍ଠୁର ଇଂରେଜ ଶାସକମାନଙ୍କ ପାଖରେ ଅହଂକାର ଓ ଅହମିକା ଯୋଗୁଁ କୌଣସି ନୀତି, ନିୟମ ବିବେକର ଶୃଙ୍ଖଳା ହିଁ ନଥିଲା । ଇଂରେଜମାନଙ୍କର ଗର୍ବ, ଅହଂକାର, ଔଦ୍ଧତ୍ୟ ଓ ସ୍ୱେଚ୍ଛାଚାରିତାର ସୀମା ସରହଦ୍ଦକୁ ଅତିକ୍ରମ କରି ଦେଶ ତମାମ୍ ଆମ ଲୋକମାନଙ୍କ ଉପରେ ହୋଇଥିଲା ଅତ୍ୟାଚାର ଓ ଦମନର ତାଣ୍ଡବ ଲୀଳା । କଳେ ବଳେ ଓ କୌଶଳ କ୍ରମେ ଇଂରେଜମାନେ ଭାରତକୁ ଦୀର୍ଘ ଶହ ଶହ ବର୍ଷ ଧରି ଶାସନ କରିବା ଥିଲା ମୁଖ୍ୟ ଲକ୍ଷ୍ୟ । ତେଣୁ ବୀର ସୁରେନ୍ଦ୍ର ସାଏଙ୍କୁ ଆତ୍ମ ସମର୍ପଣ ପୂର୍ବରୁ ହଜାରୀ ବାଗ ଜେଲରେ ଦୀର୍ଘ ୧୭ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ଓ ୧୮୬୨ରେ ଆତ୍ମ ସମର୍ପଣ କରିବା ପରେ ମଧ୍ୟ ମଧ୍ୟପ୍ରଦେଶର ଆସିରଗଡ଼ ଦୁର୍ଗଠାରେ ଦୀର୍ଘ ୨୦ବର୍ଷର କାରାଦଣ୍ଡ ଭୋଗ କରିବାକୁ ବାଧ୍ୟ କରାଯାଇଥିଲା । ଏହିପରି ସର୍ବମୋଟ ଦୀର୍ଘ ୩୭ବର୍ଷ କାଳ ଦେଶରେ ସବୁଠାରୁ ଅଧିକକାଳ ବୀର ସୁରେନ୍ଦ୍ର ସାଏ କାରାଦଣ୍ଡ ଭୋଗ କରିଥିଲେ ମଧ୍ୟ ଦେଶପାଇଁ ନିଜର ଅସୀମ ବିରତ୍ୱର ପରିଚୟ ଦେଇଥିଲେ । ପ୍ରକାଶ ଥାଉକି ବୀର ସୁରେନ୍ଦ୍ର ସାଏ ହଜାରିବାଗ ଜେଲରେ କାରାଦଣ୍ଡ ଭୋଗୁଥିଲା ବେଳେ ତାଙ୍କର ଭାଇ ଉଦନ୍ତ ସାଏ ଓ ଦାଦା ବଳରାମ ସିଂହଙ୍କୁ ମଧ୍ୟ ଜେଲରେ ଦଣ୍ଡିତ କରାଯାଇଥିଲା। କାରାଦଣ୍ଡ ସହ୍ୟ କରିନପାରି ତାଙ୍କ ଦାଦା ବଳରାମ ସିଂହ କାରଗାର ମଧ୍ୟରେ ମୃତ୍ୟୁବରଣ କରିଥିଲେ ।

ସେତେବେଳେ ଇଂରେଜମାନଙ୍କ ପ୍ରଧାନ ଲକ୍ଷ୍ୟ ଥିଲା ଯେ, କଳେବଳେ ଭାରତ ବର୍ଷର ପ୍ରତ୍ୟେକ ଖଣ୍ଡକୁ ରାଜା ମହାରାଜା ଓ ଜମିଦାରଙ୍କ ହସ୍ତରୁ କୌଶଳ କ୍ରମେ ଖସାଇ ଦେଇ ନିଜ ଅକ୍ତିଆରକୁ ନେଇ ଶାସନ କରିବା। ସେତେବେଳେ ସମ୍ବଲପୁରର ରାଜା ମଧୁକର ସାଏ ଥିଲେ ଚୌହାନ

ବଂଶର ଚତୁର୍ଥ ରାଜା। ଦୁଃଖର କଥା ତାଙ୍କର କୌଣସି ଦାୟାଦ ନଥିବାରୁ ମୃତ୍ୟୁପରେ ତାଙ୍କର ବିଧବା ରାଣୀ କିଛିଦିନ ଶାସନ କାର୍ଯ୍ୟ ଚଳାଇଥିଲେ। ରାଜ୍ୟ ଶାସନ ବ୍ୟବସ୍ଥା,ନୀତି ନୀୟମ ନେଇ ନିଜର ଅନଭିଜ୍ଞତା ହେତୁ ତାଙ୍କ ସମୟରେ ରାଜ୍ୟରେ ଅରାଜକତା ବ୍ୟାପିଗଲା। ଏହାର ସୁଯୋଗ ନେଇ ଇଂରେଜମାନେ ତାଙ୍କୁ ଗାଦିରୁ ବିତାଡ଼ିତ କରି ନାରାୟଣ ସିଂହଙ୍କୁ ଶାସନ ଗାଦିରେ ବସାଇଥିଲେ। ଇଂରେଜମାନଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା ନାରାୟଣ ସିଂହଙ୍କ ମୃତ୍ୟୁପରେ ତାଙ୍କ ରାଜ୍ୟକୁ ନିଜ ଅଧିକାରକୁ ଆଣିବେ । ସେତେବେଳେ ସମ୍ବଲପୁର ଓଡ଼ିଶାର ଶେଷ ଅଞ୍ଚଳ ଭାବେ ଇଂରେଜମାନଙ୍କ ଅଧୀନସ୍ଥ ହୋଇନଥିଲା । ଏହାକୁ ଦୃଷ୍ଟିରେ ରଖି ମାତ୍ର ୧୮ବର୍ଷ ବୟସରୁ ସୁରେନ୍ଦ୍ର ସାଏ ନିଜ ଜନ୍ମ ମାଟିର ଟେକ ତଥା ସ୍ୱାଧୀନତା ଅକ୍ଷୂର୍ଣ୍ଣ ରଖିବା ଲାଗିକେତେଜଣ ପ୍ରିୟ ଦେଶଭକ୍ତଙ୍କ ସହଯୋଗୀଭାବେ ଓ କିଛି ଦେଶପ୍ରେମୀ ଜମିଦାରଙ୍କୁ ଏକଜୁଟ କରାଇ ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରିଦେଇଥିଲେ। ଇଂରେଜମାନଙ୍କର ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସେ ନିଜ ଅଞ୍ଚଳର ଅନୁନ୍ନତ ଜନଜାତି ବନବାସୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ, ସେମାନଙ୍କ ଭାଷା, ପରମ୍ପରା ଓ ସଂସ୍କୃତିର ଉତ୍ଥାନ ଲାଗି ସମବେତ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ସହଯୋଗୀମାନଙ୍କ ମଧ୍ୟରେ ମାଧୋ ସିଂ, କୁଞ୍ଜଲ ସିଂହ, ଐରୀ ସିଂହ, ଉଦନ୍ତ ସାଏ, ବୈରୀ ସିଂହ, ଗଣେଶ୍ୱର ଦେଓ, ଉଜଲ ସାଏ, ସାଲେଗ୍ରାମ ବରିହା, ଗୋବିନ୍ଦ ସିଂହ, ପାହାଡ଼ସିଂହ, ରାଜି ଘାସିଆ, କମଲ ସିଂହ, ସାଲିକ ରାମ ବରିହା, ହାତୀ ସିଂହ, ଲୋକନାଥ ପଣ୍ଡା, ଗଡ଼ତିଆ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପଦ୍ମନାଭ ଗୁରୁ, ଜଗବନ୍ଧୁ ହୋତା, ତ୍ରିଲୋଚନ ପାଣିଗ୍ରାହୀ ଓ ଆହୁରି ଅନେକ ବୀର ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ବୀର ମାନଙ୍କ ମଧ୍ୟରୁ କେତେଜଣ ନିଷ୍ଠୁର ଇଂରେଜମାନଙ୍କର ଅତ୍ୟାଚାର, ଅନୀତିର ଶିକାର ହୋଇ ଫାଶୀଦଣ୍ଡ ପାଇଛନ୍ତି ଓ ଅନ୍ୟେ କେତେଜଣ ଆଣ୍ଡାମାନର କଳାପାଣି ଅର୍ଥାତ୍ ସେଲୁଲାର ଜେଲରେ କାରାଦଣ୍ଡ ଭୋଗିଛନ୍ତି ଓ ଅନ୍ୟ କେତେଜଣ ହଜାରୀବାଗ୍ ଜେଲରେ କାରାଦଣ୍ଡ ଭୋଗୀ ମୃତ୍ୟୁବରଣ କରିଛନ୍ତି ।

ଜନ୍ମଭୂମି ପାଇଁ ହସି ହସି ଆତ୍ମବଳୀ ଦେଇଥିବା ବୀର ସହିଦ୍ ସୁରେନ୍ଦ୍ର ସାଏ ଓ ତାଙ୍କର ସହଯୋଗୀ ବୀରମାନଙ୍କ ପାଇଁ ଭାରତ ବର୍ଷର ପ୍ରତିଟି ଜନତାର ମଥା ଶ୍ରଦ୍ଧାର ସହିତ ଅବନତ ହୋଇଯାଏ ଓ ଶ୍ରଦ୍ଧାର ସହିତ ଶ୍ରଦ୍ଧାଞ୍ଜଳୀ ସ୍ୱରୂପ ସ୍ୱତଃ ଝରିଆସେ ଦୁଟିଟୋପା ଅଶ୍ରୁ। ଧନ୍ୟ ଏ ଦେଶର ବୀର ସହୀଦ କୁଳ ଯାହାଙ୍କ ବଳିଦାନ ପାଇଁ ଦେଶ ସ୍ୱାଧୀନ ହେଲା । ଧନ୍ୟ ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ଉତ୍ସର୍ଗୀକୃତ ସମାଜ ସେବୀ ବୀର ସୁରେନ୍ଦ୍ର ସାଏ।

ବଡ଼ତୋଟା, ଜଟଣୀ, ଖୋରଧା
ମୋ-୯୪୩୮୩୫୨୩୭୬

# କେମିତି କହିବି

ଲୋକନାଥ ମହାପାତ୍ର

କେମିତି କହିବି ଦେଇନାହିଁ କିଛି
ଏ ଜୀବନେ ପଥେ ମୋର
ଚୌରା ଅଶୀ ଲକ୍ଷ ଜନମ ଉତ୍ତାରେ
କରିଛ ମଣିଷ ସାର ।୦।
କଣ୍ଠ ଦେଇଅଛ ଗାଇବାକୁ ସଦା
ତୁମ ନାମ ସୁଧାମୃତ
ଦେଇଅଛ ହସ୍ତ ଦେଖି ତୁମ ରୂପ
ଯୋଡ଼ିବାକୁ କରପତ୍ର
ଖଞ୍ଜିଛ ନୟନ ହେ କଳାବଦନ
ଦେଖିବାକୁ ସୁଧା ଧାର ।୧।
କେମିତି......
କର୍ଣ୍ଣ ଦେଇଅଛ ଶୁଣିବାକୁ ନିତି
ଶ୍ରୀ ଗୀତଗୋବିନ୍ଦ ମନ୍ତ୍ର
ମଥା ମୋ ଗଢ଼ିଛ ତୁମ ପାଦତଳେ
ହେବାପାଇଁ ଅବନତ
ପାଦ ଦେଇଅଛ କେଡ଼େ ଯତନରେ
ଯିବାପାଇଁ ଶ୍ରୀ ମନ୍ଦିର । ୨ ।
କେମିତି.......
ତୁମ ନାମ ଜପି ଭବପାରାବାରୁ
ଯେହ୍ନେ ହୋଇଯିବି ପାର
ମଣିଷ ଜୀବନ କର ହେ ସଫଳ
ଆହେ କାଳିଆ ଠାକୁର
ତୁମେ ଏକା ସତ୍ୟ ଆଉ ସବୁ ମିଛ
ଖାଲି ଅଢ଼େଇ ଦିନର ।୩।
କେମିତି.......

'ଶାନ୍ତାଲୋକ',ଦୋଳମଣ୍ଡପ ସାହି,
ଢ଼େଙ୍କାନାଳ, ଫୋନ୍- ୦୬୭୬୨- ୨୨୩୦୪୨



# ମା' ଦୁର୍ଗା ଆସିବେ

**ମଞ୍ଜୁ ଦାସ**



ଝିଲିମିଲି ସକାଳରେ
ଶରତର ସୂରୁଯ,
ନାଲିନାଲି କିରଣରେ
ବୁଣିଦିଏ ମୁରୁଜ।

ଖୁସି ଖୁସି ଲାଗେ ମନ
ଦେଖି ସେଇ ଆକାଶ,
ଭସା ଭସା ବାଦଲର
ଶାନ୍ତକାନ୍ତ ପରଶ।

ଗହ ଗହ ନାଦେ ଖାଲି
କମ୍ପିଉଠେ ମେଦିନୀ
ମହ ମହ ଧୂପ ଦୀପେ
ମହକିତ ଧରଣୀ।

ରହି ରହି ଘଣ୍ଟ ଘଣ୍ଟା
ବାଜିଲାଣି ମଣ୍ଡପେ,
କହି କହି ଯାଏ କାନେ
ମା' ଦୁର୍ଗା ଆସିବେ।

ଗୁଣୁଗୁଣୁ ଶବଦରେ
ମଧୁପର ସ୍ୱାଗତ,
ଝୁଣୁଝୁଣୁ ନୂପୁରରେ
ମା'ପାଦ ଶୋଭିତ।
ପାପୀ ତାପୀ ମହିଷକୁ
ବଧ କର ଜଗତେ
ଯୁଗ ଯୁଗ ତୁମ ନାମ
ଗାଉଥିବା ମରତେ।

**ଚାଟରା (ନଡ଼ିଆ ବାଗ)**
**ଜଗତସିଂହପୁର- ୭୫୪୧୦୩**
**ଦୂରଭାଷ : ୯୨୩୭୮୫୫୪୭୮**

# ମଧୁସ୍ମରଣେ

(ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ)

ଡଃ. ପୂର୍ଣ୍ଣଚନ୍ଦ୍ର ଓଝା



ମହାମନା ଆହେ ମଧୁସୂଦନ
ମନେ ପଡ଼ିଗଲେ ତୁମ କଥା,
ଧୁତ ହୁଏ ହିଆ ଧସ୍ଵାଦିଆଙ୍କ
ଧୁରୀଣେ ନତ କରନ୍ତି ମଥା।।
ସୂର୍ଯ୍ୟତେଜକୁ ପଦ୍ମିନୀ ସହିବା
ସମେ ସୁର ସିନା ଜାଣିପାରନ୍ତି,
ଦର୍ପଣସମ୍ମୁଖେ ରହିଲେ କେହି
ଦକ୍ଷେ ନିଜକୁ ଦେଖିପାରନ୍ତି।।
ନବ ଉତ୍କଳର ନିର୍ମାତା ତୁମେ
ନଭେ ଥାଇ ଝରାଅ ଆଶିଷ,
ଦାୟଗ୍ରସ୍ତ ଥିଲେ ଉତ୍କଳ ପାଇଁ
ଦାସପଣେ ତା' ଅଶେଷ,
ସଦା ସେବାରେ ମନ ରହୁ ଆମ
ସତ୍ୟେ ଦେଶର ହେଉ ପ୍ରକାଶ।।

**ସିଂହମାପୁର, ବହୁଗ୍ରାମ**
**କଟକ- ୭୫୪୨୦୦**
**ମୋ- ୯୮୬୧୯୬୧୧୭୩**

**୨୪ ପୃଷ୍ଠାର ସୁ-ଡୋକୁ ପ୍ରଶ୍ନର ଉତ୍ତର**

| | | | | | | | | |
|---|---|---|---|---|---|---|---|---|
| 6 | 1 | 2 | 8 | 7 | 9 | 4 | 3 | 5 |
| 3 | 9 | 7 | 4 | 5 | 1 | 2 | 6 | 8 |
| 4 | 8 | 5 | 3 | 2 | 6 | 7 | 9 | 1 |
| 1 | 4 | 6 | 9 | 8 | 7 | 5 | 2 | 3 |
| 9 | 5 | 8 | 6 | 3 | 2 | 1 | 4 | 7 |
| 7 | 2 | 3 | 5 | 1 | 4 | 9 | 8 | 6 |
| 5 | 6 | 1 | 2 | 9 | 8 | 3 | 7 | 4 |
| 8 | 7 | 9 | 1 | 4 | 3 | 6 | 5 | 2 |
| 2 | 3 | 4 | 7 | 6 | 5 | 8 | 1 | 9 |

# ସଫଳ ସାଧନା କରେ କାମନା

ପ୍ରାଣବନ୍ଧୁ ନାୟକ

କାହାକୁ ସାହାଯ୍ୟ କରିନପାରିଲେ, କିଛି ଯାଏ ଆସେ ନାହିଁ
ଅନ୍ତତଃ ତାହାର କ୍ଷତି କରିନାହିଁ ମନେରଖ ଧ୍ୟାନ ଦେଇ।

ଅନ୍ୟର ପ୍ରଶଂସା ନକର ପଛକେ ହେବନାହିଁ କିଛି ଊଣା
କଦାପି ତାହାର ନିନ୍ଦା କରନାହିଁ ସଦ୍‌ବୁଦ୍ଧି ହେବ ବଣା।

ଅନ୍ୟର ହୃଦୟେ ପ୍ରୀତିର ବନ୍ଧନ ବାନ୍ଧି ନପାରିବ ଯଦି
ଘୋର ଅନ୍ତଃଦୁଃଖ ଆସିବ ଜୀବନେ ତାକୁ ଘୃଣା କରି ଯଦି।

ଶ୍ରଦ୍ଧାର ପାବନ ସ୍ରୋତ ଭରିଦିଅ ବ୍ୟକ୍ତିର ହୃଦୟ କୋଣେ
କର୍କଶ କଥନେ ଆଘାତ ନକର ସଦା ରହିଯିବ ମନେ।

ଶକ୍ତି ଅନୁକ୍ରମେ ନିତି ବାଣ୍ଟିଚାଲ ସ୍ନେହ ଉଲ୍ଲାସ ରତନ
ନିରାଶ ହୃଦୟେ ଜଗାଅ ଆଶାର ସୁଶୋଭନ ପଦ୍ମ ବନ।

ମଧୁର ବିନୟ ବଚନ ପରଶ ଅପର ମଙ୍ଗଳ ପାଇଁ
ଛଳ-ମନ୍ଦ-ମିଥ୍ୟା କଥା କହନାହିଁ ସ୍ୱାର୍ଥ ହାସଲ ପାଇଁ।

ପଥିକକୁ ଦିଅ ସୁମାର୍ଗ ପ୍ରେରଣା ଅବାଟକୁ ଯାଉଭୁଲି
ଦୁର୍ବଳକୁ ବାଣ୍ଟ ସୁରକ୍ଷା-କବଚ ବାଧାବିଘ୍ନ ଦେବ ଠେଲି।

ଭଣ୍ଡାମି, ଠକାମି, ଅସଦାଚରଣ ବିଲୋପ ସମସ୍ତ କର
ଦୁଷ୍କର୍ମ, ଦୁର୍ନୀତି ଅନ୍ୟାୟ ଅନୀତି କର ଶୀଘ୍ର ତିରସ୍କାର।

ବାଦ, ପ୍ରତିବାଦ କୁଟକପଟତା ଧ୍ୱଂସର କାରଣମାନ
ସମାରି ବୃକ୍ଷରୁ ଉପାଡ଼ି ଦେବାକୁ ସାହସ ବାନ୍ଧ ବହନ।

ଅହଂତା, ଅଶାନ୍ତି ହଟାଅ ମନରୁ ସୃଷ୍ଟି ବିଶ୍ୱ ପ୍ରୀତିମୟ
ପ୍ରତିଟି କର୍ମରେ ଉତ୍ତମ ବିଚାର ଫଳହୁଏ ମଧୁମୟ।

ଜୀବନ-ପ୍ରଦୀପ ପ୍ରଜ୍ୱଳିତ କର ପ୍ରକାଶି ଦିବ୍ୟ- ଚେତନା
ଅଧ୍ୟାତ୍ମ- ପ୍ରୋଜ୍ଜ୍ୱଳ ଭାରତେ ସଫଳ ସାଧନା କରେ କାମନା

ପାଲେସ ଲାଇନ, ବଲାଙ୍ଗୀର



# ଗୁରୁ

ଶ୍ରୀମତୀ ରେଣୁକା ରଥ

ଯା' କରୁଣାବଳେ ମଣିଷ ଜନମ
ଲଭିଲି ଏ ଧରାଧାମେ,
ପରମ ଈଶ୍ୱର ପ୍ରଭୁ ପରାତ୍ପର
ପରମଗୁରୁ ଜୀବନେ,
ଜଠରରେ ଦଶମାସ ଯେ ରଖିଲା
ଜନମି ଦେଖିଲି ସାରା ଜଗତ,
ହସ୍ତଧରି ଯିଏ ଚାଲି ଶିଖାଇଲେ
ଦେଖିଲି ଜୀବନଯାତ।
ଆଦ୍ୟଗୁରୁ ଆଦ୍ୟ ପଥପ୍ରଦର୍ଶକ
ପ୍ରିୟ ଗୁରୁ ପିତାମାତା।
ଦିବ୍ୟଜ୍ଞାନେ ଯାର ହଟିଲା ତମିସ୍ରା,
ବିଦ୍ୟାଦାନେ ହେଲି ପୂର୍ଣ୍ଣ ମନୁଷ୍ୟ,
ଜୀବନସାରା ବିଦ୍ୟା ଅଧ୍ୟୟନେ
ବିଦ୍ୟାଗୁରୁ ସେ ମୋ ଚିର ନମସ୍ୟ।
ଯା'ର ସଂସ୍ପର୍ଶରେ ଉଦ୍ଭାସିତ ହେଲା
ପାରୁଶରେ ଥିବା ଅଦୃଶ୍ୟତତ୍ତ୍ୱ,
ଅସାର ଜୀବନେ ସଦ୍‌ଗୁରୁ ସଦା ସେ
ଭୁଲି ହେବନାହିଁ ତାଙ୍କ ଅସ୍ତିତ୍ୱ।
ଜୀବନେ ଏ ଗୁରୁ ନୁହନ୍ତି ତ ନର
ମାନବ ଦେହେ ଜୀବନ୍ତ ଠାକୁର,
ଗୁରୁ ସଦା ଦିବ୍ୟ, ଗୁରୁ ସଦା ଭବ୍ୟ
ଗୁରୁ ସ୍ଥାନ ଉଚ୍ଚ ସଦାଭାସ୍ୱର।

ଦୂରଭାଷ : ୯୯୩୮୦୬୮୪୦୨

# ମୃତ୍ୟୁ ସୌଦାଗରଙ୍କ ଦିବ୍ୟ ଦର୍ଶନ

**ବିଜୟ ଚନ୍ଦ୍ର ମହାପାତ୍ର**

କଥାରେ ଅଛି ନିଜେ ମଲେଯାଇ ସ୍ୱର୍ଗ ଦେଖିପାରିବ। ନିଜର ମୃତ୍ୟୁ ସଂବାଦ ଓ ମୃତ୍ୟୁ ଜନିତ ଶୋକ ବା ସମବେଦନା ବାର୍ତ୍ତା ଦେଖିପାରିବା କାହା ପକ୍ଷରେ ସମ୍ଭବ ନୁହେଁ। କିନ୍ତୁ ଏଭଳି ଅଘଟଣ ଜଣେ ବିପୁଳ ଧନଶାଳୀ ସଫଳ ବ୍ୟକ୍ତିଙ୍କ ପକ୍ଷରେ ସମ୍ଭବ ହୋଇଥିଲା। ସେ ହେଉଛନ୍ତି ନୋବେଲ ପୁରସ୍କାର ପ୍ରତିଷ୍ଠାତା 'ଆଲଫ୍ରେଡ୍ ବର୍ଣ୍ଣହାର୍ଡ଼ ନୋବେଲ'। ୧୮୩୩ ମସିହାରେ ସ୍ୱିଡ଼େନ୍ ରାଜଧାନୀ ଷ୍ଟକହୋମ ଠାରେ ଜନ୍ମହୋଇ ୧୮୯୬ ଡ଼ିସେମ୍ବର ୧୦ ତାରିଖରେ ଇଟାଲୀର ସାନରେମୋ ସହରରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ସେ ଉଦ୍ଭାବନ କରିଥିବା ଅସଂଖ୍ୟ ବିସ୍ଫୋରକ ପଦାର୍ଥ ମଧ୍ୟରୁ ମୁଖ୍ୟ ଥିଲା ଡ଼ିନାମାଇଟ୍। ଏହା ବ୍ୟତୀତ ବ୍ଲାଷ୍ଟିଂ ଜିଲାଟିନ, ବାଲିଷ୍ଟାଇଟ, ଡ଼େଟୋନେଟର ଇତ୍ୟାଦି ଅନେକ ବିସ୍ଫୋରକ ସାମଗ୍ରୀ ଉଦ୍ଭାବନ ଓ ବିକ୍ରୟରୁ ସେ ବିପୁଳ ଅର୍ଥଲାଭ କଲେ। ବୋଫର୍ସ ଇଞ୍ଜିନିୟରିଂ କମ୍ପାନୀକୁ କିଣିନେଇ ସେଥିରେ କମାଣ ବନ୍ଧୁକ ଭଳି ଅସ୍ତ୍ରଶସ୍ତ୍ର ଉତ୍ପାଦନ କରି ସମଗ୍ର ପୃଥିବୀରେ ବିକ୍ରୟ କଲେ। ଊନବିଂଶ ଶତାବ୍ଦୀର ଶେଷ ସମୟକୁ ପୃଥିବୀର ଜଣେ ସର୍ବଶ୍ରେଷ୍ଠ କୋଟିପତି ବୈଜ୍ଞାନିକ ଭାବେ ସେ ପରିଚିତ ହେଲେ।

ଆଲଫ୍ରେଡ଼ଙ୍କ ପିତା ଇମାନୁଏଲ ନୋବେଲ ମଧ୍ୟ ଜଣେ ଉଦ୍ଭାବକ ଥିଲେ। ତାଙ୍କର ତିନିପୁତ୍ରଙ୍କ ମଧ୍ୟରେ ଆଲଫ୍ରେଡ଼ ଥିଲେ ସବାସାନ। ୧୮୮୮ ମସିହାରେ ତାଙ୍କର ଜଣେ ଭାଇ ଲୁଡ଼ଭିଗ୍ ଫ୍ରାନ୍ସକୁ ପରିଭ୍ରମଣରେ ଯାଇଥିବାବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଗଲା। ଫ୍ରାନ୍ସର ଗୋଟିଏ ସମ୍ବାଦପତ୍ର ତାଙ୍କୁ ଡ଼ିନାମାଇଟ୍ ଉଦ୍ଭାବକ ଆଲଫ୍ରେଡ଼ ନୋବେଲ ମନେକରି ଶୋକବାର୍ତ୍ତାରେ ଲେଖିଲେ 'ମୃତ୍ୟୁ ସୌଦାଗରଙ୍କର ମୃତ୍ୟୁ ଘଟିଲା ଯିଏକି ଅଧିକ ଲୋକଙ୍କୁ କମ୍ ସମୟ ମଧ୍ୟରେ ହତ୍ୟା କରିବାର ଉପାୟ ବାହାର କରି ବିପୁଳ ଧନ ଅର୍ଜନ କରିଥିଲେ।'

ଆଲଫ୍ରେଡ଼୍ ଏହି ସମ୍ବାଦ ପଢ଼ି ଆଶ୍ଚର୍ଯ୍ୟ ଚକିତ ହେଲେ। ଲୋକଙ୍କର ତାଙ୍କପ୍ରତି ଏଇ ଧାରଣା ? ଏତେ ଧନସମ୍ପତ୍ତି ଠୁଳକରି କି ଲାଭ ? ଏହାହିଁ ଥିଲା ତାଙ୍କ ପାଇଁ ଦିବ୍ୟଦର୍ଶନ।

ତାଙ୍କର ବିପୁଳ ଅର୍ଥକୁ ବିଶ୍ୱବାସୀଙ୍କ ସ୍ମରଣୀୟ ଏକ ମୂଲ୍ୟବାନ ସକାରାତ୍ମକ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଚିନ୍ତାକଲେ। ୧୮୯୫ ମସିହାରେ ୯୦ ଲକ୍ଷ ପାଉଣ୍ଡ ବା ୨୫୦ଆୟୁତ ଡ଼ଲାର ଗଚ୍ଛିତ ରଖି ତାହାର ସୁଧରେ ପ୍ରତିବର୍ଷ ପାଞ୍ଚୋଟି ଆନ୍ତର୍ଜାତିକ ପୁରସ୍କାର ଦେବାକୁ ସ୍ଥିରକଲେ। 'ନୋବେଲ ଫାଉଣ୍ଡେସନ୍' ନାମରେ ଏକ ଦାତବ୍ୟ ପାଣ୍ଠି ପ୍ରତିଷ୍ଠା କରି ଆରମ୍ଭ କଲେ ନୋବେଲ ପୁରସ୍କାର।

ତାଙ୍କ ଦାତବ୍ୟ ପାଣ୍ଠିରୁ ବାର୍ଷିକ ଯେଉଁ ସୁଧ ମିଳେ ସେଥିରେ ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକଙ୍କୁ ପୁରସ୍କାର ଦିଆଯାଏ। ଏହି ଫାଉଣ୍ଡେସନ ଏକ ଡ଼ାଇରେକ୍ଟର ବୋର୍ଡ଼ ଦ୍ୱାରା ପରିଚାଳିତ ହୁଏ। ସ୍ୱିଡ଼େନ୍ ସରକାର ଏହାର ମୁଖ୍ୟଙ୍କୁ ନିଯୁକ୍ତି ଦିଅନ୍ତି। ବର୍ତ୍ତମାନ ପୃଥିବୀର ସବୁଠାରୁ ସମ୍ମାନଜନକ ପୁରସ୍କାର ହେଉଛି ଏହି ନୋବେଲ ପୁରସ୍କାର ।

ପ୍ରଥମରୁ ଏହା ପାଞ୍ଚୋଗୋଟି ବିଭାଗରେ ପ୍ରଦାନ କରାଯାଇଆସୁଥିଲା। ସେଗୁଡ଼ିକ ହେଲା- (୧) ରସାୟନ ବିଜ୍ଞାନ, (୨) ପଦାର୍ଥ ବିଜ୍ଞାନ, (୩) ଚିକିତ୍ସା ତଥା ଶରୀର ତତ୍ତ୍ୱ ବିଜ୍ଞାନ, (୪) ସାହିତ୍ୟ ଓ (୫) ଶାନ୍ତି। ୧୯୬୬ ମସିହା ଠାରୁ ନୋବେଲ ଫଉଣ୍ଡେସନ୍ ଓ ସ୍ୱିଡ଼େନ୍ ସେଣ୍ଟ୍ରାଲ ବ୍ୟାଙ୍କ ମିଶି 'ଅର୍ଥନୀତି ବିଜ୍ଞାନ'ରେ ଆଉ ଏକ ପୁରସ୍କାର ଦେଇଆସୁଛନ୍ତି। ଏହାର ନାମ ଅର୍ଥନୀତି ବିଜ୍ଞାନରେ ଆଲଫ୍ରେଡ଼୍ ନୋବେଲଙ୍କ ସ୍ମାରକୀ ପୁରସ୍କାର।

ବିପୁଳ ଧନର ଅଧିକାରୀ ହୋଇ ମଧ୍ୟ ସେ ଜୀବନରେ ସୁଖୀ ହୋଇପାରିନଥିଲେ। ଶାରୀରିକ ଅସୁସ୍ଥତା ତାଙ୍କୁ ଚିଡ଼ିଚିଡ଼ିଆ ପ୍ରକୃତିର କରିଦେଇଥିଲା। ସର୍ବଦା ଏକୁଟିଆ ରହିବାକୁ ଭଲ ପାଉଥିଲେ। ଜଣେ କଳ୍ପନାପ୍ରେମୀ କବି ଓ ବାସ୍ତବବାଦୀ ବୈଜ୍ଞାନିକ ଥିଲେ। ବିବାହ ବୟସରେ ସେ ଯେଉଁ ଯୁବତୀଙ୍କୁ ଭଲପାଉଥିଲେ ସେ ଅନ୍ୟ ଜଣେ ଜୀବବିଜ୍ଞାନୀଙ୍କୁ ବିବାହ କରିବାରୁ ଆଲଫ୍ରେଡ଼ ଆଉ ବିବାହ କରିନଥିଲେ। କୁହାଯାଏ ଜୀବବିଜ୍ଞାନୀଙ୍କ ପ୍ରତି ତାଙ୍କର ଅନ୍ତର୍ନିହିତ ଘୃଣାଭାବ ଜନ୍ମିଥିବାରୁ ତାଙ୍କର ନୋବେଲ ପୁରସ୍କାର ମଧ୍ୟରେ ଜୀବବିଜ୍ଞାନକୁ ସ୍ଥାନ ଦେଇନଥିଲେ, ଯଦିଓ ସେ ସମୟରେ ଏହା ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଚିକିତ୍ସା ବିଜ୍ଞାନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ବିଭାଗ ଥିଲା। ସେ ନିଜେ ଜଣେ କବି ଓ ସାହିତ୍ୟିକ ଥିବାରୁ ସାହିତ୍ୟ ପ୍ରତି ତାଙ୍କର ଯଥେଷ୍ଟ ଅନୁରାଗ ଥିଲା। ତେଣୁ ସାହିତ୍ୟ ପାଇଁ ରଖିଲେ ଗୋଟିଏ ପୁରସ୍କାର। ସର୍ବୋପରି 'ମୃତ୍ୟୁଦୂତ' ବା 'ମୃତ୍ୟୁର ସୌଦାଗର' ବୋଲି ତାଙ୍କର ଯେଉଁ ଦୁର୍ନାମ ଥିଲା ତାକୁ ଦୂରକରିବା ପାଇଁ ପୃଥିବୀରେ ଶାନ୍ତିପ୍ରତିଷ୍ଠାକାରୀଙ୍କ ପାଇଁ ଏକ ନୋବେଲ ପୁରସ୍କାର ରଖିଥିଲେ। ଆଶା କରାଯାଏ, ତାଙ୍କୁ ଆଉ ପୂର୍ବଭଳି 'ମୃତ୍ୟୁଦୂତ' ନକହି ଶାନ୍ତିଦୂତ କୁହାଯିବ।

**ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା**
**ଦୂରଭାଷ :୯୪୩୭୩୮୬୬୬୮**



# ବୋକା ବିଲୁଆ

ଇଂ ଯଜ୍ଞ ପ୍ରକାଶ ଦାସ

ଏକ ଜଙ୍ଗଲରେ ଗୋଟିଏ ବିଲୁଆ ରହୁଥିଲା। ସବୁଦିନ ଛୋଟ ଛୋଟ ଜନ୍ତୁ ସବୁକୁ ମାରି ଖାଇ ଚଳୁଥାଏ। ଥରେ ଗୋଟିଏ ଠେକୁଆ ପଛରେ ଗୋଡ଼ାଇ ଗୋଡ଼ାଇ ଗୋଟିଏ ପଥର ପାଖରେ ପିଟି ହୋଇ ତାର ଗୋଟିଏ ଗୋଡ଼ ଭାଂଗି ଗଲା ଓ ସେ ଛୋଟା ହୋଇଗଲା। ତେଣୁ ସେ ଆଉ ଆଗପରି ଦୌଡ଼ାଦୌଡ଼ି କରି ପାରିଲା ନାହିଁ। ଭୋକରେ ଆଉଟୁ ପାଉଟୁ ହୋଇ ମନମାରି ବସିଥାଏ। ଭୋକ ସମ୍ଭାଳି ନ ପାରି ସେ ଗୋଟିଏ ଗଧିଆକୁ ନେହୁରା ହୋଇ ସବୁ କଥା କହିଲା ଓ ତାକୁ ତା ପାଖରେ ହେଲପର୍ ଭାବେ ରଖିବାକୁ ଅନୁରୋଧ କଲା। ଗଧିଆ ବହୁତ କଷ୍ଟରେ ରାଜି ହେଲା ଓ ଛୋଟା ବିଲୁଆ ଗଧିଆର ହେଲପର୍ ହୋଇ ରହିଲା। ଗଧିଆ ଯାହା ଶିକାର କରେ, ନିଜେ ପେଟ ପୂରା ଖାଇ ସାରିଲା ପରେ ବଳକା ଯାହା ରହେ ତାକୁ ବିଲୁଆକୁ ଖାଇବାକୁ ଦିଏ। ଏମିତି ବେଶ୍ କିଛି ଦିନ ଚଳିଗଲା। ବିଲୁଆର ଗୋଡ଼ ଆସ୍ତେଆସ୍ତେ ସାମାନ୍ୟ ଭଲହେବାକୁ ଲାଗିଲା ଓ ସେ ଛୋଟେଇ ଛୋଟେଇ ବେଶ୍ ଜୋରରେ କିଛି ଦୂର ଦୌଡ଼ିଯିବାକୁ ସକ୍ଷମ ହେଲା।

ଦିନେ ହେଲପର ଛୋଟା ବିଲୁଆ ଅତି ଗର୍ବର ସହିତ ଗଧିଆକୁ କହିଲା- ସାର୍! ଆପଣ ଆଉ ପରିଶ୍ରମ କରି ଶିକାର ପଛରେ ଦୌଡ଼ିବା ଦରକାର ନାହିଁ। ଏଣିକି ମୁଁ ଲୁଚିଲୁଚି ବେଶ୍ ଶିକାର କରି ଆଣିବି।- ଦୁହେଁ ମନଭରି ଖାଇବା। ଗଧିଆ ବିଲୁଆର କଥାଶୁଣି ମନେ ମନେ ହସିଲା- ଭାବିଲା ଯାକୁ ଉଚିତ ଶିକ୍ଷା ଦେବି। ଗଧିଆ ଖୁସିହୋଇ କହିଲା- ହେଇ ଦେଖି, ସେ କଣ୍ଟାଗଛ ତଳେ ଏକଲା ଜୀରାଫ୍‌ଟିଏ ଚରୁଛି। ତୁ ଯାଇ ତାର ପଛଗୋଡ଼କୁ କାମୁଡ଼ି ଧରିବୁ, ମୋଟେ ଛାଡ଼ିବୁ ନାହିଁ- ଠିକ୍ ସେତିକି ବେଳକୁ ମୁଁ ଏଠୁ ଦଉଡ଼ି ଯାଇ ତା ବେକକୁ ମାଡ଼ି ବସିବି- ଦୁହେଁ ଆରାମରେ ଖାଇବା। ବିଲୁଆ ସାଂଗେ ସାଂଗେ ଲୁଚି ଲୁଚି ଯାଇ ଜିରାଫର ପଛ ଗୋଡ଼କୁ କାମୁଡ଼ି ଦେଲା ବେଳକୁ ଜୀରାଫ୍ ଏମିତି ଶକ୍ତ ଲାତ ମାରିଲା ଯେ ବିଲୁଆ ୨୦/୨୫ ହାତ ଦୂରରେ ଛିଟିକି ପଡ଼ିଲା- ଖାଲି କେଁ କେଁ ହେବା ଛଡ଼ା ଆଉ ସେଠୁ ଉଠି ଆସିବା ପାଇଁ ତାର ଶକ୍ତି ନ ଥିଲା। ପୁରା ମେରୁଦଣ୍ଡ ୪ଖଣ୍ଡ ହୋଇ ଭାଙ୍ଗି ଯାଇଥିଲା। ତେଣୁ ଆଉ ଉଠିବା ସଂଭବ ହେଲାନାହିଁ। ଆଖିପିଛୁଳାକେ ଜୀରାଫ୍ ବୁଲି ପଡ଼ି ଆଗଦୁଇ ଗୋଡ଼ରେ ହେମଦସ୍ତାରେ ଅଦା ଛେଚିଲା ପରି ବିଲୁଆକୁ ଛେଚି ଛେଚି ମାରି ଦେଲା। ବିଚାରା ହେଲପର୍ ବିଲୁଆର ପ୍ରାଣବାୟୁ ସେଇଠି ଉଡ଼ିଗଲା।

ତେଣୁ କଥାରେ ଅଛି- 'ନିର୍ବୋଧ ଭାବେ କାର୍ଯ୍ୟ କଲେ ଦୁଃଖ ଅବଶ୍ୟ ମିଳିଥାଏ।'

ରାଉରକେଲା-୬
ଦୂରଭାଷ : ୮୮୯୫୫୦୦୪୫୪

# ଗୁରୁ

**ତ୍ରିଲୋଚନ ଦାସ**

ଗୁରୁ ହେ, ଘେନ କୁସୁମାଞ୍ଜଳି ମୋ'
ଚରଣେ ପ୍ରଣତି ଢାଳୁଛି,
ଅଜ୍ଞାନ ଅନ୍ଧାରେ ଜ୍ଞାନାଲୋକ ଦିଅ
ଅମୃତର ଧାରା ଝରୁଛି ॥୦॥
ତୁମେ ତିଆରୁଛ ଆମରି ଜୀବନ
ସାଜିଛ ତୁମେ ତ ବିଦ୍ଧାଣୀ,
କଳିକାରୁ ଫୁଲ ଫୁଟାଅ ତୁମେ ତ
ସଙ୍ଗୀତେ ସୁରର ରାଗିଣୀ
ତୁମ ଦିବ୍ୟ ଜ୍ଞାନେ ଦିବ୍ୟ ଶକତିରେ
ପଙ୍କରୁ ପଙ୍କଜ ଫୁଟୁଛି.....॥୧॥
ଗୁରୁ ହେ, ଘେନ......
ଜୀବନ ପଥରେ ଆମେ ପଥଚାରୀ
ବଟବୃକ୍ଷ ପରି ରହିଛ,
ଚାଲି ଚାଲି ଆମେ ଥକିପଡୁ ଯେବେ
ଆନନ୍ଦେ ଆଶ୍ରୟ ଦେଉଛ,
ତୁମେ ପିତା ମାତା ସଦ୍‌ଜ୍ଞାନ ଦାତା
ଭକତି ସୁମନ ଦେଉଛି.....॥୨॥
ଗୁରୁ ହେ, ଘେନ......
ଦେଶ ଜାତି ସେବା ହେଉ ଆମ ବ୍ରତ
ଉତ୍ସାହ ଭରିଛ ମନରେ,
ଦୀନ ଦୁଃଖୀ ସେବା ହେଉ ଆମ ଧ୍ୟେୟ
ପ୍ରେରଣା ଦେଇଛ ଅନ୍ତରେ,
ଆଶୀର୍ବାଦ ଧାରା ବୁହାଇ ଦିଅ ହେ
ଶତ ପ୍ରଣିପାତ କରୁଛି.....॥୩॥
ଗୁରୁ ହେ, ଘେନ......

ଶ୍ରୀବିହାର,ଖୋର୍ଦ୍ଧା
ଦୂରଭାଷ :୯୮୫୩୫୩୫୦୯୫

# ତମ ଘର ମୋ' ଘର

**ସଚ୍ଚି ମହାନ୍ତି**

ତମେତ ରହିବା ଲୋକ ତମ ରାଜବାଟୀରେ
କେମିତି ପଡିଲା ପାଦ ମୋର ଏଇ କୁଟୀରେ।।

ମୁଁ ଶୁଣିଚି ତମଘର ଆଉ ଗୋଟେ କୋଣାର୍କ
ଯେ ଦେଖିଚି ସେ କହିଚି ଅଫେରା ତା' ପଲକ
ମୋ'ଘର ମୁଁ ତିଆରିଚି ତୁଚ୍ଛା ଝାଟି ମାଟିରେ
କେମିତି ପଡିଲା ପାଦ ମୋର ଏଇ କୁଟୀରେ।।

ତମଘର କବାଟରେ ହୀରା ମୋତି ଖଞ୍ଜିତ
କେତେ କୁଟିକମ କରି ମୁଖଶାଳା ଗଢ଼ିତ
ମୋ'ଘର କବାଟ ଦେଖ ତାଳପତ୍ର ତାଟିରେ
କେମିତି ପଡିଲା ପାଦ ମୋର ଏଇ କୁଟୀରେ।।

ତମ ଘରେ ଆଲୁଅର ଝିଲିମିଲି ରୋଷଣୀ
ତମରାଣୀ ପିନ୍ଧୁଥିବ ନିତି ପାଟ ବସନୀ
ମୋ ପିନ୍ଧା ବସନ ସାରା ପୂରିଥାଏ ଗଣ୍ଠିରେ
କେମିତି ପଡିଲା ପାଦ ମୋର ଏଇ କୁଟୀରେ।।

ମଣୋହିକୁ ଘିଅ ଅନ୍ନ ଜାତିଜାତି ବ୍ୟଞ୍ଜନ
ବାସନାରେ ପେଟପୂରେ ହୁଏ ଅଧା ଭୋଜନ
ମୁଁ ଖାଏ ପଖାଳସାଙ୍ଗେ ଲୁଣ ଲଙ୍କା ଚାଟିରେ
କେମିତି ପଡିଲା ପାଦ ମୋର ଏଇ କୁଟୀରେ।।

ଗଜଦନ୍ତ ପଲଙ୍କରେ ସଜା ଶେଯ ସୁପାତି
ମହମହ ବାସୁଥିବ ଯୁଇ ଯାଇ ସେବତୀ
ମୁଁ ଏଠି ଯାଉଚି ନିଦ ଖଣ୍ଡେ ଛିଣ୍ଡା ପଟିରେ।।

ତମର ସେ ରାଜବାଟୀ ତମପାଇଁ ମହାର୍ଘ୍ୟ
ମୋ ପାଇଁ ମୋ ଝାଟିମାଟି ଘର ମୋର ସରଗ
ମଲାପରେ ଆମେ ଦୁହେଁ ମିଶିବାତ ମାଟିରେ
କପାଳ ଲିଖନ କହ କିଏ ଦେବ କାଟିରେ।।

ଦୂରଭାଷ -୮୮୯୫୬୨୨୫୭୫

# ସ୍ୱାଇନ ଫ୍ଲୁ



ଡା ଧନେଶ୍ୱର ସାହୁ
ଏମ.ବି.ବି.ଏସ.ଏମ.ଏସ

## ଏହା କଣ ?

ଏହାକୁ ସ୍ୱାଇନ ଇନଫ୍ଲୁଏଂଜା, ଘୁଷୁରୀ ଇନଫ୍ଲୁଏଂଜା ମଧ୍ୟ କୁହାଯାଏ। ଏହା ଏକ ଭୂତାଣୁ ଜନିତ ରୋଗ। ଏହା ଶ୍ୱାସଯନ୍ତ୍ରରେ ହୁଏ। ଏହି ରୋଗ ପ୍ରଥମେ ଘୁଷୁରି ଦେହରେ ଆରମ୍ଭ ହୋଇଥିଲା ବୋଲି ଏହାକୁ ସ୍ୱାଇନ୍ ଫ୍ଲୁ କହନ୍ତି।

## ଏହାର କାରଣ-

ଏହା ମୁଖ୍ୟତଃ ଏଚ୍୧ ଏନ୍୧ ଇନଫ୍ଲୁଏଂଜା 'ଏ' ଭୂତାଣୁ ଯୋଗୁ ହୁଏ। ବେଳେବେଳେ ଏଚ୧ ଏନ୨,ଏଚ ୩ ଏନ୧ ,ଏଚ ୩ ଏନ୨ ଇନଫ୍ଲୁଏଂଜା ଭୂତାଣୁ ଯୋଗୁ ମଧ୍ୟ ହୋଇଥାଏ।

ଇନଫ୍ଲୁଏଂଜା ଭୂତାଣୁର ବାହ୍ୟ ଭାଗରେ ଥିବା ପ୍ରୋଟିନ ଅନୁସାରେ ଏହାର ନାମ କରଣ କରାଯାଇଥଏ ମୁଖ୍ୟତଃ ଦୁଇ ପ୍ରକାର ù_ùÔ¨ ej þûGö ùi MÊWK ùj f û j ùcû@MiëÔ Ô (H) ଓ ନ୍ୟୁରାମିନିଡେଜ(N)

## ଏହା କେମିତି ବ୍ୟାପେ-

ସଂକ୍ରମିତ ବ୍ୟକ୍ତିଠାରୁ କାଶ, କଫ, ଓ ଛିଙ୍କ ଦ୍ୱାରା ପବନ ମାଧ୍ୟମରେ ସୁସ୍ଥ ବ୍ୟକ୍ତିକୁ ବ୍ୟାପିଥାଏ। ସଂକ୍ରମିତ ବ୍ୟକ୍ତିର ଚର୍ମ ସ୍ପର୍ଶ କଲେ, ସଂକ୍ରମିତ ବ୍ୟକ୍ତିକୁ ଚୁମ୍ବନ କଲେ,ଏକାଠି ଥଣ୍ଡା ପିଇଲେ,ସଂକ୍ରମିତ ଜିନିଷ ପତ୍ର ସ୍ପର୍ଶ କଲେ, ସଂକ୍ରମିତ ଘୁଷୁରି ସ୍ପର୍ଶ କଲେ ଏହା ସଂକ୍ରମିତ ହୋଇଥାଏ।

ଇନ୍‌କୁବେସନ୍ ପିରିଅଡ -

ଦେହରେ ଭୂତାଣୁ ପ୍ରବେଶଠାରୁ ଲକ୍ଷଣ ପ୍ରକାଶ ପାଇବା ସମୟକୁ ଇନକୁବେସନ ପିରିଅଡ କୁହାଯାଏ। ଏହା ପ୍ରାୟ ୧ ରୁ ୭ ଦିନ।

କଣ୍ଟାଜିଅସ୍ ପିରିଅଡ-

ଏହି ସମୟରେ ଭୂତାଣୁ ଅନ୍ୟକୁ ସଂକ୍ରମିତ କରେ। ଏହା ଲକ୍ଷଣ ପ୍ରକାଶ ପାଇବାର ଏକ ଦିନ ପୂର୍ବରୁ ୫-୭ ଦିନ ପର୍ଯ୍ୟନ୍ତ ରହେ। ପିଲାମାନେ ଓ ଯେଉଁମାନଙ୍କର ପ୍ରତିଷେଧକ ଶକ୍ତି କମ ଥାଏ, ସେ କ୍ଷେତ୍ରରେ ଲକ୍ଷଣ ପ୍ରକାଶ ପାଇବାର ୧୦-୧୪ ପର୍ଯ୍ୟନ୍ତ ମଧ୍ୟ ରହେ।

## କେତେ ଦିନ ସ୍ୱାଇନ ଫ୍ଲୁ ରହେ ?

ଏହା ୩ ରୁ ୭ ଦିନ ପର୍ଯ୍ୟନ୍ତ ରହେ।

ଅଧିକ ଇନଫେକସନ୍ ଥିଲେ ଏହା ୯ ରୁ୧୦ ଦିନ ପର୍ଯ୍ୟନ୍ତ ରହେ

## ସଂକେତ ଓ ଲକ୍ଷଣ-

ଜ୍ୱର,କାଶ ,ମୁଣ୍ଡବିନ୍ଧା,ଗଳା ଦରଜ,ସେହ ଘୋଳାବିନ୍ଧା,ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ,ତରଳ ଝାଡା,ବାନ୍ତି,କଫରେ ରକ୍ତ ପଡିବା,ଆଖି ଲାଲ ପଡିବା, ଶୀତ ଲାଗିବା,ନାକରୁ ପାଣି ବାହାରିବା,କମ ରକ୍ତଚାପ ହେବା, ଘୁମେଇବା, ଧଇଁ ସଇଁ ହେବା ଏବଂ ଦୁର୍ବଳ ଅନୁଭବ କରିବା।

## ନିଦାନ

ସଂକେତ ଓ ଲକ୍ଷଣ ଦେଖି

ରାପିଡ୍ ଟେଷ୍ଟ- ନାକ କିମ୍ବା ଗଳାର ସିକ୍ରେସନ୍ ସ୍ୱାବ୍‌ରେ ନେଇ ପରୀକ୍ଷା କରାଯାଏ। ୧୫ ମିନିଟରେ ଜାଣିହୁଏ ଏହା ଇନ୍‌ଫ୍ଲୁଏଂଜା 'ଏ' କିମ୍ବା 'ବି'। ଯଦି 'ବି' ପଜେଟିଭ ତେବେ ଏହା ସ୍ୱାଇନଫ୍ଲୁନୁହେଁ।

ପୋଲିମରେଜ ଚେନ ରିଆକସନ (PCR) ଭୂତାଣୁର ଜେନେଟିକଲ ମ୍ୟାଟରିଆଲର ସ୍ୱତନ୍ତ୍ର ପରୀକ୍ଷା।

କଫ ନାକର ସିକ୍ରେସନ ଗଳାର ସିକ୍ରେସନଲ କଲଚର କରି।

## ଏହାପାଇଁ କୌଣସି ଟୀକା ଅଛି କି ?

ହଁ ଏହାକୁ ସ୍ୱାଇନଫ୍ଲୁ ଟୀକା କୁହାଯାଏ।

## କେଉଁମାନେ ଏ ରୋଗରେ ବେଶି ଆକ୍ରାନ୍ତ ହୁଅନ୍ତି ?

ଗର୍ଭବତୀ ମହିଳା, ୫ ବର୍ଷରୁ କମ୍‌ପିଲା,, ୬୫ ବର୍ଷରୁ ଉର୍ଦ୍ଧ୍ୱ ରୋଗୀ, ଦୀର୍ଘ କାଳୀନ ରୋଗ ଯଥା ମଧୁମେହ ହୃଦରୋଗ, ଶ୍ୱାସ, କିଡନି ରୋଗ ନ୍ୟୁରେମସ୍କୁଲାର ରୋଗ, କମ ରୋଗ ନିରୋଧ ଶକ୍ତି ଥିବା ବ୍ୟକ୍ତି, ଛୋଟ ପିଲା ଯେଉଁ ମାନେ ଦୀର୍ଘ ଦିନ ଧରି ଅସପିରିନ ଚିକିତ୍ସାରେ ଥାନ୍ତି, ସ୍ୱାସ୍ଥ୍ୟ ସେବା ଯୋଗାଉଥିବା କର୍ମଚାରୀ ଯଥା ଡାକ୍ତର ଓ ନର୍ସ ଯିଏ ଏ ରୋଗୀକୁ ଚିକିତ୍ସା କରନ୍ତି, ନର୍ସିଙ୍ଗ ହୋମରେ ରହୁଥିବା ଲୋକ ଓ ଅଧିକ ମୋଟା ଲୋକ।

## ପ୍ରତିଷେଧକ-

ଟୀକା ନେବା, କାଶିବା କିମ୍ବା ଛିଙ୍କିବା ସମୟରେ ରୁମାଲରେ ମୁହଁ ଓ ନାକକୁ ଘୋଡାଇ ରଖବା, ଖାଇବାପୂର୍ବରୁ ହାତକୁ ଭଲ ଭାବରେ ସାବୁନ ଓ ପାଣିରେ ଧୋଇବା, ଯଦି ଆପଣଙ୍କୁ ଜ୍ୱର, କାଶ କିମ୍ବା ଛିଙ୍କ ହେଉଥାଏ ତେବେ ସର୍ବ ସାଧାରଣ ସ୍ଥାନରୁ ଦୂରେଇ ରୁହିବା ଉଚିତ।

ତତ୍‌ସହିତ ପର୍ଯ୍ୟାପ୍ତ ପରିମାଣର ପାଣି ପିଅନ୍ତୁ ଓ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ।

ଆଖି ନାକ କିମ୍ବା ପାଟିକୁ ବାରମ୍ବାର ସ୍ପର୍ଶ କରନ୍ତୁ ନାହିଁ, ହାତ ମିଳାଇବା ଓ ଅନ୍ୟାନ୍ୟ ସ୍ପର୍ଶୀୟ ଅଭିବାଦନ କରନ୍ତୁ ନାହିଁ, ସର୍ବସାଧାରଣ ସ୍ଥାନରେ ସିଙ୍ଘାଣି, ଛେପ ଓ ଖଙ୍କାର ପକାନ୍ତୁ ନାହିଁ, ଆକ୍ରାନ୍ତ ବ୍ୟକ୍ତିର ରୁମାଲ ଗାମୁଛା ଓ ଲୁଗାପଟା ଆଦି ବ୍ୟବହାର କରନ୍ତୁ ନାହିଁ।

ସ୍ୱାଇନ ଫ୍ଲୁ ବ୍ୟାପିଥିବା ସମୟରେ ଅଧିକ ଲୋକଥିବା ଜାଗାକୁ ଯାଆନ୍ତୁ ନାହିଁ।

ଦେହ ଖରାପ ଥିଲେ କାର୍ଯ୍ୟକୁ ନ ଯାଇ ଘରେ ରହନ୍ତୁ।

ଭୂତାଣୁ ଥିବା ସରଫେସକୁ ଛୁଅନ୍ତୁ ନାହିଁ।

ଭଲ ନିଦ୍ରାଯିବା ପାଇଁ ଅଧିକ ଏକସରସାଇଜ କରନ୍ତୁ।

## ଚିକିତ୍ସା

ଅଧିକ ବିଶ୍ରାମ ନେବା, ଅଧିକ ପାଣି ପିଇବା,ଦରକାର ପଡିଲେ ଆଇ. ଭି ଫ୍ଲୁଇଡ୍ ଦେବ। ବ୍ୟଥା କମାଇବା ଔଷଧ, କାଶ କମାଇବା ଔଷଧ, ନାକ ଚୁଂଟି ହେଉଥିଲେ ତା ପାଇଁ ଔଷଧ।

## ଅନ୍ୟାନ୍ୟ ଲକ୍ଷଣ ଅନୁସାରେ ଚିକିତ୍ସା

ଆଣ୍ଟିଭାଇରାଲ ଔଷଧ , ଓସେଲଟାମିଭିର - ଟାମିଫ୍ଲୁ, ଜାନାମିଭିର- ରେଲେଂଜା, ଆଡାମାଣ୍ଟେନସ- ଆମାଣ୍ଟାଡିନ ଓ ରିମେଣ୍ଟାଡିନ

## ଘରୋଇ ଚିକିତ୍ସା

ତୁଳସୀ ପତ୍ର, ଗିଲୋଇ, କର୍ପୁର, ରସୁଣ, କ୍ଷୀର, ଆଲୋଭେରା, ହୋମିଓପାଥିକ ଔଷଧ, ସାଇଟ୍ରସ ଫ୍ରୁଟସ ଓ ସ୍ପେସିଆଲି ଭିଟାମିନ ଅମଳା ବ୍ୟବହାର କରିବା ଉଚିତ।


## ଜଟିଳତା

ନିମୋନିଆ, ହୃଦରୋଗ ଓ ଶ୍ୱାସ ଅଧିକ ପରିମାଣରେ ହେବା।

ବ୍ରୋଂକାଇଟିସ,ସାଇନସ ଓ କାନ ଇନଫେକସନ୍, କନଫ୍ୟୁଜନ୍ ବାତମାରିବା, ଶ୍ୱାସ ଅବରୁଦ୍ଧ ହେଲେ।

ସ୍ୱାଇନ ଫ୍ଲୁ ରୋଗ ଆରୋଗ୍ୟ ସାଧ୍ୟ। ଏଥିପାଇଁ ଆତଙ୍କିତ ହେବା ଉଚିତ ନୁହେଁ।

ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା
ଦୂରଭାଷ-୯୪୩୭୧୦୭୬୧୩




थूकर इंफ्लुएंजा के लक्षण
Symptoms of Swine influenzas

ଡାକଟିକେଟରୁ ଜ୍ଞାନ

# ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ

ଅଧ୍ୟାପକ ଭବାନୀ ଶଙ୍କର ଦାଶ

ଭାରତର ପ୍ରମୁଖ ବିଶ୍ୱବିଦ୍ୟାଳୟ ମଧ୍ୟରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାନ ସ୍ୱତନ୍ତ୍ର। ପ୍ରଥମ ଭାରତୀୟ ଆବାସିକ ବିଶ୍ୱବିଦ୍ୟାଳୟ ରୂପେ ଏହା ୧୯୧୬ ମସିହାରେ ମହାମାନବ ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ଏହି ବିଶ୍ୱବିଦ୍ୟାଳୟଟି ନାଳନ୍ଦା ଓ ତକ୍ଷଶୀଳା ବିଶ୍ୱବିଦ୍ୟାଳୟର ଢ଼ାଞ୍ଚାରେ ପ୍ରତିଷ୍ଠିତ। ସମଗ୍ର ଏସିଆ ମହାଦେଶରେ ଏହା ସର୍ବବୃହତ୍ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି। ଏହାର ପ୍ରତିଷ୍ଠା ପାଇଁ ପ୍ରସିଦ୍ଧ ସ୍ୱାଧିନତା ସଂଗ୍ରାମୀ ଗୋପାଳକୃଷ୍ଣ ଗୋଖଲେ, ସୁରେନ୍ଦ୍ର ନାଥ ବାନାର୍ଜୀ ଓ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ ଯୋଗଦାନ ରହିଛି। ଭାରତ ରତ୍ନ ମାଳବ୍ୟ ଭାରତୀୟ ଜାତୀୟ କଂଗ୍ରେସର ୨୧ତମ ଅଧିବେଶନରେ ଡ଼ିସେମ୍ବର ୧୯୦୫ରେ ଏହି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ବିଷୟରେ ଘୋଷଣା କରିଥିଲେ। ୧୯୧୪ରେ ସନ୍ଥ ବାବା ଅତର ସିଂ ଜି ମସ୍ତୁଆନା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରଥମ ଘରୋଇ ବିଶ୍ୱବିଦ୍ୟାଳୟ ରୂପେ ୪ ଫେବୃୟାରୀ ୧୯୧୬ରେ ଲର୍ଡ଼ ହାର୍ଡ଼ିଙ୍ଗଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। ଏହାର ପ୍ରଥମ କୁଳପତି ଥିଲେ ସାର୍ ସୁନ୍ଦର ଲାଲ। ପ୍ରଫୁଲ୍ଲ ଚନ୍ଦ୍ର ରାୟ, ସାର୍ ସି.ଭି. ରମଣ, ଜଗଦୀଶ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ ଆଦି ବ୍ୟକ୍ତିମାନଙ୍କୁ ଏଠାକୁ ଆମନ୍ତ୍ରଣ କରାଯାଇଥିଲା।




ଏହି ଶିକ୍ଷାନୁଷ୍ଠାନରେ କଳା, ବିଜ୍ଞାନ, ବୈଷୟିକ ଶିକ୍ଷା ସହିତ ଆୟୁର୍ବେଦ, କୃଷି, ଚିକିତ୍ସା ବିଜ୍ଞାନ, ଔଷଧିୟ ଶାସ୍ତ୍ର ଆଦି ବିଷୟରେ ଶିକ୍ଷା ଦିଆଯାଇଥାଏ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶିକ୍ଷାର ଏହା ଏକ ମିଳନ କ୍ଷେତ୍ର ଅଟେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏଠାରେ ଭାରତ ଓ ଭାରତ ବାହାରର ସବୁ ବର୍ଗର ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରାଯାଏ। ଏହାର ପୁରାତନ ଛାତ୍ରମାନଙ୍କର ଏକ ବଳିଷ୍ଠ ଯୋଗଦାନ ଭାରତର ପ୍ରତି କ୍ଷେତ୍ରରେ ଦେଖାଯାଏ। ସେମାନଙ୍କ ମଧ୍ୟରେ ଭାରତର ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି, ଭାରତରତ୍ନ ଉପାଧିଧାରୀ ମହାନବ୍ୟକ୍ତିମାନେ ଅନ୍ୟତମ।

ଜେକେପୁର,ରାୟଗଡ଼ା
ଦୂରଭାଷ-୯୪୩୭୧୩୧୯୯୬

# ସିଂହ



ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର



ସ୍ଥଳଭାଗରେ ଯେତେସବୁ ବିଲେଇ ବଂଶଜ ପ୍ରାଣୀ ଦେଖାଯାନ୍ତି,ସେମାନଙ୍କ ମଧ୍ୟରେ ସିଂହ ଅନ୍ୟତମ ଓ ବୃହତକାୟ ପ୍ରାଣୀ ଅଟେ। ଏମାନଙ୍କୁ ଆଫ୍ରିକା ସିଂହ ମଧ୍ୟ କୁହାଯାଏ। ଏମାନଙ୍କର ବୈଜ୍ଞାନିକ ନାମ ହେଉଛି ***Panthera leo*** । ଦଶ ହଜାର ବର୍ଷ ପୂର୍ବେ ଏମାନଙ୍କ ସଂଖ୍ୟା ବହୁତ ଥିଲା ଓ ଆଫ୍ରିକା ମହାଦେଶରେ ପ୍ରାୟ ୫୦ଭାଗରୁ ଅଧିକ ସିଂହ ଏଠାରେ ବାସକରୁଥିଲେ। ଆଫ୍ରିକା ଦେଶ ବ୍ୟତୀତ ଏସିଆ, ୟୁରୋପ ଓ ଆମେରିକା ଦେଶରେ ମଧ୍ୟ ବାସ କରନ୍ତି। ବିଶେଷ କରି ଘଂଚ ଜଙ୍ଗଲ ଓ ପାହାଡ ପର୍ବତ ନିକଟରେ ବାସ କରିଥାନ୍ତି। ଏମାନଙ୍କ ଦେହର ଲମ୍ବ ୫ ଫୁଟ ରୁ ୮ଫୁଟ ଓ ଲାଞ୍ଜର ଲମ୍ବ ୩ ଫୁଟରୁ ୩.୫ ଫୁଟ ଅଟେ। ପୁରୁଷ ସିଂହର ଓଜନ ୧୯୦ କି.ଗ୍ରା ହୋଇଥିବା ବେଳେ ସ୍ତ୍ରୀ ସିଂହର ଓଜନ ପ୍ରାୟ ୧୩୦ କି.ଗ୍ରା। ପୁରୁଷ ସିଂହ ଦେହରେ କଳା କଳା ପଟିର ଦାଗ ରହିଥାଏ। ଏମାନଙ୍କ ଦେହର ରଙ୍ଗ ସବୁଜ, ନାଲି ଓ କଳା ରଙ୍ଗର ମିଶ୍ରଣ ପାଉଁସିଆ ଅଟେ। ପେଟ ତଳପାଖ ରଙ୍ଗ ଧଳା ଥିବାବେଳେ ଲାଞ୍ଜର ରଙ୍ଗ ସାମାନ୍ୟ କଳା ଅଟେ। ପୁରୁଷ ସିଂହର ମୁଣ୍ଡରେ ମେଞ୍ଚା ମେଞ୍ଚା ବାଳର ଗୁଚ୍ଛ ଥାଏ। ତେଣୁ ପୁରୁଷ ସିଂହ ଓ ସ୍ତ୍ରୀ ସିଂହ ଚିହ୍ନଟ କରିବା ସହଜ ଅଟେ । ଏମାନଙ୍କର ଦେହ ଅତି ସୁସ୍ଥ ସବଳ ଓ ଦାନ୍ତ ଖୁବ୍ ମଜବୁତ ଅଟେ। ଏମାନେ ମାଂସାଶୀ ପ୍ରାଣୀ ଓ ଏମାନେ ବାସି , ଟଟକା ଏପରିକି ମଲା ଜନ୍ତୁ ମାନଙ୍କର ମାଂସ ଖାଇଥାନ୍ତି। ବିଶେଷ କରି ଏମାନେ ମଇଁଷି , ବଳଦ , ଗାଈ, ନୀଳଗାଈ, ହରିଣ, ଠେକୁଆ, ଗଧିଆ, ଜେବ୍ରା, ଘୁଷୁରି, ବାରହା ଆଦି ପ୍ରଣୀମାନଙ୍କୁ ମାରି ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି। ମଇଁଷି ମାଂସ ଖାଇବାକୁ ଏମାନଙ୍କର ବିଶେଷ ଆଗ୍ରହ ଥାଏ।

ପୃଥିବୀରେ ଆଉ ଏକ ପ୍ରଜାତିର ସିଂହ ଅଛନ୍ତି ଯାହା କି ଦେଖିବାକୁ ଧଳା ଓ ଏମାନଙ୍କୁ ଧଳା ସିଂହ ବା ***Panthera Leo Krugeri*** କୁହାଯାଏ। ଏମାନଙ୍କ ଚମଡାର ରଙ୍ଗ ଧଳା ଅଟେ ଓ ଦକ୍ଷିଣ ଆଫ୍ରିକାରେ ଏମାନେ ଦେଖାଯାନ୍ତି। ୪ବର୍ଷ ବୟସରେ ସ୍ତ୍ରୀ ସିଂହମାନେ ପ୍ରଜନନ କ୍ଷମତା ପାଇଥାନ୍ତି। ଗୋଟିଏ ସ୍ତ୍ରୀ ସିଂହ ସଙ୍ଗେ ଅନେକ ପୁରୁଷ ସିଂହମାନଙ୍କର ମିଳନ ହୋଇଥାଏ। ଏମାନଙ୍କ ଗର୍ଭ ଧାରଣ ସମୟ ହେଉଛି ୧୧୦ଦିନ। ଏକାଥରକେ ୧ ରୁ ୪ ଟି ପର୍ଯ୍ୟନ୍ତ ଛୁଆ ଜନ୍ମ ଦେଇଥାନ୍ତି। ଛୁଆମାନଙ୍କର ଓଜନ ପ୍ରାୟ ୧ ରୁ ୩ କି.ଗ୍ରା ମଧ୍ୟରେ ହୋଇଥାଏ। ଜନ୍ମ ସମୟରେ ଛୁଆମାନଙ୍କର ଆଖି ଫିଟି ନ ଥାଏ ଓ ୨୧ ଦିନ ପରେ ଆଖି ଫିଟିଥାଏ। ଛୋଟ ଛୋଟ ଛୁଆମାନଙ୍କୁ ମା' ସିଂହ ଯତ୍ନ ସହ ପାଳନ କରିଥାନ୍ତି। ଛୁଆମାନଙ୍କୁ ଗୁମ୍ଫା କିମ୍ବା ଖୋଲ ସ୍ଥାନରେ ରଖିଥାନ୍ତି।

ସିଂହର ରଡ଼ିର ଶବ୍ଦ ଅନେକ ଦୂରକୁ ଶୁଭିଥାଏ। ଏମାନେ କ୍ଷିପ୍ର ଗତିରେ ଦୌଡ଼ି ପାରନ୍ତି। ଦିନ ରାତି ୨୪ଘଣ୍ଟାରୁ ୧୬ରୁ ୨୦ଘ.ଣ୍ଟା ପର୍ଯ୍ୟନ୍ତ ଶୋଇ ରହନ୍ତି। ଏମାନଙ୍କ ଜୀବନ କାଳ ପ୍ରାୟ ୨୦ ବର୍ଷ। ଜଙ୍ଗଲ ହ୍ରାସ , ପରିବେଶ ପ୍ରଦୂଷଣ ଓ ଶୀକାର ଯୋଗୁ ଏମାନଙ୍କ ସଂଖ୍ୟା କମିକମି ଯାଉଛି। ତେଣୁ ଏମାନଙ୍କ ସୁରକ୍ଷା ନିମନ୍ତେ ସରକାର ଓ ଜନସାଧାରଣ ଆଗେଇ ଆସିବା ଦରକାର। ନଚେତ୍ ଏ ସୁନ୍ଦର ପ୍ରାଣୀକୁ ଆଉ ଦେଖିବାକୁ ମିଳିବନି।

**ପ୍ରାଣୀ ବିଜ୍ଞାନ ବିଭାଗ,**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ,ବାଙ୍କୀ**

---

# ଶାମୁକା' ମାନଙ୍କୁ

ସମରଜିତ୍ ପଟ୍ଟନାୟକ

ଲୁଣି ପାଣି ପିଇ ପିଇ ଯେ ବଢ଼ିଛି ସାଗରର ଅଥଳ ଜଳରେ
ସେ କାହୁଁ ବୁଝିବ ସତେ ଏ ଉଦାର, ଏ ମହାନ ଆକାଶର ବ୍ୟଥା,
ସେ କାହୁଁ ବୁଝିବ ସତେ ଏ ଆକାଶ କାହାଲାଗି କାନ୍ଦେ
କାହାଲାଗି ଝୁରି ମରେ, ସତେ କେବେ କହେନି ତା କଥା।।୧।

କାହାକୁ କହିବ ସିଏ, କାହାକୁ ବା ଦେଖାଇବ ଖୋଲି
ତା'ର ସେଇ ନୀଳମନ, ତା'ର ସେଇ ନୀଳନୀଳ ଆଖି
ଯେ ଆଖିରୁ ଲୁହଝରେ, ଯେ ମନରୁ କୋହ ଉଠେ ଫୁଲି
ଶାମୁକାର ଦଳ ତୁମେ, ତୁମେ ତାହା ପାରିବନି ଜାଣି।୨।

ତୁମେ ଖାଲି ଖେଳିଜାଣ ଗାରକାଟି ପତଳା ବାଲିରେ
ତୁମେ ଖାଲି ନିଜକୁ ଦେଖାଅ ନିଜେ କିନ୍ତୁ ପାରନାହିଁ ଦେଖି
ସାଗରର ଜଳପିଇ ତୁମେ ଭାବ ସବୁଜଳ ଏମିତି ଲୁଣିଆ
କି ମଧୁର ଆକାଶର ଲୁହ, ତୁମେ କେବେ ପାରିଛ କି ଚାଖି??।୩।

ତୁମରି ଜୀଇଁବା ଲାଗି ସେ କାନ୍ଦୁଛି ଆଖିଚିରି ଅନନ୍ତ କାଳରୁ
ଅଥଚ କହୁଚ ତୁମେ ଆମର ବା ଯାଏ କେତେ
ସେ ଆକାଶ କାନ୍ଦି କାନ୍ଦି ମରୁ।୪।

ଦୂରଭାଷ-୯୮୬୧୧୨୧୨୦୫

# ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନ୍‌ଶିପ୍‌ରେ ଭାରତ

**ଆଶିଷ କୁମାର ରାୟ**





ନିକଟରେ ସ୍କଟଲାଣ୍ଡର ଗ୍ଲାସ୍‌ଗୋ ନଗରୀରେ ସମ୍ପନ୍ନ ହୋଇଯାଇଛି ତେଇଶତମ ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନ୍‌ଶିପ୍। ଗତ ଅଗଷ୍ଟ ୨୧ରୁ ୨୭ତାରଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାର ମହିଳା ସିଂଗଲ୍‌ସରେ ଭାରତର ପୁର୍ସାଲା ଭେଙ୍କଟା ସିନ୍ଧୁ ବିଶ୍ୱ ଚାମ୍ପିଆନ ହେବାର ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଛନ୍ତି। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଜାପାନର ନୋଜୁମି ଓକୁହାରାଙ୍କଠାରୁ ୨୧-୧୯,୨୦-୨୨,୨୨-୨୦ରେ ଅଳ୍ପେକେ ପରାଜୟ ବରଣ କରି ରୌପ୍ୟପଦକରେ ସନ୍ତୁଷ୍ଟ ହୋଇଛନ୍ତି ସେ। ଏତଦ୍‌ବ୍ୟତୀତ ସେହି ଜାପାନୀ ଖେଳାଳିଙ୍କଠାରୁ ସେମିଫାଇନାଲରେ ପରାଜିତ ହୋଇ ଭାରତର ଅନ୍ୟତମ ଶ୍ରେଷ୍ଠ ତାରକା ସାଇନା ନେହ୍‌ୱାଲଙ୍କୁ ବ୍ରୋଞ୍ଜ ପଦକରେ ମନ ବୁଝାଇବାକୁ ପଡ଼ିଛି। ଭାରତର ଏହି ଦୁଇ ଖେଳାଳି- ସାଇନା ଓ ସିନ୍ଧୁ ଫାଇନାଲରେ ପରସ୍ପରକୁ ଭେଟିବେ ବୋଲି ଅନେକେ ଆଶା ରଖିଥିଲେ ଏବଂ ଏହା ହୋଇଥିଲେ ଭାରତୀୟ ବ୍ୟାଡମିଣ୍ଟନ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହୋଇପାରିଥାନ୍ତା। କିନ୍ତୁ ତାହା ସମ୍ଭବ ହୋଇପାରିଲା ନାହିଁ। ନୋଜୁମି ଓକୁହାରାଙ୍କଠାରୁ ପ୍ରଥମେ ସାଇନା ଓ ପରେ ସିନ୍ଧୁ ପରାଜିତ ହୋଇଗଲେ। ତେବେ ଅନ୍ୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନିଶ୍ଚିତ ଭାବେ ଏହା ହେଉଛି ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନ୍‌ଶିପରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ।୨୦୧୧ରୁ ପ୍ରତ୍ୟେକଥର ଭାରତ ଏହି ପ୍ରତିଯୋଗିତାରେ ଗୋଟିଏ ଲେଖାଏଁ ପଦକ ହାସଲ କରୁଥିବା ବେଳେ ଏଥର କିନ୍ତୁ ମିଳିଛି ଦୁଇଟି ପଦକ। ଏହି ଦୁଇଖେଳାଳିଙ୍କ ବ୍ୟତୀତ ପୁରୁଷ ବିଭାଗରେ କିଦାମ୍ବୀ ଶ୍ରୀକାନ୍ତଙ୍କ କ୍ୱାର୍ଟର ଫାଇନାଲ ପଦାର୍ପଣ ମଧ୍ୟ ଏଥରର ଆଉ ଏକ ଉଲ୍ଲେଖନୀୟ ଘଟଣା।

୧୯୭୭ରେ ସ୍ୱିଡେନର ମାଲ୍‌ମୋ ନଗରୀରେ ଅନୁଷ୍ଠିତ ହୋଇଥିଲା ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନ୍‌ଶିପ୍‌ର ପ୍ରଥମ ସଂସ୍କରଣ। ଏଥିରେ କିନ୍ତୁ ଭାରତର ଉପସ୍ଥିତି ଥିଲା ନାମକୁ ମାତ୍ର। ତେବେ ୧୯୮୦ରେ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାଠାରେ ଅନୁଷ୍ଠିତ ବିଶ୍ୱ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣରେ ଭାରତର ପ୍ରକାଶ ପାଦୁକୋଣ ଥିଲେ ଶୀର୍ଷ ମାନ୍ୟତା ପ୍ରାପ୍ତ ତାରକା। ସେହିବର୍ଷ ସେ ସ୍ପାନିଶ୍ ଓପନ୍, ଡେନ୍‌ମାର୍କ ଓପନ୍, ସ୍ୱିଡିଶ୍ ଓପନ୍ ଏବଂ ବିଶ୍ୱର ସର୍ବ ପୁରାତନ ତଥା ମର୍ଯ୍ୟାଦାଜନକ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଭାବେ ଖ୍ୟାତ ଅଲ୍ ଇଂଲାଣ୍ଡ ପ୍ରତିଯୋଗିତାରେ ଚାମ୍ପିଆନ୍ ହେବା ସହିତ ବିଶ୍ୱ ଚାମ୍ପିଆନ୍‌ଶିପ୍ ଟାଇଟେଲ୍‌ର ମୁଖ୍ୟ ଦାବିଦାର ଭାବେ ଉଭା ହୋଇଥିଲେ। କିନ୍ତୁ ଜାକର୍ତ୍ତାଠାରେ କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆର ରୁଡି ହାର୍ତୋନୋଙ୍କ ନିକଟରୁ ପରାଜିତ ହୋଇଯିବା ଦ୍ୱାରା ତାଙ୍କ ସହିତ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ଆଶାଆକାଂକ୍ଷା ଧୂଳିସାତ ହୋଇଯାଇଥିଲା।

ପ୍ରକାଶ ପାଦୁକୋଣଙ୍କୁ ତାଙ୍କର ଏକମାତ୍ର ବିଶ୍ୱ ଚାମ୍ପିଆନ୍‌ଶିପ୍ ପଦକ ମିଳିଥିଲା ୧୯୮୩ ମସିହାରେ । ସେହିବର୍ଷ ଡେନମାର୍କର ରାଜଧାନୀ କୋପେନ୍‌ହେଗେନ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ତୃତୀୟ ସଂସ୍କରଣର ସେମିଫାଇନାଲରେ ପହଞ୍ଚି ସେଠାରେ ସେ ଇଣ୍ଡୋନେସିଆର ଇଚୁକ୍ ସୁଗିଆର୍ତୋଙ୍କ ନିକଟରୁ ପରାଜିତ ହୋଇଗଲେ ଏବଂ ଫଳସ୍ୱରୂପ ତାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଲା। ପ୍ରକାଶ ପାଦୁକୋଣଙ୍କ ଏହି ପଦକଟି ଅନେକ ବର୍ଷ ପର୍ଯ୍ୟନ୍ତ ବିଶ୍ୱ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଭାରତର ଏକମାତ୍ର ପଦକ ହୋଇ ରହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଆନ୍‌ଶିପର ପ୍ରଥମ ତିନିଟି ସଂସ୍କରଣ ତିନି ବର୍ଷ ବ୍ୟବଧାନରେ ଆୟୋଜିତ ହେବା ପରେ ୧୯୮୫ରୁ ଏହା ପରିଣତ ହୋଇଥିଲା ଦ୍ୱିବାର୍ଷିକ ପ୍ରତିଯୋଗିତାରେ । ଏବେ କିନ୍ତୁ ଏହା ଅଲିମ୍ପିକ୍ ବର୍ଷକୁ ଛାଡ଼ି ଅନ୍ୟ ବର୍ଷମାନଙ୍କରେ ନିୟମିତ ଭାବେ ଅନୁଷ୍ଠିତ ହେଉଛି। ପ୍ରକାଶ କିନ୍ତୁ ୧୯୮୩ ପରେ ଆଉ କେବେ ମଧ୍ୟ ପଦକର ନିକଟବର୍ତ୍ତୀ ହୋଇପାରିନଥିବା ବେଳେ ତାଙ୍କ ସମସାମୟିକ ସୟଦ ମୋଦି ମଧ୍ୟ ତିନିଟି ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ଅଂଶଗ୍ରହଣ କରି କେବେହେଲେ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିନାହାନ୍ତି।

ଏହାପରେ ୨୦୦୧ରେ ପୁଲ୍ଲେଲା ଗୋପୀଚାନ୍ଦ ଅଲ୍-ଇଂଲାଣ୍ଡ ପ୍ରତିଯୋଗିତାରେ ଚାମ୍ପିଆନ ହେବାପରେ ବିଶ୍ୱ ପ୍ରତିଯୋଗିତାରେ ମଧ୍ୟ ତାଙ୍କଠାରୁ କିଛିଟା ଚମତ୍କାରିତା ଆଶା କରାଯାଉଥିଲା, କିନ୍ତୁ ତାହା

ହୋଇପାରିଲା ନାହିଁ । ତେବେ ପରବର୍ତ୍ତୀ ସମୟରେ ଗୋପୀଚାନ୍ଦ ହାଇଦ୍ରାବାଦଠାରେ ବ୍ୟାଡମିଣ୍ଟନ ଏକାଡେମୀ ସ୍ଥାପନକରି ପ୍ରଶିକ୍ଷଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ଅନେକ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିଛନ୍ତି। ତାଙ୍କରି ଏକାଡେମୀରେ ଶିକ୍ଷାଲାଭ କରି ସାଇନା ନେହୱାଲ ଓ ପ. ଭି. ସିନ୍ଧୁ ଅଲିମ୍ପିକ୍ ତଥା ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ପଦକ ଜିଣିବା ଦିଗରେ ସକ୍ଷମ ହୋଇପାରଛନ୍ତି। ପି. ଗୋପୀଚାନ୍ଦଙ୍କ ପରେ ଭାରତର ଅଭିନ୍ନଶ୍ୟାମ ଗୁପ୍ତା, ଚେତନ ଆନନ୍ଦ, ଅରବିନ୍ଦ ଭଟ୍ଟ ଓ ଅନୁପ ଶ୍ରୀଧର ମଧ୍ୟ ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ କିଛିଟା ଉନ୍ନତ ପ୍ରଦର୍ଶନ କରିଥିଲେ ହେଁ ପଦକଠାରୁ ଦୂରରେ ରହିଯାଇଥିଲେ। ୨୦୦୭ରେ ମାଲେସିଆର କୁଆଲାଲମ୍ପରେ ଅନୁଷ୍ଠିତ ବିଶ୍ୱ ପ୍ରତିଯୋଗିତାରେ ଅନୁପ ଶ୍ରୀଧର ପୂର୍ବତନ ଅଲିମ୍ପିକ୍ ଚାମ୍ପିଆନ ଇଣ୍ଡୋନେସିଆର ତୌଫିକ୍ ହିଦାୟତଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିବା ଥିଲା ଉଲ୍ଲେଖନୀୟ ଘଟଣା।



ତେବେ ୨୦୦୯ରେ ଭାରତ ମାଟିରେ ଯେବେ ପ୍ରଥମଥର ସକାଶେ ବିଶ୍ୱ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଲା ସେହି ସମୟରେ ଆମ ଖେଳାଳିଙ୍କ ନିକଟରେ ପଦକ ଜିତିବାର ସୁଯୋଗ ଥିଲା, କିନ୍ତୁ ହାଇଦ୍ରାବାଦରେ ଖେଳାଯାଇଥିବା ସେହି ପ୍ରତିଯୋଗିତାରେ ଚୀନର ପ୍ରତିଯୋଗୀମାନେ ବାଜି ମାରିନେଇ ଯାଇଥିବା ବେଳେ ଭାରତର ଖେଳାଳିମାନେ ନିରାଶ କରିଥିଲେ। ସେହିବର୍ଷ ଭାରତର ଉଦୀୟମାନ ତାରକା ସାଇନା ନେହୱାଲ ଇଣ୍ଡୋନେସିଆନ ଓପନ୍, ଚାଇନିଜ୍ ତାଇପେ ଓପନ୍ ଏବଂ ଇଣ୍ଡିଆନ୍ ଓପନ୍ ଭଳି ତିନିଟି ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇ ଆଶା ଜଗାଇଥିଲେ ହେଁ ନିଜ ସହରରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଆନ୍‌ଶିପ୍‌ର କ୍ୱାର୍ଟର ଫାଇନାଲରେ ଚୀନର ଲିନ୍ ୱାଙ୍ଗଙ୍କ ନିକଟରୁ ପରାଜିତ ହୋଇଗଲେ। ସେହିଭଳି ଭାରତର ମିକ୍ସଡ୍ ଡବଲ୍ସ ଯୋଡ଼ି ଜ୍ୱାଲା ଗୁଟ୍ଟା ଓ ଭି. ଡିଜୁ ମଧ୍ୟ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ପଦକରୁ ବଞ୍ଚିତ ହେଲେ। ୨୦୧୦ରେ ପ୍ୟାରିସ୍‌ଠାରେ ଅନୁଷ୍ଠିତ ପରବର୍ତ୍ତୀ ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ମଧ୍ୟ ସାଇନା କ୍ୱାର୍ଟର ଫାଇନାଲରୁ ଅଧିକ ଆଗକୁ ବଢ଼ିପାରଲେ ନାହିଁ।

ସୁତରାଂ ୧୯୮୩ରେ ପ୍ରକାଶ ପାଦୁକୋଣଙ୍କ ପଦକ ବିଜୟ ପରେ ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ଆଉ ଏକ ପଦକ ଜିତିବା ପାଇଁ ଭାରତକୁ ୨୮ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା। ୨୮ବର୍ଷର ବ୍ୟବଧାନ ପରେ ଲଣ୍ଡନଠାରେ ଅନୁଷ୍ଠିତ ୧୯ତମ ବିଶ୍ୱ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନାପ୍ପାଙ୍କ ମହିଳା ଡବଲ୍ସ ଯୋଡ଼ି ସେମି ଫାଇନାଲରେ ପହଞ୍ଚି ହାସଲ କଲେ ବ୍ରୋଞ୍ଜ ପଦକ । ଏହା ପରବର୍ଷ ଅର୍ଥାତ ୨୦୧୨ରେ ସେହି ଲଣ୍ଡନରେ ଅନୁଷ୍ଠିତ ଅଲିମ୍ପିକ୍‌ରେ ସାଇନା ନେହୱାଲ ବ୍ରୋଞ୍ଜ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିଲେ । ଏହାପରେ ୨୦୧୩ ଓ ୨୦୧୪ରେ କ୍ରମାଗତ ଦୁଇବର୍ଷ ଭାରତର ନବୋଦିତ ତାରକା ପୁର୍ସାଲା ଭେଙ୍କଟା ସିନ୍ଧୁ ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରି ଚହଳ ସୃଷ୍ଟିକଲେ । ୨୦୧୩ରେ ଗୁଆଙ୍ଗଝାଉଠାରେ ଖେଳାଯାଇଥିବା ବିଶ୍ୱ ବ୍ୟାଡମିଣ୍ଟନରେ ସାଇନା ନେହୱାଲ ଓ ପାରୁପଲ୍ଲୀ କଶ୍ୟପ ନିରାଶ କରିଥିବା ବେଳେ ୧୮ବର୍ଷ ବୟସ୍କା ସିନ୍ଧୁ ସେମିଫାଇନାଲକୁ ଉନ୍ନୀତ ହୋଇ ବ୍ରୋଞ୍ଜ ଜିଣିଥିଲେ। ସେହିଭଳି ୨୦୧୪ରେ କୋପେନ୍‌ହେଗେନ୍‌ଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ମଧ୍ୟ ସେମିଫାଇନାଲରେ ପହଞ୍ଚି ବ୍ରୋଞ୍ଜ ଜିଣିଲେ। ଏହି ଦୁଇବର୍ଷ ସେମିରେ ସିନ୍ଧୁ ଯଥାକ୍ରମେ ପରାସ୍ତ ହୋଇଥିଲେ ସେ ବର୍ଷର ଚାମ୍ପିଆନ୍ ଥାଇଲାଣ୍ଡର ରାତ୍‌ଚାନୋକ୍ ଇନ୍ତାନୋନ ଓ ସ୍ପେନ୍‌ର କାରୋଲିନା ମାରିନ୍‌ଙ୍କଠାରୁ।

୨୦୧୫ରେ ବିଶ୍ୱ ଚାମ୍ପିଆନ୍‌ଶିପ୍‌ର ୨୨ତମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା ଜାକର୍ତ୍ତାଠାରେ। ଏଠାରେ ପି. ଭି. ସିନ୍ଧୁ ତଥା ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନାପ୍ପାଙ୍କ ଯୋଡ଼ି କ୍ୱାର୍ଟର ଫାଇନାଲରେ ଏବଂ ପୁରୁଷ ସିଂଗଲ୍ସରେ କିଦାମ୍ବୀ ଶ୍ରୀକାନ୍ତ ଓ ଏଚ.ଏସ. ପ୍ରଣୟ ପ୍ରି-କ୍ୱାର୍ଟରରେ ପରାଜିତ ହୋଇଥିବା ବେଳେ ସାଇନା ନେହୱାଲଙ୍କ ପ୍ରଦର୍ଶନ କିନ୍ତୁ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର। ଚୀନର ୟିହାନ୍ ୱାଙ୍ଗ୍ ଓ ଇଣ୍ଡୋନେସିଆର ଲିଣ୍ଡାୱାନୀ ଫାନେଟ୍ରିଙ୍କୁ ପରାସ୍ତକରି ସାଇନା ଫାଇନାଲରେ ପଦାର୍ପଣ କରିଥିଲେ। ସେଠାରେ କିନ୍ତୁ ସ୍ପେନର କାରୋଲିନା ମାରିନ୍‌ଙ୍କଠାରୁ ହାରି ରୌପ୍ୟ ପଦକ ହାସଲ କଲେ। ବିଶ୍ୱ ଚାମ୍ପିଆନଶିପ୍‌ରେ ଚାରିଟି ବ୍ରୋଞ୍ଜ ପଦକ ପରେ ଏହାଥିଲା ଭାରତର ପ୍ରଥମ ରୌପ୍ୟପଦକ। ଏହାପରେ ୨୦୧୬ର ରିଓ ଅଲିମ୍ପିକ୍‌ରେ ସିନ୍ଧୁଙ୍କ ରୌପ୍ୟପଦକ ଜିତିବା ଘଟଣା ତଥା ଏବର୍ଷର ଗ୍ଲାସଗୋ ବିଶ୍ୱ ଚାମ୍ପିଆନଶିପ୍‌ରେ ସିନ୍ଧୁ ଓ ସାଇନା ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ହାସଲ କରିବା ଘଟଣା ଭାରତୀୟ ବ୍ୟାଡମିଣ୍ଟନକୁ ନିଶ୍ଚିତ ଭାବେ ଆଉ ଦୁଇପାଦ ଆଗକୁ ନେଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଦୂରଭାଷ : ୯୪୩୭୬୨୭୫୧୪



# ସାଧାରଣ ଜ୍ଞାନ




## (1) ABBREVIATION

1. AIIMS - All India Institute of Medical Sciences ,
2. ACS - Automated Clearing System
3. CCI - Competition Commission Of India
4. GRDI - Global Retail Development Index ,
5. ITBP -Indo-Tibetan Border Police
6. NHAI - National Highways Authority of India .
7. CEC - Chief Election Commissioner
8. NDRF -National Disaster Response Force .
9. WEF - World Economic Forum
10. GST - Goods and Services Tax

## (୨) ପୁସ୍ତକ ଓ ଲେଖକ

1. I am HIV Positive,so What? - Jayanta Kalita
2. Sita- Warrior of Mithila - Amish Tripathi
3. The Adivasi will not Dance - Hansda Sowvendra Shekhar
4. I do what I do - Raghuram Rajan

୫. ଶବରୀ - ପ୍ରତିଭା ଶତପଥି
୬. ସରୀସୃପ - ବିନୋଦ ଚନ୍ଦ୍ର ନାୟକ
୭. ମୋ ଜୀବନ ସଂଗ୍ରାମ - ସତ୍ୟନାରାୟଣ ରାଜଗୁରୁ
୮. କସ୍ତୁରୀ ମୃଗ - ମନମୋହନ ଚୌଧୁରୀ
୯. ଅଗ୍ନିପରୀକ୍ଷା - ଭଞ୍ଜକିଶୋର ପଟ୍ଟନାୟକ

## (୩) ଦାଦ୍ରାନଗର ହାବେଲୀ

୧. ଗଠନ - ୧୧ ଅଗଷ୍ଟ, ୧୯୬୧
୨. କ୍ଷେତ୍ରଫଳ - ୪୯୧ବର୍ଗ କି.ମି.
୩. ଜନସଂଖ୍ୟା - ୩୪୨୮୫୩(୨୦୧୧)
   ପୁରୁଷ - ୧୯୩୧୭୮
   ସ୍ତ୍ରୀ - ୧୪୯୬୭୫
୪. ଲିଙ୍ଗ ଅନୁପାତ - ୭୭୫ ମହିଳା ୧୦୦୦ ପୁରୁଷରେ
୫. ସାକ୍ଷରତା ହାର - ୭୭.୬୫%
୬. ଜିଲ୍ଲା / ଗ୍ରାମ - ୧ / ୭୨
୭. ବିଧାନସଭା ଆସନ - ୦
୮. ଲୋକସଭା ଆସନ - ୦୧
୯. ରାଜ୍ୟସଭା ଆସନ - ୦୦
୧୦. ରାଜଧାନୀ - ସିଲଭାସା
୧୧. ପ୍ରଶାସକ - ପ୍ରଫୁଲ୍ଲ ଖୋଦା ପଟ୍ଟେଲ

## (୪) ନିଯୁକ୍ତି

୧. ଧର୍ମେନ୍ଦ୍ର କୁମାର - ଡିଜି,ରେଲୱେ ପ୍ରୋଟେକସନ୍ ଫୋର୍ସ
୨. ସନ୍ତୋଷ ଶର୍ମା - ସିଏମ୍‌ଡି,ହିନ୍ଦୁସ୍ତାନ କପର ଲିମିଟେଡ୍
୩. ସଞ୍ଜିବ ଗୁପ୍ତା - ଏମଡି, ଜେନେରାଲ ମୋଟରସ୍ ଇଣ୍ଡିଆ
୪. ଅଜୟ ଭିପନ୍ - ଚେୟାରମ୍ୟାନ୍ ,ସିଣ୍ଡିକେଟ୍ ବ୍ୟାଙ୍କ୍
୫. ରାଜୀବ ମହର୍ଷି - କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ

## (୫) ଦେହାନ୍ତ

୧. ଏମ୍.କେ ଦାମୋଦରମ୍ (୭୭) - କେରଳର ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ୍
୨. ସୀତାରାମ୍ ପନ୍‌ଚଲ୍ (୫୪) - ବଲିଉଡ୍ ଅଭିନେତା
୩. ଇସ୍ରାଏଲ୍ କ୍ରିଷ୍ଟାଲ୍ (୧୧୩) - ବିଶ୍ୱର ବୟସ୍କ ବ୍ୟକ୍ତି
୪. ଏସ୍.ପଲ୍ (୮୮) - ବିଶିଷ୍ଟ ଫଟୋଗ୍ରାଫର୍
୬. ବିଜୟ ନାମ୍ବିସନ୍ (୫୪) - ବିଶିଷ୍ଟ କବି

## (୬) ଜୟନ୍ତୀ ପାଳନ

| ସେପ୍ଟେମ୍ବର | | ଅକ୍ଟୋବର | |
|---|---|---|---|
| ୧. ତା ୫ | -ସର୍ବପଲ୍ଲୀ ରାଧାକ୍ରିଷ୍ଣନ | ୧. ତା ୨- | ମହାତ୍ମା ଗାନ୍ଧୀ |
| ୨. ତା ୮ | -ସ୍ୱାମୀ ଶିବାନନ୍ଦ | ୧. ତା୯- | ଗୋପବନ୍ଧୁ ଦାଶ |
| ୩. ତା ୯ | -ଅତିବଡ଼ୀ ଜଗନ୍ନାଥ ଦାସ | ୧. ତା ୧୫- | ଅବଦୁଲ୍ କାଲାମ୍ |
| ୪. ତା୧୧ | -ଠାକୁର ଅନୁକୁଳଚନ୍ଦ୍ର | ୧. ତା୧୬- | ମହର୍ଷି ବାଲ୍ମୀକ |
| ୫. ତା୨୪ | -ସ୍ୱାମୀ ଚିଦାନନ୍ଦ | ୧. ତା୩୧- | ସର୍ଦ୍ଦାରବଲ୍ଲଭଭାଇ ପଟ୍ଟେଲ |

## (୭) ଜାତୀୟ କ୍ରୀଡା ପୁରସ୍କାର,୨୦୧୭

**ରାଜୀବ ଗାନ୍ଧୀ ଖେଳରନ୍ତ୍ର ପୁରସ୍କାର** - ଦେବେନ୍ଦ୍ର (ପାରା ଆଥଲେଟିକ୍) ଓ ସର୍ଦ୍ଦାର ସିଂହ(ହକି)

**ଦ୍ରୋଣାଚାର୍ଯ୍ୟ ପୁରସ୍କାର**

୧.ଡ.ରାଜୀବ ଗାନ୍ଧୀ (ଆଥଲେଟିକ୍) ୨.ହିରାନନ୍ଦ କାଟାରିଆ(କବାଡ଼ି)
୩.ଜି.ଏସ୍.ଏସ୍.ଭି ପ୍ରସାଦ(ବ୍ୟାଡମିଣ୍ଟନ୍) ୪.ବ୍ରିଜଭୁଷଣ ମହାନ୍ତି(ବକ୍ସିଂ)
୫.ପିଏ ରାଫେଲ(ହକି) ୬.ସଞ୍ଜୟ ଚକ୍ରବର୍ତ୍ତି (ସୁଟିଙ୍ଗ)୭.ରୋଷନ ଲାଲ (ରେସଲିଙ୍ଗ)

## (୮) ୨୦୧୭ ଧ୍ୟାନଚନ୍ଦ ପୁରସ୍କାର

୧. ଭୁପେନ୍ଦ୍ର ସିଂହ (ଆଥଲେଟିକ୍)
୨. ସୟଦ ସାଇଦ୍ ହକିମ୍(ଫୁଟବଲ)
୩. ସୁମରାଇ ଟେଟେ (ହକି)

## ଓଡ଼ିଶା

୧. ଓଡ଼ିଶାର କେଉଁ ଆଞ୍ଚଳିକ ଦଳ ସ୍ୱୀକୃତିପ୍ରାପ୍ତ ପ୍ରଥମ ରାଜନୈତିକ ଦଳ ?
(କ) ପ୍ରଗତି ଦଳ (ଖ) ଗଣତନ୍ତ୍ର ପରିଷଦ
(ଗ) ଉତ୍କଳ କଂଗ୍ରେସ (ଘ) ସ୍ୱରାଜ ପାର୍ଟି

୨. ଓଡ଼ିଶାର ଉଚ୍ଚତମ ପର୍ବତ ଶୃଙ୍ଗ କିଏ ?
(କ) ଚନ୍ଦ୍ରଗିରି (ଖ) ଦେଓମାଳି
(ଗ) ଗନ୍ଧମାର୍ଦ୍ଦନ (ଘ) ମହାଗିରି

୩. ଧାମରା ବନ୍ଦର କେଉଁ ନଦୀ ମୁହାଣରେ ଅବସ୍ଥିତ ?
(କ) ବ୍ରାହ୍ମଣୀ, ବୈତରଣୀ (ଖ) ମହାନଦୀ, ବୈତରଣୀ
(ଗ) ବ୍ରାହ୍ମଣୀ, ବୁଢ଼ାବଳଙ୍ଗ (ଘ) ବଂଶଧରା, ଋଷିକୁଲ୍ୟା

୪. ଶ୍ରୀ ଜଗନ୍ନାଥଙ୍କର ମୁଖ୍ୟ ପ୍ରବେଶ ଦ୍ୱାରକୁ କ'ଣ କୁହାଯାଏ ?
(କ) ଅଶ୍ୱଦ୍ୱାର (ଖ) ସିଂହଦ୍ୱାର
(ଗ) ହସ୍ତୀଦ୍ୱାର (ଘ) ବ୍ୟାଘ୍ରଦ୍ୱାର

୫. ଏକଲବ୍ୟ ପୁରସ୍କାର କେବେ ଆରମ୍ଭ ହୋଇଛି ?
(କ) ୧୯୬୫ (ଖ) ୧୯୭୬
(ଗ) ୧୯୯୨ (ଘ) ୧୯୯୩

୬. କେଉଁ ମସିହାରେ 'ଓଡ଼ିଶା ଗ୍ରାମାଞ୍ଚଳ ଗୃହ ବିକାଶ ନିଗମ' ପ୍ରତିଷ୍ଠା କରାଯାଇଛି ?
(କ) ୧୯୯୨ (ଖ) ୧୯୯୦
(ଗ) ୧୯୯୪ (ଘ) ୨୦୦୫

୭. କେନ୍ଦ୍ରାପଡ଼ା ଜିଲ୍ଲାର ମୁଖ୍ୟ ଆରାଧ୍ୟ ଦେବତା କିଏ ?
(କ) ଜଗନ୍ନାଥ (ଖ) ବଳଦେବ ଜୀଉ
(ଗ) ମଙ୍ଗଳା (ଘ) ଶିବ

୮. ଯାଜପୁରକୁ କେଉଁ କ୍ଷେତ୍ର କୁହାଯାଏ ?
(କ) ବିରଜା କ୍ଷେତ୍ର (ଖ) ଶିବକ୍ଷେତ୍ର
(ଖ)ଅର୍କକ୍ଷେତ୍ର (ଘ) ତୁଳସୀକ୍ଷେତ୍ର

୯. ଭାରତର କେଉଁ ସ୍ୱାଧିନତା ଆନ୍ଦୋଳନରେ ଖୋରଧାର ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା ?
(କ) ସିପାହୀ ବିଦ୍ରୋହ (ଖ) ଲବଣ ସତ୍ୟାଗ୍ରହ
(ଗ) ପାଇକ ବିଦ୍ରୋହ (ଘ) ଭାରତଛାଡ଼ ଆନ୍ଦୋଳନ

୧୦. 'ପ୍ରଜାତନ୍ତ୍ର' ପ୍ରଥମେ କ'ଣ ଥିଲା ?
(କ) ମାସିକ (ଖ) ସାପ୍ତାହିକ
(ଗ) ପାକ୍ଷିକ (ଘ) ଦୈନିକ

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ୮୪୦,୧୬୮,୪୨,୧୪,୭ ......?
(କ) ୧(ଖ) ୭(ଗ) ୯(ଘ)୧୨

୨. PRAISD ଯଦି SSDJVE କୋଡ଼ ଦିଆଯାଏ ତେବେ RUSHED କେଉଁ କୋଡ଼ ଦିଆଯିବ
(କ) UVWJFE (ଖ) UVVIHE
(ଗ) UVVKGK (ଘ) UUVIFE

୩. କମଳା କହିଲା,ରବିର ମାଆ ଏକମାତ୍ର ଝିଅ ମୋ ବୋଉର । ତେବେ କମଳା ରବିର ସଂପର୍କରେ କଅଣ ହେବ ?
(କ) ଭଉଣୀ (ଖ) ମାଆ (ଗ) ପିଉସୀ (ଘ) ଝିଆରୀ

୪. ଶୂନ୍ୟସ୍ଥାନ ପୂରଣ କର ?

| | | |
|---|---|---|
| ୭ | ୮ | ୯ |
| ୪ | ୨ | ୬ |
| ୫୫ | ୫୦ | ? |

(କ) ୬୫ (ଖ) ୮୦ (ଗ) ୮୨ (ଘ) ୭୫

୫. କେଉଁଟି ଗ୍ରୁପ୍ ଠାରୁ ସମ୍ପୂର୍ଣ୍ଣ ଅଲଗା ?
୪-୬୦ , ୫-୧୨୦, ୬-୧୨୦,୭-୩୪୦
(କ) ୪-୬୦(ଖ) ୫-୧୨୦(ଗ) ୬-୧୨୦ (ଘ) ୭-୩୪୦

୬. ଯଦି D 'ବିୟୋଗ' , A 'ଗୁଣନ', B'ହରଣ', C 'ମିଶାଣ' ହୁଏ ତେବେ ୧୫B ୩ A ୫ C ୧୦ D୪ =?
(କ)୧୮ (ଖ) ୩୧ (ଗ) ୪୧ (ଘ) ୨୧

୭. ଶୂନ୍ୟସ୍ଥାନରେ କେଉଁଟି ରହିବ ?
ab_cc_abb_cc_bbc_c
(କ) bccba (ଖ) bcaba (ଗ) bccac (ଘ)abcca

୮. ଗୋଟିଏ ଶ୍ରେଣୀରେ ଅନୁପର ସ୍ଥାନ ଉପରୁ ୨୦ତମ ଏବଂ ତଳୁ ୧୦ତମ ଅଟେ । ଶ୍ରେଣୀରେ କେତେ ଜଣ ପିଲା ଅଛନ୍ତି ?
(କ) ୨୮(ଖ)୨୯(ଗ)୩୦(ଘ) ୩୧

୯. Calf ଯଦି Cow ସହ ଜଡ଼ିତ ତେବେ Cub କାହା ସହ ଜଡ଼ିତ
(କ) Lioness (ଖ) Cat (ଗ) Goat (ଘ) Dog

୧୦. ଡକ୍ଟର: ନର୍ସ:: ଫଲୋଅର୍: ?
(କ) ଏମ୍ପ୍ଲୋଏର (ଖ) ଲିଡର (ଗ) ମ୍ୟାନେଜର (ଘ) ୱାର୍କର୍

**ଉତ୍ତର**

୧.(ଖ) ଗଣତନ୍ତ୍ର ପରିଷଦ,୨.(ଖ) ଦେଓମାଳି, ୩.(କ) ବ୍ରାହ୍ମଣୀ, ବୈତରଣୀ, ୪.(ଖ) ସିଂହଦ୍ୱାର, ୫. (ଘ) ୧୯୯୩, ୬.(ଗ) ୧୯୯୪,୭.(ଖ) ବଳଦେବ ଜୀଉ,୮.(କ) ବିରଜା କ୍ଷେତ୍ର,୯.(ଗ) ପାଇକ ବିଦ୍ରୋହ ,୧୦.(ଖ) ସାପ୍ତାହିକ

୧.(ଖ) ୭,୨.(ଖ) UVVIHE, ୩.(ଘ) ଝିଆରୀ, ୪.(ଘ)୭୫,୫.(ଘ)୭-୩୪୦,୬.(ଖ)୩୧,୭..(ଗ) bccac,୮.(ଖ)୨୯,୯.(କ)Lioness, ୧୦.(ଖ)ଲିଡର

## (୧୧) ଇତିହାସ

୧. ହୋମୋକ୍ରେକ୍ଟସ୍‌ର ଅର୍ଥ କ'ଣ ?
(କ) ବକ୍ରମଣିଷ (ଖ) ସଳଖ ମଣିଷ
(ଗ) ସୁପ୍ତ ମଣିଷ (ଘ)ଜୀବନ୍ତ ମଣିଷ

୨. 'କର୍ଣ୍ଣକ ମନ୍ଦିର' କେଉଁଠାରେ ଅବସ୍ଥିତ ?
(କ) ଥିବ୍‌ସ୍ (ଖ) ଆବୁସିମ୍ବେଲ
(ଗ) ଗୀଜେ (ଘ) ଲକ୍‌ସର୍

୩. ଏସିଆ ମହାଦେଶର କେଉଁଠାରେ ଅଷ୍ଟ୍ରାଲୋପିଥେକସ୍ ଜୀବାଶ୍ମ ମିଳିଅଛି ?
(କ) ଭାରତ (ଖ) ଜାପାନ
(ଗ) ପେକିଂ (ଘ) ଜାଭା (ଇଣ୍ଡୋନେସିଆ)

୪. ସୁମେରୀୟମାନଙ୍କର ଲିପିକୁ କ'ଣ କୁହାଯାଏ ?
(କ) ଛବିଲିପି (ଖ) କୀଳକ ଲିପି(ଗ) ହସ୍ତଲିପି(ଘ) ଚିତ୍ରଲିପି

୫. ଏଥେନା କିଏ ?
(କ) ଏଥେନ୍‌ସ୍‌ର ଆରାଧ୍ୟ ଦେବତା(ଖ)ସ୍ପାର୍ଟାର ଯୁଦ୍ଧ ଦେବୀ
(ଗ) ଏଥେନ୍‌ସ୍‌ର ରାଣୀ (ଘ) ସ୍ପାର୍ଟାର ରାଣୀ

୬. ଗ୍ରୀସ୍‌ର କେଉଁ ଦାର୍ଶନିକ ମତବ୍ୟକ୍ତ କରିଥିଲେ - 'ଜଳ ହିଁ ସୃଷ୍ଟିର ମୂଳାଧାର।'
(କ) ପ୍ଲାଟୋ (ଖ) ଥୁସି ଡ଼ାଇଡ୍‌ସ୍
(ଗ) ଥାଲେସ୍ (ଘ) ଆରିଷ୍ଟୋଟଲ୍

୭. କିଏ 'ଉତ୍କଳ ଦୀପିକା'ର ସମ୍ପାଦକ ଥିଲେ ?
(କ) ଗୌରୀଶଙ୍କର ରାୟ(ଖ) ନୀଳମଣି ବିଦ୍ୟାରତ୍ନ
(ଗ) କାୟିଲାଲ୍ ଭଟ୍ଟାଚାର୍ଯ୍ୟ (ଘ) ପ୍ୟାରିମୋହନ ଆଚାର୍ଯ୍ୟ

୮. ଅସହଯୋଗ ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?
(କ) ୧୯୧୮(ଖ) ୧୯୧୯(ଖ) ୧୯୨୦(ଘ) ୧୯୨୧

୯. କିଏ କହିଥିଲେ 'କର ବା ମର' ?
(କ) ମୋତିଲାଲ ନେହେରୁ (ଖ) ମହାତ୍ମାଗାନ୍ଧୀ
(ଗ) ରବୀନ୍ଦ୍ରନାଥ ଠାକୁର (ଘ) ସୁଭାଷ ବୋଷ

୧୦. ଲକ୍ଷ୍ମଣ ନାୟକ କେଉଁ ଅଞ୍ଚଳର ନେତା ?
(କ) କଟକ (ଖ) ଗଞ୍ଜାମ (ଗ) ବଲାଙ୍ଗିର (ଘ) କୋରାପୁଟ

## (୧୨) ଭୂଗୋଳ

୧. କେଉଁଟି ଏକ ଶୀତଳ ସାମୁଦ୍ରିକ ସ୍ରୋତ ଅଟେ ?
(କ) ଉତ୍ତର ଆଟଲାଣ୍ଟିକ୍ ସ୍ରୋତ (ଖ) ଲାବ୍ରାଡର ସ୍ରୋତ
(ଗ) ବ୍ରାଜିଲ ସ୍ରୋତ (ଘ) ମୋଜାମ୍ବିକ୍ ସ୍ରୋତ

୨. କେଉଁଟି ଏକ ଉଷ୍ଣ ସାମୁଦ୍ରିକ ସ୍ରୋତ ଅଟେ ? (କ) ଉପସାଗରୀୟ ସ୍ରୋତ (ଖ) କ୍ୟୁରୋସିଓ ସ୍ରୋତ
(ଗ) କ୍ୟାନାରୀ ସ୍ରୋତ (ଘ) ପେରୁ ସ୍ରୋତ

୩. କେଉଁଟି ଏକ ସ୍ଥାନୀୟ ବାୟୁପ୍ରବାହ ଭାବେ ପରିଚିତ ?
(କ) ହରିକେନ୍ (ଖ) ଟାଇଫୁନ୍ (ଗ) ସାଇକ୍ଲୋନ୍ (ଘ) ବ୍ଲିଜାର୍ଡ

୪. କେଉଁ ନଦୀଟି ଗଙ୍ଗା ନଦୀର ଉପନଦୀ ନୁହେଁ ? (କ) କୋଶୀ (ଖ) ସୋନ୍ (ଗ) ଝେଲମ୍ (ଘ) ଘାଘରା

୫. କେଉଁ ନଦୀଟି ସିନ୍ଧୁ ନଦୀର ଉପନଦୀ ନୁହେଁ ?
(କ) ଗଣ୍ଡକ୍ (ଖ) ଚେନାବ୍ (ଗ) ସତଲେଜ୍ (ଘ) ବେୟାସ୍

୬. କେଉଁ ଦେଶଟି ଦକ୍ଷିଣ ଆମେରିକା ମହାଦେଶ ଅନ୍ତର୍ଗତ ନୁହେଁ ?
(କ) ଭେନେଜୁଏଲା (ଖ) ପାରାଗୁଏ (ଗ) ବଲିଭିଆ (ଘ) ପାନାମା

୭. କେଉଁ ଦେଶଟି ୱେଷ୍ଟଇଣ୍ଡିଜ ବା ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ଅନ୍ତର୍ଗତ ଦେଶ ନୁହେଁ ?
(କ) ଜାମାଇକା (ଖ) ତ୍ରିନିଦାଦ୍ ଓ ଟବେଗୋ
(ଗ) କୋଷ୍ଟାରିକା (ଘ) ସେଣ୍ଟ କିଟ୍‌ସ୍ ଓ ନେଭିସ୍

୮. ଆରାବଳୀ ପର୍ବତମାଳା ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ମଧ୍ୟ ପ୍ରଦେଶ (ଖ) ରାଜସ୍ଥାନ
(ଗ) ହିମାଚଳ ପ୍ରଦେଶ (ଘ) ମହାରାଷ୍ଟ୍ର

୯. ହିମାଳୟର ପର୍ବତମାଳାର ପାଦଦେଶରେ ଥିବା କର୍‌ବେଟ୍ ନ୍ୟାସନାଲ୍ ପାର୍କ କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଉତ୍ତରାଖଣ୍ଡ (ଖ) ଅରୁଣାଚଳ ପ୍ରଦେଶ
(ଗ) ହିମାଚଳ ପ୍ରଦେଶ (ଘ) ଉତ୍ତର ପ୍ରଦେଶ

୧୦. କେଉଁ ସ୍ଥାନଟି ବିଶ୍ୱ ପ୍ରସିଦ୍ଧ ଭିତରକନିକା ଅଭୟାରଣ୍ୟର ଅଂଶବିଶେଷ ନୁହେଁ ?
(କ) ଡାଙ୍ଗମାଳ (ଖ) ଗହୀରମଥା
(ଗ) ତାଳଚୁଆଁ (ଘ) ତାଳସାରୀ

**ଉତ୍ତର**

୧.(ଖ) ସଳଖ ମଣିଷ,୨.(କ) ଥିବ୍‌ସ୍, ୩.(ଘ) ଜାଭା (ଇଣ୍ଡୋନେସିଆ), ୪.(ଖ) କୀଳକ ଲିପି, ୫.(କ) ଏଥେନ୍‌ସ୍‌ର ଆରାଧ୍ୟ ଦେବତା, ୬.(ଗ) ଥାଲେସ୍ ,୭.(କ) ଗୌରୀଶଙ୍କର ରାୟ,୮.(ଖ) ୧୯୨୦,୯.(ଖ) ମହାତ୍ମାଗାନ୍ଧୀ,୧୦.(ଘ) କୋରାପୁଟ

୧.(ଖ) ଲାବ୍ରାଡର ସ୍ରୋତ,୨.(କ) ଉପସାଗରୀୟ ସ୍ରୋତ, ୩.(ଘ) ବ୍ଲିଜାର୍ଡ୍, ୪. (ଗ) ଝେଲମ, ୫. (କ) ଗଣ୍ଡକ୍, ୬. (ଘ) ପାନାମା, ୭.(ଗ) କୋଷ୍ଟାରିକା,୮.(ଖ) ରାଜସ୍ଥାନ,୯. (କ) ଉତ୍ତରାଖଣ୍ଡ, ୧୦.(ଘ) ତାଳସାରୀ ।

## (୧୩) ଅର୍ଥନୀତି

୧. ଦ୍ରବ୍ୟ ଏକକର ଉତ୍ପାଦନ ବୃଦ୍ଧି ସହ ହାରାହାରି ସ୍ଥାୟୀ ପରିବ୍ୟୟ:
(କ) ସ୍ଥିର ରହେ (ଖ) ହ୍ରାସପାଏ
(ଗ) ବୃଦ୍ଧିପାଏ
(ଘ) ପ୍ରଥମେ ହ୍ରାସପାଇ ପରବର୍ତ୍ତୀ ପର୍ଯ୍ୟାୟରେ ବୃଦ୍ଧିପାଏ

୨. ମଦ୍ୟପାନ କେଉଁପ୍ରକାର ଅଭାବ ଅଟେ?
(କ) ବିଳାସମୂଳକ (ଖ) ଦକ୍ଷତାପ୍ରଦ
(ଗ) ପରମ୍ପରାଗତ ଅତ୍ୟାବଶ୍ୟକ (ଘ) ଆରାମପ୍ରଦ

୩. ସୀମାନ୍ତ ଆୟ, ହାରାହାରି ଆୟଠାରୁ ଅଧିକ ହେଲେ ହାରାହାରି ଆୟ କ'ଣ ହୁଏ?
(କ) ବୃଦ୍ଧିପାଏ (ଖ) ହ୍ରାସପାଏ
(ଗ) ଅପରିବର୍ତ୍ତିତ ରହେ (ଘ) କୌଣସିଟି ନୁହେଁ

୪. .ଟି.ଏମ୍ ଟ୍ରାନ୍‌ଜାକ୍‌ସନ୍ ଫେଲ ହେଲେ ଅଭିଯୋଗକୁ କେତେଦିନ ମଧ୍ୟରେ ସମାଧାନ କରାଯିବ?
(କ) ସେହିଦିନ (ଖ)୭ଦିନ (ଗ) ୧୦ଦିନ (ଘ) ୧୪ଦିନ

୫. ଉଦ୍ୟୋକ୍ତା ନିଜେ ଯୋଗାଇ ଦେଇଥିବା ଉପାଦାନ ଉଦ୍ଦେଶ୍ୟରେ ପ୍ରାପ୍ୟକୁ କ'ଣ କୁହାଯାଏ?
(କ) ବାସ୍ତବ ପରିବ୍ୟୟ (ଖ) ଅର୍ଥନୈତିକ ପରିବ୍ୟୟ
(ଗ) ପ୍ରଚ୍ଛନ୍ନ ପରିବ୍ୟୟ (ଘ) ସୁଦ୍ୟକ୍ତ ପରିବ୍ୟୟ

୬. ଉତ୍ପାଦନ କର୍ତ୍ତା ୧୦୦ ଏକକ ବିକ୍ରିକରି ୧୦୦୦ ଟଙ୍କା ମୋଟ ଆୟ ଅର୍ଜନ କଲେ, ହାରାହାରି ଆୟ କେତେ ଟଙ୍କା?
(କ) ୧୦ (ଖ) ୧୦,୦୦୦
(ଗ) ୧୦୦ (ଘ) ୨୦୦

୭. ବଜାର ଦର ନିର୍ଦ୍ଧାରଣ କ୍ଷେତ୍ରରେ କାହାର ଅଧିକ ପ୍ରଭାବ ରହିଥାଏ?
(କ) ଯୋଗାଣ (ଖ) ଚାହିଦା
(ଗ) ଉଭୟ (କ) ଏବଂ (ଖ) (ଘ) କୌଣସିଟି ନୁହେଁ

୮. କେଉଁଟି ଏକ କାର୍ଡ଼ ନୁହେଁ?
(କ) ଡେବିଟ୍ କାର୍ଡ଼ (ଖ) ରାପିଡ୍ କାର୍ଡ଼ (ଗ) କ୍ରେଡ଼ିଟ୍ କାର୍ଡ଼
(ଘ) ପ୍ରିପେଡ୍ କାର୍ଡ଼

୯. କେଉଁ ରାଜ୍ୟ ସକାର କମ୍ପାନ୍‌ନେଟ୍ ଫାମିଲି ପେନ୍‌ସନ୍ (ଉକ୍ଟଙ୍କ- କ୍ଟବସ୍ପସକ୍ଟଭବସ୍ପର ରବଙ୍କସକ୍ଷଛ ଚରଭସ୍ପସକ୍ଟଭ- ଉରଚ) ଆରମ୍ଭ କରିଛି?
(କ) ଅରୁଣାଚଳପ୍ରଦେଶ (ଖ) ଆସାମ (ଗ) ମଣିପୁର (ଘ) ପଶ୍ଚିମବଙ୍ଗ

୧୦. ସୁଧହାର ବୃଦ୍ଧି ଫଳରେ ବଳକା ଚାହିଦାର କ'ଣ ହୁଏ?
(କ) ବୃଦ୍ଧିହୁଏ (ଖ) ହ୍ରାସହୁଏ
(ଗ) ଅପରିବର୍ତ୍ତିତ ରହେ (ଘ) ଉପରୋକ୍ତ କୌଣସିଟି ନୁହେଁ

## (୧୪) କ୍ରୀଡ଼ା

୧. କେଉଁ ମହାନ ଖେଳାଳିଙ୍କ ଜନ୍ମ ଦିବସ (ଅଗଷ୍ଟ ୨୯)କୁ ଆମ ଦେଶରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଏ?
(କ) ଗୋଷ୍ଠ ପାଲ୍ (ଖ) ଧ୍ୟାନଚାନ୍ଦ
(ଗ) ସି. କେ.ନାୟୁଡୁ (ଘ) ଗାମା ପହଲୱାନ୍

୨. ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଖେଳାଯାଇଥିବା ୨୦୧୭ର ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନଶିପ୍‌ରେ କିଏ ପୁରୁଷ ସିଂଗଲ୍‌ସ ଚାମ୍ପିଆନ୍ ହୋଇଛନ୍ତି?
(କ) ଭିକ୍ଟର ଆକ୍ସେଲସନ୍ (ଖ) ଲିନ୍ ଡାନ୍
(ଗ) ସୋନ୍ ୱାନ୍ ହୋ (ଘ) ଚେନ୍ ଜିଙ୍ଗ୍

୩. ୨୦୧୭ର ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନଶିପ୍‌ରେ ମହିଳା ସିଂଗଲ୍ସ ଚାମ୍ପିଆନ୍ ହୋଇଥିବା ତାରକାଙ୍କ ନାମ କ'ଣ?
(କ) ସାଇନା ନେହୱାଲ୍ (ଖ) ପି. ଭି. ସିନ୍ଧୁ
(ଗ) ଆକାନେ ୟାମାଗୁଚି (ଘ) ନୋଜୋମି ଓକୁହାରା

୪. ୨୦୧୭ର ବିଶ୍ୱ ଆଥ୍‌ଲେଟିକ୍‌ସ ଚାମ୍ପିଆନ୍‌ଶିପ୍‌ର ପୁରୁଷ ୧୦୦ମିଟର ଦୌଡ଼ରେ କିଏ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି?
(କ) ଉସେନ୍ ବୋଲ୍ଟ (ଖ) ଜଷ୍ଟିନ୍ ଗାଟାଲିନ୍
(ଗ) କ୍ରିଷ୍ଟିଆନ୍ କୋଲ୍‌ମାନ୍ (ଘ) ୟୋହାନ୍ ବ୍ଲେକ୍

୫. ୨୦୧୭ର ବିଶ୍ୱ ଆଥ୍‌ଲେଟିକ୍‌ସ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ଖେଳାଳିମାନେ କେତୋଟି ପଦକ ଜିତିଛନ୍ତି?
(କ) ଗୋଟିଏ ରୌପ୍ୟ (ଖ) ଗୋଟିଏ ବ୍ରୋଞ୍ଜ
(ଗ) ଦୁଇଟି ବ୍ରୋଞ୍ଜ (ଘ) କୌଣସି ପଦକ ନାହିଁ

୬. ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍‌ରେ ସର୍ବାଧିକ ୧୧ଟି ସ୍ୱର୍ଣ୍ଣ ପଦକ ଜିତିଥିବା ପୁରୁଷ ଆଥ୍‌ଲେଟ୍‌ଙ୍କ ନାମ କ'ଣ?
(କ) ମହମ୍ମଦ ଫାରାହ୍ (ଖ) କାର୍ଲ ଲୁଇସ୍
(ଗ) ଉସେନ୍ ବୋଲ୍ଟ (ଘ) ଲାଶାନ୍ ମେରିଟ୍

୭. ବିଶ୍ୱ ଆଥଲେଟିକ୍ସ ଚାମ୍ପିଆନଶିପ୍‌ରେ ସର୍ବାଧିକ ୧୧ଟି ସ୍ୱର୍ଣ୍ଣ ପଦକ ଜିତିଥିବା ମହିଳା ଆଥ୍‌ଲେଟ୍‌ଙ୍କ ନାମ କ'ଣ?
(କ) ଅଲିସନ୍ ଫିଲିକ୍ସ (ଖ) ଶାଲିଆନ୍ ଫ୍ରେଜର୍ ପ୍ରାଇସ୍
(ଗ) ମାର୍ଲିନ୍ ଓଟୀ (ଘ) ଭେରୋନିକା କାମ୍ପବେଲ୍ ବ୍ରାଉନ୍

୮. ୨୦୧୭ର ମହିଳା ବିଶ୍ୱକପ୍ କ୍ରିକେଟର ସେମିଫାଇନାଲରେ ଅଷ୍ଟ୍ରେଲିଆ ବିରୁଦ୍ଧରେ ୧୧୫ଟି ବଲରେ ୧୭୧ରନ କରିଥିବା ଭାରତୀୟ ତାରକାଙ୍କ ନାମ କ'ଣ?
(କ) ମିତାଲି ରାଜ୍ (ଖ) ହରମନ୍‌ପ୍ରୀତ୍ କୌର୍
(ଗ) ପୁନମ ରାଉତ (ଘ) ସ୍ମୃତି ମନ୍ଧାନା

୯. ଭାରତର କୁଲଦୀପ୍ ଯାଦବ, ଶ୍ରୀଲଙ୍କାର ଲକ୍ଷନ୍ ସାନ୍ଦାକାନ ଏବଂ ଦକ୍ଷିଣ ଆଫ୍ରିକାର ପୂର୍ବତନ ଖେଳାଳି ପଲ୍ ଆଡାମ୍ସ କେଉଁ ପ୍ରକାରର ସ୍ପିନ୍ ବୋଲର୍?
(କ) ବାମହାତି ଅଫ୍ ସ୍ପିନ୍ (ଖ) ଡାହାଣହାତି ଲେଗ୍ ସ୍ପିନ୍
(ଗ) ଡାହାଣହାତି ଅଫ୍ ସ୍ପିନ୍ (ଘ) ଚାଇନାମ୍ୟାନ୍

୧୦. ଓଡ଼ିଶା କ୍ରିକେଟ ଦଳର ନବନିଯୁକ୍ତ ପ୍ରଶିକ୍ଷକଙ୍କ ନାମ କ'ଣ?
(କ) ଦେବାଶିଷ ମହାନ୍ତି (ଖ) ଶିବସୁନ୍ଦର ଦାସ
(ଗ) ପ୍ରଭଞ୍ଜନ ମଲ୍ଲିକ (ଘ) ଅବକାଶ ଖଟୁଆ

**ଉତ୍ତର**

୧.(ଖ) ହ୍ରାସପାଏ,୨.(ଗ) ପରମ୍ପରାଗତ ଅତ୍ୟାବଶ୍ୟକ, ୩.(କ) ବୃଦ୍ଧିପାଏ, ୪.୧୪ଦିନ, ୫.(ଗ) ପ୍ରଚ୍ଛନ୍ନ ପରିବ୍ୟୟ, ୬.(କ) ୧୦,୭.(ଖ) ଚାହିଦା,୮.(ଖ) ରାପିଡ୍ କାର୍ଡ଼ ,୯.(ଖ) ଆସାମ ,୧୦.(ଖ) ହ୍ରାସହୁଏ

୧.(ଖ) ଧ୍ୟାନଚାନ୍ଦ,୨.(କ) ଭିକ୍ଟର ଆକ୍ସେଲସନ୍,୩.(ଘ) ନୋଜୋମି ଓକୁହାରା,୪. (ଖ) ଜଷ୍ଟିନ୍ ଗାଟାଲିନ୍,୫.(ଘ)କୌଣସି ପଦକ ନାହିଁ,୬.(ଗ) ଉସେନ୍ ବୋଲ୍ଟ,୭.(କ) ଅଲିସନ୍ ଫିଲିକ୍ସ, ୮.(ଖ) ହରମନ୍‌ପ୍ରୀତ୍ କୌର୍,୯.(ଘ)ଚାଇନାମ୍ୟାନ୍,୧୦.(ଖ)ଶିବସୁନ୍ଦର ଦାସ

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. ସଂସ୍କୃତ ଭାଷାରେ ଲିଖିତ 'କାଦମ୍ବରୀ' ଗଦ୍ୟକାବ୍ୟ କେଉଁ ମହାନ ସାହିତ୍ୟିକଙ୍କ ଦ୍ୱାରା ରଚିତ ହୋଇଥିଲା ?
(କ) ବାଣଭଟ୍ଟ (ଖ) ଶୁଦ୍ରକ (ଗ) ବିଷ୍ଣୁ ଶର୍ମା (ଘ) ଭାସ

୨. କେଉଁ ପୁସ୍ତକଟି କବିବର ରାଧାନାଥ ରାୟଙ୍କ ରଚନା ନୁହେଁ ?
(କ) କେଦାରଗୌରୀ (ଖ) ଦରବାର
(ଗ) ଚନ୍ଦ୍ରଭାଗା (ଘ) ଉତ୍କଳଗାଥା

୩. କେଉଁଟି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚନା ନୁହେଁ ?
(କ) ଇନ୍ଦୁମତୀ (ଖ) ତପସ୍ୱିନୀ (ଗ) ତରଙ୍ଗିଣୀ (ଘ) ପ୍ରଣୟ ବଲ୍ଲରୀ

୪. ଦକ୍ଷିଣ ଭାରତର ପ୍ରସିଦ୍ଧ ଚୋଳ ବଂଶର ସମ୍ରାଟ ରାଜରାଜ ଚୋଳଙ୍କ ଦ୍ୱାରା ନିର୍ମିତ ବୃହଦେଶ୍ୱର ମନ୍ଦିର ଓ ରାଜରାଜେଶ୍ୱର ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) ତ୍ରୁଚିରାପଲ୍ଲୀ (ଖ) ମଦୁରାଇ
(ଗ) ତାଞ୍ଜାବୁର୍ (ଘ) ତିରୁଅନନ୍ତପୁରମ

୫. ବିଶ୍ୱ ପ୍ରସିଦ୍ଧ ଅଜନ୍ତା ଓ ଏଲୋରା ଗୁମ୍ଫା କେଉଁ ରାଜ୍ୟରେ ଅବସ୍ଥିତ ?
(କ) କର୍ଣ୍ଣାଟକ (ଖ) ମହାରାଷ୍ଟ୍ର
ଗ) ରାଜସ୍ଥାନ (ଘ) ମଧ୍ୟ ପ୍ରଦେଶ

୬. 'କୱାଲୀ' ଓ 'ଖେୟାଲ୍' ଭଳି ସଂଗୀତର ଦୁଇଟି ପ୍ରସିଦ୍ଧ ଶୈଳୀର ସ୍ରଷ୍ଟା କିଏ ?
(କ) ଅମୀର ଖୁସ୍‌ରୋ (ଖ) ତାନ୍‌ସେନ୍
(ଗ) ବୈଜୁ ବାୱରା (ଘ) ବାଜ୍ ବାହାଦୁର୍

୭. ଭାରତୀୟ ଶାସ୍ତ୍ରୀୟ ସଂଗୀତର ଉତ୍ପତ୍ତି ବିଷୟରେ କେଉଁ ବେଦରେ ବ୍ୟାପକ ଭାବେ ଉଲ୍ଲେଖ ରହିଛି ?
(କ) ଋକ୍‌ବେଦ (ଖ) ଯଜୁର୍ବେଦ
(ଗ) ସାମ୍‌ବେଦ (ଘ) ଅଥର୍ବବେଦ

୮. ଗୌତମ ବୁଦ୍ଧ କେଉଁଠାରେ ସର୍ବପ୍ରଥମେ ତାଙ୍କର ବାଣୀ ପ୍ରଚାର କରିଥିଲେ ?
(କ) ମଥୁରା (ଖ) ସାରନାଥ
(ଗ) ବୋଧ ଗୟା (ଘ) କୁଶୀନଗର

୯. ଲୋକମାନଙ୍କ ମଧ୍ୟରେ ଏକତା ଭାବ ପ୍ରତିଷ୍ଠା ନିମନ୍ତେ ଆଜକୁ ୧୨୫ ବର୍ଷ ପୂର୍ବେ ମହାରାଷ୍ଟ୍ରରେ ଗଣେଶ ପୂଜାକୁ ଏକ ସାର୍ବଜନୀନ ଉତ୍ସବରେ ପରିଣତ କରାଇଥିବା ଜନନାୟକଙ୍କ ନାମ କ'ଣ ?
(କ) ଗୋପାଳକୃଷ୍ଣ ଗୋଖଲେ (ଖ) ମହାତ୍ମା ଜ୍ୟୋତିର୍ବା ଫୁଲେ
(ଗ) ମହାଦେଓ ଗୋବିନ୍ଦ ରାନାଡେ (ଘ) ଲୋକମାନ୍ୟ ବାଲଗଙ୍ଗାଧର ତିଳକ

୧୦. ଦାଣ୍ଡିଆ ମୁଖ୍ୟତଃ କେଉଁ ରାଜ୍ୟର ଏକ ପ୍ରସିଦ୍ଧ ଲୋକନୃତ୍ୟ ଅଟେ ?
(କ) ମହାରାଷ୍ଟ୍ର (ଖ) ରାଜସ୍ଥାନ (ଗ) ଗୁଜରାଟ (ଘ) ପଞ୍ଜାବ

## (୧୭) ବାଣିଜ୍ୟ

୧. କେଉଁ ଡ଼ିଜିଟାଲ କମ୍ପାନୀ ସହ ବିଏସ୍‌ଏନ୍‌ଏଲ୍ ତା'ର ବିଏସ୍‌ଏନ୍‌ଏଲ୍ ୱାଲେଟ୍ ଆରମ୍ଭ କରିଛି ?
(କ) Jio Money (ଖ) Phonepe
(ଗ) Mobikwik (ଘ) Paytm

୨. ନିମ୍ନଲିଖିତ କେଉଁଟି ଭାରତର ପେଟ୍ରୋକେମିକାଲ ସେଣ୍ଟର ନୁହେଁ ?
(କ) କୋୟାଲି (ଖ) ଜାମନଗର
(ଗ) ମାଙ୍ଗାଲୋର (ଘ) ରାଉଲକେଲା

୩. ଭାରତ କେଉଁ ଦେଶ ସହ ରେଳବାଇ କ୍ଷେତ୍ରରେ ଯାନ୍ତ୍ରିକ ଜ୍ଞାନକୌଶଳ ସାହାଯ୍ୟ ନେବେ ବୋଲି ଚୁକ୍ତି ସାକ୍ଷର କରିଛି ?
(କ) ସୁଇଜରଲ୍ୟାଣ୍ଡ୍ (ଖ)ଜାପାନ୍
(ଗ) ମାଲେସିଆ (ଘ) ଭୁଟାନ

୪. 'ଶୁଭାରମ୍ଭ 'ଗୃହଋଣ ପାଇଁ ନୂତନ ଯୋଜନା କେଉଁ ବ୍ୟାଙ୍କ ଆରମ୍ଭ କରିଛି ?
(କ) ଏଚ୍.ଡ଼ି.ଏଫ୍.ସି (ଖ) ଆକ୍ସିସ୍
(ଗ) ଆଇସିଆଇସି (ଘ) ୟେସ୍ ବ୍ୟାଙ୍କ

୫. ଷ୍ଟେଟ ବୟାଙ୍କ ଅଫ୍ ଇଣ୍ଡିଆ ରିସର୍ଚ୍ଚ ରିପୋର୍ଟ ଅନୁସାରେ ଭାରତର ୨୦୧୭-୧୮ ବର୍ଷ ପାଇଁ ଜିଡ଼ିପି ଗ୍ରୋଥରେଟ୍ କେତେ ରହିବ ?
(କ) ୬.୫% (ଖ)୭.୫%(ଗ) ୮.୫% (ଘ)୫.୫%

୬. କେଉଁ ପ୍ରଥମ ବ୍ୟାଙ୍କ ଭାରତର ଡ଼ିଜିପସ୍ (DigiPOS,)ପଏଣ୍ଟ ଅଫ୍ ସ୍କେଲ୍ ମେସିନ୍ ଆରମ୍ଭ କରିଛି ?
(କ) ଏଚ୍.ଡ଼ି.ଏଫ୍.ସି (ଖ) ଆକ୍ସିସ୍
(ଗ) ଆଇସିଆଇସି (ଘ) ୟେସ୍ ବ୍ୟାଙ୍କ

୭. ଫୋବର୍ସ ବିଶ୍ୱ ଟପ୍ ୨୦୦ ଗ୍ରୀନ୍ ଏନରଜି ଫାର୍ମ ମଧ୍ୟରେ ଭାରତର କେତୋଟି କମ୍ପାନୀ ସ୍ଥାନ ପାଇଛି ?
(କ) ୫ (ଖ) ୬ (ଗ) ୭ (ଘ)୮

୮. SIDBI CSmall Industries Development Bank of India ର ଚେୟାରମ୍ୟାନ ଏବଂ ଏମ୍‌ଡ଼ି କିଏ ?
(କ) ମହମ୍ମଦ ମୁସ୍ତାଫା (ଖ) ଆଶୀଷ୍ ଚୌହାନ୍
(ଗ) ପୁନିତ୍ ଚୌତାଲ୍ (ଘ) ଜେ. ତୁଳସୀ ଧରନ୍

୯. ଭାରତ ବିଲ୍ ପେମେଣ୍ଟ ସିଷ୍ଟମ୍ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା କେବେ କାର୍ଯ୍ୟ କରାହେଲା ?
(କ) ୨୦୧୧ (ଖ)୨୦୧୨
(ଗ) ୨୦୧୩ (ଘ)୨୦୧୪

୧୦. ଏସିଆ ପାସିଫିକ୍ ରିଜିଅନ୍‌ରେ କେଉଁ କମ୍ପାନୀ ଡ଼ିଜିଟାଲ୍ ଏଡୁକେସନାଲ୍ ପ୍ରୋଗ୍ରାମ୍ ମେଡ଼ିଆ ଗ୍ରୁପ୍ ପାଇଁ ଆରମ୍ଭ କରିଛି ?
(କ) ଟୁଇଟର୍ (ଖ) ଫେସ୍‌ବୁକ୍
(ଗ)ଗୁଗୁଲ (ଘ)ୟାହୁ

### ଉତ୍ତର

୧.(କ) ବାଣଭଟ୍ଟ, ୨.(ଘ) ଉତ୍କଳଗାଥା, ୩.(ଗ) ତରଙ୍ଗିଣୀ, ୪.(ଗ) ତାଞ୍ଜାବୁର, ୫.(ଖ) ମହାରାଷ୍ଟ୍ର, ୬.(କ) ଅମୀର ଖୁସ୍‌ରୋ, ୭.(ଗ) ସାମ୍‌ବେଦ, ୮.(ଖ) ସାରନାଥ, ୯.(ଘ) ଲୋକମାନ୍ୟ ବାଲଗଙ୍ଗାଧର ତିଳକ, ୧୦.(ଗ) ଗୁଜରାଟ ।

୧.(ଗ) Mobikwik ,୨.(ଘ) ରାଉଲକେଲା, ୩.(କ) ସୁଇଜରଲ୍ୟାଣ୍ଡ୍ , ୪.(ଖ) ଆକ୍ସିସ୍ , ୫.(କ) ୬.୫% , ୬.(କ) ଏଚ୍.ଡ଼ି.ଏଫ୍.ସି, ୭.(ଗ) ୭ , ୮.(କ) ମହମ୍ମଦ ମୁସ୍ତାଫା ,୯.(ଘ)୨୦୧୪,୧୦.(କ) ଟୁଇଟର୍

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ରାଷ୍ଟ୍ରପତି କାହା ନିକଟକୁ ତାଙ୍କର ଇସ୍ତଫା ପତ୍ର ପଠାଇଥାନ୍ତି।
(କ) ଉପରାଷ୍ଟ୍ରପତି (ଖ) ପ୍ରଧାନ ମନ୍ତ୍ରୀ
(ଗ) ସ୍ୱରାଷ୍ଟ୍ରମନ୍ତ୍ରୀ (ଘ) ଅର୍ଥମନ୍ତ୍ରୀ

୨. କେନ୍ଦ୍ର ମନ୍ତ୍ରୀମଣ୍ଡଳରେ କେତୋଟି ସ୍ତର ବା ପାହ୍ୟା ରହିଛି ?
(କ) ୫(ଖ) ୪(ଗ) ୩ (ଘ) ୨

୩. ନଗର ନିଗମର ମୁଖ୍ୟଙ୍କୁ କ'ଣ କୁହାଯାଏ ?
(କ) ଚେୟାରମ୍ୟାନ (ଖ) ମେୟର
(ଗ) କାଉନସିଲର (ଘ) ସଭାପତି

୪. ଉନବିଂଶ ଶତାବ୍ଦୀରେ ପ୍ରଥମେ କେଉଁ ଦେଶରେ ରାଜନୈତିକ ଦଳ ସୃଷ୍ଟି ହୋଇଥିଲା ?
(କ) ଇଂଲଣ୍ଡ(ଖ) ଆମେରିକା (ଗ)ଭାରତ (ଘ) ଆୟରଲ୍ୟାଣ୍ଡ

୫. ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା କରିବାରେ କାହାର ଉଦ୍ୟମ ବେଶ୍ ପ୍ରଶଂସନୀୟ ?
(କ)ମହାତ୍ମାଗାନ୍ଧୀ (ଖ) ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍
(ଗ)ସୁଭାଷ ବୋଷ (ଘ) ଉମେଶ ଚନ୍ଦ୍ର ବାନାର୍ଜୀ

୬. ମୂଳ ସମ୍ବିଧାନରେ କେତୋଟି ମୌଳିକ ଅଧିକାର ସନ୍ନିବେଶିତ ହୋଇଥିଲା ?
(କ)୬ଟି (ଖ) ୭ଟି (ଗ)୧୦ଟି (ଘ) ୧୧ଟି

୭. ଭାରତରେ ନିର୍ବାଚନ ଆୟୋଗ କେଉଁ ମସିହାରୁ ସୃଷ୍ଟି ହୋଇଅଛି ?
(କ) ୧୯୪୬ (ଖ)୧୯୪୭(ଗ) ୧୯୪୯(ଘ)୧୯୫୦

୮. ଓଡ଼ିଶାରେ କେତୋଟି ରାଜସ୍ୱ ମଣ୍ଡଳ ରହିଛି।
(କ)୫(ଖ) ୪ (ଗ) ୩ (ଘ) ୨

୯. ଭାରତରେ କେତୋଟି ଲୋକସଭା ନିର୍ବାଚନ ମଣ୍ଡଳୀ ରହିଛି।
(କ) ୫୪୭ (ଖ) ୫୪୫ (ଗ) ୫୨୦ (ଘ) ୫୨୫

୧୦.ଓଡ଼ିଶାରେ ଗୋଟିଏ ଗ୍ରାମପଞ୍ଚାୟତରେ ସର୍ବନିମ୍ନ କେତୋଟି ୱାର୍ଡ଼ ରହି ପାରିବ।
(କ) ୧୧ଟି (ଖ) ୧୨ଟି (ଗ) ୧୩ଟି (ଘ) ୧୪ଟି

## (୧୮) କମ୍ପ୍ୟୁଟର୍ ଶିକ୍ଷା

୧. କମ୍ପ୍ୟୁଟର ସିଷ୍ଟମର ମସ୍ତିଷ୍କ କିଏ ?
(K) ALU (ଖ)Memory (ଗ) CPU(ଘ)Control Unit

୨. Artificial intelligence ପାଇଁ କେଉଁ କମ୍ପ୍ୟୁଟର ଭାଷା ବ୍ୟବହାର କରାଯାଏ ?
(କ) Fortan (ଖ) Prolog (ଗ) C (ଘ) Cobol

୩. ଗୋଟିଏ ରିମୋଟ କମ୍ପ୍ୟୁଟରକୁ କାହା ମାଧ୍ୟମରେ କନେକ୍ଟ କରାଯାଇପାରିବ ?
(କ)Device (ଖ) Dial up(ଗ) Diagnostic(ଘ) Logic Circuit

୪. କାହାର ବ୍ୟବହାର ବିନା କି ବୋର୍ଡ଼ ବ୍ୟବହାର ଦ୍ୱାରା ତା'ର କାର୍ଯ୍ୟ କରାଯାଇପାରିବ ?
(କ) Joystick (ଖ) Light Pen(ଗ) Mouse(ଘ) Touch

୫. କେଉଁ ପ୍ରିଣ୍ଟର୍ ଲେଜର ବିମ୍ ଏବଂ ଇଲେକ୍ଟ୍ରୋ ଫଟୋଗ୍ରାଫି ର ମିଶ୍ରଣ ?
(କ) ଲେଜର ପ୍ରିଣ୍ଟର୍ (ଖ) ଲାଇନ ପ୍ରିଣ୍ଟର୍
(ଗ) ଡଟ୍ ମାଟ୍ରିକ୍ସ (ଗ) ଡେଜି ହୁଇଲ୍

୬. ଏକ ସେକେଣ୍ଡର ବିଲିୟନକୁ କ'ଣ କୁହାଯାଏ ?
(କ)ମିଲି ସେକେଣ୍ଡ୍ (ଖ) ମାଇକ୍ରୋ ସେକେଣ୍ଡ୍
(ଗ)ନାନୋ ସେକେଣ୍ଡ୍ (ଘ) ପିକୋ ସେକେଣ୍ଡ୍

୭ ଡିଜିଟାଲ୍ କମ୍ପ୍ୟୁଟରର କଣ୍ଟ୍ରୋଲ ୟୁନିଟ୍‌କୁ କ'ଣ କୁହାଯାଏ ?
(କ) Clock (ଖ) Nerve Centre(ଗ) ICs(ଘ) କୌଣସଟି ନୁହେଁ

୮. କମ୍ପ୍ୟୁଟରର ମୁଖ୍ୟ ମେମୋରୀ କ'ଣ ?
(କ) Primary& Secondary (ଖ) Random & Sequential
(ଗ) ROM & RAM (ଘ) କୌଣସଟି ନୁହେଁ

୯. ପ୍ରଥମ ଡିଜିଟାଲ ଇଲେକ୍ଟ୍ରିକ୍ କମ୍ପ୍ୟୁଟର କ'ଣ ଥିଲା ?
(କ) ଇଲେକ୍ଟ୍ରୋନିକ୍ ଭାଲଭ୍ (ଖ) ଭାକ୍ୟୁମ୍ ଟିୟୁବ୍
(ଗ) ଟ୍ରାଜିଷ୍ଟର (ଘ) ସେମି କଣ୍ଡକ୍ଟର

୧୦. ସଙ୍ଗୀତ ଏବଂ ପ୍ରୋଗ୍ରାମିଂ ପାଇଁ କେଉଁ କମ୍ପ୍ୟୁଟର ବ୍ୟବହାର ହେଉଥିଲା ?
(କ) ELLIAC (ଖ) ENIAC(ଗ) UNVAC(ଘ) କୌଣସଟି ନୁହେଁ

**ଉତ୍ତର**

୧. (କ) ଉପରାଷ୍ଟ୍ରପତି, ୨.(ଗ) ୩ , ୩.(ଖ) ମେୟର , ୪.(ଖ) ଆମେରିକା ୫.(ଖ) ଆଲାନ୍ ଅକ୍ଟୋଭିଆନ୍ ହ୍ୟୁମ୍ , ୬.(ଖ) ୭ଟି, ୭.(ଗ) ୧୯୪୯, ୮. (ଗ) ୩, ୯. (ଖ) ୫୪୫, ୧୦. (କ) ୧୧ଟି

୧. (ଗ) CPU, ୨.(ଖ) Prolog, ୩.(ଖ) Dial up, ୪.(ଗ) Mouse, ୫.(କ) ଲେଜର ପ୍ରିଣ୍ଟର୍ ୬.(ଗ)ନାନୋ ସେକେଣ୍ଡ୍ ୭. (ଖ) Nerve Centre, ୮.(ଗ) ROM & RAM ୯. (କ) ଇଲେକ୍ଟ୍ରୋନିକ ଭାଲଭ୍ ୧୦.(କ) ELLIAC

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. ଏକ ନଟିକାଲ ମାଇଲ (ଆନ୍ତର୍ଜାତିକ)ର ମାପ ସ୍ଥଳପଥରେ କେତେ ହେବ ?
(କ) ୧ ମାଇଲ (ଖ) ୧.୧୫ ମାଇଲ
(ଗ) ୨ ମାଇଲ (ଘ) ୨.୨୫ ମାଇଲ

୨. ନିର୍ଦ୍ଦିଷ୍ଟ ସମାକଳ (Definte Integral) ର ମୂଲ୍ୟ ନିରୂପଣ ପାଇଁ କେଉଁ ଯନ୍ତ୍ର ବ୍ୟବହୃତ ହୁଏ ?
(କ) ହ୍ୱିଲ (ଖ) ଡ଼ିସ୍କରଣ୍ଟିଗ୍ରେଟର
(ଗ) ଇଣ୍ଟିଗ୍ରେଟର (ଘ) ପାଣ୍ଟୋଗ୍ରାଫ୍

୩. ଆଜିକାଲି ବ୍ୟବହୃତ ହେଉଥିବା 'ଦଶମିକ ପଦ୍ଧତି'ରେ ସଂଖ୍ୟା ଗଣନା ପ୍ରଥମେ କେଉଁ ଦେଶରେ ଆରମ୍ଭ ହୋଇଥିଲା ?
(କ) ଭାରତ (ଖ) ୟୁରୋପ (ଗ) ଆରବ (ଘ) ଚୀନ

୪. ଦୁଇ ସମାନ୍ତର ସରଳରେଖାର ସ୍ଲୋପର ଅନ୍ତର ସର୍ବଦା କେତେ ?
(କ) ୦ (ଖ) ୧ (ଗ) -୧ (ଘ)କୌଣସିଟି ନୁହେଁ

୫. ସମୁଦ୍ରରେ ଜାହାଜର ବେଗ ମାପ ପାଇଁ କେଉଁ ଏକକ ବ୍ୟବହାର କରାଯାଏ ?
(କ) ମିଟର/ସେକେଣ୍ଡ (ଖ) କିଲୋମିଟର/ସେକେଣ୍ଡ
(ଗ) ମାଇଲ/ସେକେଣ୍ଡ (ଘ) ନଟ

୬. ବକ୍ରରେଖାର ଦୈର୍ଘ୍ୟ ମାପ ପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?
(କ) ପ୍ଲେନିମିଟର (ଖ) ସ୍ଲାଇଡ଼ରୁଲ
(ଗ) କର୍ଭିମିଟର (ଘ) ଡ଼ିଭାଇଡର

୭. ବିୟୋଗ ପାଇଁ ବ୍ୟବହାର କରାଯାଇଥିବା '-' ଚିହ୍ନ ପ୍ରଥମେ କିଏ ବ୍ୟବହାର କରିଥିଲେ ?
(କ) କାର୍ଡ଼ନ (ଖ) ଫେରାରି
(ଗ) ବ୍ରହ୍ମଗୁପ୍ତ (ଘ) ଜୋହାନ ୱିଡମ୍ୟାନ

୮. କେଉଁ ସଂଖ୍ୟାର ଗୁଣନାତ୍ମକ ବିଲୋମୀ ସେହି ସଂଖ୍ୟା ?
(କ)୦ (ଖ)୧ (ଗ) -୧ (ଘ)୧ଓ-୧

୯. 'ରାମାନୁଜ ଗଣିତ ସଂସ୍ଥାନ' କେଉଁଠାରେ ଅବସ୍ଥିତ ?
(କ) ମୁମ୍ବାଇ (ଖ) ଚେନ୍ନାଇ (ଗ) କୋଲକତା (ଘ) ହାଇଦ୍ରାବାଦ

୧୦. କେଉଁ ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାର ବର୍ଗମୂଳ ଏହାର ଅଙ୍କମାନଙ୍କ ସମଷ୍ଟି ସହିତ ସମାନ ?
(କ)୧୬ (ଖ) ୪୯ (ଗ) ୬୪ ଘ) ୮୧

## (୨୦) ସାଧାରଣ ବିଜ୍ଞାନ

୧. ନିମ୍ନଲିଖିତ କେଉଁ ପଦାର୍ଥବିଜ୍ଞାନୀ ଓଡ଼ିଆ ଜନପ୍ରିୟ ବିଜ୍ଞାନ ଲେଖକ ଭାବରେ ସୁନାମ ଅର୍ଜନ କରିଛନ୍ତି ?
(କ) ଡ.କୁଳମଣି ସାମଲ (ଖ) ଡ.ଲକ୍ଷ୍ମୀଧର ଶତପଥୀ
(ଗ) ଡ.ବିଭୁତିଭୂଷଣ ନାୟ (ଗ) ଡ.ତ୍ରିଲୋଚନ ପ୍ରଧାନ

୨. ଦୁର୍ବଳ ବିଦ୍ୟୁତ୍-ଚୁମ୍ବକୀୟ ବଳ ଉପରେ ଗବେଷଣା କରି ନୋବେଲ ପୁରସ୍କାର ପାଇଥିବା ଏକମାତ୍ର ପାକିସ୍ତାନୀ ପଦାର୍ଥ ବିଜ୍ଞାନୀ କିଏ ?
(କ) ଡ.ଅବଦୁସ୍ ସାଲାମ (ଖ) ଡ.ଅବଦୁଲ୍ କାଦିର୍ ଖାନ୍
(ଗ) ଡ.ବିଶିମିଲା ଖାଁ (ଘ) ଷ୍ଟିଫେନ୍ ୱିନ୍ ବର୍ଗ

୩. କେଉଁ ବୈଜ୍ଞାନିକ ଭାରତର ଓପନ୍‌ହେଇମ୍‌ର ରୂପେ ପରିଚିତ ?
(କ) ଡ.ମେଘନାଦ ସାହା (ଖ) ଡ.ଜେ.ସି.ବୋଷ
(ଗ) ଡ.ହୋମି ଜାହାଙ୍ଗୀର ଭାବା (ଘ) ଡ.ସି.ଭି.ରମଣ

୪. କେଉଁ ବୈଜ୍ଞାନିକ ପ୍ରଥମେ ଇଲେକ୍‌ଟ୍ରୋନର ଚାର୍ଜ ସମ୍ପର୍କରେ ନିର୍ଭୁଲ ତଥ୍ୟ ପ୍ରଦାନ କରିଥିଲେ ?
(କ) ରବର୍ଟ ମିଲିକାନ୍ (ଖ) ଜେ.ଜେ.ଟମ୍‌ସନ୍
(ଗ) ଅରନେଷ୍ଟ ରଦରଫୋର୍ଡ଼(ଘ) ଜେମ୍‌ସ ଚାଦ୍‌ୱିକ୍

୫. କେଉଁ ବୈଜ୍ଞାନିକ (ଜ୍ୟୋତିର୍ବିଜ୍ଞାନୀ) ଦି ପ୍ଲାନେଟାରି ସୋସାଇଟି ନାମରେ ପ୍ରସିଦ୍ଧ ସଂଘ ଗଠନ କରିଥିଲେ ?
(କ) ୱିଲିୟମ୍ ହରସ୍କେଲ (ଖ) କାର୍ଲ ସାଗଲ
(ଗ) ଏଡ଼ୱିନ୍ ହବଲ୍ (ଘ) ମିଲଟନ୍ ହ୍ୟୁମାସନ୍

୬. ପଦାର୍ଥବିଜ୍ଞାନରେ ସର୍ବପ୍ରଥମେ ନୋବେଲ ପୁରସ୍କାର କେଉଁ ବୈଜ୍ଞାନିକଙ୍କୁ ପ୍ରଦାନ କରାଯାଇଥିଲା ?
(କ) ଏଚ୍.ଏ.ଲରେନସ (ଖ) ମ୍ୟାରି କ୍ୟୁରି
(ଗ) ଲର୍ଡ଼ ର୍‌ୟାଲେ (ଘ) ଡବ୍ଲ୍ୟୁ.ସି.ରୁଣ୍ଟଗେନ୍(ରଞ୍ଜନ)

୭. ନିମ୍ନଲିଖିତ କେଉଁ ପଦାର୍ଥ ବିଜ୍ଞାନୀ ୧୯୭୪ରେ ପୋଖରାନ୍‌ଠାରେ ଆଣବିକ ବିସ୍ଫୋରଣ କାର୍ଯ୍ୟ ସୂଚାରୁରୂପେ ନିର୍ବାହ କରିଥିଲେ ?
(କ) ଡ.ରାଜା ରମନ୍ନା (ଖ) ଡ.ଆର୍ ଚିଦାମ୍ବରମ୍
(ଗ) ଏ.ପି.ଜେ.ଅବଦୁଲ୍ କାଲାମ୍ (ଘ) ଏମ୍.ଜି.କେ. ମେନନ୍

୮. ନିମ୍ନଲିଖିତ କେଉଁ ପଦାର୍ଥବିଜ୍ଞାନୀ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀପଦ ପାଇଥିଲେ ?
(କ) ଡ.ଆର୍ ଚିଦାମ୍ବରମ୍ (ଖ) ଡ.ସତୀଶ ଧାୱନ୍
(ଗ) ଡ.ରାଜା ରମନ୍ନା (ଘ) ଏ.ଏମ୍.ଜି.କେ.ମେନନ୍

୯. ନିମ୍ନଲିଖିତ କେଉଁ ବୈ ଜ୍ଞାନିକ ସି.ଭି.ରମଣଙ୍କ ରମଣ ସିଦ୍ଧାନ୍ତ ଆବିଷ୍କାରରେ ମୁଖ୍ୟ ସହଯୋଗୀ ଥିଲେ ?
(କ) ଡଃ.କେ.ଏସ.କ୍ରିଷ୍ଣନ (ଖ) ଏଲ୍.ରାମଦାସ
(ଗ) ଡଃ.ସି.ଏନ୍.ଆର୍.ରାଓ (ଘ) ଲାଣ୍ଡନ ବର୍ଗ

୧୦. ତାପମାନ ଯନ୍ତ୍ର ବା ଥର୍ମୋମିଟର କିଏ ଉଦ୍ଭାବନ କରିଥିଲେ ?
(କ) ଗାଲିଲିଓ (ଖ) ଗାବିଏଲ ଫାଇନହିଟ (ଗ) ଲର୍ଡ କେଲଭିନ୍

**ଉତ୍ତର**

**୧.**(ଖ)୧.୧୫ ମାଇଲ, **୨.**(ଗ)ଇଣ୍ଟିଗ୍ରେଟର, **୩.**(କ)ଭାରତ, **୪.**(ଗ)-୧ , **୫.**(ଘ)ନଟ, **୬.**(ଗ)କର୍ଭିମିଟର, **୭.**(ଘ)ଜୋହାନ ୱିଡମ୍ୟାନ, **୮.**(ଘ)୧ଓ-୧, **୯.**(ଖ)ଚେନ୍ନାଇ, **୧୦.**(ଘ)୮୧.

**୧.**(କ) ଡ.କୁଳମଣି ସାମଲ, **୨.**(କ) ଡ.ଅବଦୁସ୍ ସାଲାମ, **୩.**(ଗ) ଡ.ହୋମି ଜାହାଙ୍ଗୀର ଭାବା, **୪**(କ) ରବର୍ଟ ମିଲିକାନ୍ **୫.**(ଖ) କାର୍ଲ ସାଗଲ, **୬.**(ଘ) ଡବ୍ଲ୍ୟୁ.ସି.ରୁଣ୍ଟଗେନ୍(ରଞ୍ଜନ), **୭.**(କ) ଡ.ରାଜା ରମନ୍ନା, **୮.**(ଗ)ଡ.ରାଜା ରମନ୍ନା, **୯.**(କ) ଡଃ.କେ.ଏସ.କ୍ରିଷ୍ଣନ, **୧୦.**(କ) ଗାଲିଲିଓ

# ବିବିଧ ପ୍ରଶ୍ନାବଳୀ

୧. ଉତ୍ତରପ୍ରଦେଶ ସ୍ୱଚ୍ଛଭାରତ ମିଶନ ପାଇଁ ବ୍ରାଣ୍ଡ ଆମ୍ବାସଡ଼ର୍ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଅଭିନେତା ଅକ୍ଷୟକୁମାର

୨. ହରିୟାନାର ମୁଖ୍ୟମନ୍ତ୍ରୀଙ୍କ ନାମ କ'ଣ ?- ମନୋହର ଲାଲ ଖଟ୍ଟର

୩. ୨୦ ବର୍ଷ ପୂର୍ବରୁ ପାକିସ୍ଥାନ କ୍ୟାବିନେଟ୍ ରେ ନିଯୁକ୍ତି ପାଇଥିବା ପ୍ରଥମ ହିନ୍ଦୁ କିଏ ? - ଦର୍ଶନ୍ ଲାଲ

୪. କେଉଁ ରାଜ୍ୟ ସରକାର ମୋଟର ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ କରିଛନ୍ତି ? - ମହାରାଷ୍ଟ୍ର ସରକାର

୫. ଇସ୍ରାଏଲ୍‌ର ପ୍ରଥମ ପରିବେଶ ରିସର୍ଚ୍ଚ ସାଟେଲାଇଟ୍‌ର ନାମ କ'ଣ ? - ଲେନସ୍

୬. ବମ୍ବେଷ୍ଟକ୍ ଏକ୍ସଚେଞ୍ଜ୍‌ର ଚେୟାରମ୍ୟାନ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଧୀରେନ୍ଦ୍ର ସ୍ୱରୂପ

୭. କେଉଁ ଭାରତୀୟ ଜନ୍ମିତ ୧୨ ବର୍ଷର ବାଳକ ୟୁକେର 'ଚାଇଲଡ୍ ଜିନିଅସ୍' ଉପାଧି ପାଇଛନ୍ତି ? - ରାହୁଲ୍ ଜୋସି

୮. ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ କେଉଁ ରାଜ୍ୟ ସରକାର ଚବିଶି ଘଣ୍ଟିଆ ହେଲପଲାଇନ୍ ନମ୍ବର ୧୮୧ ଜାରିକରିଛି ?- ତେଲେଙ୍ଗାନା

୯. ଭାରତର ପ୍ରଥମ ୟୁରାନିୟମ୍ ଖଣି କେଉଁ ସ୍ଥାନରେ ଚିହ୍ନିତ ହୋଇଛି ? - ଜାଦୁଗୁଡ଼, ଚିନ୍‌ଭୂମି, ଝାଡ଼ଖଣ୍ଡ

୧୦. ସେଣ୍ଟ୍ରାଲ୍ ବୋର୍ଡ଼ ଅଫ୍ ଫିଲ୍ମ ସାର୍ଟିଫିକେଟ୍‌ର ମୁଖ୍ୟ ଦପ୍ତର କେଉଁଠାରେ ଅବସ୍ଥିତ ? - ମୁମ୍ବାଇ

୧୧. କେଉଁ ରାଜ୍ୟ ସରକାର 'ଇନ୍ଦିରା କ୍ୟାଣ୍ଟିନ' ସହରାଞ୍ଚଳ ଗରୀବ ଲୋକମାନଙ୍କ ପାଇଁ ଆରମ୍ଭ କରିଛି ? - କର୍ଣ୍ଣାଟକ ସରକାର

୧୨. ନ୍ୟାୟାଧିଶ ଦୀପକ ମିଶ୍ର ସୁପ୍ରିମ କୋର୍ଟର କେତେ ତମ ପ୍ରଧାନ ବିଚାରପତି ? - ୪୫ତମ

୧୩. କେତୋଟି ଦେଶର ନାଗରିକମାନଙ୍କୁ କାତାର ଭିସା ଫ୍ରିଏଣ୍ଟ୍ରି ଦେବାପାଇଁ ଘୋଷଣା କରିଛି ? - ୮୦ଟି ଦେଶ

୧୪. ଦେଶର କେଉଁ ପ୍ରଥମ ରାଜ୍ୟ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ୍ ବ୍ୟାଙ୍କ ଆରମ୍ଭ କରିଛି ? - ହରିୟାନା

୧୫. ତିନି ତଲାକ୍ ଦେବା ଅଣସମ୍ବିଧାନିକ ବୋଲି କିଏ ଘୋଷଣା କରିଛନ୍ତି ? - ସୁପ୍ରିମକୋର୍ଟ

16. 'Right to Privacy'କୁ 'Fundamental Right'ର ଅନ୍ତର୍ଭୁକ୍ତ ବୋଲି ସୁପ୍ରିମକୋର୍ଟର କେତେଜଣିଆ କମିଟି ରାୟ ଦେଇଛନ୍ତି ?- ୯ଜଣିଆ

୧୭. ଇନ୍‌ଫୋସିସ୍‌ର ଚେୟାରମ୍ୟାନ୍ କିଏ ?- ନନ୍ଦନ ନିଲେକାନୀ

୧୮. ୨୦୧୬ ସରସ୍ୱତୀ ସମ୍ମାନ କିଏ ଲାଭ କରିଛନ୍ତି ? - ମହାବଳେଶ୍ୱର ସେଲ୍

୧୯. ବୈଜ୍ଞାନିକ ଉତ୍କର୍ଷତା ପାଇଁ ବିଜୁପଟ୍ଟନାୟକ ପୁରସ୍କାର ୨୦୧୬ କାହାକୁ ଦିଆଯାଇଛି ?- ପ୍ରଫେସର ଦିଗମ୍ବର ବେହେରା

୨୦. ଭାରତର ପ୍ରଥମ ବିଦେଶ ଭବନ କେଉଁ ସହରରେ ପ୍ରତିଷ୍ଠା କରାଯାଇଛି ? - ବାନ୍ଦ୍ରା କୁର୍ଲା ମହାରାଷ୍ଟ୍ର, ମୁମ୍ବାଇ

୨୨. କେଉଁ ରାଜ୍ୟସରକାର 'ଇ- ୱେଷ୍ଟ ଡ଼ିସ୍‌ପୋଜାଲ୍' ଯୋଜନା ରାଜ୍ୟ ସରକାରଙ୍କ ଅଧିନ ସ୍କୁଲଗୁଡ଼ିକରେ ଆରମ୍ଭ କରିଛନ୍ତି ? - କେରଳ

୨୫. ୨୦୧୮ ଟେବୁଲ ଟେନିସ୍ ବିଶ୍ୱକପ୍ କେଉଁଠାରେ ଖେଳାଯିବ ? - ଲଣ୍ଡନ

୨୬. ହାଇଦ୍ରାବାଦ ରେସ୍ କ୍ଲବର ଚେୟାରମ୍ୟାନ୍ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଆର୍ ସୁରେନ୍ଦ୍ର ରେଡ୍ଡି

୨୮.୨୦୧୭-୧୮ ପାଇଁ ଭାରତୀୟ କପାସ ଫେଡ଼େରେସନ୍‌ର ଚେୟାରମ୍ୟାନ୍ କିଏ ନିଯୁକ୍ତି ପାଇଛନ୍ତି ?- ଜେ. ତୁଳସୀଧରନ୍

୨୯. ପ୍ରଧାନମନ୍ତ୍ରୀ କେଉଁ ରାଜ୍ୟର ୧୧ଟି ସଂପୂର୍ଣ୍ଣ ହୋଇଥିବା (୮୭୩ କି.ମି.) ହାଇୱେ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ?- ରାଜସ୍ଥାନ

୩୦. ଫୋବର୍ସ ୨୦୧୭ ବିଶ୍ୱତାଲିକାରେ ସର୍ବାଧିକ ଆୟକାରୀ କ୍ରୀଡ଼ାବିତ୍ ବିରାଟ କୋହଲୀଙ୍କ ସ୍ଥାନ କେତେ ? - ୮୯

୩୧. ଭାରତୀୟ ରିଜର୍ଭ ବ୍ୟାଙ୍କ ଅର୍ଥନୈତିକ ନୀତି ୨୦୧୭-୧୮ ଅନୁସାରେ ଏମ୍.ଏସ୍.ଏଫ୍ ର ମୂଲ୍ୟ କେତେ ? - ୬.୫%

୩୨. ଗଭର୍ଣ୍ଣମେଣ୍ଟ ଇ-ମାର୍କେଟ ପ୍ଲେସ୍ (GEM) ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ରାଧା ଚୌହାନ

୩୩. ୨୦୧୭ ଗ୍ଲୋବାଲ୍ ରିଟେଲ୍ ଡ଼େଭଲପମେଣ୍ଟ ଇଣ୍ଡେକ୍ସରେ ଭାରତର ସ୍ଥାନ କେତେ ? - ୧

୩୪. HSBC ରିପୋର୍ଟ ଅନୁସାରେ ଭାରତର ଚାଲୁବିତ୍ତ ବର୍ଷରେ ଫିସ୍‌କାଲ୍ ବିକାଶ ଦର କେତେ ? - ୭.୧%

୩୫. ଏହିବର୍ଷ 'ମନରେଗା' ବାର୍ଷିକ ପୁରସ୍କାର କେଉଁ ଜିଲ୍ଲା ପାଇଛି ? - ବିଜୟ ନଗରମ୍

୩୬. ଗ୍ଲୋବାଲ୍ ପିସ୍ ଇଣ୍ଡେକ୍ସ ୨୦୧୭ରେ ଭାରତର ସ୍ଥାନ କେତେ ? - ୧୩୭

୩୭. ରିଲାଏନ୍ସ ଏବଂ ଏୟାରସେଲ୍ ଦୁଇଟି କମ୍ପାନୀର ମିଶ୍ରଣ ପରେ ତା'ର ନୂତନ ନାମ କ'ଣ ରଖାଯାଇଛି ? - ଏୟାର୍‌କମ୍

୩୮. ଫିଫା ବିଶ୍ୱକପ୍ ୨୦୧୮ ଏବଂ ୨୦୨୨ର ଅଫିସିଆଲ୍ ସ୍ପୋନର୍ସର୍ କିଏ ? -ଭିଭୋ

୩୯. ୨୦୧୭ ବିଶ୍ୱ ଟେବୁଲ୍ ଟେନିସ୍ ଚମ୍ପିଆନ୍‌ସିପ୍ କେଉଁଠି ଅନୁଷ୍ଠିତ ହୋଇଯାଇଛି ? - ଜର୍ମାନୀ

୪୦. ମିଳିତ ଜାତିସଂଘ ଜେନେରାଲ୍ ଆସେମ୍ବ୍ଲିର ଆଗାମୀ ଅଧକ୍ଷ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ମିରୋସ୍ଲାଭ୍ ଲେଜକ୍

୪୧. ୨୦୧୭ ଦାଦାସାହେବ ଫାଲକେ ଏକାଡ଼େମିକ୍ ଆୱାର୍ଡ଼ କିଏ ପାଇଛନ୍ତି ? - ପ୍ରିୟଙ୍କା ଚୋପ୍ରା

## ଭାରତର ନୂତନ କ୍ୟାବିନେଟ୍ ମନ୍ତ୍ରୀଙ୍କ ନାମ ବିଭାଗ

| | |
|---|---|
| ୧. ରାଜନାଥ ସିଂହ | ସ୍ୱରାଷ୍ଟ୍ର |
| ୨. ସୁଷମା ସ୍ୱରାଜ | ବୈଦେଶିକ ବ୍ୟାପାର |
| ୩. ଅରୁଣ ଜେଟ୍‌ଲୀ | ଅର୍ଥ, କର୍ପୋରେଟ୍ ବ୍ୟାପାର |
| ୪. ନୀତିନ ଜୟରାମ ଗଡକରୀ | ସଡ଼କ ପରିବହନ ଓ ଜାତୀୟ ରାଜପଥ, ଜାହାଜ ଚଳାଚଳ, ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନର୍ବିନ୍ୟାସ |
| ୫. ସୁରେଶ ପ୍ରଭୁ | ବାଣିଜ୍ୟ ଓ ଶିଳ୍ପ |
| ୬. ଡିଭି ସଦାନନ୍ଦ ଗୌଡ଼ା | ପରିସଂଖ୍ୟାନ ଓ ଯୋଜନା ରୂପାୟନ |
| ୭. ଉମା ଭାରତୀ | ପାନୀୟ ଜଳ ଓ ପରିବହନ |
| ୮. ରାମବିଳାସ ପାଶ୍ୱାନ | ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ |
| ୯. ମାନେକା ଗାନ୍ଧି | ମହିଳା ଓ ଶିଶୁ ବିକାଶ |
| ୧୦. ଅନନ୍ତ କୁମାର | ରସାୟନ ଓ ସାର, ସଂସଦୀୟ ବ୍ୟାପାର |
| ୧୧. ରବିଶଙ୍କର ପ୍ରସାଦ | ଆଇନ ଓନ୍ୟାୟ,ଇଲେକ୍‌ଟ୍ରୋନିକ୍ସ ଓଆଇ.ଟି. |
| ୧୨. ଜଗତ ପ୍ରକାଶ ନଡ୍ଡା | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ୧୩. ଅଶୋକ ଗଜପତି ରାଜୁ | ବେସାମରିକ ବିମାନ ଚଳାଚଳ |
| ୧୪. ହରସିମ୍ରତ୍ କୌର୍ ବାଦଲ୍ | ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ |
| ୧୫. ନରେନ୍ଦ୍ର ସିଂ ତୋମାର୍ | ଗ୍ରାମ୍ୟ ବିକାଶ, ପଞ୍ଚାୟତିରାଜ, ଖଣି |
| ୧୬. ଚୌଧୁରୀ ବୀରେନ୍ଦ୍ର ସିଂହ | ଇସ୍ପାତ |
| ୧୭. ଜୁଏଲ ଓରାମ | ଆଦିବାସୀ ବ୍ୟାପାର |
| ୧୮. ରାଧାମୋହନ ସିଂହ | କୃଷି ଓ କୃଷକ କଲ୍ୟାଣ |
| ୧୯. ଥାୱର୍ ଚାନ୍ଦ୍ ଗେହଲଟ୍ | ସାମାଜିକ ନ୍ୟାୟ ଓ ସଶକ୍ତିକରଣ |
| ୨୦. ସ୍ମୃତି ଇରାନୀ | ବୟନ ଶିଳ୍ପ, ସୂଚନା ଓ ପ୍ରସାରଣ |
| ୨୧. ହର୍ଷବର୍ଦ୍ଧନ | ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଆର୍ଥ ସାଇନ୍ସ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ |
| ୨୨. ପ୍ରକାଶ ଜାଭଡେକର୍ | ମାନବ ସମ୍ବଳ ବିକାଶ |
| ୨୩. ଧର୍ମେନ୍ଦ୍ର ପ୍ରଧାନ | ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ, କୌଶଳ ବିକାଶ ଓ ଉଦ୍ୟୋଗ |
| ୨୪. ପୀୟୂଷ ଗୋଏଲ | ରେଳବାଇ ଓ କୋଇଲା |
| ୨୫. ନିର୍ମଳା ସୀତାରମଣ | ପ୍ରତିରକ୍ଷା |
| ୨୬. ମୁକ୍ତାର ଆବାସ ନକ୍‌ଭି | ସଂଖ୍ୟାଲଘୁ ବ୍ୟାପାର |

### ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)

| | |
|---|---|
| ୧. ରାଓ ଇନ୍ଦରଜିତ୍ ସିଂହ | ଯୋଜନା, ରସାୟନ ଓ ସାର |
| ୨. ସନ୍ତୋଷ କୁମାର ଗଙ୍ଗୱାର୍ | ଶ୍ରମ ଓ ନିଯୁକ୍ତି |
| ୩. ଶ୍ରୀପଦ ଯେସୋ ନାଏକ | ଆୟୁର୍ବେଦ, ଯୋଗ, ଆୟୁଷ |
| ୪. ଜିତେନ୍ଦ୍ର ସିଂହ | ଉତ୍ତର-ପୂର୍ବାଞ୍ଚଳ ବିକାଶ, ପିଏମ୍‌ଓ, ନିଯୁକ୍ତି, ସାଧାରଣ ଅଭିଯୋଗ ଓ ପେନ୍‌ସନ୍, ଆଣବିକ ଶକ୍ତି, ମହାକାଶ |
| ୫. ମହେଶ ଶର୍ମା | ସଂସ୍କୃତି, ପରିବେଶ, ଜଙ୍ଗଲ ଓ ଜଳବାୟୁ |
| ୬. ଗିରିରାଜ ସିଂହ | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ |
| ୭. ମନୋଜ ସିହ୍ନା | ଯୋଗାଯୋଗ ଓ ରେଳବାଇ |
| ୮. ରାଜ୍ୟବର୍ଦ୍ଧନ ସିଂହ ରାଠୋର | ଯୁବ ବ୍ୟାପାର ଓ କ୍ରୀଡ଼ା ।ଓ ପ୍ରସାରଣ |
| ୯. ରାଜକୁମାର ସିଂହ | ଶକ୍ତି, ଅକ୍ଷୟ ଶକ୍ତି |
| ୧୦. ହରଦୀପ୍ ସିଂହ ପୁରୀ | ଗୃହ ଓ ନଗର ବ୍ୟାପାର |
| ୧୧. ଆଲ୍‌ଫୋନ୍ସ କନ୍ନନ୍ଥାନମ୍ | ପର୍ଯ୍ୟଟନ, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି |

### ରାଷ୍ଟ୍ରମନ୍ତ୍ରୀ

| | |
|---|---|
| ୧. ବିଜୟ ଗୋଏଲ୍ | ସଂସଦୀୟ ବ୍ୟାପାର, ପରିସଂଖ୍ୟାନ ଓ ଯୋଜନା ରୂପାୟନ |
| ୨. ରାଧାକ୍ରିଷ୍ଣନ୍ ପି | ଅର୍ଥ, ଜାହାଜ ଚଳାଚଳ |
| ୩. ଏସ୍‌ଏସ୍ ଆଲୁୱାଲିଆ | ପାନୀୟ ଜଳ ଓ ପରିମଳ |
| ୪. ରମେଶ ଚାନ୍ଦପ୍ପା ଜିଗାଜିଆଗିଁ | ପାନୀୟ ଜଳ ଓ ପରିମଳ |
| ୫. ରାମଦାସ ଆଠ୍‌ୱାଲେ | ସାମାଜିକ ନ୍ୟାୟ ଓ ସଶକ୍ତିକରଣ |
| ୬. ବିଷ୍ଣୁଦେଓ ସାଇ | ଇସ୍ପାତ |
| ୭. ରାମକ୍ରିପାଲ୍ ଯାଦବ | ଗ୍ରାମ୍ୟ ବିକାଶ |
| ୮. ହଂସରାଜ ଗଙ୍ଗାରାମ୍ ଅହିର | ସ୍ୱରାଷ୍ଟ୍ର ବ୍ୟାପାର |
| ୯. ହରିଭାଇ ପାର୍ଥିଭାଇ ଚୌଧୁରୀ | ଖଣି ଓ କୋଇଲା |
| ୧୦. ରାଜେନ୍ ଗୋହିନ୍ | ରେଳବାଇ |
| ୧୧. ଭି.କେ. ସିଂହ | ବୈଦେଶିକ ବ୍ୟାପାର |
| ୧୨. ପୁରୁଷୋତ୍ତମ ରୁପାଲା | କୃଷି, କୃଷକ କଲ୍ୟାଣ, ପଞ୍ଚାୟତିରାଜ |
| ୧୩. କ୍ରିଷ୍ଣନ ପାଲ୍ | ସାମାଜିକ ନ୍ୟାୟ ଓ ସଶକ୍ତିକରଣ |
| ୧୪. ଯଶବନ୍ତ ସିଂହ ଏସ୍ ଭାଭୋର୍ | ଆଦିବାସୀ ବ୍ୟାପାର |
| ୧୫. ଶିବ ପ୍ରତାପ ଶୁକ୍ଳା | ଅର୍ଥ |
| ୧୬. ଅଶ୍ୱିନୀ କୁମାର ଚୌବେ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ୧୭. ସୁଦର୍ଶନ ଭଗତ୍ | ଆଦିବାସୀ ବ୍ୟାପାର |
| ୧୮. ଉପେନ୍ଦ୍ର କୁଶୱାହା | ମାନବ ସମ୍ବଳ ବିକାଶ |
| ୧୯. କିରେନ୍ ରିଜିଜୁ ସ୍ୱ | ରାଷ୍ଟ୍ର ବ୍ୟାପାର |
| ୨୦. ବୀରେନ୍ଦ୍ର କୁମାର | ମହିଳା ଓ ଶିଶୁ ବିକାଶ |
| ୨୧. ଅନନ୍ତ କୁମାର ହେଗ୍‌ଡେ | କୌଶଳ ବିକାଶ ଓ ଉଦ୍ୟୋଗ |
| ୨୨. ଏମ୍.ଜେ. ଆକବର୍ | ବୈଦେଶିକ ବ୍ୟାପାର |
| ୨୩. ନିରଞ୍ଜନ ଜ୍ୟୋତି | ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ |
| ୨୪. ୱାଇଏସ୍ ଚୌଧୁରୀ | ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଆର୍ଥ ସାଇନ୍ସ |
| ୨୫. ଜୟନ୍ତ ସିହ୍ନା | ବେସାମରିକ ବିମାନ ଚଳାଚଳ |
| ୨୬. ବାବୁଲ୍ ସୁପ୍ରିୟୋ | ଭାରି ଶିଳ୍ପ ଓ ସାଧାରଣ ଉଦ୍ୟୋଗ |
| ୨୭. ବିଜୟ ସାମ୍ପଲା | ସାମାଜିକ ନ୍ୟାୟ ଓ ସଶକ୍ତିକରଣ |
| ୨୮. ଅର୍ଜୁନ ରାମ ମେଘାୱଲ୍ | ସଂସଦୀୟ ବ୍ୟାପାର, ଜଳ ସମ୍ପଦ |
| ୨୯. ଅଜୟ ଟାମ୍‌ଟା | ବୟନ ଶିଳ୍ପ |
| ୩୦. କ୍ରିଷ୍ଣା ରାଜ୍ | କୃଷି ଓ କୃଷକ କଲ୍ୟାଣ |
| ୩୧. ମନ୍‌ସୁଖ୍ ଲାଲ୍ ମାଣ୍ଡଭିୟା | ସଡ଼କ, ରାଜପଥ, ଜାହାଜ ଚଳାଚଳ, ରସାୟନ ଓ ସାର |
| ୩୨. ଅନୁପ୍ରିୟା ପଟେଲ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ୩୩. ସି.ଆର୍. ଚୌଧୁରୀ | ଖାଉଟି ବ୍ୟାପାର, ଓ ବଣ୍ଟନ, |
| ୩୪. ପି.ପି. ଚୌଧୁରୀ | ଆଇନ ଓ ନ୍ୟାୟ, କର୍ପୋରେଟ୍ |
| ୩୫. ସୁଭାଷ ରାମାରାଓ ଭାମ୍ରେ | ପ୍ରତିରକ୍ଷା |
| ୩୬. ଗଜେନ୍ଦ୍ର ସିଂହ ଶେଖାୱତ୍ | କୃଷି ଓ କୃଷକ କଲ୍ୟାଣ |
| ୩୭. ସତ୍ୟପାଲ୍ ସିଂହ ମାନବ | ସମ୍ବଳ ବିକାଶ, ଜଳ ସମ୍ପଦ |

## ଗଜପତି ଜିଲ୍ଲା




୧. ଗଠନ - ୨ ଅକ୍ଟୋବର, ୧୯୯୨

୨. କ୍ଷେତ୍ରଫଳ - ୪୩୨୫ବର୍ଗ.କି.ମି

୩. ଜନସଂଖ୍ୟା - ୫୭୫୮୮୦

(କ) ପୁରୁଷ - ୨୮୨୦୪୧

(ଖ) ସ୍ତ୍ରୀ - ୨୯୩୮୩୯

୪. ଜନସଂଖ୍ୟା ଘନତ୍ୱ / ବର୍ଗ କି.ମି. - ୧୩୩

୫. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୧୦୪୨

୬. ସାକ୍ଷରତା ହାର - ୫୪.୨୯%

୭. ଉପଖଣ୍ଡ - ୦୧

୮. ତହସିଲ - ୦୭

୯. ବ୍ଲକ୍ - ୦୭

୧୦. ମ୍ୟୁନିସିପାଲିଟି - ୦୧

୧୧. ଏନ.ଏ.ସି. - ୦୧

୧୨. ଗ୍ରାମ ପଞ୍ଚାୟତ - ୧୨୯

୧୩. ଗ୍ରାମ - ୧୬୧୨

୧୪. ଥାନା - ୧୧

୧୫. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୨୦

୧୬. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୨
୧୩୬-ମୋହନା, ୧୩୭-ପାରଳାଖେମୁଣ୍ଡି,

୧୭. ନିଆଁଲିଭା କେନ୍ଦ୍ର -୦୪

୧୮. ସାଧାରଣ ବୃଷ୍ଟିପାତ - ୧୪୦୩.୩ମି.ମି.

୧୯.ପର୍ଯ୍ୟଟନ ସ୍ଥଳୀ-ପାରଳାଖେମୁଣ୍ଡି, ଗଣ୍ଡହାତୀ, ହରଭାଙ୍ଗି, ମହେନ୍ଦ୍ରଗିରି, ଜିରାଙ୍ଗୋ

## ପର୍ବପର୍ବାଣୀ

### ସେପ୍ଟେମ୍ବର,୨୦୧୭

ତା୨ - ଉଦ୍‌ଜୁହା, ପାର୍ଶ୍ୱପରିବର୍ତ୍ତନ, ଏକାଦଶୀ, ବାମନ ଜନ୍ମ ଓ ଶରଣ ଆରମ୍ଭ ଓ ହ.ନି

ତା୩ - ଶ୍ରୀ ମନ୍ଦିରରେ ବାମନ ଜନ୍ମ, ସୁନିଆଁ ସନ ୧୪୨୫ ସାଲ, ଅ୫୯ଙ୍କ ପ୍ରବେଶ

ତା୪ - ଶିବଚତୁର୍ଦ୍ଦଶୀ ଉପବାସ ଓ ବୈଢ଼ା

ତା୫ - ଗୁରୁଦିବସ, ଚନ୍ଦ୍ରପୂଜା ଓ ସର୍ବପଲ୍ଲୀ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସ

ତା୬ - ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ ଓ ଅପରପକ୍ଷାରମ୍ଭ

ତା୭ - ଶରଣ ଶେଷ

ତା୧୦ - ଅଶ୍ୱ ପଞ୍ଚମୀ

ତା୧୧ - ଗଜଷଷ୍ଠୀ

ତା୧୩ - ମୂଳାଷ୍ଟମୀ, ଦ୍ୱିତୀବାହାନ ଓଷା, ଦେବ୍ୟୁତ୍ଥାପନ, ସହସ୍ର କୁମ୍ଭାଭିଷେକ ଷୋଡ଼ଶ ଦିନାତ୍ମକ ପୂଜା

ତା୧୬ - ଇନ୍ଦିରା ଏକାଦଶୀ, ମାସାନ୍ତ ଓ ହ.ନି

ତା୧୭ - କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମାପୂଜା

ତା୧୮ - ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା

ତା୧୯ - ମହାଳୟା ଶ୍ରାଦ୍ଧ, ଫୁଲ୍ଲୁରୀ ଓଷା, ଚନ୍ଦ୍ରକ୍ଷୟ ଓ ନିଶିପାଳନ

ତା୨୦ - ଅମାବାସ୍ୟା ଓ ଶ୍ରୀଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ

ତା୨୧ - ଚନ୍ଦ୍ରଦର୍ଶନ, ମା'ବିରଜାଦେବୀଙ୍କ ରଥଯାତ୍ରା

ତା୨୪ - ନତଃ ପଞ୍ଚମୀ, ମା'ବିରଜାଦେବୀଙ୍କ ପଞ୍ଚମୀ ହୋମ

ତା୨୫ - ତପଃ ଷଷ୍ଠୀ

ତା୨୬ - ପୀଠେ ଶ୍ରୀଦୁର୍ଗାଦେବ୍ୟା ତ୍ରିଦିନାତ୍ମକ ପୂଜାରମ୍ଭ

ତା୨୭ - ମୃଣ୍ମୟୀ ଦେବୀଙ୍କ ତ୍ରିଦିନାତ୍ମକ ପୂଜା, ପୀଠେ ମହାଷ୍ଟମୀ ଓ ଦୁର୍ଗାବ୍ରତ

ତା୨୮ - ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା, ସନ୍ଧି ପୂଜା, ପୀଠେ ଓ ମହାନବମୀ

ତା୨୯ - ପୀଠେ ବିଶ୍ରାମ, ମୃଣ୍ମୟୀ ଦେବୀଙ୍କ ମହାନବମୀ

ତା୩୦ - ପୀଠେ ଓ ମୃଣ୍ମୟୀ ଦେବୀଙ୍କ ଦଶହରା ପର୍ବ ଓ ସୋମନାଥ ବ୍ରତ ସମାପନ

### ଅକ୍ଟୋବର,୨୦୧୭

ତା୧ - ମହରମ, ପାପାଙ୍କୁଶା ଏକାଦଶୀ, ଭଷାଣୀ, ରବିନାରାୟଣ ବ୍ରତ ଓ ହଳ ନିଷେଧ

ତା୨ - ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ

ତା୪ - ଶିବ ଚତୁର୍ଦ୍ଦଶୀ ଓ ଶରଣ ଶେଷ

ତା୫ - କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା, ଚନ୍ଦ୍ରୋପବାସ, ଅର୍ଘ୍ୟଦାନ ଓ ଗୁରୁ ପୂର୍ଣ୍ଣିମା

ତା୬ - କାର୍ତ୍ତିକ ବ୍ରତାରମ୍ଭଃ, ପଣ୍ଡିତ ପରୀକ୍ଷିତ ଓ ବିଷ୍ଣୁ ପ୍ରସାଦଙ୍କ ଶ୍ରାଦ୍ଧ

ତା୧୫ - ରମା ଏକାଦଶୀ ଓ ହଳ ନିଷେଧ

ତା୧୬ - ଗୋବତ୍ସା ଦ୍ୱାଦଶୀ ଓ ମାସାନ୍ତ

ତା୧୭ - ତୁଳ (ଗର୍ଭଣା) ସଂକ୍ରାନ୍ତି ଓ ଧନ୍ୱନ୍ତରୀ ଜୟନ୍ତୀ

ତା୧୮ - ନରକ ଚତୁର୍ଦ୍ଦଶୀ ଓ ଉପବାସ

ତା୧୯ - ଅମାବାସ୍ୟା, ଦୀପାବଳୀ, ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା, ଚନ୍ଦ୍ରକ୍ଷୟ ଓ ନିଶିପାଳନ

ତା୨୦ - ଗିରି ଗୋବର୍ଦ୍ଧନ ପୂଜା

ତା୨୧ - ଯମ ଓ ଭାତୃ ଦ୍ୱିତୀୟା, ଦ୍ୱିତୀୟାର ଚନ୍ଦ୍ର ଦର୍ଶନ ଓ ପୂଜା

ତା୨୩ - ନାଗ ଚତୁର୍ଥୀ

ତା୨୬ - ଶରଣାରମ୍ଭଃ

ତା୨୭ - ଷୋଳଶାସନ ଅମୃତ ମଣୋହି ଭୋଗ

ତା୨୮ - ଗୋଷ୍ଠାଷ୍ଟମୀ, ଜଗଦ୍ଧାତ୍ରୀ ପୂଜା ଓ ଜଗମୋହନ ଭୋଗ

ତା୨୯ - ଅଁଳା ନବମୀ ଓ ଶ୍ରୀରାଧାଙ୍କ ପାଦଦର୍ଶନ

ତା୩୦ - ଶରଦ୍ରାସାଧିବାସ

ତା୩୧ ଦେବୋତ୍ଥାପନ (ବଡ଼) ଏକାଦଶୀ, ଶରଣ ଶେଷ ଓ ହଳ ନିଷେଧ

## ବିଭିନ୍ନ ଦିବସ ପାଳନ

### ସେପ୍ଟେମ୍ବର,୨୦୧୭

ତା୦୨ -ବିଶ୍ୱ ନାରିକେଳ ଦିବସ
ତା୦୫ -ଗୁରୁ ଦିବସ
ତା୦୮ -ବିଶ୍ୱ ସାକ୍ଷରତା ଦିବସ
ତା୧୦ -ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ
ତା୧୧ -ବିଶ୍ୱ ଭାତୃତ୍ୱ ଦିବସ
ତା୧୪ -ହିନ୍ଦୀ ଦିବସ
ତା୧୫ -ଇଞ୍ଜିନିୟର ଦିବସ
ତା୧୫ -ଆନ୍ତର୍ଜାତୀୟ ଗଣତନ୍ତ୍ର ଦିବସ
ତା୧୬ -ବିଶ୍ୱ ଓଜନ ଦିବସ
ତା୧୮ -ଜାତୀୟ ହାସ୍ୟ ଦିବସ
ତା୨୧ -ଆନ୍ତର୍ଜାତୀୟ ଶାନ୍ତି ଦିବସ
ତା୨୫ -ଆନ୍ତର୍ଜାତୀୟ ଫାର୍ମାସିଷ୍ଟ ଦିବସ
ତା୨୬ -ବିଶ୍ୱ ମୂକ ବଧିର ଦିବସ
ତା୨୭ -ବିଶ୍ୱ ପର୍ଯ୍ୟଟନ ଦିବସ
ତା୨୮ -ବିଶ୍ୱ ଜଳାତଙ୍କ ଦିବସ
ତା୨୮ -ଇରମ ଶହୀଦ ଦିବସ
ତା୨୯ -ବିଶ୍ୱ ହୃତ୍‌ପିଣ୍ଡ ଦିବସ
ତା୩୦ -ବିଶ୍ୱ ସାହାଯ୍ୟ ଦିବସ

### ଅକ୍ଟୋବର,୨୦୧୭

୧. ବିଶ୍ୱ ପ୍ରୌଢ଼ ଦିବସ
୨. ଗାନ୍ଧି ଜୟନ୍ତୀ, ଆନ୍ତର୍ଜାତୀକ ଅହିଂସା ଦିବସ
୩. ବିଶ୍ୱ ପ୍ରକୃତି ଦିବସ
୪. ବିଶ୍ୱ ପ୍ରାଣୀ ଦିବସ
୫. ବିଶ୍ୱ ଶିକ୍ଷକ ଦିବସ
୬. ବିଶ୍ୱ ବନ୍ୟପ୍ରାଣୀ ଦିବସ
୮. ଭାରତୀୟ ବାୟୁସେନା ଦିବସ
୯. ବିଶ୍ୱ ଡାକସେବା ଦିବସ
ଉତ୍କଳମଣୀ ଗୋପବନ୍ଧୁ ଜନ୍ମ ଦିବସ
୧୦. ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ
୧୧. ଜୟପ୍ରକାଶ ନାରାୟଣ ଜୟନ୍ତୀ,
ସହୀଦ୍ ବାଜିରାଉତ ଶ୍ରାଦ୍ଧ ଦିବସ
୧୧. ଜାତୀୟ ଧୂମପାନ ନିଷେଧ ଦିବସ
୧୩. ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ
୧୬. ବିଶ୍ୱ ଖାଦ୍ୟ ଦିବସ
୨୪. ଜାତିସଂଘ ଦିବସ
୨୯. ଜାତୀୟ ବିପର୍ଯ୍ୟୟ ଦିବସ
୩୧. ଜାତୀୟ ସଂହତୀ ଦିବସ




ବାମରୁ ଡାହଣ କ୍ରମେ : ଡ. ପ୍ରମୋଦ ଚନ୍ଦ୍ର ଦାଶ, ଶ୍ରୀଯୁକ୍ତ ସତ୍ୟବାଦୀ ବଳିଆରସିଂହ, ଡା. ନିତ୍ୟାନନ୍ଦ ସ୍ୱଇଁ, ଡ. ପ୍ରସନ୍ନ କୁମାର ଜେନା, ପ୍ରଫେସର ରଜତ କର, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଡ. ଅଜୟ କୁମାର ସ୍ୱାଇଁ ଓ ଡ. ନିରଞ୍ଜନ ମହାନ୍ତି



ସନ୍ତୋଷ କୁମାର ମହାନ୍ତି
(ଡା. ଧନେଶ୍ୱର ସାହୁ, କଳାକାର ସମ୍ମାନ)



ଶ୍ରୀଯୁକ୍ତ ଭୀମସେନ ପ୍ରଧାନ
(ଆମରିସତ୍ୟ ସମ୍ମାନ)



ଶ୍ରୀଯୁକ୍ତ ରମେଶ ମଙ୍ଗରାଜ
(ଆମରିସତ୍ୟ ସାରସ୍ୱତ ସମ୍ମାନ)





ଆମରିସତ୍ୟ ଅଷ୍ଟମ ବାର୍ଷିକଉତ୍ସବ-୨୦୧୭
ତା.୨୦.୦୮.୨୦୧୭ରିଖ
ସ୍ଥାନ : ମୈତ୍ରୀଭବନ,
ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା
ମୁଖ୍ୟ ଅତିଥି : ପ୍ରଫେସର ରଜତ କର
ମୁଖ୍ୟ ବକ୍ତା : ଡା. ନିତ୍ୟାନନ୍ଦ ସ୍ୱାଇଁ
ସମ୍ମାନୀତ ଅତିଥି : ମେଜର କ୍ଷୀରୋଦପ୍ରସାଦ ମହାନ୍ତି

Postal Regd. No. : PURI-33/2016-18

Volume- 8 ★ Issue No-03★ Monthly ★ Sept. - 2017 ★ RNI Regn. No. 107608/2010 ★Pages-52





## ଆମରିସତ୍ୟ ପ୍ରକାଶିତ ପୁସ୍ତକ ଉନ୍ମୋଚନ



## ବାଷିକଉତ୍ସବ ଅବସରରେ "ଆନ୍ଦୋଳନ" ତରଫରୁ ଅଭିନୀତ ଏକାଙ୍କିକା "ଆଞ୍ଚା ୧ ମିନିଟ୍"



Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena Founder : Dr. Pramod Chandra Dash

From To.
ଆମରିସତ୍ୟ AMARISATYA
M-1/5, M.P.H.B. Colony Post- P.N. College, Dist-Khurda, Pin-752057